


▶ଭିତର ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-312 ◆BHUBANESWAR ◆THURSDAY ◆9 MAY 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୧୨ ◆ଭୁବନେଶ୍ୱର ◆ଗୁରୁବାର ◆୯ ମେ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦







## ବିରୋଧୀଙ୍କୁ ପାଣ୍ଡିଆନଙ୍କ ଶବ୍ଦବାଣ

# ବିଜେପି ଅସହାୟ

■ **ଭୁବନେଶ୍ୱର,୮।୫(ସମିସ):** ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ ଗ୍ରହଣ ଆଉ ମାତ୍ର ପାଞ୍ଚଦିନ ବାକି। ରାଜ୍ୟରେ ଶୀର୍ଷ ଛୁଇଁଛି ରାଜନୈତିକ ପାରଦ। ନିର୍ବାଚନ ପ୍ରଚାର ମଇଦାନରେ ବାଜୁଛି ଯୁଦ୍ଧ ଦୁନ୍ଦୁଭି। ଏହି ସମୟରେ ରାଜ୍ୟରେ କ୍ଷମତା ଦଖଲ ନିମନ୍ତେ ଦିବାସ୍ୱପ୍ନ ଦେଖୁଥିବା ବିଜେପି ଓ ଏହାର ନେତାମାନଙ୍କୁ ଶବ୍ଦ ତୀରରେ ରାଜନୀତିର ରାଜସଭାରେ ବିବସ୍ତ୍ର କରିଛନ୍ତି ବିଜେଡି ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ବିଜେପି ନେତାମାନଙ୍କର ଛଳନା, ଓଡ଼ିଶାକୁ ନିରନ୍ତର ପ୍ରତାରଣା, ଓଡିଶାକୁ ନିନ୍ଦିତ କରିବାକୁ ଷଡ଼ଯନ୍ତ୍ର, ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଅସୀମ ଅବହେଳା, ଓଡ଼ିଶାର ସ୍ୱାଭିମାନ ଓ ଅସ୍ମିତାକୁ ପ୍ରଚଣ୍ଡ ଆଘାତକୁ ଗୋଟିଗୋଟି ଶ୍ରୀ ପାଣ୍ଡିଆନ ଉଲ୍ଲେଖ କରି ବିଜେପିର ଅସଲ ଉଦ୍ଦେଶ୍ୟକୁ ଲୋକଙ୍କ ସାମ୍ନାରେ ଖୋଲିଛନ୍ତି। ବିଜେପିର ଷଡ଼ଯନ୍ତ୍ର କେବେ ସଫଳ ହେବ ନାହିଁ। ବିଧାନସଭାରେ ବିଜେଡି ତିନି ଚତୁର୍ଥାଂଶ ଆସନରେ ବିଜୟୀ ହେବ ଓ ଲୋକସଭାରେ ପୂର୍ବାପେକ୍ଷା ଅଧିକ ଆସନ ପାଇବ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ। ଉଦୀୟମାନ ସୂର୍ଯ୍ୟଙ୍କୁ ସାକ୍ଷୀ ରଖି ବିଜେପି ବିରୋଧରେ ଶ୍ରୀ ପାଣ୍ଡିଆନ ଫୁଙ୍କିଛନ୍ତି ଧର୍ମଯୁଦ୍ଧର ପଞ୍ଚଜନ୍ୟ ଶଙ୍ଖ।

ବୁଧବାର ଭୋର ପ୍ରାୟ ସାଢ଼େ ଚାରିଟା ବେଳେ ଗୋପାଳପୁର ବେଳାଭୂମିରେ ଓଡ଼ିଆ ଗଣମାଧ୍ୟମଗୁଡ଼ିକୁ ନିଜର ପ୍ରଥମ ସାକ୍ଷାତକାର ଦେଇଛନ୍ତି କାର୍ତ୍ତିକ ପାଣ୍ଡିଆନ। ଦୀର୍ଘ ୧ଘଣ୍ଟା ୪୫ ମିନିଟର ଏହି ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ ନିର୍ବାଚନରେ ବିଜେପି ନିକଟରେ କିଛି ପ୍ରସଙ୍ଗ ନାହିଁ। ସେଥିପାଇଁ ସେମାନେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି। ଗୋଟିଏ ରାଜ୍ୟର ଭାଷା, କଳା, ସଂସ୍କୃତି, ଐତିହ୍ୟ, ଇତିହାସ ରାଜ୍ୟକୁ ପରିଚୟ ଦେଉଥିବା ବ୍ୟକ୍ତି ହିଁ ଅସ୍ମିତାର ପରିଚୟ। ବିଡ଼ମ୍ବନା ହେଉଛି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ଦଳର ନେତାଙ୍କ ମୁହଁରେ ଓଡ଼ିଆ ଅସ୍ମିତା କଥା ଶୋଭା ପାଉନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ଓଡ଼ିଆ ଭାଷାକୁ ୨୦୧୪ରେ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ମାତ୍ର ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶା ଭାଷାର ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ଟଙ୍କାଟିଏ ବି ଅନୁଦାନ ଦେଇ ନାହାନ୍ତି। ପ୍ରତିଟି ଓଡ଼ିଆର ଆରାଧ୍ୟ ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଓଡ଼ିଆ ଅସ୍ମିତାର ପ୍ରତୀକ। ମାତ୍ର ତାଙ୍କ ପରିକ୍ରମା ପ୍ରକଳ୍ପ ରୋକିବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ସାଂସଦ ଅପରାଜିତା ଷଡ଼ଙ୍ଗୀ ଷଡ଼ଯନ୍ତ୍ର କରିଛନ୍ତି। ମହାପ୍ରଭୁଙ୍କ କାର୍ଯ୍ୟ ରୋକିବାକୁ ସୁପ୍ରିମକୋର୍ଟରେ ୩୫ ଲକ୍ଷ ଟଙ୍କା ଫି' ନେଉଥିବା ଓକିଲଙ୍କୁ ଠିଆ କରାଇଛନ୍ତି। ସମ୍ବଲପୁରରେ 'ସମଲେଇ' ପ୍ରକଳ୍ପ ବିଳମ୍ବିତ କରିବାକୁ ସବୁ ପ୍ରଚେଷ୍ଟା କରିଛନ୍ତି। ପାଇକ ବିଦ୍ରୋହ ହେଉଛି ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ। ଏହାକୁ ମାନ୍ୟତା ଦେବାକୁ ରାଜ୍ୟ ବିଜେପିର ୮ ଜଣ ସାଂସଦ ଓ କେନ୍ଦ୍ରମନ୍ତ୍ରୀ ଥରଟିଏ ବି ସ୍ୱର ଉତ୍ତୋଳନ କରି ନାହାନ୍ତି। ସେହିପରି ବିଜୁବାବୁ ସମ୍ଭବତଃ ଦେଶର ଏକମାତ୍ର ନେତା, ଯାହାଙ୍କ ମର ଶରୀରରେ ୪ଟି ଦେଶର ଜାତୀୟ ପତାକା ପଡ଼ିଥିଲା; ମାତ୍ର ତାଙ୍କୁ 'ଭାରତ ରତ୍ନ'ରୁ ବଞ୍ଚିତ କରାଯାଇଛି। ଏହା କ'ଣ ଅସ୍ମିତାର ପରିଭାଷା? ବିଜେପି ନେତାଙ୍କ ଅସ୍ମିତାର ପରିଚୟ?

ବିଜେପି ଓ ଏହାର ନେତାମାନଙ୍କର ଏହି ଉଦ୍ୟମ ସଫଳ ହେବ ନାହିଁ। ଓଡ଼ିଶାବାସୀ କେବଳ 'ନବୀନ ଗ୍ୟାରେଣ୍ଟି'ରେ ବିଶ୍ୱାସ କରନ୍ତି। ତାଙ୍କ ପାଇଁ କାମ କରୁଥିବା ନବୀନ ପଟ୍ଟନାୟକଙ୍କୁ ଚିହ୍ନନ୍ତି। ପ୍ରତି ନିର୍ବାଚନ ସମୟରେ ଜାତୀୟ ଦଳର ନେତାମାନେ ଓଡ଼ିଶାକୁ 'ନିର୍ବାଚନ ପର୍ଯ୍ୟଟନ'ରେ ଆସନ୍ତି। ୨୦୧୪ରେ ସେମାନେ ଆସିଥିଲେ, ୨୦୧୯ରେ ଆସିଥିଲେ; ଆଉ ଏବେ ୨୦୨୪ରେ ମଧ୍ୟ ଆସୁଛନ୍ତି। ୨୦୧୪ରେ ବିଜେପି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା; ୧୦ ବର୍ଷ ବିତିଗଲାଣି, ଏହି ମାନ୍ୟତା ମିଳିଲା ନାହିଁ। ଧାନର ଏମ୍ଏସ୍ପି ୨ ଗୁଣ କରିବେ ବୋଲି କହିଥିଲେ, କଲେ ନାହିଁ। ବର୍ଷକୁ ୨ କୋଟି ଚାକିରି ଦେବାକୁ କହିଥିଲେ, ଅର୍ଥାତ୍ ୧୦ ବର୍ଷରେ ୨୦ କୋଟି ଚାକିରିରୁ ଓଡ଼ିଶାରୁ ତ ▶ପୃଷ୍ଠା-୧୩



ପ୍ରତ୍ୟୁଷରେ ସାମ୍ବାଦିକଙ୍କ ନିକଟରେ ବଖାଣିଲେ କୋଟିକୋଟି ଓଡ଼ିଆଙ୍କ ମନର କ୍ଷୋଭ

ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପ ଓ ମା ସମଲେଇ ପ୍ରକଳ୍ପ ବନ୍ଦ କରିବାକୁ କରିଛନ୍ତି ଷଡ଼ଯନ୍ତ୍ର

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବଡ଼ଦାଣ୍ଡରେ ପ୍ରକଳ୍ପ ବନ୍ଦ ପାଇଁ ନାଟକ କରିଛନ୍ତି

ଅଦାଲତରେ ପରିକ୍ରମା ପ୍ରକଳ୍ପକୁ ବନ୍ଦ କରିବାକୁ ଠିଆ କରାଇଛନ୍ତି ୩୫ ଲକ୍ଷ ଟଙ୍କିଆ ଓକିଲ

ଶ୍ରୀଜଗନ୍ନାଥଙ୍କ ପରିକ୍ରମା ପ୍ରକଳ୍ପ, ପାଇକ ବିଦ୍ରୋହକୁ ସ୍ୱୀକୃତି କ'ଣ ଅସ୍ମିତା ନୁହେଁ ?

ଅସ୍ମିତା କଥା କହୁଥିବା କେନ୍ଦ୍ର ସରକାର ଓଡ଼ିଆ ଭାଷାକୁ ଦେଇ ନାହାନ୍ତି ଟଙ୍କାଏ ଅନୁଦାନ

ଗତ ୨୫ ବର୍ଷ ଧରି ଓଡ଼ିଶାର ଅସ୍ମିତାର ସୁରକ୍ଷା ପାଇଁ ସଂଗ୍ରାମ କରୁଛନ୍ତି ମୁଖ୍ୟମନ୍ତ୍ରୀ

ଅତୀତ ନିର୍ବାଚନଗୁଡ଼ିକରେ ବିଫଳ ପରେ ଏବେ ଆପଣେଇଛନ୍ତି ଭିନ୍ନ ଧରଣର ରଣନୀତି

## ଆଜି ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲ୍ଲା ଗସ୍ତ

■ **ବ୍ରହ୍ମପୁର, ୮।୫ (ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଦିନିକିଆ ଗଞ୍ଜାମ ଗସ୍ତରେ ଆସୁଛନ୍ତି। ଏନେଇ ଜିଲ୍ଲାବାସୀ ବେଶ ଉତ୍ସାହିତ। ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିବାକୁ ସମସ୍ତେ ଅପେକ୍ଷା କରିଛନ୍ତି। ଦିନିକିଆ ଗସ୍ତରେ ଆସୁଥିବା ମୁଖ୍ୟମନ୍ତ୍ରୀ ପ୍ରଥମେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଗସ୍ତ କରିବେ। ଏନେଇ କନିଷିଠାରେ ଆୟୋଜିତ ବିଶାଳ ଜନସଭାରେ ଉଦ୍‌ବୋଧନ ଦେବେ। ବ୍ରହ୍ମପୁର, ଗୋପାଳପୁର, ଚିକିଟି, ଦିଗହପଣ୍ଡି ସମେତ ଆଖପାଖ ଅଞ୍ଚଳର ବହୁ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ଗୋପାଳପୁର ନିର୍ବାଚନ ମଣ୍ଡଳୀର ଦାୟିତ୍ୱ ନେବା ପରେ ଏଠାରେ ବହୁବିଧ ବିକାଶ ହୋଇଛି। ସୂଚନା ଅନୁସାରେ ଗୁରୁବାର ସକାଳ ୯ ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବୀନ ନିବାସରୁ ▶ପୃଷ୍ଠା-୧୩

ଆସିକା ଓ ଗୋପାଳପୁରରେ ବିଶାଳ ଜନସଭା

ଦଳୀୟ ପ୍ରାର୍ଥୀଙ୍କ ଲାଗି କରିବେ ପ୍ରଚାର

## ବିରୋଧୀଙ୍କ ଚକ୍ରାନ୍ତ ପାଇଁ ପଦ୍ମପୁର ଜିଲ୍ଲା ହୋଇପାରିଲାନି: ପାଣ୍ଡିଆନ

■ **ପଦ୍ମପୁର, ୮।୫(ସମିସ):** ପଦ୍ମପୁରକୁ ଜିଲ୍ଲା କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଇଁ ମଧ୍ୟ ଜାଗା ଚିହ୍ନଟ କରାଗଲା। କିନ୍ତୁ ଚକ୍ରାନ୍ତକାରୀ ଗୋଷ୍ଠୀ ତାକୁ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି। କୋର୍ଟରେ କେସ କରି ଆପଣମାନଙ୍କ ହକ୍‌କୁ ଛଡ଼ାଇ ନେବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ସେ ଯାହା କଲେ ବି ସଫଳ ହେବେନାହିଁ। ଆମେ ସବୁଠି ଲଢ଼ି ପଦ୍ମପୁରକୁ ଜିଲ୍ଲା କରିବୁ ବୋଲି ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସାଧାରଣ ନିର୍ବାଚନ ପାଇଁ ପଦ୍ମପୁରଠାରେ ବିଜେଡିର ଷ୍ଟାର ପ୍ରଚାରକ ଶ୍ରୀ ପାଣ୍ଡିଆନ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଅବସରରେ ବିରୋଧୀଙ୍କ ଚକ୍ରାନ୍ତ ପାଇଁ ପଦ୍ମପୁର ଜିଲ୍ଲା ହୋଇପାରି ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ସ୍ଥାନୀୟ ଅଶୋକ ପଡ଼ିଆକୁ ପୂର୍ବାହ୍ନ୧୧.୨୫ରେ ଶ୍ରୀ ପାଣ୍ଡିଆନ ପହଞ୍ଚିବାରେ ଦଳ ତରଫରୁ ତାଙ୍କୁ ବିପୁଳ ସ୍ୱାଗତ କରାଯାଇଛି। ପରେ ମଞ୍ଚରେ ଲୋକମାନଙ୍କ ଠାରୁ ବିଭିନ୍ନ ଦାବିପତ୍ର ଗ୍ରହଣ କରିବା ସହିତ ଫଟୋ ଉଠାଇଥିଲେ। ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ପାଣ୍ଡିଆନ ବିରୋଧୀ ଦଳ ବିଜେପି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ପ୍ରଚଣ୍ଡ ଆକ୍ରମଣ କରି ବିକାଶ ବିରୋଧୀଙ୍କୁ ମୁହଁତୋଡ଼ ଜବାବ ଦେବାକୁ ଆହ୍ୱାନ ଦେଇଛନ୍ତି। ସେ ଆହୁରି କହିଥିଲେ ଯେ କେନ୍ଦ୍ରମନ୍ତ୍ରୀ ଆସି ଏଠାରେ କହିଲେ ଆମେ ଏକ୍ସପ୍ରେସ ଟ୍ରେନର ସୁବିଧା ଦେବୁ, ରେଲୱେ ଷ୍ଟେସନ କରିବୁ। ତାଙ୍କୁ ପଚାରନ୍ତୁ ପଦ୍ମପୁରରେ କେଉଁଠି ରେଳ ଜଙ୍କସନ୍ ଅଛି କୋଉଠିକି ଟ୍ରେନ ଯିବ ଓ ଷ୍ଟେସନ ହେବ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ ଚାଷୀମାନଙ୍କ ଫସଲ ବୀମା ପାଇଁ କେନ୍ଦ୍ର ସରକାର ପ୍ରିମିୟମ ମାଗୁଛନ୍ତି। କିନ୍ତୁ ନବୀନ ସରକାର ଚାଷୀଙ୍କ ▶ପୃଷ୍ଠା-୧୩

ବିକାଶ ବିରୋଧୀଙ୍କୁ ମୁହଁତୋଡ଼ ଜବାବ ଦେବାକୁ ଆହ୍ୱାନ











## ବିମାନବନ୍ଦରରୁ ୨.୭୯ କୋଟିର ସୁନା ଜବତ



ମଳଦ୍ୱାରରେ ଲୁଚାଇ ଆଣୁଥିବା ବେଳେ ୪ଜଣଙ୍କୁ ଧରିଲା ଡିଆର୍‌ଆଇ

■ **ଭୁବନେଶ୍ୱର, ୮।୫ (ସମିସ):** ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ପୁଣି ଜବତ ହୋଇଛି ବିପୁଳ ପରିମାଣର ସୁନା। ଦୁବାଇରୁ ଭୁବନେଶ୍ୱର ଦେଇ ଦିଲ୍ଲୀକୁ ଚୋରା ଚାଲାଣ ହେଉଥିବା ବେଳେ ବିମାନବନ୍ଦରରୁ ୩.୭୭ କିଲୋ ସୁନାକୁ ଜବତ କରିଛି ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆର୍‌ଆଇ)। ଏଥିରେ ସମ୍ପୃକ୍ତ ଥିବା ୪ ସ୍ମଗଲରଙ୍କୁ ଗିରଫ କରାଯାଇଛି। ଜବତ ସୁନାର ମୂଲ୍ୟ ୨ କୋଟି ୭୯ ଲକ୍ଷ ଟଙ୍କା ହେବ ବୋଲି ଡିଆର୍‌ଆଇ ପକ୍ଷରୁ କୁହାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ ଗତ ୬ ତାରିଖରେ ଦୁବାଇରୁ କିଛି ଯାତ୍ରୀ ଭୁବନେଶ୍ୱର ବିମାନବନ୍ଦରରେ ଓହ୍ଲାଇଥିଲେ। ସେଥିରୁ ୪ଜଣ ଯାତ୍ରୀଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ପରେ ସେମାନଙ୍କୁ ▶ପୃଷ୍ଠା-୧୩

## କଂଗ୍ରେସର ରକ୍ତଚାପ ବଢ଼ାଇଲେ ଶାମ୍ ପିତ୍ରୋଦା; ଭାରତର ବର୍ଣ୍ଣବୈଷମ୍ୟକୁ ନେଇ କଟାକ୍ଷ

# ପୂର୍ବ ଭାରତୀୟ ଚାଇନିଜ୍, ଦକ୍ଷିଣ ଭାଗ ଲୋକ ଆଫ୍ରିକୀୟ ସଦୃଶ

ନୂଆଦିଲ୍ଲୀ,୮।୫(ଏଜେନ୍ସି)

କଂଗ୍ରେସ ଦଳର ଦରିଆ ପାରି ୟୁନିଟ୍ ଅଧ୍ୟକ୍ଷ ଶାମ୍ ପିତ୍ରୋଡାଙ୍କୁ ନେଇ ଦଳର ସମସ୍ୟା ବଢ଼ିବାରେ ଲାଗିଛି। ବର୍ତ୍ତମାନ ନିର୍ବାଚନ ଚାଲିଥିବା ବେଳେ ପିତ୍ରୋଡା ଦଳକୁ ସହାୟତା କରିବା ବଦଳରେ ଗୋଟିଏ ପରେ ଗୋଟିଏ ବିବାଦୀୟ ମନ୍ତବ୍ୟ ଦେଇ କଂଗ୍ରେସର ଉତ୍ତାପ ବଢାଇବାରେ ଲାଗିଛନ୍ତି। ଯାହାକି ଶାସକ ବିଜେପି ପାଇଁ ନିର୍ବାଚନୀ ଖୋରାକ ହେବାରେ ଲାଗିଛି। ଆମେରିକା ଭଳି ଭାରତରେ ଉତ୍ତରାଧିକାରୀ ଟିକସ(ଇନହେରିଟାନ୍ସ ଟ୍ୟାକ୍ସ) ଲାଗୁ କରିବାକୁ କିଛି ଦିନ ତଳେ ଏକ ସାକ୍ଷାତକାରରେ କହିଥିଲା ବେଳେ ଏହାକୁ ନେଇ ବିଜେପି କଂଗ୍ରେସକୁ ନିଶାଣ କରିବା ସହିତ ରାଜନୀତିକ ମହଲରେ ମଧ୍ୟ ଏହି ବିଷୟ ବେଶ ଚର୍ଚ୍ଚିତ ହୋଇଥିଲା। ସ୍ଥିତି ଏଭଳି ସ୍ତରରେ ପହଞ୍ଚିଥିଲା ଯେ, ଶେଷରେ କଂଗ୍ରେସକୁ ଏଥିପାଇଁ ସାଲିସ କରିବାକୁ ପଡ଼ିଥିଲା। ଏହି ଟିପ୍ପଣୀ ପିତ୍ରୋଡାଙ୍କ ବ୍ୟକ୍ତିଗତ ଏବଂ ଏଥିସହ ଦଳର କୌଣସି ସମ୍ପର୍କ ନାହିଁ ବୋଲି କଂଗ୍ରେସ ପ୍ରବକ୍ତା ଜୟରାମ ରମେଶ କହିଥିଲେ। ଏହି ଘଟଣା ଲୋକଙ୍କ ମନରୁ ଲିଭି ନଥିଲା ବେଳେ ବୁଧବାର ପିତ୍ରୋଡା ପୁଣି ଏକ ବିବାଦୀୟ ମନ୍ତବ୍ୟ ଦେଇ ନିଜେ ଫସିବା ସହିତ ଦଳକୁ ମଧ୍ୟ ଫସାଇଛନ୍ତି। ସେ ଭାରତର ବୃହତ ଗଣତନ୍ତ୍ର ବ୍ୟବସ୍ଥା ସମ୍ପର୍କରେ 'ଦି ଷ୍ଟେଟସମ୍ୟାନ୍'କୁ ସାକ୍ଷାତକାରଦ୍ୱେ ସମୟରେ ଦେଶର ବର୍ଣ୍ଣ ବୈଷମ୍ୟ, ଭାଷା ଏବଂ ଭିନ୍ନତା ସହିତ ବିଭିନ୍ନ ଭାଗର ଲୋକଙ୍କ ଚେହେରା ଏବଂ ବେଶଭୂଷାକୁ ନେଇ ମଧ୍ୟ କଟାକ୍ଷ କରିଛନ୍ତି। ପିତ୍ରୋଡା କହିଛନ୍ତି ଯେ, ସାରା ବିଶ୍ୱରେ ଭାରତ ହେଉଛି ଚମକୁଥିବା ଗଣତନ୍ତ୍ରର ଏକ ସର୍ବଶ୍ରେଷ୍ଠ ଉଦାହରଣ। ସ୍ୱାଧୀନତା ପରେ ଏଠାରେ ବିଗତ ୭୫ ବର୍ଷ ଧରି ଲୋକମାନେ ଜାତି, ବର୍ଣ୍ଣ, ପରମ୍ପରା ଏବଂ ଭାଷାର ବିବିଧତା ସତ୍ତ୍ୱେ ଖୁସିରେ ବସବାସ କରିଆସୁଛନ୍ତି। ଭାରତରେ ଏତେ ବିବିଧତା ରହିଛି ଯେ, ଏହାର ପୂର୍ବ ଭାଗର ଲୋକ ଚାଇନା ଏବଂ ପଶ୍ଚିମ ଭାଗର ଲୋକ ଆରବୀୟଙ୍କ ଭଳି ଦେଖାଯାଆନ୍ତି। ସେହିପରି ଉତ୍ତର ଭାରତର ଲୋକମାନେ ଶ୍ୱେତକାୟ ଏବଂ ଦକ୍ଷିଣ ଭାରତୀୟମାନେ ଆଫ୍ରିକୀୟଙ୍କ ଭଳି ଦେଖାଯାଆନ୍ତି। ସେହିପରି ଭାରତର ବିଭିନ୍ନ ଭାଗରେ ଭିନ୍ନ ଭାଷା ଓ ପରମ୍ପରା ସହିତ ଖାଦ୍ୟପେୟ ବ୍ୟବସ୍ଥା ମଧ୍ୟ ଭିନ୍ନ ରହିଛି। ପ୍ରତ୍ୟେକଙ୍କ ଅନ୍ୟ ପ୍ରତି ସମ୍ମାନ ରହିଥିଲେ ହେଁ ଭାଷା ଓ ପରମ୍ପରାକୁ ନେଇ ଏଠାକାର ଲୋକମାନେ ଅନେକ ସମୟରେ ନିଜ ମଧ୍ୟରେ ସାଲିସ କରିବାକୁ ପଡ଼ିଥାଏ।

ଏଭଳି ଏକ ବିବିଧତାପୂର୍ଣ୍ଣ ଭାରତ ସହ ତାଙ୍କର ବିଶ୍ୱାସ ଦୃଢ ରହିଛି ବୋଲି ପିତ୍ରୋଡା ତାଙ୍କ ସାକ୍ଷାତକାରରେ କହିଥିଲେ ହେଁ ଲୋକଙ୍କ ଚେହେରାକୁ ନେଇ ସେ କରିଥିବା ଟିପ୍ପଣୀ ବିବାଦୀୟ ହୋଇପଡ଼ିଛି। କଂଗ୍ରେସର ଜଣେ ନେତାଙ୍କ ଏଭଳି ବୟାନକୁ ନେଇ ବିଜେପି ନିଶାଣ କରିବା ସହିତ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଦଳୀୟ ପ୍ରବକ୍ତା ଶେହଜାଦ ପୁନାୱାଲାଙ୍କ ଭଳି ବହୁ ନେତା ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ଏହି ବିଷୟକୁ ନେଇ କଂଗ୍ରେସ ଏବଂ ଏହାର ସହଯୋଗୀ ଦଳକୁ ତେତ୍ରିବାଣ ମାରିବାକୁ ପଛାଇ ନାହାନ୍ତି। ପିତ୍ରୋଡା ଦକ୍ଷିଣ ଭାରତୀୟ ଲୋକଙ୍କୁ ଆଫ୍ରିକୀୟମାନଙ୍କ ସହ ତୁଳନା କରିଥିବାରୁ ଏବେ ଡିଏମକେ ମୁଖ୍ୟ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏକ କେ ଷ୍ଟାଲିନ କ'ଣ କଂଗ୍ରେସ ହାତ ଛାଡି ଦେବେ କି ବୋଲି ସେ ପ୍ରଶ୍ନ କରିଛନ୍ତି।



### ନିଜ ପଦବୀରୁ ଓହରିଲେ ପିତ୍ରୋଡା

ସାମ ପିତ୍ରୋଡାଙ୍କ ବୟାନକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ପରେ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ତେଜିଛି। ଏହାକୁ ଦୃଷ୍ଟିରେ ରଖି କଂଗ୍ରେସ ସାଲିସ କରିବାକୁ ବାଧ୍ୟ ହୋଇଛି। ପିତ୍ରୋଡାଙ୍କ ବୟାନ ଅତ୍ୟନ୍ତ ନିନ୍ଦନୀୟ ଏବଂ ଗ୍ରହଣୀୟ ନୁହେଁ ବୋଲି ଦଳ ପକ୍ଷରୁ କୁହାଯାଇଛି। ଦେଶର ବିବିଧତାକୁ ତୁଳନାତ୍ମକ ଭାବେ କହିବାକୁ ଉଦ୍ୟମ କରି ପିତ୍ରୋଡା ଯାହା କହିଛନ୍ତି ତାହାକୁ ଆମେ ଗ୍ରହଣ କରୁନାହୁଁ ବୋଲି କଂଗ୍ରେସର ବହୁ ନେତା ସ୍ପଷ୍ଟ କରିଛନ୍ତି। ଏହାସହିତ ତାଙ୍କ ବୟାନ ସହ ଦଳର କୌଣସି ସମ୍ପର୍କ ନାହିଁ ବୋଲି ଦଳୀୟ ପ୍ରବକ୍ତା ଜୟରାମ ରମେଶ ଏକ୍ସ'ରେ ପୋଷ୍ଟ କରି କହିଛନ୍ତି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗକୁ ନେଇ ଭାରତରେ ବିବାଦ ତେଜିବା ପରେ କଂଗ୍ରେସ ଦରିଆପାରି ୟୁନିଟ୍ ଅଧ୍ୟକ୍ଷ ପଦରୁ ସାମ ପିତ୍ରୋଡା ଇସ୍ତଫା ଦେଇଛନ୍ତି। ଏହାକୁ ମଧ୍ୟ ଦଳ ଗ୍ରହଣ କରିନେଇଥିବା ଜୟରାମ କହିଛନ୍ତି।

## କେରଳରେ ବ୍ୟାପୁଛି ନାଇଲ ଫିଭର୍

ତିରୁଅନନ୍ତପୁରମ୍, ୮।୫ (ଏଜେନ୍ସି): କେରଳରେ ୱେଷ୍ଟ ନାଇଲ ଫିଭର (ଡବ୍ଲ୍ୟୁଏନ୍ଏଫ) ବ୍ୟାପିବାରେ ଲାଗିଛି। ଏହାକୁ ନେଇ ରାଜ୍ୟରେ ଚେତାବନୀ ଜାରି କରାଯାଇଛି। ରିପୋର୍ଟ ଅନୁଯାୟୀ କୋଝିକୋଡ଼, ତ୍ରିଶୁର ଏବଂ ମଲ୍ଲପୁରମରୁ ୬ ମାମଲା ସାମ୍ନାକୁ ଆସିଛି। ତ୍ରିଶୁରରେ ଜଣେ ୭୯ ବର୍ଷୀୟ ବୃଦ୍ଧ ପ୍ରାଣ ହରାଇଥିବା ସୂଚନା ମିଳିଛି। ଆମେରିକାର ସେଣ୍ଟର ଫର୍ ଡିଜିଜ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ ଅନୁଯାୟୀ ମଶା କାମୁଡ଼ିଲେ ଏହି ରୋଗ ହୋଇଥାଏ। ଜ୍ୱର ସହିତ ବାନ୍ତି, ଝାଡ଼ା ଏବଂ ମୁଣ୍ଡବିନ୍ଧା ଥାଏ। ଏହି ଜ୍ୱରର ୧୦ରୁ ୬ ମାମଲାରେ କୌଣସି ଲକ୍ଷଣ ଦେଖାଯାଇ ନ ଥାଏ। ଏଭଳି ସ୍ଥିତିରେ କେରଳ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ତଥ୍ୟ ସେୟାର କରାଯାଇ ନାହିଁ। ତେବେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରି ମଶା ବଂଶବୃଦ୍ଧି ହେବାକୁ ନ ଦେବା ପାଇଁ ସବୁ ଜିଲ୍ଲା ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ ନିର୍ଦ୍ଦେଶ ଦେଇଛନ୍ତି।

## ପୁଞ୍ଚ୍ ଆକ୍ରମଣରେ ପାକ୍ ସେନା କମାଣ୍ଡୋ


ତିନି ଆକ୍ରମଣକାରୀଙ୍କ ଫଟୋ ଜାରି

ଶ୍ରୀନଗର, ୮।୫ (ଏଜେନ୍ସି): ଜମ୍ମୁ-କାଶ୍ମୀର ପୁଞ୍ଚରେ ଗତ ଶନିବାର ବାୟୁସେନା ଗାଡ଼ି ଉପରେ ଆକ୍ରମଣ ହୋଇଥିଲା। ଏଥିରେ ବାୟୁସେନାର ଜଣେ ଯବାନ ପ୍ରାଣ ହରାଇଥିବାବେଳେ ୪ ଜଣ ଆହତ ହୋଇଥିଲେ। ଏବେ ଏହି ଆକ୍ରମଣରେ ସାମିଲ ତିନି ଆତଙ୍କବାଦୀଙ୍କ ଫଟୋ ସାମ୍ନାକୁ ଆସିଛି। ଏହି ଆତଙ୍କବାଦୀଙ୍କ ମଧ୍ୟରେ ପାକିସ୍ତାନ ସେନାର ପୂର୍ବତନ କମାଣ୍ଡୋ ଇଲିୟାସ ଓରଫ ଫୌଜୀ ସାମିଲ ରହିଛି। ଏହା ବ୍ୟତୀତ ଲସ୍କର-ଇ-ତୋଏବା (ଏଲଇଟି) କମାଣ୍ଡର ଅବୁ ହମଜା ଏବଂ ପାକିସ୍ତାନ ଆତଙ୍କବାଦୀ ହଦୁନ ରହିଛି। ଭାରତୀୟ ସେନା ଏହି ଆକ୍ରମଣରେ ସାମିଲ ଆତଙ୍କବାଦୀଙ୍କ ସ୍କେଚ୍ ଜାରି କରି ସମସ୍ତଙ୍କ ଉପରେ ୨୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛି। ଆକ୍ରମଣ ବିଷୟରେ ଜେରା ପାଇଁ ୨୦ ଲୋକଙ୍କୁ ହେପାଜତକୁ ନେଇଛି। ଅନ୍ୟପକ୍ଷରେ କ୍ରମାଗତ ପଞ୍ଚମ ଦିନରେ କୁଲଗାମରେ ଏନ୍କାଉଣ୍ଟର ଏବଂ ତଲାସୀ ଅଭିଯାନ ଜାରି ରହିଛି।

## ଶହେ ବର୍ଷରେ ୯୬ ବର୍ଷୀୟ ପ୍ରେମିକାଙ୍କୁ କରିବେ ବିବାହ

ୱାଶିଂଟନ, ୮।୫ (ଏଜେନ୍ସି): ଦ୍ୱିତୀୟ ବିଶ୍ୱଯୁଦ୍ଧର ସ୍ଥିତି ବଦଳାଇ ଦେଇଥିବା ଆମେରିକା ହିରୋ ହେରୋଲ୍ଡ ଟେରେନ୍ସ ଏବେ ସାରା ବିଶ୍ୱରେ ଚର୍ଚ୍ଚାରେ ଅଛନ୍ତି। ସେ ଶହେ ବର୍ଷ ବୟସରେ ନିଜ ୯୬ ବର୍ଷୀୟ ପ୍ରେମିକା ଜିନ୍ ସ୍ୱେଲିନଙ୍କୁ ବିବାହ କରିବାକୁ ଯାଉଛନ୍ତି। ଉଭୟେ ଜୁନ୍ ୮ରେ ବିବାହ କରିବେ। ଫ୍ରାନ୍ସର ସମୁଦ୍ର



କୂଳରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ୧୯୪୪ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ସମୁଦ୍ର କୂଳରେ ହଜାର ହଜାର ଆମେରିକୀୟ ସୈନିକ ପହଞ୍ଚି ଥିଲେ। ଏଭଳି ପ୍ରେମ କାହାଣୀ କେହି କେବେ ଶୁଣି ନ ଥିବେ ବୋଲି ଟେରେନ୍ସ କହିଛନ୍ତି। ରିପୋର୍ଟ ଅନୁଯାୟୀ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ହେରୋଲ୍ଡ ଘରକୁ ଫେରି ଥେଲ୍ମାଙ୍କୁ ବିବାହ କରିଥିଲେ। ଉଭୟଙ୍କ ୩ ପିଲା ଅଛନ୍ତି। ତେବେ ୨୦୧୮ରେ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା। ଏହି ସମୟରେ କେହି ଜଣେ ସାଙ୍ଗ ତାଙ୍କୁ ପୂର୍ବତନ ପ୍ରେମିକା ସ୍ୱେରଲିନଙ୍କ ସହ ଭେଟ କରାଇ ଥିଲେ। ସେତେବେଳକୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇ ସାରିଥିଲା। ଉଭୟେ ଭେଟିବା ପରେ ପୁଣିଥରେ ଏକାଠି ରହିବାକୁ ଯୋଜନା କରିଥିଲେ।

## ଫଟୋ ସାମ୍ବାଦିକଙ୍କୁ ହାତୀ ଦଳିଦେଲା



ପଲକଡ଼, ୮।୫ (ଏଜେନ୍ସି): କେରଳ ପଲକଡ ଜିଲ୍ଲାରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଏଠାରେ ଫଟୋ ସାମ୍ବାଦିକ ଏଭି ମୁକେଶଙ୍କୁ ହାତୀ ଦଳି ଦେଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ମାଲାୟାଲମ ଟିଭି ଚ୍ୟାନେଲରେ କାମ କରୁଥିଲେ। ସେ ଜିଲ୍ଲାର କୋଟେକଡ ଅଞ୍ଚଳରେ ଥିବା ଜଙ୍ଗଲରେ ନଦୀ ପାର କରୁଥିବା ହାତୀପଲର ଭିଡିଓ ଉତ୍ତୋଳନ କରୁଥିଲେ। ଏହି ସମୟରେ ଏକ ହାତୀ ଆସି ତାଙ୍କୁ ଦଳି ଦେଇଥିଲା।

## ଜେପି ନଡ୍ଡା ଓ ଅମିତ ମାଲବ୍ୟଙ୍କୁ କର୍ଣ୍ଣାଟକ ପୁଲିସର ସମନ



ବେଙ୍ଗାଲୁରୁ,୮।୫(ଏଜେନ୍ସି): କର୍ଣ୍ଣାଟକ ବିଜେପି ପକ୍ଷରୁ ଏକ ବିବାଦୀୟ ଭିଡିଓ ପୋଷ୍ଟକୁ ନେଇ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡା ଏବଂ ଦଳର ଆଇଟି ସେଲ ମୁଖ୍ୟ ଅମିତ ମାଲବିୟଙ୍କୁ ପୁଲିସ ସମନ କରିଛି। ଉଭୟଙ୍କୁ ସପ୍ତାହକ ମଧ୍ୟରେ ବେଙ୍ଗାଲୁରୁ ପୁଲିସ ନିକଟରେ ହାଜର ହେବାକୁ ସମନରେ କୁହାଯାଇଛି। କର୍ଣ୍ଣାଟକ ବିଜେପି ପକ୍ଷରୁ ମୁସଲମାନ ସଂପ୍ରଦାୟ ସଂରକ୍ଷଣ ପ୍ରସଙ୍ଗକୁ ନେଇ ଏକ ଆନିମେଟେଡ୍ ଭିଡିଓ 'ଏକ୍ସ' ରେ ପୋଷ୍ଟ କରାଯିବା ପରେ ବିବାଦ ଉଠିଥିଲା। ସଂରକ୍ଷଣ ଏବଂ ପାଣ୍ଠି ଆବଣ୍ଟନରେ ସମାଜର ଅନ୍ୟ ପଛୁଆ ଶ୍ରେଣୀ ବଦଳରେ କଂଗ୍ରେସ ମୁସଲମାନମାନଙ୍କୁ ସମର୍ଥନ କରୁଛି ବୋଲି ଏହି ଭିଡିଓରେ ଦର୍ଶାଯାଇଥିଲା। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ରାହୁଲ ଗାନ୍ଧିଙ୍କୁ ଏହି ଭିଡିଓରେ ଭୁଲ୍ ରୂପେ ଉପସ୍ଥାପିତ କରାଯାଇଥିବା କଂଗ୍ରେସ ଅଭିଯୋଗ କରିବା ସହିତ ଏହି ବିଷୟକୁ କର୍ଣ୍ଣାଟକ କଂଗ୍ରେସ ଗୁରୁତ୍ୱ ସହ ଗ୍ରହଣ କରି ବିଜେପିକୁ ନିଶାଣ କରିଥିଲା। ଏ ସମ୍ପର୍କରେ କର୍ଣ୍ଣାଟକ କଂଗ୍ରେସ ନିର୍ବାଚନ ଆୟୋଗଙ୍କୁ ମଧ୍ୟ ଚିଠି ଲେଖିଥିଲା। କଂଗ୍ରେସ ଦଳର ଅଭିଯୋଗ ପରେ ନିର୍ବାଚନ ଆୟୋଗ 'ଏକ୍ସ'କୁ ଏହି ଭିଡିଓକୁ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାବ୍ୟତୀତ କର୍ଣ୍ଣାଟକ ବିଜେପି ୟୁନିଟ୍ ସୋସିଆଲ ମିଡିଆ ପୃଷ୍ଠାରେ ସେୟାର କରାଯାଇଥିବା 'ଆନିମେଟେଡ୍' ଭିଡିଓ ଆଚରଣ ବିଧି ଉଲ୍ଲଂଘନ କରୁଛି ବୋଲି ଆୟୋଗ କହିଥିଲେ। ଏହାପରେ ବେଙ୍ଗାଲୁରୁ ପୁଲିସ ପକ୍ଷରୁ ଏହି ସମନ ଜାରି କରାଯାଇଛି।

■ କେଜ୍ରିୱାଲ ଜେଲ୍‌ରୁ ସରକାର ଚଳାଇବା ଦାବିରେ ମାମଲା

# ଆବେଦନକାରୀଙ୍କ ଉପରେ ଲକ୍ଷେ ଦଣ୍ଡ

ନୂଆଦିଲ୍ଲୀ,୮।୫(ଏଜେନ୍ସି)



**କେଜ୍ରିୱାଲଙ୍କୁ ୧୦ରେ ମିଳିପାରେ ଅନ୍ତରୀଣ ଜାମିନ**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଏବେ ତିହାର ଜେଲରେ ସମୟ କାଟୁଥିବା ବେଳେ ଜେଲରେ ଥାଇ ତାଙ୍କୁ ସରକାର ଚଳାଇବା ଲାଗି ଅନୁମତି ଦିଆଯାଉ ବୋଲି ଜଣେ ଆଇନଜୀବୀ ହାଇକୋର୍ଟରେ ଏକ ଜନସ୍ୱାର୍ଥ୍ୟ ମାମଲା ରୁଜୁ କରିଥିଲେ। କିନ୍ତୁ ହାଇକୋର୍ଟ ଏହି ମାମଲାକୁ ନେଇ ଆବେଦନକାରୀ ଓକିଲ ଶ୍ରୀକାନ୍ତ ପ୍ରସାଦଙ୍କୁ ଭର୍ତ୍ସନା କରିବା ସହିତ ତାଙ୍କ ଉପରେ ଏକ ଲକ୍ଷ ଟଙ୍କା ଜୋରିମାନା କରିଛନ୍ତି। ସରକାର ପରିଚାଳନା ଲାଗି ଜେଲରେ କେଜ୍ରିୱାଲଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ସହିତ ତାଙ୍କର ଇସ୍ତଫାକୁ ନେଇ ଗଣମାଧ୍ୟମରେ ଯେଉଁଭଳି ଚର୍ଚ୍ଚା କରାଯାଉଛି ତାହାକୁ ମଧ୍ୟ ରୋକିବାକୁ ଅଦାଲତ ପଦକ୍ଷେପ ନିଅନ୍ତୁ ବୋଲି ପ୍ରସାଦ ନିଜ ଆବେଦନରେ ଦର୍ଶାଇଥିଲେ। ହେଲେ ହାଇକୋର୍ଟ ଏହାକୁ ଅଗ୍ରାହ୍ୟ କରିଦେବା ସହିତ ଆମେ କୌଣସି ଗଣମାଧ୍ୟମ ଉପରେ କଟକଣା ଲଗାଇପାରିବୁ ନାହିଁ ବୋଲି କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି କୌଣସି ଦଳ ଯଦି ରାଲି କିମ୍ବା ସଭା କରନ୍ତି ତେବେ ଏହା ବିରୋଧରେ ମଧ୍ୟ ଅଦାଲତ କିଛି କରିପାରିବେ ନାହିଁ ବୋଲି ଜଷ୍ଟିସ୍ ମନମୋହନ ଏବଂ ଜଷ୍ଟିସ୍ ମନମିତ୍ ପ୍ରୀତମଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୧୦ ତାରିଖରେ ସୁପ୍ରିମକୋର୍ଟରେ କେଜ୍ରିୱାଲଙ୍କ ଅନ୍ତରୀଣ ଜାମିନ ଆବେଦନର ଶୁଣାଣି ହେବା ସହିତ ତାଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ଜାମିନ ଦେଇପାରନ୍ତି ବୋଲି ସଙ୍କେତ ମିଳିଛି।

## ବର୍ଷା ପାଇଁ ଭଗବାନଙ୍କ ଉପରେ ନିର୍ଭର କରନି; ପଦକ୍ଷେପ ନିଅ

ଡେରାଡୁନ, ୮।୫(ଏଜେନ୍ସି): ଉତ୍ତରାଖଣ୍ଡ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜଙ୍ଗଲ ନିଆଁକୁ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିବା ସହିତ ଏଥିପାଇଁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି। ଜଙ୍ଗଲ ନିଆଁକୁ ପ୍ରଶମିତ କରିବା ଲାଗି ବର୍ଷା ପାଇଁ ଭଗବାନଙ୍କ ଉପରେ ନିର୍ଭର କରିବା ଉଚିତ ନୁହେଁ। ଏଭଳି ମନୋଭାବ କୌଣସି ସମସ୍ୟାର ସମାଧାନ ପାଇଁ ବାଟ କାଢିବ ନାହିଁ। ବରଂ ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ଅଦାଲତ କହିଛନ୍ତି।

**ଉତ୍ତରାଖଣ୍ଡ ଜଙ୍ଗଲ ନିଆଁକୁ ନେଇ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ**

ଜଷ୍ଟିସ ବି.ଆର ଗାଭାଇ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ବୁଧବାର ଶୁଣାଣି କରିଥିଲା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଅନ୍ତର୍ବର୍ତ୍ତୀକାଳୀନ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ରାଜ୍ୟ ସରକାର କହିଛନ୍ତି ଯେ, ନଭେମ୍ବର ୨୦୨୩ ପରଠାରୁ ୩୯୮ଟି ଜଙ୍ଗଲରେ ନିଆଁ ଲାଗିଛି। ପ୍ରତ୍ୟେକ ଥର ଦେଖାଯାଇଥିବା ଏହି ସମସ୍ୟା ମନୁଷ୍ୟକୃତ ଭଳି ଜଣାପଡୁଥିବା ରିପୋର୍ଟରେ କୁହାଯାଇଛି।

### ଅଷ୍ଟ୍ରେଲିଆରେ ଭାରତୀୟ ଛାତ୍ରଙ୍କୁ ହତ୍ୟା

## ଅଭିଯୁକ୍ତ ଦୁଇ ଭାଇ ହରିଆଣାରୁ ଗିରଫ

ଚଣ୍ଡିଗଡ଼, ୮।୫(ଏଜେନ୍ସି): ଅଷ୍ଟ୍ରେଲିଆର ମେଲବର୍ଣ୍ଣରେ ଜଣେ ଭାରତୀୟ ଛାତ୍ରଙ୍କୁ ହତ୍ୟା କରାଯିବା ଘଟଣାରେ ବୁଧବାର ହରିଆଣାରୁ ଅଭିଯୁକ୍ତ ଦୁଇ ଭାଇଙ୍କୁ ଭିକ୍ଟୋରିଆ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଦୁଇ ଭାଇ ହେଲେ ଅଭିଜିତ(୨୬) ଏବଂ ରବିନ ଗର୍ତାନ(୨୭)। ସେମାନେ ହରିୟାଣାର କର୍ଣ୍ଣାଲର ବାସିନ୍ଦା ଏବଂ ମୃତ ଛାତ୍ର ନବଜିତ ସିଂ ସାନ୍ଧୁ ମଧ୍ୟ ଏହି ସହର ବାସିନ୍ଦା। ଦୁଇ ଅଭିଯୁକ୍ତ ଏବଂ ମୃତ ଛାତ୍ର ନବଜିତ୍ ମେଲବୋର୍ଣ୍ଣରେ ରହୁଥିଲା ବେଳେ କିଛି ଦିନ ତଳେ ଘରଭଡ଼ାକୁ କେନ୍ଦ୍ର କରି ଏହି ଦୁଇ ଭାଇ ନବଜିତଙ୍କ ଉପରେ ଛୁରିରେ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ଅଭିଜତ ଏବଂ ରବିନ ଫେରାର ହୋଇଯାଇଥିଲେ।

### ବୁଥ୍ ଦଖଲ କଲେ ବିଜେପି ନେତାଙ୍କ ପୁଅ

## 'ଇଭିଏମ୍ ମୋ ବାପାଙ୍କର'

ଦାହୋଦ, ୮।୫ (ଏଜେନ୍ସି)

ଲୋକସଭା ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ ସମୟରେ ଗୁଜରାଟ ବିଜେପି ନେତାଙ୍କ ପୁଅ ବିଜୟ ଭାଭୋର ବୁଥ୍ ଦଖଲ କରିଛନ୍ତି। ମହିସାଗର ଜିଲ୍ଲା ଦାହୋଦ ଲୋକସଭା ଆସନର ଏହି ମତଦାନ କେନ୍ଦ୍ରକୁ ଦଖଲ କରି ସାମାଜିକ ଗଣମାଧ୍ୟମରେ ଲାଇଭ୍ ମଧ୍ୟ କରିଛନ୍ତି। ସେ ଭିଡିଓରେ ଇଭିଏମ ନିଜ ବାପାଙ୍କର ବୋଲି ସହଯୋଗୀଙ୍କୁ କହୁଥିବା ଶୁଣିବାକୁ ମିଳିଛି। ସାଙ୍ଗରେ ଇଭିଏମ ନେଇ ପଳାଇବାକୁ କହୁଛନ୍ତି। ନିର୍ବାଚନ ଅଧିକାରୀଙ୍କୁ ମଧ୍ୟ ଖରାପ ବ୍ୟବହାର କରିଛନ୍ତି। ଏହାକୁ ନେଇ ଦାହୋଦ ଲୋକସଭା ଆସନର କଂଗ୍ରେସ ପ୍ରାର୍ଥୀ ଡ.ପ୍ରଭାବେନ ତାୱିୟାଡ଼ ବୁଧବାର ସକାଳେ ମାମଲା ରୁଜୁ କରିଛନ୍ତି। ନିର୍ବାଚନ କମିଶନ ଏହି ମାମଲାରେ ଜିଲ୍ଲାଧିକାରୀଙ୍କୁ ରିପୋର୍ଟ ମାଗିଛନ୍ତି। ଏ ପର୍ଯ୍ୟନ୍ତ ମାମଲାରେ ୨ ଜଣଙ୍କୁ ଗିରଫ କରାଗଲାଣି। ତେବେ ମୁଖ୍ୟ ଅଭିଯୁକ୍ତ ବିଜୟ ଫେରାର ଅଛନ୍ତି। ସେ ୪.୨୭ ମିନିଟ ପର୍ଯ୍ୟନ୍ତ ଲାଇଭ କରିଥିଲେ। ଏତଲା ରୁଜୁ ହେବା ପରେ ଭିଡିଓକୁ ହଟାଇ ଦେଇଥିଲା। ମାତ୍ର ଏହା ପୂର୍ବରୁ ଅନେକ ଲୋକ ଭିଡିଓ ଦେଖି ସାରିଥିଲେ। ସ୍କ୍ରିନ୍‌ସଟ୍ ସେୟାର କରିଥିଲେ। ଅଭିଯୁକ୍ତଙ୍କ ପିତା ଦାହୋଦ ତାଲୁକାର



ମୁଖ୍ୟ ଥିଲେ। ଏହି ଆସନରେ ପୁଣିଥରେ ମତଦାନ କରାଇବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ବିଜୟ ନିଜ ସହଯୋଗୀଙ୍କ ସହ ମିଶି ବିଜେପି ପ୍ରାର୍ଥୀ ଜସବନ୍ତସିଂହ ଭାଭୋରଙ୍କ ସପକ୍ଷରେ ଜାଲ୍ ମତଦାନ କରିଥିବା ଅଭିଯୋଗ କରିଛନ୍ତି।

### ଭାରତୀୟଙ୍କୁ ଧୋକା ଦେଇ ୟୁକ୍ରେନ ଯୁଦ୍ଧକୁ ପଠାଉଥିଲେ

# ରୁଷ୍ ପ୍ରତିରକ୍ଷା ମନ୍ତ୍ରାଳୟ କର୍ମଚାରୀଙ୍କ ସହ ୪ ଗିରଫ

ନୂଆଦିଲ୍ଲୀ, ୮।୫ (ଏଜେନ୍ସି)



**୧୮୦ ଭାରତୀୟଙ୍କ ପ୍ରତ୍ୟାହାର ପାଇଁ ପ୍ରୟାସ ଜାରି**

**ଲକ୍ଷେ ଟଙ୍କା ଦରମା ଦେବାକୁ ଲୋଭ ଦେଖାଇ ଥିଲେ**

**ଦୁବାଇରୁ ରୁଷ୍ ପର୍ଯ୍ୟନ୍ତ ବ୍ୟାପିଛି ନିଯୁକ୍ତି ର୍ୟାକେଟ**

**ନିଶାଣରେ ଥିଲେ ବିଦେଶରେ ଚାକିରି ଚାହୁଁଥିବା ଲୋକ**

ଭାରତୀୟଙ୍କୁ ଧୋକା ଦେଇ ରୁଷ୍-ୟୁକ୍ରେନ ଯୁଦ୍ଧକୁ ଠେଲି ଦେଇଥିବା ମାମଲାରେ ସିବିଆଇ ୪ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ଭାରତର ତିନି ଜଣ ଏବଂ ରୁଷ୍ ପ୍ରତିରକ୍ଷା ମନ୍ତ୍ରାଳୟରେ କାମ କରୁଥିବା ଜଣେ ଟ୍ରାନ୍ସଲେଟର (ଅନୁବାଦକ) ସାମିଲ ରହିଛି। ଗତ ୨୪ ତାରଖରେ ସମସ୍ତଙ୍କୁ ଗିରଫ କରାଯାଇଥିଲା। ମାତ୍ର ଏବେ ସୂଚନା ସାମ୍ନାକୁ ଆସିଛି। ଧରାପଡ଼ିଥିବା ଲୋକଙ୍କ ମଧ୍ୟରେ ତିରୁଅନନ୍ତପୁରମର ଅରୁଣ ଏବଂ ୟେସୁଦାସ, ମୁମ୍ବାଇର ଆନ୍ଥୋନି ଇଲାଙ୍ଗୋଭନ ଏବଂ ନିଜିଲ ଜୋବି ବେନସାମ (ରୁଷ୍ ପ୍ରତିରକ୍ଷା ମନ୍ତ୍ରାଳୟର ସଦସ୍ୟ) ସାମିଲ ଅଛନ୍ତି। ସମସ୍ତେ ଏକ ବଡ଼ ନେଟୱର୍କର ଅଂଶବିଶେଷ। ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଭାରତୀୟଙ୍କୁ ଭଲ ଚାକିରି ଏବଂ ଦରମା ଲୋଭ ଦେଖାଇ ଫସା ଯାଇଥିଲା। ଏଥିପାଇଁ ସ୍ଥାନୀୟ ଏଜେଣ୍ଟଙ୍କ ସହାୟତା ମଧ୍ୟ ନିଆଯାଇଥିଲା। ସିବିଆଇ ପକ୍ଷରୁ କୁହାଯାଇଛି ଯେ ରୁଷ୍ ଅନୁବାଦକ ଏହି ନେଟୱର୍କର ପ୍ରମୁଖ ସଦସ୍ୟ ଥିଲେ। ସେ ଭାରତୀୟଙ୍କୁ ରୁଷ୍ ସେନାରେ ଭର୍ତ୍ତି କରୁଥିଲା। ସେହିପରି ଆନ୍ଥୋନି ଦୁବାଇ ଏବଂ ରୁଷ୍‌ରେ ଥିବା ନିଜ ସହଯୋଗୀଙ୍କ ସହାୟତାରେ ଭାରତୀୟଙ୍କ ପାଇଁ ଭିସା ଏବଂ ବିମାନ ଟିକଟ କରାଉ ଥିଲା। ଅରୁଣ ଏବଂ ୟେସୁଦାସ ସ୍ଥାନୀୟ ଏଜେଣ୍ଟ ଥିଲେ। ଉଭୟେ ମାସକୁ ଲକ୍ଷେ ଟଙ୍କା ଦରମା ଦେବାର ଲୋଭ ଦେଖାଇ ରୁଷ୍ ପଠାଉ ଥିଲେ। ସିବିଆଇ କିଛି ପ୍ରାଇଭେଟ ଭିସା କନ୍‌ସଲଟାନ୍ସି ଫାର୍ମ ଏବଂ ଏଜେଣ୍ଟଙ୍କ ବିରୋଧରେ ମାନବ ଚାଲାଣ ମାମଲା ରୁଜୁ କରିଛି। ଏହାର ନେଟୱର୍କ ଅନେକ ଦେଶକୁ ବ୍ୟାପିଛି। ଦିଲ୍ଲୀର ଏକ ଭିସା କମ୍ପାନୀ ଏ ପର୍ଯ୍ୟନ୍ତ ୧୮୦ ଭାରତୀୟଙ୍କୁ ରୁଷ୍ ପଠାଇ ସାରିଲାଣି। ଏବେ ସମସ୍ତଙ୍କୁ ଫେରାଇ ଆଣିବାକୁ ପ୍ରୟାସ ଜାରି ରହିଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି।

ସିବିଆଇ ସୂଚନା ଅନୁଯାୟୀ ବିଦେଶରେ ଚାକିରି ଚାହୁଁଥିବା ଲୋକଙ୍କୁ ଭିସା କନ୍‌ସଲଟାନ୍ସି କମ୍ପାନୀଗୁଡ଼ିକ ନିଶାଣ କରୁଥିଲେ। ସେମାନଙ୍କୁ ପ୍ରଭାବିତ କରିବାକୁ ୟୁଟ୍ୟୁବ ଭିଡିଓ ବନା ଯାଉଥିଲା। ଏଥିରେ ରୁଷ୍ ଉପରେ ଯୁଦ୍ଧର କୌଣସି ପ୍ରଭାବ ପଡିନାହିଁ ଏବଂ ସମସ୍ତେ ସୁରକ୍ଷିତ ଅଛନ୍ତି ବୋଲି ଦେଖା ଯାଉଥିଲା। ପରେ ରୁଷ୍ ସେନାରେ ସହାୟକ, କ୍ଲର୍କ ଏବଂ ଯୁଦ୍ଧରେ ଭାଙ୍ଗି ଯାଇଥିବା କୋଠ ଖାଲି କରାଇବା ଚାକିରି ଅଛି ବୋଲି କୁହାଯାଉଥିଲା। ଚାକିରି ପାଇଁ ଯୁଦ୍ଧ ଲଢ଼ିବାକୁ ପଡ଼ିବନି ବୋଲି କୁହାଯାଉଥିଲା। ୩ ମାସର ପ୍ରଶିକ୍ଷଣ ସମୟରେ ୪୦ ହଜାର ଟଙ୍କାର ଦରମା ଏବଂ ପରେ ଲକ୍ଷେ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦିଆଯାଉଥିଲା। ରୁଷ୍ ଯାଇ ପ୍ରଶିକ୍ଷଣ ନେବା ପରେ ସେନାରେ ସାମିଲ ନ ହେଲେ ୧୦ ବର୍ଷ ଜେଲ୍ ଦଣ୍ଡ ହେବ ବୋଲି କୁହାଯାଉଥିଲା। ତେଣୁ ଭୟରେ ଭାରତୀୟ ଯୁଦ୍ଧରେ ସାମିଲ ହୋଇ ଯାଉଥିଲେ।

# ଆଜି ରତ୍ନଭଣ୍ଡାର କମିଟି ବୈଠକ

**ପୁରୀ, ୮।୫(ସମିସ):** ଶ୍ରୀମନ୍ଦିର ରତ୍ନଭଣ୍ଡାର ପାଇଁ ରାଜ୍ୟ ସରକାର ଗଠନ କରିଥିବା କମିଟିର ଦ୍ୱିତୀୟ ବୈଠକ ଗୁରୁବାର ଅନୁଷ୍ଠିତ ହେବ। ଅପରାହ୍ଣ ୨ଟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଏହି ବୈଠକ ବସିବ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ମୂଲ୍ୟବାନ ରତ୍ନ ଅଳଙ୍କାର ଓ ବସ୍ତୁଗୁଡ଼ିକର ଗଣତି ନେଇ ଗଢ଼ାଯାଇଥିବା କମିଟିର ପ୍ରଥମ ବୈଠକ ଗତ ମାର୍ଚ୍ଚ ୯ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ୍ ପଶାୟତଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ କମିଟି ସଦସ୍ୟମାନେ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ତେବେ ଯେଉଁସବୁ ନିଷ୍ପତ୍ତି ହୋଇଥିଲା ତା' ଉପରେ ଗୁରୁବାର ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ବୈଠକରେ ବିସ୍ତୃତ ଭାବେ ତର୍ଜମା କରାଯିବ। ୧୯୭୮ ମସିହାରେ ଶେଷଥର ପାଇଁ ରତ୍ନଭଣ୍ଡାର ଖୋଲାଯାଇ ଗଣତି ହୋଇଥିଲା। ସେହି ତାଲିକାକୁ ପ୍ରଶାସନ କମିଟିକୁ ହସ୍ତାନ୍ତର କରିବା ଲାଗି ନିଆଯାଇଥିଲା ନିଷ୍ପତ୍ତି। ସେହି ଅନୁଯାୟୀ, ୯ ତାରିଖ ବୈଠକରେ ଏହି ତାଲିକା ଉପରେ ବିଶେଷ ଆଲୋଚନା ହେବ। ସୂଚନାଥାଉ କି, ବୁଧବାର ଶ୍ରୀମନ୍ଦିରର ତିନିଦ୍ୱାର ରୁପା ଛାଉଣୀ ନେଇ ବୈଠକ ବସିବାର ଥିଲା। ମାତ୍ର ଦାତାଙ୍କ ପକ୍ଷରୁ ଯୋଗଦେବାକୁ ଥିବା ପ୍ରତିନିଧିଙ୍କ ଦେହ ଅସୁସ୍ଥ ଯୋଗୁ ବୈଠକକୁ ବାତିଲ କରାଯାଇଥିଲା।


# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-312 ♦BHUBANESWAR ♦THURSDAY ♦9 MAY 2024 ♦PAGE-20 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୧୨ ♦ଭୁବନେଶ୍ୱର ♦ଗୁରୁବାର ♦୯ ମେ ୨୦୨୪ ♦ପୃଷ୍ଠା-୨୦ ♦ଟ.୬.୦୦


## ବରଗଡ଼ରେ ପାଣ୍ଡିଆନଙ୍କ ମାରାଥନ ପ୍ରଚାର

# ବିରୋଧୀ ନିଜେ କାମ କରିବେନି କି କାହାକୁ କରାଇ ଦେବେନି

**ଅତାବିରା/ଭଟଲି/ଭୁବନେଶ୍ୱର, ୮।୫(ସମିସ):** ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଆଜି ବରଗଡ଼ ଲୋକସଭା ନିର୍ବାଚନମଣ୍ଡଳୀ କ୍ଷେତ୍ରରେ ଧୁଆଁଧାର ପ୍ରଚାର କରିଛନ୍ତି। ବୁଧବାର ସକାଳେ ପଦମ୍‌ପୁର ଓ ବିଜେପୁର ଏବଂ ଅପରାହ୍ଣରେ ଅତାବିରା ଓ ଭଟଲିରେ ବିରୋଧୀ ବିଜେପିକୁ ଇଙ୍ଗିତ କରି ସେ କହିଥିଲେ, ଆଜିର ଜନସମୁଦ୍ରକୁ ଦେଖି ବିରୋଧୀଙ୍କ

- ଆଜିର ଜନସମୁଦ୍ରକୁ ଦେଖି ବିରୋଧୀଙ୍କ ମନୋବଳ ଭାଙ୍ଗିଯାଇଛି
- ମିଛରେ ଆଖି ବନ୍ଦ କରି ଶୋଇଥିବା ଲୋକକୁ ଉଠାଇବ କିଏ?
- ବିରୋଧୀଙ୍କ ୨ ଗୁଣା ଏମଏସପି, ଫସଲବୀମା ପ୍ରତିଶ୍ରୁତି ସବୁ ଧୂଆଁବାଣ

ମନୋବଳ ଭାଙ୍ଗି ଯାଇଛି। ସେମାନେ ହତାଶ ହୋଇ ପଡ଼ିଛନ୍ତି। ବିରୋଧୀ ଦଳ ନିଜେ କାମ କରିବେନି କି କାହାକୁ କରାଇ ମଧ୍ୟ ଦେବେ ନାହିଁ। ମିଛରେ ଆଖି ବନ୍ଦ କରି ଶୋଇଥିବା ଲୋକକୁ କେହି ଉଠାଇ ପାରିବେନାହିଁ। ମା' ସମଲେଇ ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ। ବିକାଶକୁ ସେମାନେ ବିରୋଧ କରନ୍ତୁ ନାହିଁ। ଲୋକଙ୍କ କାମରେ ବାଧା ଦିଅନ୍ତୁ ନାହିଁ ବୋଲି କାର୍ତ୍ତିକ କହିଛନ୍ତି।

ନିଜ ଅଭିଭାଷଣରେ ଚାଷୀମାନଙ୍କ ପ୍ରସଙ୍ଗ ଉଠାଇ ଶ୍ରୀ ପାଣ୍ଡିଆନ୍ କହିଲେ ଯେ ୨୦୧୪ ରୁ ୨୦୧୯ ଓ ୨୦୨୪ ସବୁବେଳେ ସେମାନେ ଗୋଟିଏ ପ୍ରତିଶ୍ରୁତି ଦେଇ ଆସିଛନ୍ତି। ଧାନର ଏମ୍‌ଏସ୍‌ପି ଦୁଇଗୁଣ କରିବେ। ଇତିମଧ୍ୟରେ ୧୦ ବର୍ଷ ଗଲାଣି; କିନ୍ତୁ ପ୍ରତିଶ୍ରୁତି ପୂରଣ ହୋଇପାରିଲା ନାହିଁ। ସେହିପରି ଫସଲ ବୀମା ସରଳ କରିବା ପ୍ରତିଶ୍ରୁତି ମଧ୍ୟ ପୂରଣ ହେଲା ନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫସଲ ବୀମାର ପ୍ରିମିୟମ ଦେଇ ଚାଷୀ ଭାଇଙ୍କ ବୋଝ ହାଲୁକା କଲେ। ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ଉଦାହରଣ ଦେଇ ସେ କହିଲେ ଯେ ସେଠାରେ ବାରମ୍ବାର ଇଞ୍ଜିନ୍ ବଦଳୁଛି। ତାଙ୍କ ତେଲ ସରି ଯାଉଛି। ଯଦି ଡବଲ ଇଞ୍ଜିନ୍ ଏତେ ଭଲ, ତାହେଲେ ଲୋକ କାହିଁକି ଭରସା କରୁ ନାହାନ୍ତି? ସେଠି ନକ୍ସଲ ସମସ୍ୟା ସୁଧୁରୁନାହିଁ କାହିଁକି? ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ବିକାଶ କରି ନକ୍ସଲ ସମସ୍ୟା ଦୂର କରିଛନ୍ତି। ଓଡ଼ିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଦିନରାତି ୨୪ ଘଣ୍ଟା କାମ କରୁଛନ୍ତି। ନବୀନ ସରକାରରେ ସବୁ ବର୍ଗର ଲୋକଙ୍କ ଉନ୍ନତି ହୋଇଛି। ବିରୋଧୀ ଦଳ ଆସିଲେ ମିଶନ ଶକ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମମତା, ଲକ୍ଷ୍ମୀ ଯୋଜନା ଆଦି ସବୁ ଭଲ କାମକୁ ସେମାନେ ବନ୍ଦ କରିଦେବେ ବୋଲି ପାଣ୍ଡିଆନ କହିଥିଲେ। ଶ୍ରୀ ପାଣ୍ଡିଆନ୍ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଁ ସବୁ କାମର ଗୋଟି ଗୋଟି ହିସାବ ଦେଉଛି। ଭେଡେନ୍‌କୁ ଏନ୍‌ଏସି କରିଛନ୍ତି ମୁଖ୍ୟମନ୍ତ୍ରୀ। ବିଶ୍ୱେଶ୍ୱର ମନ୍ଦିର ପାଇଁ ୨ କୋଟି ୬୦ ଲକ୍ଷ ଟଙ୍କା, ରାମଚଣ୍ଡି ମନ୍ଦିର ପାଇଁ ୧ କୋଟି ୪୦ ଲକ୍ଷ, ଅତାବିରା ମା ଦୁର୍ଗା ମନ୍ଦିର ପାଇଁ ୮୦ ଲକ୍ଷ, ଗିରିଗୋବର୍ଦ୍ଧନ ପୀଠ ପର୍ଯ୍ୟଟନ ବିକାଶ ପାଇଁ ୩୦ ଲକ୍ଷ, ସୁନି ମସ୍‌ଜିଦ୍ ପାଇଁ ୨୦ ଲକ୍ଷ ଟଙ୍କା ଦେଇଛନ୍ତି। ସେହିପରି ଭଟଲିରେ ଶ୍ରୀ ପାଣ୍ଡିଆନ କହିଥିଲେ ଯେ କହିଥିଲେ ଯେ ଭଟଲିର ଦୁର୍ଗା ମନ୍ଦିର ପାଇଁ ୫୦ ଲକ୍ଷ, ଅଲେଖ ମହିମା ପୀଠ ପାଇଁ ୫୦ ଲକ୍ଷ, ଅମ୍ବାଭୋନାରେ ରାସ୍ତା ଓ ସ୍କୁଲ ପାଇଁ ୪.୬୦ କୋଟି, ପର୍‌ବତ୍‌ର ଗୁମ୍ଫା ପର୍ଯ୍ୟଟନ ବିକାଶ ପାଇଁ ୧.୮୦ କୋଟି ଟଙ୍କା, ମହାନଦୀ ମହୁଲପାଲିରେ ୧୦୦ କୋଟି ଟଙ୍କାରେ ସେତୁ କରାଯାଇଛି। ବରଗଡ଼ କ୍ୟାନ୍‌ସର ହସ୍ପିଟାଲ ପାଇଁ ଆପଣମାନଙ୍କ ବହୁ ଦିନର ଦାବି ମୁଖ୍ୟମନ୍ତ୍ରୀ ପୂରଣ କରି ହସ୍ପିଟାଲ ପ୍ରତିଷ୍ଠା କରିଛନ୍ତି। ଶେଷରେ ସେ ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ଲକ୍ଷାଧିକ ଭୋଟରେ ଜିତାଇ ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ।




## ମିଛ କହିବାରେ ସବୁ ସୀମା ଟପିଛି ବିଜେପି: ପାଣ୍ଡିଆନ

**ଭେଡେନ,୮।୫(ସମିସ):** ଓଡ଼ିଶା ମାଟିର ସେବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଧର୍ମ। ଓଡ଼ିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଅହରହ କାମ କରନ୍ତି ଓ ଲୋକଙ୍କୁ କାମର ହିସାବ ଦିଅନ୍ତି। ଅନ୍ୟ କେଉଁ ମୁଖ୍ୟମନ୍ତ୍ରୀ କେବେ କାମର ହିସାବ ଦିଅନ୍ତି ନାହିଁ। ନବୀନଙ୍କ ସରକାର ହେଉଛି ମା'ମାନଙ୍କର ସରକାର, ଚାଷୀ ଭାଇଭଉଣୀଙ୍କ ସରକାର, ଯୁବକମାନଙ୍କ ସରକାର ବୋଲି କହିଛନ୍ତି ବିଜେଡିର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ।

ବରଗଡ଼ ଜିଲ୍ଲା ଅନ୍ତର୍ଗତ ଅତାବିରା ନିର୍ବାଚନମଣ୍ଡଳୀର ଭେଡେନସ୍ଥିତ ରଣଜିତା ଖେଳ ପଡ଼ିଆଠାରେ ଅନୁଷ୍ଠିତ ନିର୍ବାଚନୀ ଜନସମାବେଶରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଅବସରରେ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ବିଜେଡି ସଭାରେ ବିରାଟ ଜନସମାବେଶ ଦେଖି ବିରୋଧୀ ନେତାମାନେ ଆତ୍ମବିଶ୍ୱାସ ହରାଇଲେଣି। ତାଙ୍କ ପାଖରେ କହିବାକୁ କିଛି ନାହିଁ, ତେଣୁ ମିଛ କହିବା ଆରମ୍ଭ କରିଛନ୍ତି। ମିଛ କହିବାରେ ସବୁ ସୀମା ବିଜେପି ନେତାମାନେ ଟପିଗଲେଣି। ନିର୍ବାଚନ ସମୟ ଆସିଗଲେ ମିଛ ପ୍ରତିଶ୍ରୁତି ଦେଇ ଜନସାଧାରଣଙ୍କୁ ଭୂଆଁ ବୁଲାଇବା ଓ ନିର୍ବାଚନ ସରିଗଲେ ଦେଖାଦର୍ଶନ ନ ଦେବା ତାଙ୍କ ଅଭ୍ୟାସ। ଏବେ ବିଜେପି ନେତା ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କା କରିବାକୁ କହି ନିର୍ବାଚନ ବୈତରଣୀ ପାର ହେବାପାଇଁ ଚେଷ୍ଟା କରୁଛନ୍ତି। ୨୦୧୪ରେ ନିର୍ବାଚନ ବେଳେ ସେମାନେ ଧାନର ମୂଲ୍ୟ ଦୁଇ ଗୁଣା କରିବାକୁ କହିଥିଲେ। ମାତ୍ର ନିର୍ବାଚନ ପରେ ତାହାକୁ ଭୁଲିଗଲେ। ୧୦ ବର୍ଷ ପରେ ମଧ୍ୟ ତାହା କାର୍ଯ୍ୟକାରୀ ହେଲା ନାହିଁ। ମୁଖ୍ୟମନ୍ତ୍ରୀ ଆପଣଙ୍କ ପାଇଁ ୨୪ଘଣ୍ଟା

- ନିର୍ବାଚନ ବେଳେ ମିଛ କହି ଭୂଆଁ ବୁଲାଇବା ସେମାନଙ୍କର ଅଭ୍ୟାସ
- ମୁଖ୍ୟମନ୍ତ୍ରୀ ଆମକୁ କାମର ହିସାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି
- ଆମେ କାମ କରିବୁ, ହିସାବ ଦେବୁ ହେଉଛି 'ନବୀନ ଗ୍ୟାରେଣ୍ଟି'

କାମ କରୁଛନ୍ତି। ସେ ପୁଣି କହିଥିଲେ ଯେ ଆପଣମାନେ ବିରୋଧୀଙ୍କୁ ପ୍ରଶ୍ନ ପଚାରନ୍ତୁ, ହିସାବ ମାଗନ୍ତୁ, ହିସାବ ମାଗିଲେ ସେମାନେ ଲୁଚିକି ପଳେଇବେ ଆଉ ଦେଖା ଦେବେନି। ନବୀନ ଗ୍ୟାରେଣ୍ଟି ହେଉଛି ଆମେ ପୁଣି ଆସିବୁ, ଆପଣମାନଙ୍କୁ ପୁଣି ହିସାବ ଦେବୁ। ବିରୋଧୀ ଆଖି ଖୋଲି ଦେଖନ୍ତୁ ବିକାଶ କିପରି ହୁଏ। ଅତାବିରା ନିର୍ବାଚନମଣ୍ଡଳୀର ମନ୍ଦିର, ପର୍ଯ୍ୟଟନସ୍ଥଳୀ, ସ୍ୱାସ୍ଥ୍ୟ କେନ୍ଦ୍ର, ସ୍କୁଲ, କଲେଜ, ରାସ୍ତାଘାଟ ସବୁଠି ରୂପାନ୍ତରଣ କାମ ହୋଇଛି। ତା' ସହିତ ଲକ୍ଷ୍ମୀ ବସ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କୁ ୧୦ଲକ୍ଷ ଓ ପୁରୁଷଙ୍କୁ ୫ଲକ୍ଷ ଟଙ୍କା ସ୍ୱାସ୍ଥ୍ୟବୀମା, ମିଶନ ଶକ୍ତି ଯୋଜନା କାର୍ଯ୍ୟକ୍ରମରେ ବିନା ସୁଧରେ ମହିଳା ଗ୍ରୁପକୁ ୧୦ଲକ୍ଷ ଟଙ୍କା ଋଣ ପ୍ରଦାନ ବିରୋଧୀଙ୍କୁ ଦେଖାଯାଉନାହିଁ। ଲୋକଙ୍କୁ ବିରୋଧୀ ମନଗଢ଼ା କାହାଣୀ ଶୁଣାଉଛନ୍ତି। ମାତ୍ର ବାସ୍ତବ ହେଉଛି ଓଡ଼ିଶାର ବିକାଶକୁ ପ୍ରଗତି ପଥରେ ଆଗେଇ ନେଉଛନ୍ତି ନବୀନ ପଟ୍ଟନାୟକ। ଏଠାରେ ଡବଲ ଇଞ୍ଜିନ ଦରକାର ନାହିଁ ଲୋକେ ଜାଣିଗଲେଣି। ଓଡ଼ିଶାରେ କେବଳ ନବୀନ ପଟ୍ଟନାୟକ ସବୁବେଳେ ଲୋକଙ୍କ ସମସ୍ୟାର ସମାଧାନ କରିବେ। ଓଡ଼ିଶାର ପରିଚୟ ଶଙ୍ଖ ଚିହ୍ନ, ଉନ୍ନତିର ଚିହ୍ନ ଶଙ୍ଖ ଚିହ୍ନ, ନବୀନ ବାବୁଙ୍କ ଚିହ୍ନ ଶଙ୍ଖ ଚିହ୍ନ। ଏହା ହେଉଛି ଆପଣଙ୍କ ସରକାର, ସେଥିପାଇଁ ବିଜେଡି ପ୍ରାର୍ଥୀଙ୍କୁ ଲୋକସଭା ଓ ବିଧାନସଭାରେ ଶଙ୍ଖରେ ଭୋଟ ଦେଇ ବିଜୟ କରି ନବୀନ ପଟ୍ଟନାୟକଙ୍କୁ ପୁଣିଥରେ ଅକୁଣ୍ଠ ସମର୍ଥନ ଦିଅନ୍ତୁ। ବିଜେଡି ଲୋକସଭା ପ୍ରାର୍ଥିନୀ ପରିଣିତା ମିଶ୍ର ଓ ଅତାବିରା ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରୀଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ସେ ଅନୁରୋଧ କରିଛନ୍ତି।

# ରାଜ୍ୟ ସାରା ମିଶନ ଶକ୍ତି ମହିଳାଙ୍କୁ ଧମକ ଦେଉଛି ବିଜେପି

## ପ୍ରଶାନ୍ତ ଜଗଦେବ ମହିଳାଙ୍କୁ ଧମକାଇ ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି

## ନିର୍ବାଚନ କମିଶନଙ୍କୁ ଭେଟି ଫେରାଦ ହେଲେ ବିଜେଡି ପ୍ରତିନିଧି

**ଭୁବନେଶ୍ୱର, ୮।୫(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାଙ୍କ ଆର୍ଥିକ ଏବଂ ସାମାଜିକ ସ୍ଥିତିରେ ସୁଧାର ପାଇଁ ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ସଶକ୍ତ ଏବଂ ସ୍ୱାବଲମ୍ବୀ କରୁଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ହାରିବା ଭୟରେ ବିଜେପି ନେତାମାନେ ମିଶନ ଶକ୍ତି ମହିଳାମାନଙ୍କୁ ହଇରାଣ କରୁଛନ୍ତି। ବିଜେପି ନେତା, କର୍ମୀ ଏବଂ କାର୍ଯ୍ୟକର୍ତ୍ତା ଲଗାତାର ଫୋନ କରି ମିଶନ ଶକ୍ତି ମହିଳାମାନଙ୍କୁ ଗାଳିଗୁଲଜ କରିବା ସହ ଧମକ ଚମକ ଦେଉଛନ୍ତି। ରାଜ୍ୟସାରା ଜାଣିଶୁଣି ବାରମ୍ବାର ଏହି ଘଟଣାକୁ ଦୋହରାଯାଉଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଅଭିଯୋଗ କରିଛି। ପୂର୍ବରୁ ଅନେକଗୁଡ଼ିଏ ବିଜେପି ନେତାଙ୍କ ବିରୋଧରେ ବହୁବାର ଏଭଳି ଅଭିଯୋଗ ହୋଇଛି। ବୁଧବାର ବିଜେପିର ଟାଙ୍ଗି ବିଧାୟକ ପାର୍ଥୀ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ପୁଣି ଥରେ ସମାନ ଅଭିଯୋଗ କରି ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହୋଇଛି ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ।




ବିଜେଡି କହିଛି ଯେ ରାଜ୍ୟ ବିଜେପି ମିଶନଶକ୍ତି ମହିଳା ଏସ୍‌ଏଚ୍‌ଜି, ଫେଡେରେସନ ଲିଡ଼ର, କମ୍ୟୁନିଟି ସପୋର୍ଟ ସଦସ୍ୟଙ୍କୁ ନିର୍ବାଚନରେ ସହଯୋଗ ନ କଲେ ଭୟଙ୍କର ପରିସ୍ଥିତି ହେବ ବୋଲି ଧମକ ଦେଉଛି। ଖୋର୍ଦ୍ଧା ଜିଲ୍ଲା ଟଙ୍ଗୀ ବ୍ଲକରେ ପ୍ରଶାନ୍ତ ଜଗଦେବ ଏବଂ ତାଙ୍କ ଗୁଣ୍ଡାମାନେ ଖୋଲାଖୋଲି ମହିଳାଙ୍କୁ ଧମକ ଦେଉଛନ୍ତି। ଟଙ୍ଗୀ ବ୍ଲକରେ କାମ କରୁଥିବା ଏମ୍‌ବିକେ ଏବଂ ସିଆରପିଙ୍କୁ ଭିନ୍ନ ଭିନ୍ନ ଫୋନ ନମ୍ବରୁ ଧମକ ମିଳୁଛି। ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ସେ ଦମ୍ଭୋକ୍ତି ବାଢ଼ୁଛନ୍ତି। ଖୋର୍ଦ୍ଧା ବାଣପୁର ଅଞ୍ଚଳରେ ଲୋକଙ୍କ ଉପରେ କାର ଚଢ଼ାଇ ଦେଲି, ତଥାପି ମୁଁ ବିଧାୟକ ଅଛି। ନିର୍ବାଚନ କମିସନ ମୋତେ ଛୁଇଁ ପାରିବେନି, ମୋର କିଛି କରିପାରିବେନି ବୋଲି ଜଣେ ମହିଳା ଏମ୍‌ବିକେଙ୍କୁ ପ୍ରଶାନ୍ତ ଫୋନ ଯୋଗେ କହିଛନ୍ତି। ମହିଳାଙ୍କୁ ଗାଳିଗୁଲଜ କରୁଥିବା ନେଇ ପ୍ରଶାନ୍ତଙ୍କ ବିରୋଧରେ ମଙ୍ଗଳବାର ଅଭିଯୋଗ ହୋଇଥିଲା। ଏହାପରେ ସେ ନିରବ ରହିବା ପରିବର୍ତ୍ତେ ମହିଳାଙ୍କୁ ଅଧିକ ଗାଳିଗୁଲଜ କରୁଥିବା ଦର୍ଶାଯାଇଛି। ଏହା କେବଳ ନିର୍ବାଚନ ଆଚରଣ ବିଧିର ଉଲଘଂନ ନୁହେଁ ବରଂ ନିର୍ବାଚନ କମିସନଙ୍କୁ ଅସମ୍ମାନ। ଏଣୁ ପ୍ରଶାନ୍ତଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସମ୍ପୃକ୍ତ ମହିଳାଙ୍କୁ ସୁରକ୍ଷା ଯୋଗାଇ ଦେଉ ବୋଲି ବିଜେଡି ପକ୍ଷରୁ କମିସନଙ୍କ ନିକଟରେ ଦାବି କରାଯାଇଛି। ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲୋତା ଦେଓ, ମଧୁସ୍ମିତା ନାୟକ, ସ୍ୱୟଂ ପ୍ରକାଶ ମହାପାତ୍ର, ପ୍ରିୟବ୍ରତ ମାଝୀ, ମିହିର ରାୟ, ଇପସିତା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଲୋକକଥା



କେମିତି ଭାବନ୍ତି ଫୁଲ ପାର୍ଟି ପ୍ରାର୍ଥୀ,
ଜିତିବେ ଧମକ ଦେଇ,
ଭୋଅଟ ଦେବତା ଠିକଣା ବେଳରେ
ଦେବେଟି କାମ ଦେଖେଇ !
କଲା କରମକୁ ଧାୟୀ,
ଫଳ ବାହାରିଲେ ହେଜିବହେ ବାବୁ
ଗଡ଼ିବ ମୁଣ୍ଡ ବାଡ଼େଇ !!

- ରାଜ୍ୟରେ ୭୮୬ ଅଂଶୁଘାତ ମାମଲା

# ୨୦ ମୃତ୍ୟୁ ଅଭିଯୋଗ, ୩ ସ୍ପଷ୍ଟ

**ଭୁବନେଶ୍ୱର, ୮।୫(ସମିସ):** ରାଜ୍ୟରେ ୭୮୬ଟି ଅଂଶୁଘାତ ମାମଲା ସାମନାକୁ ଆସି ସାରିଛି। ଅଂଶୁଘାତରେ ଶିକାର ହୋଇ ବିଭିନ୍ନ ହସ୍ପିଟାଲରେ ଆକ୍ରାନ୍ତମାନେ ଚିକିତ୍ସିତ ହୋଇଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ୨୦ ଜଣଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ଅଂଶୁଘାତରେ ୨୦ ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ବାକି ୧୭ ଟି ମାମଲାରେ ଯାଞ୍ଚ ଜାରି ରହିଛି ବୋଲି ସେ କହିଛନ୍ତି। ଅଂଶୁଘାତ ମୃତ୍ୟୁ ନେଇ ଅଭିଯୋଗ ହେଲେ ଏହାକୁ ଏସ୍‌ଆରସିଙ୍କ ମାର୍ଗଦର୍ଶିକା ଆଧାରରେ ତଦନ୍ତ କରାଯାଉଛି। ଯୁଗ୍ମ ତଦନ୍ତ ସାଙ୍ଗକୁ ପୋଷ୍ଟମୋର୍ଟମ ରିପୋର୍ଟକୁ ଆଧାର କରି ଅଂଶୁଘାତ ମୃତ୍ୟୁକୁ ସ୍ୱୀକୃତି ଦିଆଯାଉଛି ବୋଲି ଡଃ ପାଣିଗ୍ରାହୀ କହିଛନ୍ତି। ଅଂଶୁଘାତ ମୃତକଙ୍କ ମଧ୍ୟରେ ଢେଙ୍କାନାଳ, ବାଲେଶ୍ୱର ଓ ମୟୂରଭଞ୍ଜରେ ୩ ଜଣ ରହିଛନ୍ତି ବୋଲି ଜଣାପଡ଼ିଛି। ବିଭାଗ ଆହୁରି କହିଛି ଯେ ଏ ପର୍ଯ୍ୟନ୍ତ ରାଜ୍ୟରେ ୭୮୬ଟି ଅଂଶୁଘାତ ମାମଲା ଆସିଛି। ସ୍ଥିତି ଆଗକୁ ବଗିଡ଼ିବାର ଆଶଙ୍କା ନାହିଁ। ଗତ କିଛି ଦିନ ହେଲା ତାତି କମିଥିବାରୁ ସ୍ଥିତି ଏବେ ନିୟନ୍ତ୍ରଣରେ ଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର କହିଛନ୍ତି। ରାଜ୍ୟରେ ଏପ୍ରିଲ ମାସରେ ପ୍ରବଳ ଖରା ଅନୁଭୂତ ହୋଇଥିଲା। ଲଗାତାର ୨୨ ଦିନ ଧରି ଗ୍ରୀଷ୍ମ ପ୍ରବାହ ସ୍ଥିତି ଲାଗି ରହିବା ଯୋଗୁଁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗିଥିଲେ। ଏବେ କାଳବୈଶାଖୀ ଯୋଗୁଁ ତାତିରେ ରୋକ୍ ଲାଗିବା ସହ ରାଜ୍ୟବାସୀ ଆଶ୍ୱସ୍ତ ଅନୁଭବ କରୁଛନ୍ତି।


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

16th Among Indian Universities Ranked by NIRF, Govt. of India | A++ Grade Accredited by NAAC | Tier 1 Reaccredited by NBA All Engineering Programs for 6 Years | THE World University Rankings 2023: 301-400 401-500 Computer Science Engineering, 601-800 University Ranking | ABET (US) Accreditation | IET

KIITEE 2024 PHASE-2
Apply Now
through KIIT Websites www.kiitee.ac.in/www.kiit.ac.in
No Examination Fee (Computer-Based Online Test)

B.Tech (4 Years) in following branches of Engineering :
- Civil, Electrical, Mechanical, Electronics & Telecommunication, Electronics & Computer Science, Electronics and Electrical, Aerospace, Mechatronics, Mechanical (Automobile), Chemical, Computer Science, Information Technology, Computer Science and System, Computer Science and Communication
- Electrical & Computer Engineering; Construction Technology; Electronics Engineering (Spl - VLSI Design and Technology); Computer Science & Engineering (Spl - Artificial Intelligence and Machine Learning | Artificial Intelligence | Cyber Security | Data Science | Internet of Things and Cyber Security Including Block Chain Technology | Internet of Things)

ACADEMIC PROGRAMMES AVAILABLE

Bachelor's Programmes
- B. Design (Automobile/ Graphic/Product) (4 Years)
- B.Tech & M.Tech Biotechnology (5 years)
- B. Arch. (5 years)
- B. Tech. ( Lateral Entry) (3 years)
- BCA (3 years)
- BBA (3 years)
- Bachelor of Design (Fashion / Textile) (4 years)
- Bachelor of Film & Television Production (3 years)
- BBA in Hospitality and Tourism (4 years)
- BA.LL.B / BBA LL.B / B.Sc. LL.B (5 years)
- Bachelor of Communication & Journalism (3 years)
- BA in Economics (Hons)(4 years)
- BA in Sociology (Hons)(4 years)
- BA in English (Hons)(4 years)
- B.A. in Psychology (Hons)(4 years)
- B.Com (Hons) (4 years)
- B.Sc. Computer Science (4 years)
- B.Sc. Nursing (4 years)
- B.Pharma (4 years)
- D.Pharma (2 Years)

Master's Programmes
- M.Tech. (2 years)
- LLM (1 year)
- MCA (2 years)
- M.Sc Biotechnology (2 years)
- M.Sc. Applied Microbiology (2 years)
- M. Arch (2 years)
- Int. M.Tech & Ph.D (5 years)
- Master of Communication & Journalism (2 years)
- Master in Yoga and Naturopathy (2 years)
- Master of Hospital Administration (2 years)
- Master of Public Health (2 years)
- MBA (2 years)
- MBA in Business Analytics (2 years)
- MBA in Operations & Supply Chain Management (2 years)
- MBA in Rural Management (2 years)
- Master of Library & Information Sciences (M.Lib.I.Sc) (2 Years)
- Master of Physical Education and Sports (MPES) (2 Years)
- MBA in Agribusiness Management (2 years)
- M. Design (Interior Design)(2 Years)
- M.Sc. Computer Science (2 years)
- MA in Economics (2 years)
- MA in Sociology (2 years)
- MA in English (2 years)
- MA in Psychology (2 years)
- MA in Public Policy (2 years)
- M.Com (2 years)
- M.Sc. in Physics / Chemistry / Mathematics with Data Science (2 years)
- M.Sc. Nursing (2 years)
- Ph.D

CAMPUS PLACEMENT 2023 HIGHLIGHTS
750+ Companies
6200+ Job Offers
₹63 LPA Highest Salary Offered
₹8.20 LPA Average CTC
2000+ Paid Internships

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India,
Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

## ସ୍ୱାଧୀନ ଭାବେ ନାମାଙ୍କନ ଭରିଲେ ଖାରବେଳ ସ୍ୱାଇଁ

# ମୁଁ ଜିତିବି; ପ୍ରତାପ ଷଡ଼ଙ୍ଗୀ ଦଳୀୟ ଟିକଟ ପାଇ ହାରିବେ: ଖାରବେଳ

**ବାଲେଶ୍ୱର,୮।୫(ସମିସ) :** ସାଧାରଣ ନିର୍ବାଚନର ସପ୍ତମ ପର୍ଯ୍ୟାୟରେ ବାଲେଶ୍ୱର ଜିଲ୍ଲାରେ ହେବାକୁ ଥିବା ମତଦାନ ପାଇଁ ବୁଧବାର ଥିଲା ନାମାଙ୍କନ ପତ୍ର ଦାଖଲର ଦ୍ୱିତୀୟ ଦିବସ। ଆଜି ବାଲେଶ୍ୱର ଲୋକସଭା ସ୍ୱାଧୀନ ପ୍ରାର୍ଥୀ ଭାବେ ଖାରବେଳ ସ୍ୱାଇଁ ନାମାଙ୍କନ ଦାଖଲ କରିଛନ୍ତି।



ଶ୍ରୀ ସ୍ୱାଇଁ ସ୍ୱାଧୀନ ଭାବେ ନିଜର ନାମାଙ୍କନ ପତ୍ର ଜିଲ୍ଲାପାଳ ଆଶିଷ ଠାକରେଙ୍କ ଠାରେ ଦୁଇଟି ସେଟ ଦାଖଲ କରିଛନ୍ତି। ସେ ନିଜର କିଛି ହାତଗଣତି ସମର୍ଥକଙ୍କ ସହ ଆଜି ଦିନ ୧୧ଟାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲ୍ଲାପାଳଙ୍କୁ ନିଜର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ତାଙ୍କ ସହ ତାଙ୍କର ୧୦ଜଣ ପ୍ରସ୍ତାବକଙ୍କ ନାମ ମଧ୍ୟ ଦାଖଲ କରିଥିଲେ। ପରେ ସମସ୍ତ ଦୁଇଟି ସେଟ ଯାଞ୍ଚ ପରେ ସେ ସେଠାରୁ ଫେରି ଗଣମାଧ୍ୟମକୁ କହିଛନ୍ତି ଯେ, ସେ ଆଜି ସ୍ୱାଧିନ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ୪ ଲକ୍ଷ ଭୋଟରେ ଏହି ନିର୍ବାଚନରେ ସେ ଜିତିବେ। ସେ ବର୍ତ୍ତମାନ ବାଲେଶ୍ୱରର ସାଂସଦ ପାଇଁ ପ୍ରତିଦ୍ୱନ୍ଦିତା କରୁଛନ୍ତି। ସେ ଜିତୁଛନ୍ତି ଏବଂ ପ୍ରତାପ ଷଡଙ୍ଗୀ ଦଳୀୟ ଟିକଟ ପାଇ ମଧ୍ୟ ହାରୁଛନ୍ତି। ମୁଁ ବିଜେପି। କିନ୍ତୁ ପ୍ରତାପ ଷଡଙ୍ଗୀଙ୍କୁ ବିଜେପି ଏଠାରେ ଟିକଟ ଦେଇଛି ସେ ଜିତିପାରିବେ ନାହିଁ। କାରଣ ସେ ବାଲେଶ୍ୱର ପାଇଁ ଏତେ ଅପ୍ରିୟ ହୋଇଛନ୍ତି ଯେ ଲୋକଙ୍କ ଆସ୍ଥା ହରାଇ ସାରିଛନ୍ତି। ବାଲେଶ୍ୱରରେ ପ୍ରତାପ ଷଡଙ୍ଗୀ କେଉଁଠି ମାଟି ଝୁଡେ ଆଣିକି ପକାଇଛନ୍ତି ସେ ଆଣିକି ଦେଖାନ୍ତୁ। ସେ ତାଙ୍କର ଗୋଟିଏ ଚଟି ବହି ଛାପିଛନ୍ତି ସେଥିରେ ଯେତେ ସରକାରୀ କାମ ହୋଇଛି ସେ ସବୁ କରିଛନ୍ତି ବୋଲି କହିଛନ୍ତି। ପାଖାପାଖି ହଜାରେ କୋଟି ଟଙ୍କା ପାଖାପାଖି ହେବ ସେ ସବୁ କରିଛନ୍ତି ବୋଲି କହୁଛନ୍ତି। କିନ୍ତୁ ସେ ପୂର୍ବରୁ ସାଂସଦ ଥିବା ବେଳେ ଯେତେ ସବୁ କାର୍ଯ୍ୟକରିଛନ୍ତି ତାଙ୍କ ସାଂସଦ ପାଣ୍ଠିରୁ ହିଁ କରିଛନ୍ତି ବୋଲି କହିଛନ୍ତି। ଏପରିକି ଆଗାମୀ ଦିନରେ ସେ ତାଙ୍କର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାର ସମ୍ଭାବନା ନାହିଁ। ଏବେ ବି ସମୟ ଅଛି ବିଜେପି ଦଳ ନିଶ୍ଚିତ ଭାବେ ଚିନ୍ତା କରନ୍ତୁ ବୋଲି କହିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ, ଆସନ୍ତା୧୫ ତାରିଖରେ ନାମାଙ୍କନ ଯାଞ୍ଚ ଏବଂ ୧୭ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ପରେ ଜୁନ୧ତାରିଖ ଜିଲ୍ଲାରେ ମତଦାନ ହେବ।

**ସମସ୍ତଙ୍କ ସମ୍ମୁଖରେ କର୍ମୀଙ୍କୁ ଚାପୁଡା ମାରିଲେ ଖାରବେଳ :** ଆଜି ଖାରବେଳ ସ୍ୱାଇଁ ନିଜର ନାମାଙ୍କନ ପତ୍ର ଦାଖଲ କରିବା ପରେ ଏକ ଅଘଟଣ ଦେଖିବାକୁ ମିଳିଥିଲା। ଯାହାକି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ଖାରବେଳଙ୍କ ସାଙ୍ଗରେ ଆସିଥିବା ତାଙ୍କ କର୍ମୀଙ୍କୁ ରାଗିଯାଇ ସର୍ବ ସମ୍ମୁଖରେ ଚାପୁଡା ମାରିଥିଲେ। ଯାହାକି ସମସ୍ତଙ୍କୁ ଚକିତ କରିଥିଲା। ଖାରବେଳ ନିଜର ନାମାଙ୍କନ ପତ୍ର ଦାଖଲ କରି ସାରିବା ପରେ ଗଣମାଧ୍ୟମକୁ ତାଙ୍କର ବାର୍ତା ପ୍ରଦାନ କରୁଥିଲେ। ପରେ ତାଙ୍କର ଜଣେ କର୍ମୀ ତାଙ୍କ ବେକରେ ଏକ ଫୁଲମାଳ ପିନ୍ଧାଇ ଦେବାରୁ ସେ ରାଗି ଯାଇ ତାଙ୍କ ବେକରୁ ଉକ୍ତ ଫୁଲମାଳଟି ଛିଡି ଫୋପାଡି ଦେବା ସହ ସମସ୍ତଙ୍କ ସମ୍ମୁଖରେ ଏକ ଚାପୁଡା ମାରିଥିଲେ। ଯାହାକି ସେଠାରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତିଙ୍କୁ ଚକିତ କରିଥିଲା। ଏ ନେଇ ଖାରବେଳ କହିଛନ୍ତି ଯେ, ସେ ଗଣମାଧ୍ୟମକୁ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଉଥିବା ବେଳେ ସେ ଏକ ଫୁଲମାଳ ଆଣି ପିନ୍ଧାଇ ଦେଇଥିଲେ। ଏହା ପୂର୍ବରୁ ମଧ୍ୟ ସେ ଫୁଲମାଳ ଦେଇଥିବା ବେଳେ ସେ ତାଙ୍କୁ ମନା କରିଥିଲେ। ଏଣୁ ସେ ରାଗି ଯାଇ ତାଙ୍କୁ ମାଡ ମାରିଛନ୍ତି ବୋଲି କହିଛନ୍ତି। ଏହାସହ କହିଛନ୍ତି ଯେ ମୁଁ ତାଙ୍କୁ ମାଡ ମାରିଛି ଏଣୁ ଲୋକେ ତାଙ୍କୁ ଭୋଟ ଦେଲେ ଦିଅନ୍ତୁ ନହେଲେ ନାହିଁ ବୋଲି କହି ସେଠାରୁ ପଳାଇ ଯାଇଥିଲେ।

## ରେଙ୍ଗାଲି ବିଜେଡି ପ୍ରାର୍ଥୀ ସୁଦର୍ଶନ

# ଶ୍ରମଜୀବୀରୁ ଲୋକପ୍ରତିନିଧି

**ସମ୍ବଲପୁର,୮।୫(ସମିସ):** ବିଜୁ ଜନତା ଦଳ ପାଇଁ ଦିନେ ନେତାଙ୍କ ବ୍ୟାନର୍, ପୋଷ୍ଟର ଲଗାଉଥିଲେ। ଦଳ ଯେତେବେଳେ ଯେଉଁ କାମ, ଦାୟିତ୍ୱ ଦେଉଥିଲା ସଫଳତାର ସହ ନିର୍ବାହ କରିଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହେଲେ। ତାଙ୍କର ଦଳ ପ୍ରତି ସମର୍ପଣ, କାର୍ଯ୍ୟଦକ୍ଷତା ଓ ତାଙ୍କ ପ୍ରତି ଲୋକମାନଙ୍କ ଭଲ ପାଇବା ଦେଖି ଆଜି ଦଳ ମାଟିର ମଣିଷ କଳାମାଟିର ପୁଅ ସୁଦର୍ଶନ ହରିପାଲଙ୍କୁ ରେଙ୍ଗାଲି ବିଧାୟକ ପ୍ରାର୍ଥୀ କରିଛି।

ଧନକଉଡ଼ା ବ୍ଲକ କଳାମାଟି ପଞ୍ଚାୟତ ବାବୁବନ୍ଧ ଗ୍ରାମର ଏକ ଦିନମଜୁରିଆ ପରିବାରରୁ ଆସି ରାଜନୀତିରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସୁଦର୍ଶନ। ଗରିବୀ କ'ଣ ପ୍ରକୃତରେ ଚିହ୍ନିପାରିଥିବା, ଜାଣିଥିବା ସୁଦର୍ଶନ ଆଜି ଗରିବ, ଅସହାୟଙ୍କ ସାଥୀଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା। ଗୋପାଳନ, ଟିଉସନ, ସ୍କୁଲରେ ଅତିଥି ଶିକ୍ଷକ ଭାବେ କିଛି ରୋଜଗାର କରି ନିଜେ ପାଠ ପଢ଼ିବା ସହ ପରିବାରକୁ ମଧ୍ୟ ଆର୍ଥିକ ସହଯୋଗ କରୁଥିଲେ। ଆର୍ଥିକ ଅନଟନ ପରିବାର ବୋଝ ତାଙ୍କ ଉଚ୍ଚଶିକ୍ଷାରେ ବାଧା ଦେଇଥିଲା। ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷା ଦେଇ ପାରି ନ ଥିଲେ। ଅଧାରେ ରହିଗଲା ଶିକ୍ଷା। ହେଲେ ଏସ୍ଏଲ୍‌ବି ଫାର୍ମ ୟୁପି ସ୍କୁଲର ପ୍ରଧାନଶିକ୍ଷକ ପ୍ରହଲ୍ଲାଦ କରଙ୍କ ପରାମର୍ଶକ୍ରମେ ସେ କିଛିଦିନ ସେହି ସ୍କୁଲରେ ଅତିଥି ଶିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି। ପରବର୍ତ୍ତୀ ସମୟରେ ଜଣେ ଠିକାଦାରଙ୍କ ଅଧୀନରେ ହିଣ୍ଡାଲ୍‌କୋରେ କାମ କରିଥିଲେ। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରୁ ବହୁତ କିଛି ଶିଖିବାକୁ ମିଳିଛି। ଏହା ରାଜନୀତି କ୍ଷେତ୍ରରେ କାମ କରିବାକୁ ତାଙ୍କୁ ଆତ୍ମବିଶ୍ୱାସ ଦେଇଛି।

ଆର୍ଥିକ ଅନଟନ ଥିବା ପରିବାର ବଡ଼ପୁଅ କିଭଳି ଭାବେ ସଂଘର୍ଷମୟ ଜୀବନ କଠିନ ପରିଶ୍ରମ କରି ଆଜି ଘର, ପରିବାର ତଥା ସମାଜ ପାଇଁ ଏକ ଉଦାହରଣ ସାଜିଛନ୍ତି ସୁଦର୍ଶନ। ଶ୍ରମଜୀବୀରୁ ଆଜି ସେ ଲୋକ ପ୍ରତିନିଧି।

ସେ କହିଛନ୍ତି, ୨୦୧୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ପ୍ରାର୍ଥୀମାନଙ୍କ ପୋଷ୍ଟର ଲଗାଉଥିଲେ। ଏବେ ବିଧାନସଭା ପ୍ରାର୍ଥୀ ଭାବେ ପୋଷ୍ଟରରେ ନିଜ ଚେହେରାକୁ ଦେଖିଲେ ଖୁସି ଲାଗୁଛି। ୨୦୧୯ରେ ଧନକଉଡ଼ା ବ୍ଲକ ଯୁବ



ବିଜେଡି ଡିଜିଟାଲ ସମ୍ପାଦକ ଦାୟିତ୍ୱ ପାଇଥିଲେ। ଧନକଉଡ଼ା ବ୍ଲକରେ ଦଳର ଓ ଅନ୍ୟ ଲୋକଙ୍କ ସହ ସମ୍ପର୍କ ବଢ଼ିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଦେଖି ସେ ବିଜେଡିର ନୀତି ଆଦର୍ଶ ପ୍ରତି ଅନୁପ୍ରାଣିତ ହୋଇଥିଲେ। ଲୋକେ ମଧ୍ୟ ତାଙ୍କ ଉପରେ ଭରସା କରିଥିଲେ। ଲୋକଙ୍କର ସେହି ଭରସା ଓ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଜାରି ରହିଛି। ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସେ ବିଜେଡି ପକ୍ଷରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ଧନକଉଡ଼ା ବ୍ଲକ ଗୋଶାଳା କଳପଡ଼ାରେ ତାଙ୍କ ପଡ଼ାର ଏକ ନଳକୂଅ ଖରାପ ହୋଇଥିଲା। ଅଭିଯୋଗ କରିବା ପରେ ମଧ୍ୟ ମରାମତି ହୋଇ ନ ଥିଲା। ପିଇବା ପାଣି ସମସ୍ୟାକୁ ନେଇ ତତ୍କାଳୀନ କଂଗ୍ରେସ ନେତା କାହ୍ନୁଚରଣ ମିଶ୍ରଙ୍କୁ ଜଣାଇଥିଲେ। ତାଙ୍କ ହସ୍ତକ୍ଷେପ ପରେ ଶୀଘ୍ର ନଳକୂଅ ମରାମତି ହୋଇଗଲା। ତେଣୁ ରାଜନେତା ହେଲେ ଲୋକଙ୍କ ସମସ୍ୟାର ସମାଧାନ କରିବା ସହଜ ହେଉଥିବା ଜାଣି ସେ ରାଜନୀତିରେ ପାଦ ଦେଲେ। ଜିଲ୍ଲା ପରିଷଦ ସଭ୍ୟ ନିର୍ବାଚିତ ହେବା ପରେ ନିଜ ଜୋନର ଅନେକ ସ୍ଥାୟୀ ଓ ଅସ୍ଥାୟୀ ସମସ୍ୟାର ସମାଧାନ କରିଛନ୍ତି। ବିଧାନସଭା ପ୍ରାର୍ଥୀ ହେବାକୁ ସେ ସ୍ୱପ୍ନରେ ଭାବି ନ ଥିଲେ। ପଞ୍ଚାୟତ ନିର୍ବାଚନ ସମୟରେ ଯେଭଳି ଦଳ ଭରସା କରି ଟିକଟ ଦେଇଥିଲା ବିଧାନସଭାରେ ମଧ୍ୟ ବିନା ଲବିରେ ଦଳ ତାଙ୍କ ଉପରେ ଭରସା କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ସେ ଜଣାଇଛନ୍ତି। କେନ୍ଦ୍ର ସରକାରଙ୍କ ଅବହେଳା ଓ ମୁଖ୍ୟମନ୍ତ୍ରୀଙ୍କ ଯୋଜନା ତଥା ବିକାଶମୂଳକ କାମକୁ ନେଇ ପ୍ରଚାର କରୁଛନ୍ତି। ଜନତାକୁ ଭୋଟ ଭିକ୍ଷା କରୁଛନ୍ତି। ରେଙ୍ଗାଲି ବିଧାନସଭା କ୍ଷେତ୍ରର ଦଳର ସବୁନେତା ଓ କର୍ମୀମାନଙ୍କର ତାଙ୍କ ପ୍ରତି ଅକୁଣ୍ଠ ସମର୍ଥନ ରହିଛି। ସମସ୍ତେ ମିଳିତ ଭାବେ ପ୍ରଚାର ଅଭିଯାନରେ ସାମିଲ ରହିଛନ୍ତି। ଏବେକାର ବିଧାୟକ ନାଉରୀ ନାଏକଙ୍କୁ ପୁଣି ବିଜେପି ପ୍ରାର୍ଥୀ କରିଛି। ସେହିପରି କଂଗ୍ରେସ ପ୍ରାର୍ଥୀ ଦିଲୀପ ଦୁରିଆ ଅଛନ୍ତି। ପ୍ରତିଦ୍ୱନ୍ଦ୍ୱୀ ନ ଥିଲେ ନିର୍ବାଚନ ଲଢ଼ିବାରେ ମଜା ଆସେ ନାହିଁ ବୋଲି କୁହନ୍ତି ସୁଦର୍ଶନ। ଜିଲ୍ଲା ପରିଷଦ ସଭ୍ୟ ଭାବେ ଯେମିତି ତାଙ୍କୁ ଲୋକେ ବିଜୟୀ କରାଇଥିଲେ ଠିକ ବିଧାୟକ ଭାବେ ନିର୍ବାଚିତ କରିବାକୁ ଲୋକଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ସେ ବିଜୟୀ ହେବେ ବୋଲି ଆଶାବାଦୀ।

## କରଞ୍ଜିଆ ନିର୍ବାଚନ ମଣ୍ଡଳୀ

# ବାସନ୍ତୀଙ୍କ ପାଇଁ ସମ୍ମାନର ପ୍ରଶ୍ନ

**କରଞ୍ଜିଆ,୮।୫(ସମିସ):** ଚଳିତ ନିର୍ବାଚନରେ କରଞ୍ଜିଆ ବିଧାନସଭା ଆସନକୁ ନେଇ ରାଜନୈତିକ ମହଲ ସରଗରମ ହେବାରେ ଲାଗିଛି। ବିଜେଡି ଏଠାରେ ଦୀର୍ଘ ୨୫ ବର୍ଷ ଧରି ଦୁର୍ଗ ସମ୍ଭାଳି ଥିବାବେଳେ ଚଳିତ ବର୍ଷ ଦଳୀୟ ପ୍ରାର୍ଥୀଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଚଳିତ ନିର୍ବାଚନରେ ବିଜେପି, କଂଗ୍ରେସ ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ଗତ ନିର୍ବାଚନରେ ଜିଲ୍ଲାର ୯ଟି ଆସନରୁ ୩ଟିରେ ବିଜେଡି ବିଜୟୀ ହୋଇଥିଲା। ସେଥିମଧ୍ୟରୁ କରଞ୍ଜିଆ ଆସନ ଅନ୍ୟତମ। ଏଣୁ ଚଳିତ ବର୍ଷ ବିଜେଡି ପ୍ରାର୍ଥୀ ବାସନ୍ତୀ ହେମ୍ବ୍ରମଙ୍କ ପାଇଁ ଏହା ସମ୍ମାନର ପ୍ରଶ୍ନ ହୋଇଛି। ଗତ ୨୦୧୯ ନିର୍ବାଚନାରେ ବାସନ୍ତୀ ବିଜେଡିରୁ ଟିକଟ ପାଇଁ ପ୍ରଥମ ଥର ପାଇଁ ବିଧାୟକ ହୋଇ ମନ୍ତ୍ରୀ ହୋଇଥିଲେ। ତେବେ ଚଳିତ ବର୍ଷ ଶେଷ ମହୂର୍ତ୍ତରେ ସେ ଟିକଟ ପାଇଥିବାରୁ ତାଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ବାସନ୍ତୀଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେପିର ପଦ୍ମଚରଣ ହାଇବ୍ରୁରୁ ଅନେକ ବିଫଳତା ମଧ୍ୟରେ ଜିତିବାର ସ୍ୱପ୍ନ ଦେଖୁଛନ୍ତି। ସେହିଭଳି ଗତ ୩ଟି ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ହୋଇଛି। ଚଳିତ ବର୍ଷ ଜଣେ ଯୁବ ଶିକ୍ଷିତ ପ୍ରାର୍ଥୀଙ୍କୁ ନେଇ ରାଜନୈତିକ ବୈତରଣୀ ପାର ହେବାକୁ ଚେଷ୍ଟା କରୁଛି। ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି, ଚଳିତବର୍ଷ ବିଜୟ ନାୟକ ଟିକଟ ଦୌଡରେ ଥିଲେ; ହେଲେ ତାଙ୍କୁ ଟିକଟ ନ ମିଳିବାରୁ ସ୍ୱାଧୀନଭାବେ ଲଢିବେ ବୋଲି କହିଛନ୍ତି। ସେ ପୂର୍ବରୁ ବିଜେଡିରୁ ବିଧାୟକ ଥିଲେ। ତେଣୁ ଏହି ନିର୍ବାଚନରେ ସେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ବିଜେଡିର ଆଦର୍ଶ, ନୀତି ନିୟମ, ନବୀନ ବାବୁଙ୍କ ଭାବମୂର୍ତ୍ତି, ରାଜ୍ୟର ବିକାଶ ଧାରା ଜାରି ରହିଥିବାର ଯୋଜନାକୁ ପାଥେୟ କରି ବାସନ୍ତୀ ନିର୍ବାଚନ ମଇଦାନକୁ ଓହ୍ଲାଇ ଥିବାବେଳେ ସେ ପ୍ରଚାରରେ ବହୁ ଆଗରେ ରହିଛନ୍ତି। ଗତ ପଞ୍ଚାୟତ ଓ ଏନଏସି ନିର୍ବାଚନରେ ବିଜେଡି ବାସନ୍ତୀଙ୍କ ନେତୃତ୍ୱରେ ଉଲ୍ଲେଖନୀୟ ସଫଳତା ପାଇଥିଲା। ପ୍ରତ୍ୟେକ ସରକାରୀ ଯୋଜନାକୁ ଏଠାରେ କାର୍ଯ୍ୟକାରୀ କରିବାର ଦକ୍ଷତା, ମିଶନ ଶକ୍ତିଠୁ ଆରମ୍ଭ କରି ବିଭିନ୍ନ ଯୋଜନାକୁ



ଲୋକଙ୍କ ପାଖରେ ପହଞ୍ଚାଇବା ତାଙ୍କ ଲୋକପ୍ରିୟତାକୁ ସୂଚାଉଛି। ସେ ଜଣେ ଦକ୍ଷ ସଂଗଠକ ଭାବେ ପ୍ରମାଣ କରିଛନ୍ତି। ରାଜନୈତିକ ଅଭିଜ୍ଞତା ଦୃଷ୍ଟିରୁ ବାସନ୍ତୀ ସମସ୍ତ ପ୍ରାର୍ଥୀଙ୍କଠାରୁ ସର୍ବାଗ୍ରେ ରହିଛନ୍ତି। ସେ ଏକ ରାଜନୈତିକ ପରିବାରରୁ ଆସିଥିବାରୁ ଲୋକଙ୍କ ପାଖରେ ପରିଚିତ ହୋଇପାରିଛନ୍ତି। ଶୁକୁଳି ବ୍ଲକରୁ ଏକାଧିବାର ପଞ୍ଚାୟତ ନିର୍ବାଚନରେ ଜିତି ଲୋକଙ୍କ ସେବା କରି ଆସିଛନ୍ତି। ସେ ଦକ୍ଷତାର ସହିତ ପଞ୍ଚାୟତ ସମିତିକୁ ପରିଚାଳନା କରିଥିବାରୁ ବାସନ୍ତୀଙ୍କ ରାଜନୈତିକ ଦକ୍ଷତା ଅଧିକ ବୋଲି କୁହାଯାଇଛି। ଏହାଛଡା ବାସନ୍ତୀଙ୍କ ପଛରେ ଦଳୀୟ ସଂଗଠନ ମଧ୍ୟ ରହିଛି। ତେଣୁ ବିଭିନ୍ନ ଦୃଷ୍ଟିରୁ ବିଚାର କଲେ ବତ୍ତର୍ମାନ ବାସନ୍ତୀ ପ୍ରଚାରରେ ବେଶ ଆଗୁଆ ରହିଛନ୍ତି। ପୂର୍ବରୁ ବିଭିନ୍ନ ସରକାରୀ କାର୍ଯ୍ୟରେ ଲୋକଙ୍କ ପାଖକୁ ଯାଇ ପରିଚିତ ହୋଇଥିବାରୁ ଏହା ନିର୍ବାଚନ ପ୍ରଚାରରେ ବେଶ ସହଜ ହେବ। ବାସନ୍ତୀ ନିର୍ବାଚିତ ହେଲେ ପୁଣି ମନ୍ତ୍ରୀ ପଦା ପାଇବେ ଏହା ଅଞ୍ଚଳର ସମ୍ମାନ ପ୍ରଶ୍ନ ହୋଇଥିବାରୁ କର୍ମୀମନେ ବହୁତ ଉତ୍ସାହିତ। ମନୋନୟନ ପତ୍ର ଦାଖଲ ସମୟରେ ୧୦ ହଜାରରୁ ଊର୍ଦ୍ଧ୍ୱ ସମର୍ଥଙ୍କୁ ନେଇ ଶକ୍ତିପ୍ରଦର୍ଶନ କରିଥିଲେ। ତେଣୁ ବାସନ୍ତୀ ଚଳିତ ନିର୍ବାଚନରେ ସଫଳତା ପାଇବେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

## ■ ନୀଳଗିରିରେ ବଦଳିଛି ପ୍ରାର୍ଥୀଙ୍କ ଶିବିର

# ପୁଣି ସୁକାନ୍ତ-ସନ୍ତୋଷଙ୍କ କଡ଼ା ଟକ୍କର

**ବାଲେଶ୍ୱର,୮।୫(ସମିସ):** ବାଲେଶ୍ୱର ଜିଲ୍ଲାର ସମ୍ମାନଜନକ ବିଧାନସଭା ଆସନ ହେଉଛି ନୀଳଗିରି। ପ୍ରାର୍ଥୀ ଚୟନକୁ ନେଇ ନୀଳଗିରିରେ ଲାଗି ରହିଥିବା ରାଜନୈତିକ ଦଳଗୁଡ଼ିକରେ ଛକାପଞ୍ଝା ସାରା ରାଜ୍ୟରେ ଚର୍ଚ୍ଚା ପରିସରକୁ ଆସିଥିଲା। ବିଜେପି ଛାଡ଼ି ପୁଣି ବିଜେଡି ଶିବିରକୁ ଫେରିଥିବା ବିଧାୟକ ସୁକାନ୍ତ କୁମାର ନାୟକଙ୍କୁ ଦଳ ପ୍ରାର୍ଥୀ ଘୋଷଣା କରିବା ପରେ ନିର୍ବାଚନ ମଣ୍ଡଳୀର ରାଜନୈତିକ ସ୍ଥିତି ହଠାତ୍ ସରଗରମ ହୋଇଯାଇଥିଲା। ୨୦୧୯ ନିର୍ବାଚନରେ ବିଜେଡିର ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ଦଳ ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ବିଜେପି ତାଙ୍କୁ ନୀଳଗିରି ପ୍ରାର୍ଥୀ ଘୋଷଣା କରିବା ପରେ କଂଗ୍ରେସ ମଧ୍ୟ ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟଙ୍କୁ ପ୍ରାର୍ଥୀ କରିଛି। ବିଜେଡି ଓ ବିଜେପି ଦଳରୁ ଗତ ଥରର ଦୁଇ ପ୍ରତିଦ୍ୱନ୍ଦ୍ୱୀ ନିର୍ବାଚନୀ ମଇଦାନରେ ମୁହାଁମୁହିଁ ଲଢ଼ିବାକୁ ଯାଉଛନ୍ତି। ଯଦିଓ ସେମାନଙ୍କର ରାଜନୈତିକ ଶିବିର ପରିବର୍ତ୍ତନ ହୋଇଛି ଭୋଟର ସେମାନଙ୍କ ଆଗାମୀ ନେତା ଚୟନ କରିବେ। ପୁଣି ୨୦୧୯ ଭଳି ସୁକାନ୍ତ ଓ ସନ୍ତୋଷଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଅନ୍ୟ ରାଜନୈତିକ ଦିଗରୁ ନୀଳଗିରି ନିର୍ବାଚନ ମଣ୍ଡଳୀ ହେଉଛି ବିଜେପି ଲୋକସଭା ପ୍ରାର୍ଥୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀ। ତେଣୁ ପ୍ରତାପଙ୍କ ପାଇଁ ନୀଳଗିରି ଆସନ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ ବିଜେଡି ଲୋକସଭା ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ଘର ମଧ୍ୟ ଏହି ନିର୍ବାଚନ ମଣ୍ଡଳୀରେ ହୋଇଥିବାରୁ ବିଜେଡି ଅଧିକରୁ ଅଧିକ ଭୋଟ ନେବାକୁ ଚେଷ୍ଟା ଚଳାଇଛି। ଏଭଳି ପରିବର୍ତ୍ତିତ ପରିସ୍ଥିତିରେ ଭୋଟରଙ୍କ ଗତି କ'ଣ ରହୁଛି, ସେ ଉପରେ ପ୍ରାର୍ଥୀ ଓ କର୍ମୀ ତିକ୍ଷ୍ଣ ନଜର ରଖିଛନ୍ତି।

୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ନୀଳଗିରି ନିର୍ବାଚନ ମଣ୍ଡଳୀରୁ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିଧାୟକ ଥିଲେ। ୨୦୧୪ରୁ ୨୦୨୪ ପର୍ଯ୍ୟନ୍ତ ସୁକାନ୍ତ ନାୟକ ବିଧାୟକ ରହି ଆସୁଛନ୍ତି। ୨୦୧୪ରେ ବିଜେଡିରୁ ସୁକାନ୍ତ ପ୍ରଥମ ଥର ଜିତିଥିଲେ, କିନ୍ତୁ ୨୦୧୯ରେ ସୁକାନ୍ତ ଦଳ ପରିବର୍ତ୍ତନ କରି ବିଜେପିରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ୨୦୧୪ ନିର୍ବାଚନରେ ବିଜେଡି, ବିଜେପି ଓ କଂଗ୍ରେସ ମଧ୍ୟରେ ଭୋଟ ବିଭାଜନ ହେବାରୁ ବିଜେଡି ବାଜି ମାରିଥିଲା। ବିଜେଡିର ସୁକାନ୍ତଙ୍କୁ ୩୫.୯୬% ପାଇଥିବା ବେଳେ ବିଜେପିର ସୁଷମା ବିଶ୍ୱାଳଙ୍କୁ ୨୬.୨୧% ଓ କଂଗ୍ରେସର କାର୍ତ୍ତିକ ମହାପାତ୍ରଙ୍କୁ ୨୩% ଭୋଟ୍ ମିଳିଥିଲା। କିନ୍ତୁ ୨୦୧୯ ନିର୍ବାଚନରେ ବିଜେପିରୁ ପ୍ରାର୍ଥୀ ଥିବା ସୁକାନ୍ତଙ୍କୁ ୬୯, ୫୧୭ ଭୋଟ୍ ସହ ୪୪.୩୪% ଭୋଟ୍ ପାଇଥିବା ବେଳେ ବିଜେଡିର ସନ୍ତୋଷ ଖଟୁଆଙ୍କୁ ୬୭, ୯୪୦ ଖଣ୍ଡ ଭୋଟ୍ ସହ ୪୩.୩୩% ଭୋଟ୍ ପାଇଥିଲେ। ବିଜୟ ବ୍ୟବଧାନ ମାତ୍ର ୧୫୭୭ ଖଣ୍ଡ ଭୋଟ୍ ଅର୍ଥାତ୍ ୧% ଭୋଟ୍‌ରେ ବିଜେପି ଏହି ଆସନକୁ ବିଜେଡି ଠାରୁ ଛଡ଼ାଇ ନେଇଥିଲା। ନୀଳଗିରିରେ ୨୦୨୪ ନିର୍ବାଚନ ବେଶ୍ ରୋଚକପୂର୍ଣ୍ଣ ହେବାକୁ ଯାଉଥିବା ବେଳେ ବିରୋଧୀ କଂଗ୍ରେସ ଓ ବାମପନ୍ଥୀ ପ୍ରାର୍ଥୀଙ୍କ ଭୋଟ ବିଭାଜନ ଉପରେ ସମସ୍ତଙ୍କ ନଜର ରହିଛି। ୧୯୮୦ ମସିହାରେ କଂଗ୍ରେସରୁ ଜିତିଥିବା ଅକ୍ଷୟ କୁମାର ଆଚାର୍ଯ୍ୟଙ୍କୁ ପୁଣି ଦଳ ଟିକଟ୍ ଦେଇଛି। କଂଗ୍ରେସରୁ ଟିକଟ୍ ଆଶାୟୀ ଥିବା ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଦଳ ଛାଡ଼ିଥିବା ବେଳେ କଂଗ୍ରେସ ଭୋଟ୍ ବିଭାଜନର ସମ୍ଭାବନା ରହିଛି। ସେହିପରି ଏକଦା ବାମପନ୍ଥୀଙ୍କ ଗଡ଼ ଥିବା ନୀଳଗିରିରେ ଚଳିତ ନିର୍ବାଚନରେ ସିପିଆଇରୁ ଅଜୟ କୁମାର ପଟ୍ଟନାୟକ ଏବଂ ସିପିଆଇ(ଏମ୍)ରୁ ଯୋଗାନନ୍ଦ ଦାଶ ପ୍ରାର୍ଥୀ ହୋଇଥିବାରୁ ପୁଣି ଆଉ ଏକ ଭୋଟ୍ ବିଭାଜନ ହେବାର ସମ୍ଭାବନା ରହିଛି। ବିଜେପି ଓ ବିଜେଡି ମଧ୍ୟରେ ହେଉଥିବା କଡ଼ା ଟକ୍କର ମଧ୍ୟରେ କଂଗ୍ରେସ, ସିପିଆଇ ଓ ସିପିଆଇ(ଏମ୍) ଭୋଟ ଉପରେ ସବୁ ପ୍ରାର୍ଥୀଙ୍କ ନଜର ରହିବ।





**କଂଗ୍ରେସ ଓ ବାମପନ୍ଥୀ ଭୋଟ ବିଭାଜନ ଉପରେ ନଜର**

## ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଜମୁଛି ପ୍ରଚାର

# ନିର୍ଣ୍ଣାୟକ ଭୂମିକାରେ ସହରୀ ଭୋଟର

**ଜୟପୁର,୮।୫(ସମିସ):** କୋରାପୁଟ ଜିଲ୍ଲାରେ ହେବାକୁ ଥିବା ବିଧାନସଭା ଓ ଲୋକସଭା ନିର୍ବାଚନକୁ ଆଉ ମାତ୍ର ୫ ଦିନ ବାକିଥିବା ବେଳେ ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଏବେ ଜୋର୍ ଧରିବାରେ ଲାଗିଛି ତିନି ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଅଭିଯାନ। ବିଭିନ୍ନ ପ୍ରସଙ୍ଗ ନେଇ ବିଧାୟକ ପ୍ରାର୍ଥୀ ଲୋକଙ୍କ ନିକଟରେ ପହଞ୍ଚି ନିଜ ପାଇଁ ପ୍ରଚାର କରୁଥିବା ବେଳେ ନିର୍ବାଚନମଣ୍ଡଳୀରେ ସହରୀ ଭୋଟରଙ୍କ ମତଦାନ ନିର୍ଣ୍ଣାୟକ ଭୂମିକା ନେଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। କୋରାପୁଟ ଜିଲ୍ଲାର ଅଣସଂରକ୍ଷିତ ଜୟପୁର ବିଧାନସଭା ମଣ୍ଡଳୀର ନିର୍ବାଚନ ଓ ଫଳାଫଳକୁ ନେଇ ସର୍ବଦା ଅବିଭକ୍ତ କୋରାପୁଟ ଜିଲ୍ଲାର ସାଧାରଣ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଅଧିକ ରହିଥାଏ। ତେଣୁ ଏହି ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀ ରାଜ୍ୟର ଏକ ପ୍ରମୁଖ ନିର୍ବାଚନମଣ୍ଡଳୀ ଭାବେ ପରିଗଣିତ ହୋଇଥାଏ। ଜୟପୁର ପୌରାଞ୍ଚଳର ୨୮ଟି ୱାର୍ଡ, ଜୟପୁର ବ୍ଲକର ସମସ୍ତ ୨୨ଟି ଗ୍ରାମପଞ୍ଚାୟତ ଏବଂ ବୋରିଗୁମ୍ମା ବ୍ଲକର ୧୯ଟି ଗ୍ରାମ ପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ଏଠାରୁ ନିର୍ବାଚିତ ପ୍ରାର୍ଥୀମାନେ ବିଭିନ୍ନ ସମୟରେ ଶାସକ ଦଳର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ବେଳେ ବିରୋଧୀ ଦଳରେ ରହିଥିଲେ ସୁଦ୍ଧା ସେମାନଙ୍କ ସମ୍ମାନ ଓ ପଦ ଉଚ୍ଚ ରହିଥାଏ। ତେଣୁ ଏହି ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀଙ୍କୁ ବିଜୟୀ କରାଇବାରେ ଜୟପୁର ପୌରସଂସ୍ଥାର ଭୋଟରଙ୍କ ମୁଖ୍ୟ ଭୂମିକା ରହିଥାଏ। ଗତଦିନରେ ସମସ୍ତ ବିଧାନସଭା ନିର୍ବାଚନର ମତଦାନକୁ ଅନୁମାନ କରାଗଲେ, ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀଙ୍କ ବିଜୟରେ ସହରାଞ୍ଚଳ ଭୋଟରଙ୍କ ମତଦାନ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା ସ୍ପଷ୍ଟ ଜଣାପଡୁଛି।

ଚଳିତ ବର୍ଷ ମଧ୍ୟ ଜୟପୁର ସହରର ଭୋଟରମାନଙ୍କ ମତଦାନ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସ୍ଥାନୀୟ କିଛି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଗତବର୍ଷ ଜୟପୁର ସହରର ୨୮ଟି ୱାର୍ଡରୁ କଂଗ୍ରେସ ସର୍ବାଧିକ ୧୬ ହଜାର ଭୋଟ ପାଇଥିବା ବେଳେ ବିଜେପି ୧୩ ହଜାର ଏବଂ ବିଜେଡି ୮ ହଜାର ଭୋଟ ପାଇଥିଲେ। ତେଣୁ ଉଭୟ ବିଜେଡି ଓ କଂଗ୍ରେସ ଚଳିତବର୍ଷ ସହରର ବିଜେପି ଭୋଟକୁ ହାତେଇବା ପାଇଁ ଯୋଜନାବଦ୍ଧ ପ୍ରୟାସ ଆରମ୍ଭ କରିଛନ୍ତି। ତେଣୁ ସେମାନେ ପ୍ରଚାର ପ୍ରସାରକୁ ଜୋରଦାର କରିବା ସହିତ ନିଜ ନିଜ ଦଳରେ ମିଶ୍ରଣ ପର୍ବ ବର୍ତ୍ତମାନ ସୁଦ୍ଧା ଜାରି ରଖିଛନ୍ତି। ଜୟପୁର ପୌରାଞ୍ଚଳରେ ୬୪ ହଜାର ୬୯୫ ଜଣ ଭୋଟର ରହିଥିବା ବେଳେ ସେଥିରୁ ପ୍ରାୟ ୬ ହଜାର ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ଭୋଟରଙ୍କ (୯୦%) ଭୋଟ୍ କଂଗ୍ରେସ ସପକ୍ଷରେ ଗତ ନିର୍ବାଚନରେ ଯାଇଥିଲା। ଚଳିତ ବର୍ଷ ଜେଇଏଲସିର ସମ୍ପାଦକ ତଥା ପୂର୍ବତନ କାଉନସିଲର ପ୍ରଫୁଲ୍ଲ ଭତ୍ରା କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ଯୋଗୁଁ ଏହି ସମ୍ପ୍ରଦାୟର ଭୋଟ୍ ଉଭୟ କଂଗ୍ରେସ ଓ ବିଜେଡି ମଧ୍ୟରେ ଭାଗ ଭାଗ ହେବାର ଆଶଙ୍କା ରହିଥିବା ସାଧାରଣରେ ଆଲୋଚନା ହେଉଛି। ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ମୁଖ୍ୟତଃ କଂଗ୍ରେସର ଜୟପୁର ବିଧାୟକ ତଥା ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି, ବିଜେଡିର ବରିଷ୍ଠ ମହିଳା ନେତ୍ରୀ ଡ. ଇନ୍ଦିରା ନନ୍ଦ, ବିଜେପିର ବିଧାୟକ ପ୍ରାର୍ଥୀ ଗୌତମ ସାମନ୍ତରାୟଙ୍କ ମଧ୍ୟରେ ହେବ। ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କ ସମେତ ଅନ୍ୟାନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ସମୁଦାୟ ୧୧ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ଆସନ୍ତା ୧୩ ତାରିଖରେ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ମତ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ। କିନ୍ତୁ ଜୟପୁର ଭୋଟରଙ୍କ ଆକଳନ ଅନୁଯାୟୀ, ଲଢ଼େଇ ମୁଖ୍ୟତଃ କଂଗ୍ରେସ ଓ ବିଜେଡି ମଧ୍ୟରେ ହେବା ନିଶ୍ଚିତ ହୋଇଛି। ବିଜେଡି ଓ କଂଗ୍ରେସ ମଧ୍ୟରେ ଲଢ଼େଇ ହେଲେ ସୁଦ୍ଧା ଏଥିରେ ବିଜେପି ଭୋଟରଙ୍କ ଭୋଟ୍ ଉଭୟଙ୍କ ପାଇଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଗତ ନିର୍ବାଚନରେ ବିଧାୟକ ଶ୍ରୀ ବାହିନୀପତି ବିଜୟୀ ହୋଇଥିବା ବେଳେ ବିଜେଡି ପ୍ରାର୍ଥୀ ତଥା ବରିଷ୍ଠ ସଦସ୍ୟ ରବି ନାରାୟଣ ନନ୍ଦ ପରାଜିତ ହୋଇଥିଲେ। ବିଜେପି ପ୍ରାର୍ଥୀ ତୃତୀୟ ସ୍ଥାନରେ ରହିଥିଲେ। ଏଥର ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୧୧ ହଜାର ୯୦୮ ଭୋଟର ରହିଛନ୍ତି। ସେଥିମଧ୍ୟରୁ ୧ ଲକ୍ଷ ୩ ହଜାର ୬୦୯ ଜଣ ପୁରୁଷ ଏବଂ ୧ ଲକ୍ଷ ୧୦ ହଜାର ୧୮୧ ଜଣ ମହିଳା ଓ ୩୪ ଜଣ କିନ୍ନର ଭୋଟର ରହିଛନ୍ତି। ୨୦୧୯ ବିଧାନସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଶ୍ରୀ ବାହିନୀପତି ୫୯ ହଜାର ୭୮୫ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିଲେ। ସେହିପରି ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ୫୪ ହଜାର ୩୩୪ ଖଣ୍ଡ ଭୋଟ୍ ପାଇଥିବା ବେଳେ ୫୪୫୧ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ବିଜେପି ପ୍ରାର୍ଥୀ ଶ୍ରୀ ସାମନ୍ତରାୟ ୨୦୧୯ରେ ବିଜେପି ପ୍ରାର୍ଥୀ ହୋଇ ୩୩ ହଜାର ୮୦୫ ଖଣ୍ଡ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଥିଲେ।







## ୯ ଛତିଶଗଡ଼ୀ ମାଓବାଦୀଙ୍କ ଆତ୍ମସମର୍ପଣ



ବୌଦ୍ଧ, ୮।୫(ସମିସ): ସାଧାରଣ ନିର୍ବାଚନ ପୂର୍ବରୁ ବୌଦ୍ଧ ପୁଲିସକୁ ଏକ ବଡ ସଫଳତା ମିଳିଛି। ବୌଦ୍ଧରେ ଦକ୍ଷିଣାଞ୍ଚଳ ପୁଲିସ ଆଇଜି ଜୟ ନାରାୟଣ ପଙ୍କଜଙ୍କ ଉପସ୍ଥିତିରେ ୯ ଜଣ ଦୁର୍ଦ୍ଦାନ୍ତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏ ସମ୍ପର୍କରେ ବୌଦ୍ଧ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆଇଜି ପଙ୍କଜ ସବିଶେଷ ସୂଚନା ଦେଇଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୨ ଜଣ ମହିଳା ମାଓବାଦୀ ଏବଂ ୭ ଜଣ ପୁରୁଷ ମାଓବାଦୀ ଥିବା ବେଳେ ସମସ୍ତେ ଛତିଶଗଡ଼ ଦନ୍ତେୱାଡା ଅଞ୍ଚଳର। ଦୁଇ ମହିଳା ମାଓବାଦୀ ହେଲେ ଯୋଗୀ ମାଧବୀ ଓ ପୋଜେ ମାଧବୀ। ସେହିଭଳି ୭ ପୁରୁଷ ମାଓବାଦୀ ହେଲେ ଭୀମା କାଡ଼ଟି, ଭିମା ବଞ୍ଜମ୍, ବାଣ୍ଡି ବଞ୍ଜମ, ଅର୍ମା ରାବା, ମଲ୍ଲ ମାଡବୀ, ଦେବ କାଡଟି ଓ ଅୟତ ମାଡ଼ବି। ଏଥିମଧ୍ୟରୁ ଜଣେ ମହିଳା ମାଓବାଦୀ ଯୋଗି ମାଧବୀ ବୌଦ୍ଧ ଜିଲ୍ଲାରେ ସକ୍ରିୟ ଥିବା କେକେବିଏନ ଡିଭିଜନର ମୁଖ୍ୟଙ୍କ ପତ୍ନୀ ସିଲାର ସୁରକ୍ଷା କର୍ମୀ ଭାବେ କାମ କରୁଥିଲା। ଏ ସମସ୍ତେ ୨୦୨୦ରେ ମାଓବାଦୀ ସଂଗଠନରେ ସାମିଲ ହୋଇଥିଲେ। ସେବେଠାରୁ କେକେବିଏନ ସଂଗଠନରେ ପାର୍ଟି ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। କମ୍ ବୟସରୁ ଏମାନଙ୍କୁ ପ୍ରବର୍ତ୍ତାଇ ଏହି ସଂଗଠନରେ ସାମିଲ କରାଯାଇଥିଲା। ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟରେ ସମ୍ପୃକ୍ତ କରାଯିବା ସହ ଝିଅମାନଙ୍କୁ ଯୌନ ନିର୍ଯାତନା ମଧ୍ୟ ଦିଆଯାଉଥିଲା। ପୁଲିସ ସହିତ ବାରମ୍ବାର ମୁହାଁମୁହିଁ ହେବା ସହ କିଛି ମାଓବାଦୀ ନିହତ ହେବା ପରେ ଏମାନେ ମୁଖ୍ୟସ୍ରୋତକୁ ଫେରିବା ପାଇଁ ସ୍ଥିତ କରିଥିଲେ। ଶେଷରେ ଆତ୍ମସମର୍ପଣ କରିଛନ୍ତି। ଏମାନେ ଉଭୟ ଛତିଶଗଡ଼ ଏବଂ ଓଡ଼ିଶାର ଅନେକ ହିଂସାକାଣ୍ଡ ଘଟଣାରେ ଜଡିତ ଥିବା ମଧ୍ୟ ସୂଚନା ମିଳିଛି। ତଦନ୍ତ ପରେ ଏମାନେ କେଉଁ କେଉଁ ଘଟଣାରେ ଜଡ଼ିତ ଥିଲେ ସେ ନେଇ ସ୍ପଷ୍ଟ ହେବ ବୋଲି ଦକ୍ଷିଣାଞ୍ଚଳ ଆଇଜି ଜୟ ନାରାୟଣ ପଙ୍କଜ ସୂଚନା ଦେଇଛନ୍ତି। ଏମାନଙ୍କୁ ସରକାରଙ୍କ ଥଇଥାନ ଯୋଜନା ଅନୁସାରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଏମାନେ ଏଣିକି ଯେପରି ସାଧାରଣ ଜୀବନଯାପନ କରିପାରିବେ ସେ ନେଇ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଏସ୍ପି ରାଜ ପ୍ରସାଦ କହିଛନ୍ତି।

## ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ

ପୁରୀ, ୮।୫(ସମିସ): ପ୍ରତି ଅମାବାସ୍ୟାରେ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥାନ୍ତି। ବୁଧବାର ବୈଶାଖ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସକାଳ ଧୂପ ପରେ ଅମାବାସ୍ୟା ନାରାୟଣ ସାଗର ବିଜେ କରିଥିଲେ। ମହାଜନ ସେବକ ଅମାବାସ୍ୟା ନାରାୟଣଙ୍କୁ ହାତରେ ଧରି ପାଲିଙ୍କିରେ ବିଜେ କରାଇଥିଲେ। ପାଲିଙ୍କି ସିଂହଦ୍ୱାର ଦେଇ ସ୍ୱର୍ଗଦ୍ୱାର ସମୁଦ୍ରକୂଳରେ ବିଜେ କରାଯାଇଥିଲା। ସେଠାରେ ସାଗର ବିଜେ ନୀତି ଅନୁଷ୍ଠିତ ହୋଇଥିଲା। ଗରାବଡୁ ସେବକ ରୁପା ପିଙ୍ଗଣରେ ସମୁଦ୍ର ଜଳ ଆଣି ପଣ୍ଡାଙ୍କୁ ଦେବା ପରେ ତାହାକୁ ସଂସ୍କାର କରାଯାଇ ଠାକୁରଙ୍କୁ ଲାଗି କରାଯାଇଥିଲା। ସାବତ ନିଯୋଗ ପକ୍ଷରୁ ପଣା ଭୋଗ, କର୍ପୂର ଆଳତି, ବନ୍ଦାପନା, ସଞ୍ଜ କାହାଳୀ ଆଳତି ପରେ ବିମାନବଡୁ ସେବକମାନେ ଠାକୁରଙ୍କୁ ପାଲିଙ୍କିରେ ନେଇ ଜମେଶ୍ୱର ମହାଦେବଙ୍କ ମନ୍ଦିର ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା।



## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ, ୮।୫(ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ୫ଟା ୧୦ରେ ଦ୍ୱିପ୍ରହର ଧୂପ ସରିବା ପରେ ୫ଟା ୫୫ରେ ପହୁଡ଼ ଆଳତି ହୋଇଥିଲା। ସନ୍ଧ୍ୟା ୬ଟା ୧୦ରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୁତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲେ। ଦତ୍ତମହାପାତ୍ର ସେବକମାନେ ସ୍ୱସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ବୌଦ୍ଧ-ଚମ୍ପାପୁର ରେଳ ସେକ୍ସନ ନିର୍ମାଣ କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର, ୮।୫(ସମିସ): ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ମହେଶ କୁମାର ବେହେରା ଆଜି ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ବୌଦ୍ଧ-ଚମ୍ପାପୁର ରେଳ ସେକ୍ସନର କାର୍ଯ୍ୟର ନିରୀକ୍ଷଣ କରିଛନ୍ତି। କାର୍ଯ୍ୟ ଅଗ୍ରଗତିର ସମୀକ୍ଷା କରି ପ୍ରକଳ୍ପର ଠିକ ସମୟରେ କାର୍ଯ୍ୟ ଶେଷ କରିବା ଏବଂ ପ୍ରସ୍ତାବିତ ଷ୍ଟେସନରେ ଯାତ୍ରୀଙ୍କ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ରେଳ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ପ୍ରକଳ୍ପର ମୋଟ ଦୈର୍ଘ୍ୟ ୩୦୧ କିମି ମଧ୍ୟରୁ ମୋଟ ୧୫୨.୮୦୫ କିମି ରେଳ ଲାଇନ କାର୍ଯ୍ୟକ୍ଷମ ହୋଇସାରିଛି। ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କିମି ଏବଂ ବଲାଙ୍ଗିରରୁ ସୋନପୁର ପର୍ଯ୍ୟନ୍ତ ୪୭ କିଲୋମିଟର ରେଳ ଲାଇନ କାର୍ଯ୍ୟକ୍ଷମ ହୋଇସାରିଛି। ଖୋର୍ଦ୍ଧା ରୋଡ-ବଲାଙ୍ଗିର ପ୍ରକଳ୍ପରେ ରେଳ ଲାଇନ ନିର୍ମାଣ କାର୍ଯ୍ୟରେ ଆଶାତୀତ ଅଗ୍ରଗତି ହୋଇଛି। ସୋନପୁର-ପୁରୁଣାପାଣି-ଝରମୁଣ୍ଡା-ବୌଦ୍ଧ ମଧ୍ୟରେ ପ୍ରାୟ ୨୨ କିମି ରେଳ ଲାଇନ ନିର୍ମାଣ କାର୍ଯ୍ୟ ସମାପ୍ତ ହେଇସାରିଥିବାବେଳେ ଏହି ମାର୍ଗରେ ସଫଳତାର ସହ ଇଞ୍ଜିନ ଗଡ଼ିବା ଏବଂ ପରୀକ୍ଷଣ କାର୍ଯ୍ୟ ମଧ୍ୟ କରାଯାଇଛି।

## ୫୪.୭୫ଲକ୍ଷ କ୍ରିପ୍ଟୋ ନିବେଶ ଠକେଇ ଘଟଣାରେ ୩ ଗିରଫ

କଟକ, ୮।୫(ସମିସ): କ୍ରିପ୍ଟୋ ନିବେଶ ସହ ଜଡିତ ସାଇବର ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଦୁଇ ଫିଣ୍ଟେକ୍ କମ୍ପାନୀର ତିନି ନିର୍ଦ୍ଦେଶକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ର ସୁମିତ କୁମାର ଦାସ ଏବଂ ଅମୀୟ ରଞ୍ଜନ ଶତପଥୀ ଏବଂ ଛତିଶଗଡ଼ ଭିଲାଇର ସିଦ୍ଧାର୍ଥ ଶତପଥୀ। ସୁମିତ ଏବଂ ଅମିୟ ଏକ ଫିଣ୍ଟେକ୍ କମ୍ପାନୀ ପେଇନକ ଏବଂ ସିଦ୍ଧାର୍ଥ ଆଉ ଏକ କମ୍ପାନୀ ଫିନପେର ନିର୍ଦ୍ଦେଶକ ଭାବେ ରହିଥିଲେ। ସେମାନେ ଏହି ଠକ କମ୍ପାନୀ ଗୁଡିକ ଚଳାଉଥିଲେ ଏବଂ ସାଇବର ଅପରାଧୀଙ୍କ ଆକାଉଣ୍ଟକୁ ଶୀଘ୍ର ଟଙ୍କା ଟ୍ରାନ୍ସଫର କରି ସାଇବର ଠକେଇର ସୂତ୍ରଧର ସାଜିଥିଲେ। ଜଣେ ଅଭିଯୋଗକାରୀ ଗତ ୨୦୨୩ ମେ ୫ରେ ସାଇବର ଅପରାଧ ଶାଖାରେ ଠକେଇର ଶିକାର ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ଏକ ୟୁଟ୍ୟୁବ ଚାନେଲ ସବସ୍କ୍ରାଇବ କରିବା ପରେ ସମ୍ପୃକ୍ତ ଅଭିଯୋଗକାରୀ ଜଣକ ଉଚ୍ଚ ରିଟର୍ଣ୍ଣ ପାଇବା ଆଶାରେ ସାଇବର ଅପରାଧିଙ୍କ ପୁଞ୍ଜିନିବେଶ ଜାଲରେ ପଡ଼ିଥିଲେ। ସାଇବର ଅପରାଧିମାନେ ତାଙ୍କୁ ଟେଲିଗ୍ରାମରେ ଅଧିକ

**ଟୋଲ୍ ଫ୍ରି ନମ୍ବର ୧୯୩୦କୁ ଡାଏଲ୍ କରିବାକୁ କ୍ରାଇମବ୍ରାଞ୍ଚର ପରାମର୍ଶ**

ଅର୍ଥ ପାଇବା ଲୋଭ ଦେଖାଇ ବାରମ୍ବାର ମେସେଜ ପଠାଇ ଚାଲିଥିଲେ। ପରେ ଅଧିକ ଅର୍ଥ ପାଇବା ଆଶାରେ ଅଭିଯୋଗକାରୀ ଜଣକ ୨୦୨୩ ମେ୬ରୁ ୨୩ ତାରିଖ ମଧ୍ୟରେ ୫୪ଲକ୍ଷ ୭୫ ହଜାର ଟଙ୍କା ଜମା କରିଥିଲେ। ତେବେ କୌଣସି ଟଙ୍କା ରିଟର୍ଣ୍ଣ ଆକାରରେ ଫେରସ୍ତ ନ ପାଇ ଅଭିଯୋଗକାରୀ କ୍ରାଇମବ୍ରାଞ୍ଚର ସାଇବର ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। ଇନ୍ସପେକ୍ଟର ଗୀତାଞ୍ଜଳି ଜେନାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ଟିମ୍ ଏହାର ଅନୁସନ୍ଧାନ କରିଥିଲା। ଉପରୋକ୍ତ ଅଭିଯୋଗ ବାଦ ସମ୍ପୃକ୍ତ କମ୍ପାନୀ ଫିନପେ ଓ ପେଇନକର ବ୍ୟାଙ୍କ ଆକାଉଣ୍ଟ ବିରୋଧରେ ୨୬ଟି ପୂର୍ବରୁ ଅଭିଯୋଗ ପଞ୍ଜିକୃତ ହୋଇଥିବା ନେଇ ନିକଟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ଅନଲାଇନ୍ ନିବେଶ କାର୍ଯ୍ୟକଳାପରେ ନିୟୋଜିତ ହେବା ସମୟରେ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ଏବଂ ଆର୍ଥିକ ସେବା ପ୍ରଦାନ କରୁଥିବା ସଂସ୍ଥାଗୁଡ଼ିକର ସତ୍ୟତା ଯାଞ୍ଚ କରିବାକୁ କ୍ରାଇମବ୍ରାଞ୍ଚ ପରାମର୍ଶ ଦେଇଛି। କୌଣସି ସନ୍ଦେହଜନକ ଅନଲାଇନ୍ କାର୍ଯ୍ୟକଳାପ ଅଥବା ଠକେଇର ଶିକାର ହେଲେ ତୁରନ୍ତ ଟୋଲ୍ ଫ୍ରି ନମ୍ବର ୧୯୩୦କୁ ଡାଏଲ୍ କରି ଘଟଣା ବିଷୟରେ ଜଣାଇବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ସେହିପରି www.cybercrime.gov.inରେ ଅଭିଯୋଗ ପଞ୍ଜୀକରଣ କରିବାକୁ ପରାମର୍ଶ ଦିଆଯାଇଛି।

**ନାବାଳିକା ଯୁକ୍ତଦୁଇ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା**

## ୫ ଅଭିଯୁକ୍ତ ଗିରଫ, ଜେଲ୍ ଗଲେ

ବ୍ରହ୍ମପୁର, ୮।୫(ସମିସ): ନାବାଳିକା ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପୁଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ଆବେଦନ ଖାରଜ ପରେ ସମସ୍ତ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାତକୁ ପଠାଇ ଦିଆଯାଇଛି।

ସୂଚନା ଅନୁସାରେ ଦୁଷ୍କର୍ମ ଘଟଣା ଗତ ୩ ତାରିଖ ରାତିରେ ଘଟିଥିଲା। ପୀଡ଼ିତାଙ୍କ ପକ୍ଷରୁ ଦୁଇ ଦିନ ପରେ ଅର୍ଥାତ ଗତ ୫ ତାରିଖ ଅପରାହ୍ନରେ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଘଟଣା ଦିନ ସନ୍ଧ୍ୟା ସମୟରେ ପୀଡ଼ିତା ଜଣକ ତାଙ୍କର ଜଣେ ସହପାଠୀଙ୍କ ଘରକୁ ବୁଲିବାକୁ ଯାଇଥିଲେ। ସେଠାରୁ ସେ ନିଜ ଘରକୁ ଯିବାପାଇଁ ହିଲପାଟଣା ଠାରେ ବାପାଙ୍କୁ ଏକୁଟିଆ ଅପେକ୍ଷା କରିଥିଲେ। ଏହି ସମୟରେ ନୂଆ ବସ୍‌ଷ୍ଟାଣ୍ଡ ଅଞ୍ଚଳର ରୁତୁନ ଦାଶ ଆସି ପୀଡ଼ିତାଙ୍କୁ ନିଜ ଘରକୁ ଡାକି ନେଇଥିଲେ। ପୂର୍ବରୁ ପରିଚୟ ଥିବାରୁ ପୀଡ଼ିତା ଜଣକ ରୁତୁନଙ୍କ ସହ ତାଙ୍କ ଘରକୁ ଯାଇଥିଲେ। ରୁତୁନ ଏକ ଥଣ୍ଡା ପାନୀୟ ପିଇବାକୁ ଦେଇ ନିଜ ମାଆଙ୍କୁ ଡାକି ଆଣୁଛନ୍ତି ବୋଲି କହି ବାହାରକୁ କିଛି ସମୟ ପାଇଁ ଯାଇଥିଲେ। ତେବେ ଉକ୍ତ ପାନୀୟକୁ ପିଇବା ପରେ ପୀଡ଼ିତା ଜଣକ ଅଚେତ ହୋଇପଡ଼ିଥିଲେ। ନିଜ ମାଆଙ୍କ ପରିବର୍ତ୍ତେ ରୁତୁନ ନିଜର ଅନ୍ୟ ୪ଜଣ ବନ୍ଧୁଙ୍କୁ ଘରକୁ ନେଇ ଆସିଥିଲେ। ଅଚେତ ଅବସ୍ଥାରେ ପଡ଼ିଥିବା ନାବାଳିକା ଛାତ୍ରୀଙ୍କୁ ସମସ୍ତ ୫ଜଣ



**ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ବିସିଏ, ଡି ଫାର୍ମା ଓ ଇଂଜିନିୟରିଂ ଛାତ୍ର**

**ଧୋକା ଦେଲା ପୁରୁଷ ବନ୍ଧୁ**

**ଅନ୍ୟ କାହାର ସମ୍ପୃକ୍ତି ନେଇ ତଦନ୍ତ ଜାରି: ଏସ୍‌ପି**

ଜଣଙ୍କ ପରେ ଜଣେ ଦୁଷ୍କର୍ମ କରିଥିଲେ। ଇତିମଧ୍ୟରେ ପୀଡ଼ିତାଙ୍କ ବାପା ଅନେକ ଥର ଫୋନ କରିଥିଲେ। ଚେତା ଫେରିବା ପରେ ଛାତ୍ରୀ ଜଣକ ପ୍ରତିବାଦ କରିବାରୁ ଘଟଣା ସମ୍ପର୍କରେ ପ୍ରଘଟ କଲେ ଜୀବନରେ ମାରି ଦେବାକୁ ରୁତୁନ ଦାଶ ଧମକାଇଥିଲା। ପରେ ରୁତୁନ ଓ ଅନ୍ୟଜଣେ ଯୁବକ ମିଶି ପୀଡ଼ିତା ନାବାଳିକା ଛାତ୍ରୀଙ୍କୁ ସାଙ୍ଗରେ ନେଇ ବିଜିପୁର ସ୍ଥିତ ସନ୍ତୋଷୀ ମା' ମନ୍ଦିର ନିକଟରେ ଛାଡ଼ି ଦେଇଥିଲେ। ନାବାଳିକା ଜଣଙ୍କ ଘଟଣା ସମ୍ପର୍କରେ ନିଜ ପରିବାର ବର୍ଗଙ୍କୁ ଜଣାଇବା ପରେ ୫ ତାରିଖ ଅପରାହ୍ନରେ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୁଲିସ। ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ମିଛ କହି ପୀଡ଼ିତାଙ୍କୁ ନିଜ ଘରକୁ ଡାକି ନେଇଥିବା ଅଭିଯୁକ୍ତ ରୁତୁନ ଦାଶଙ୍କ ସମେତ ଅନ୍ୟ ୪ଜଣ ଅଭିଯୁକ୍ତ ରୁଦ୍ର ଜେନା, ଅଭିଳାଷ ପଲାଇ, ଆକାଶ ନାୟକ ଓ ସମ୍ବିତ ପାଣିଗ୍ରାହୀଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଗିରଫ ସମସ୍ତ ଅଭିଯୁକ୍ତମାନେ ଗଞ୍ଜାମ ଜିଲ୍ଲାର ବାସିନ୍ଦା। ସେମାନେ ବ୍ରହ୍ମପୁରରେ ମେସ୍ କରି ରହୁଥିଲେ। ରୁତୁନ ଦାଶ(୨୨)ଙ୍କ ଘର ଆସିକା ଥାନା ଅନ୍ତର୍ଗତ ଆସିକା ପାଢ଼ୀ କଲୋନୀ, ରୁଦ୍ର ଜେନା(୨୧)ଙ୍କ ଘର କୋଟିନଡା ଥାନା ଅନ୍ତର୍ଗତ ବାବନପୁର ଗ୍ରାମର ପାଟଣା ସାହି, ଅଭିଲାଷ ପୋଲାଇ(୧୯)ଙ୍କ ଘର ବେଗୁନିଆପଡ଼ା ବିଲସାହି, ଆକାଶ ନାୟକ(୨୬)ଙ୍କ ଘର ସୋରଡ଼ା ଥାନା ଅନ୍ତର୍ଗତ ସମପଲ୍ଲୀ ଓ ସମ୍ବିତ ପାଣିଗ୍ରାହୀ ଓରଫ ନିଲୁଙ୍କ ଘର ଖଲ୍ଲିକୋଟ ଥାନା ଅନ୍ତର୍ଗତ ପରୀ ନୂଆଗାଁରେ ବୋଲି ପୁଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ମଧ୍ୟରେ ଫାର୍ମା, ଇଂଜିନିୟରିଂ ଓ ବିସିଏ ଛାତ୍ର ଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡର ୩୭୬(ଡି), ୩୨୮, ୧୨୦(ବି), ୫୦୬ ଧାରା ଓ ପୋକସୋ ଆକ୍ଟରେ ମାମଲା ରୁଜୁ କରାଯାଇଛି। ପୀଡ଼ିତା ଏବଂ ଅଭିଯୁକ୍ତଙ୍କର ଡାକ୍ତରୀ ମାଇନା କରାଯାଇଛି। ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କର ବୟାନ ରେକର୍ଡ କରାଯାଇଛି। ଘଟଣାରେ ଆଉ କାହାରି ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ପୁଲିସ ତଦନ୍ତ କରୁଥିବା ବ୍ରହ୍ମପୁର ଏସ୍‌ପି ଦାୟିତ୍ୱରେ ଥିବା ଡିଆଇଜି ଡାକ୍ତର ସାର୍ଥକ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

## ସୁଲୋଚନା ହୋତା ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା

**ଢେଙ୍କାନାଳ ଜିଲ୍ଲାରେ ବିଜେଡି ନେତାଙ୍କୁ ଦାୟିତ୍ୱ**

ଭୁବନେଶ୍ୱର, ୮।୫ (ସମିସ): ସୁଲୋଚନା ହୋତାଙ୍କୁ ରାଜ୍ୟ ବିଜୁ ମହିଳା ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦିକା ଭାବେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ନିଯୁକ୍ତ କରିଛନ୍ତି। ସେହିପରି ବିଜୁ ଜନତା ଦଳର ଢେଙ୍କାନାଳ ଜିଲ୍ଲା ପାଇଁ ବିଭିନ୍ନ ପଦପଦବୀ ଘୋଷଣା କରିଛନ୍ତି। ଏଥିରେ ସୁକାନ୍ତ କୁମାର ମିଶ୍ରଙ୍କୁ ଜିଲ୍ଲା ସଭାପତି ଭାବେ ନିଯୁକ୍ତ କରିଥିବାବେଳେ ମିହିର ପ୍ରସାଦ ରାଉତଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି। ସେହିପରି ଢେଙ୍କାନାଳ ପୌର ପରିଷଦର ସଭାପତି ଭାବେ ବିନୋଦ କୁମାର ମହାନ୍ତିଙ୍କୁ ନିଯୁକ୍ତ କରାଯାଇଛି। ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଏକ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି।

**ବଢ଼ିଲା ଅନୁଭବଙ୍କ ଅଡୁଆ।**

## ଅଦାଲତରେ ଡିସ୍‌ଚାର୍ଜ ପିଟିସନ ଖାରଜ; ୧୦ରେ ଚାର୍ଜଫ୍ରେମ୍

କଟକ, ୮।୫(ସମିସ): କଟକ ପୁରୀଘାଟ ଥାନାରେ ବର୍ଷା ପ୍ରିୟଦର୍ଶିନୀଙ୍କ ପକ୍ଷରୁ ରୁଜୁ ଏତଲା ଆଧାରରେ ସାଂସଦ ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ବିରୋଧରେ ପୁଲିସ ଚାର୍ଜସିଟ ଦାଖଲ କରିବା ସହ ଅଦାଲତ କଗ୍ନିଜାନ୍ସ ଗ୍ରହଣ କରିଥିଲେ। ତେବେ ଉପଯୁକ୍ତ ପ୍ରମାଣ ନଥିବା ଓ ଏହା ଏକ ମିଥ୍ୟା ମାମଲା ଦର୍ଶାଇ ଅନୁଭବଙ୍କ ପକ୍ଷରୁ ଏଥିରୁ ମୁକ୍ତ ବା ଡିସଚାର୍ଜ ପାଇଁ ଏକ ଆବେଦନ ହୋଇଥିଲା। ଏହି ଆବେଦନକୁ କଟକ ଜେଏମଏଫସି ତଥା ସାଂସଦ-ବିଧାୟକଙ୍କ ମାମଲା ଶୁଣାଣି ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଅଦାଲତ ଆଜି ଖାରଜ କରିଦେଇଛନ୍ତି। ଫଳରେ ଅନୁଭବଙ୍କ ଅଡୁଆ ବଢ଼ିଛି। ଏଥି ସହ ଆସନ୍ତା ମେ୧୦ରେ ଅନୁଭବ ଓ ଅନ୍ୟ ସହ ଅଭିଯୁକ୍ତଙ୍କ ବିରୋଧରେ ଅଦାଲତ ଚାର୍ଜଫ୍ରେମ କରିବେ ବୋଲି ତାରିଖ ଧାର୍ଯ୍ୟ ହୋଇଛି। ଅନୁଭବଙ୍କ ଆବେଦନର ଶୁଣାଣି କରିଥିଲେ କଟକ ଜେଏମଏଫସି ଦୀପଙ୍କର ବଳ। ତଥ୍ୟ ପ୍ରମାଣ ଆଧାରରେ ଅନୁଭବଙ୍କ ବିରୋଧରେ ପୁଲିସ ଚାର୍ଜସିଟ ଦେଇଛି। ଏଣୁ ଅନୁଭବଙ୍କ ଆବେଦନକୁ ଖାରଜ କରାଯାଉ ବୋଲି ସରକାରୀ ଓକିଲ ଯୁକ୍ତି ବାଢିଥିଲେ। ମାମଲାରୁ ପ୍ରକାଶ ଯେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପକ୍ଷରୁ ପୁରୀଘାଟ ଥାନାରେ ଅନୁଭବ ଓ ତାଙ୍କର ଦୁଇ ସହଯୋଗୀ ସୁଜିତ ଦଳେଇ ଓ ଖଗେନ୍ଦ୍ର ସାହୁଙ୍କ ନାମରେ ଆଇପିସିର ଧାରା ୫୦୬, ୪୯୮ଏ,୨୯୪,୩୪୧ଓ୩୪ରେ ଏତଲା ଦିଆଯାଇଥିଲା। ଏତଲା ଆଧାରରେ ପୁଲିସ ଗତ ୨୦୨୩ଡିସେମ୍ବର୧୮ରେ ଚାର୍ଜସିଟ ଦାଖଲ କରିଥିଲା ବେଳେ କଟକ ଏସଡିଜେଏମ ଏହି ମାମଲାରେ କଗ୍ନିଜାନ୍ସ ଗ୍ରହଣ କରିଥିଲେ। ପରେ ଏହି ମାମଲା ବିଧାୟକ-ସାଂସଦଙ୍କ ମାମଲା ଶୁଣାଣି ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଅଦାଲତକୁ ସ୍ଥାନାନ୍ତର ହୋଇଥିଲା। ସରକାରଙ୍କ ତରଫରୁ କ୍ୟାଡର ଏପିପି ଆଫ୍ରୋଜ ଅହମ୍ମଦ ମାମଲା ପରିଚାଳନା କରୁଥିଲେ।

**■ ସ୍ତ୍ରୀ ଆଗରେ ପୁଅକୁ ହତ୍ୟା ମାମଲା**

## ଦୋଷୀକୁ ଆଜୀବନ ଜେଲ୍, ୧୦ ହଜାର ଟଙ୍କା ଜରିମାନା

ସୁନ୍ଦରଗଡ଼, ୮।୫(ସମିସ): ତିନି ବର୍ଷ ପୂର୍ବେ ବଡ଼ଗାଁ ଥାନା ରୁନୁଗାଁ ବଡ଼ପଡ଼ାରେ ସ୍ତ୍ରୀ ଆଗରେ ପୁଅକୁ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ସୁନ୍ଦରଗଡ଼ ଅତିରିକ୍ତ ଦୌରାଜଜ୍ ରାଜେଶ ଦାଶ ମାମଲାର ବିଚାର କରି ଅଭିଯୁକ୍ତ ବାପା କର୍ମୁ ମିରି (୬୦)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଣ୍ଡସ୍ୱରୂପ ତାଙ୍କୁ ଆଜୀବନ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସର ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧ ଜାନୁଆରୀ ୧ ତାରିଖ ଅପରାହ୍ନ ସାଢ଼େ ୧୨ଟାରେ କର୍ମୁଙ୍କ ସ୍ତ୍ରୀ ଲୀଳାବତୀ ମିରି ଘର ଭିତର ବାରଣ୍ଡାରେ ବସିଥିବା ବେଳେ ତାଙ୍କ ପୁଅ ଶ୍ୟାମସୁନ୍ଦର ମିରି (୧୮) ଘରେ ଶୋଇଥିଲେ। ଏହି ସମୟରେ କର୍ମୁ ଏକ ଟାଙ୍ଗିଆରେ ଶ୍ୟାମସୁନ୍ଦରଙ୍କ ମୁଣ୍ଡକୁ ଚୋଟ ପକାଇଥିଲେ। ଲୀଳାବତୀ ତୁରନ୍ତ ଭିତରକୁ ଯାଇ କର୍ମୁଙ୍କୁ ଏଥିରୁ ବାରଣ କରିଥିଲେ। ତେବେ ସେ ଲୀଳାବତୀଙ୍କ କଥା ନ ମାନି ଅତି ନିର୍ଦ୍ଦୟ ଭାବେ ଜନ୍ମକଲା ପୁଅକୁ ବାରମ୍ବାର ଚୋଟ ମାରିଥିଲେ। ଲୀଳାବତୀ ପଡ଼ୋଶୀଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଶ୍ୟାମସୁନ୍ଦରଙ୍କୁ ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଲୀଳାବତୀ ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ଅଭିଯୁକ୍ତ କର୍ମୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୁଲିସ ପକ୍ଷରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜସିଟ ଦାଖଲ କରାଯିବା ପରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ପାରିପାର୍ଶ୍ୱିକ ସ୍ଥିତି, ଉପଯୁକ୍ତ ସାକ୍ଷ୍ୟପ୍ରମାଣ ଏବଂ ସରକାରୀ ଓକିଲଙ୍କ ବଳିଷ୍ଠ ଯୁକ୍ତି ଆଧାରରେ ବିଚାରପତି ଗାଶ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ପ୍ରଶାନ୍ତ ପଟେଲ ମାମଲା ପରିଚାଳନା କରୁଥିଲେ।

**ପୁଅର ଦ୍ୱିତୀୟ ବିବାହକୁ ବାପାର ବିରୋଧ**

## ରାସ୍ତାରେ ଭିଡ଼ିଭିଡ଼ି ଆଣି ଥାନାରେ ପହଞ୍ଚାଇଲେ

ଭଦ୍ରକ, ୮।୫(ସମିସ): ଗୋଟାଏ ସ୍ତ୍ରୀରେ ବୁଝି ନ ଥିଲା ମନ। ଘରେ ସ୍ତ୍ରୀ ଓ ଛୁଆ ଥାଇ ମଧ୍ୟ ଆଉ ଜଣେ ମହିଳାଙ୍କୁ କୋର୍ଟରେ ବିବାହ କରିବାକୁ ଯାଉଥିଲେ ଜଣେ ଯୁବକ। ଏହି କଥା ଜଣାପଡ଼ିବା ପରେ ଆରମ୍ଭ ହୋଇଥିଲା ଘରେ ମହାଭାରତ। ପୁଅର ଦ୍ୱିତୀୟ ବିବାହକୁ

**ବୋହୂର ସଂସାର ଉଜୁଡ଼ିବା ପୂର୍ବରୁ ବଞ୍ଚାଇଦେଇଛନ୍ତି ଶଶୁର**

ବିରୋଧ କରି କୋର୍ଟରୁ ସିଧା ବିଚ୍ ରାସ୍ତାରେ ପୁଅର ସାର୍ଟ ଧରି ଭିଡ଼ିଭିଡ଼ି ଆଣି ଥାନାରେ ପହଞ୍ଚିଥିଲେ ବାପା। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅଞ୍ଚଳରେ। ବୋହୂର ସଂସାର ଉଜୁଡ଼ିବା ପୂର୍ବରୁ ବଞ୍ଚାଇ ଦେଇଛନ୍ତି ଶଶୁର ବିଷ୍ଣୁମୋହନ ଜେନା।



ପ୍ରକାଶ ଥାଉକି, ଘରେ ସ୍ତ୍ରୀ ଥାଇ ମଧ୍ୟ ବାହାରେ ପୁଅର ଚାଲିଥିଲା ଅନୈତିକ ସମ୍ପର୍କ। ଚାନ୍ଦିମାଳ ଅଞ୍ଚଳର ଜଣେ ମହିଳାଙ୍କ ସହ ଅଜୟଙ୍କ ରହିଥିଲା ପ୍ରେମ ସମ୍ପର୍କ। ଆଉ କୋର୍ଟରେ ଲୁଚି ଲୁଚି ଉକ୍ତ ମହିଳାଙ୍କୁ ବିବାହ କରିବାକୁ ଯାଉଥିବା ବେଳେ ଧରାପଡ଼ି ଯାଇଥିଲେ।

ଅଭିଯୋଗକାରୀ ତୁଳସୀ ଯେନାଙ୍କ ଅନୁଯାୟୀ, ବାସୁଦେବପୁର ବ୍ଲକ ଏଡତାଳ ଗ୍ରାମ ପଞ୍ଚାୟତ ଅଧୀନ ବିଷ୍ଣୁମୋହନ ଯେନାଙ୍କ ପୁଅ ଅଜୟ ଯେନାଙ୍କୁ ୧୦ ବର୍ଷ ତଳେ ବିବାହ କରିଥିଲେ। ଏବେ ତାଙ୍କର ଏକ ପୁତ୍ର ସନ୍ତାନ ଅଛି। କିନ୍ତୁ ସ୍ୱାମୀ ନିଜ ସ୍ତ୍ରୀର ଅଜାଣତରେ ଚାନ୍ଦିମାଳ ଅଞ୍ଚଳର ଜଣେ ମହିଳାଙ୍କ ସହିତ ଅନୈତିକ ସମ୍ପର୍କ ରଖିଥିଲେ। ସମ୍ପର୍କ ଏତେ ନିବିଡ ହୋଇଯାଇଥିଲା ଯେ ଅଜୟ ପ୍ରଥମ ସ୍ତ୍ରୀଙ୍କୁ ଛାଡି ଚାନ୍ଦିମାଳ ଅଞ୍ଚଳର ମହିଳାଙ୍କୁ ବିବାହ କରିବାକୁ ମନ ସ୍ଥିର କରିଥିଲେ। ପରିବାରରେ କାହାକୁ ନ ଜଣାଇ ଆଜି କୋର୍ଟରେ ବିବାହ କରିବା ପାଇଁ ଯାଇଥିବା ସମୟରେ ତାଙ୍କର ପ୍ରଥମ ସ୍ତ୍ରୀ ଏହି ଖବର ପାଇଥିଲେ।

ତୁରନ୍ତ ସେ ଘଟଣା ସମ୍ପର୍କରେ ଶ୍ୱଶୁର ଓ ପୁଅଙ୍କ ସହିତ କୋର୍ଟରେ ପହଞ୍ଚିଥିଲେ। କୋର୍ଟରେ ଦୃଶ୍ୟ ଦେଖି ସ୍ତ୍ରୀ ତୁଳସୀ ଓ ବାପା ବିଷ୍ଣୁମୋହନ ଅବାକ୍ ହୋଇଯାଇଥିଲେ। ପୁଅର ଏଭଳି କାର୍ଯ୍ୟକୁ ଦେଖି ରାଗରେ ବାପା ବିଷ୍ଣୁମୋହନ ଅଜୟର କଲର ଧରି ରାସ୍ତାରେ ଘୋଷାଡି ଘୋଷାଡି ଆଣି ବାସୁଦେବପୁର ପୁଲିସ ଜିମା ଦେଇଥିଲେ। ଅପରପକ୍ଷରେ ଅଜୟ ଓ ଚାନ୍ଦିମାଳର ସମ୍ପୃକ୍ତ ମହିଳାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ସହଯୋଗର ହାତ ବଢ଼ାଇଲା ଟ୍ରଷ୍ଟ



**କେନ୍ଦ୍ରାପଡ଼ା,୮।୫(ସମିସ):** ରାଜ୍ୟର ଜଣାଶୁଣା ସ୍ୱେଚ୍ଛାସେବୀ ଦାତବ୍ୟ ଅନୁଷ୍ଠାନ "ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ' ସର୍ବଦା ଜିଲ୍ଲାର ଗରିବ, ଅବହେଳିତ ଲୋକଙ୍କ ପାଖରେ ପହଞ୍ଚି ସହଯୋଗର ହାତ ବଢାଇଥାଏ। ଆକସ୍ମିକ ଅଗ୍ନିକାଣ୍ଡରେ ଘର ପୋଡି ଯାଇଥିବା ଓ ଦୂରାରୋଗ୍ୟ ବ୍ୟାଧିରେ ପୀଡିତ ଅସହାୟ ବ୍ୟକ୍ତିବିଶେଷମାନଙ୍କୁ ଟ୍ରଷ୍ଟ ସହାୟତା ପ୍ରଦାନ କରିଥାଏ। ଟ୍ରଷ୍ଟର ମୁଖ୍ୟ ପୃଷ୍ଟପୋଷକ ଡ. ଦେବେନ୍ଦ୍ର କୁମାର ଦାସଙ୍କ ପ୍ରସ୍ତାବ କ୍ରମେ ଟ୍ରଷ୍ଟ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅଧିନ ପାଟଳିପଙ୍କର ଅଗ୍ନିବିପନ୍ନ ଜୟରାମ ସାହୁ, ଦାନପୁର ପଞ୍ଚାୟତରକେଶରପୁରଗ୍ରାମରପକ୍ଷାଘାତରୋଗୀରବିମହାନ୍ତି,ଓକେନ୍ଦ୍ରାପଡାସହରର ଇଛାପୁରସ୍ଥିତ ଅଗ୍ନିବିପନ୍ନ ରାଜକିଶୋର ଜେନାଙ୍କ ପାଖରେ ପହଞ୍ଚି ତୁରନ୍ତ ସେମାନଙ୍କୁ ସହୟତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକୁ ଟ୍ରଷ୍ଟର ସଂଯୋଜକ ତଥା ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ସମାଜସେବୀ ନଳିନୀ ବିହାରୀ ମହାନ୍ତି ଓ ବରିଷ୍ଠ ଆଇନଜୀବୀ ଧରଣୀଧର ସୁଆର ପ୍ରମୁଖ ପରିଚାଳନା କରିଥିଲେ।

## କଂଗ୍ରେସର କର୍ମୀ ସମାବେଶ

**ପଞ୍ଚୁପାଣ୍ଡବ, ୮।୫ (ସମିସ):** ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁରୁଜଙ୍ଗା ମିନି ଷ୍ଟାଡିୟମରେ ବ୍ଲକ କଂଗ୍ରେସ କମିଟି ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ଜୋନ୍‌ସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମାବେଶରେ କେନ୍ଦ୍ରାପଡ଼ାର ସାଂସଦ ପ୍ରାର୍ଥୀ ଇଂ ସିଦ୍ଧାର୍ଥ ସ୍ୱରୁପ ଦାସ ଓ ପାଟକୁରା ବିଧାୟକ ପ୍ରାର୍ଥୀ ରତିକାନ୍ତ କାନୁନ୍‌ଗୋ ହାତ ଚିହ୍ନରେ ଭୋଟ ଦେବାକୁ କର୍ମୀଙ୍କୁ କହିଥିଲେ। ଏହି ମଞ୍ଚରେ ପ୍ରାକ୍ତନ ବିଧାୟକ ଚିନ୍ମୟ ବେହେରା, ଜିଲ୍ଲା ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ସଂଖ୍ୟାଲଘୁ ସେଲ୍ ସଭାପତି ସୟଦ ଅବଦୁଲ ସତ୍ତାର, ଜୟନ୍ତ ମୁଖାର୍ଜୀ, ଅନନ୍ତ ଚରଣ ପାତ୍ର, ବିଭୂତି ଭୂଷଣ ମହାପାତ୍ର, ରାଜୀବଲୋଚନ ମିଶ୍ର ଓ ବ୍ଲକର ମହିଳା ସଭାନେତ୍ରୀ ରଶ୍ମିତା ମହାନ୍ତି ଯୋଗ ଦେଇଥିଲେ। ପରିଚାଳନାରେ ମନ୍ମଥ ସାହୁ, ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପଣ୍ଡା, ସେକ୍ ମେହେବୁବ ଅଲ୍ଲୀ ସହଯୋଗ କରିଥିଲେ। ଏଥିରେ ୧୩ନଂ ଜିଲ୍ଲା ପରିଷଦ ଜୋନ୍ ଅଧୀନ ୯ଟି ପଞ୍ଚାୟତରୁ ଶତାଧିକ କର୍ମୀ ଯୋଗ ଦେଇଥିଲେ।

## କେତୁଆପାଳରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ଗୋବିନ୍ଦପୁର, ୮।୫(ସମିସ):** ଆଳି ବ୍ଲକ ଅନ୍ତର୍ଗତ କେତୁଆପାଳ ପଂଚାୟତ ରେ ଆଜି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି କ୍ଷ କେତୁଆପାଳ ପଂଚାୟତ ର ପାନପେଣ୍ଠ, ହିଞ୍ଜଳ, କେତୁଆପାଳ ଗ୍ରାମ ର ଘରକୁ ଘର ଯାଇ ବିଜେଡି ସମର୍ଥକ ମାନେ ବିଜେଡି ସରକାର ର ବିଭିନ୍ନ ଯୋଜନା, ଅଂଚଳ ର ବିକାଶ କଥା କହିବା ସହ ବିଜେଡି ସରକାର ସର୍ବଦା ଲୋକଙ୍କ ସାଙ୍ଗରେ ରହେ ବୋଲି ନେତୃ ମଣ୍ଡଳୀ ମାନେ କହିଥିଲେ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାପରିଷଦ ସଭ୍ୟା କନକଲତା ବେହେରା, ଯୁବ ବିଜେଡି ସଭାପତି କେଦାରନାଥ ବେହେରା, ଯୁବ ସଂଗଠକ ସୁଦର୍ଶନ ସାମଲ, ସଂଗଠକ ନନ୍ଦକିଶୋର ଦାସ,ପ୍ରାକ୍ତନ ସରପଞ୍ଚ ସୁରେଶ ଚନ୍ଦ୍ର ଜେନା, ନିଖିଳ ସାମଲ,ସତ୍ୟବ୍ରତ ସାମଲ, ସରପଞ୍ଚ ଅନିମା ମଲ୍ଲିକ, ସମିତି ସଭ୍ୟା ଓସ୍ମିତା ମଲ୍ଲିକ ଙ୍କ ସମେତ ତିନି ଶହରୁ ଉର୍ଦ୍ଧ ପୁରୁଷ, ମହିଳା ଓ ବିଜେଡି ସମର୍ଥକ ମାନେ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ।

### ୧୧ ପ୍ରାର୍ଥୀଙ୍କ ନାମରେ କିଣାଯାଇଛି ମନୋନୟନପତ୍ର

# ଜଣେ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**କେନ୍ଦ୍ରାପଡା,୮।୫(ସମିସ):** ଚଳିତଥର ସାଧାରଣ ନିର୍ବାଚନରେ ଶେଷ ପର୍ଯ୍ୟାୟ ଅର୍ଥାତ ଜୁନ ୧ ତାରିଖରେ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ପାଇଁ ଭୋଟଗ୍ରହଣ କରାଯିବ। ଏହି ନିର୍ବାଚନ ପାଇଁ ଗତ ୭ ତାରିଖଠାରୁ ମନୋନୟନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି ।ପ୍ରଥମ ଦିନରେ କେହି ମନୋନୟନ ପତ୍ର ଦାଖଲ କରିନଥିବାବେଳେ ଦ୍ୱିତୀୟ ଦିନରେ ମାତ୍ର ଜଣେ ଦାଖଲ କରିଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏହାଛଡ଼ା ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀଙ୍କ ପାଇଁ ବୁଧବାର ପର୍ଯ୍ୟନ୍ତ ୧୧ଟି ମନୋନୟନ ପତ୍ର କିଣାଯାଇଛି ।ତେବେ ମନୋନୟନ ପତ୍ର କିଣିଥିବା ପ୍ରାର୍ଥୀମାନଙ୍କ ମଧ୍ୟରେ ୯୬-ପାଟକୁରା ବିଧାନସଭା କ୍ଷେତ୍ର ପାଇଁ ବହୁଜନ ସମାଜ ପାର୍ଟିର ଚିଦାନନ୍ଦ ପରିଡାଙ୍କ ନାମରେ ମନୋନୟନପତ୍ର କିଣାଯାଇଥିବା ବେଳେ ଭାରତୀୟ ଜାତୀୟ କଂଗ୍ରେସର ରତିକାନ୍ତ କାନୁନଗୋ ଏବଂ ସ୍ୱାଧୀନ ପ୍ରାର୍ଥୀ ରୋହିତ ରୋସନ କାନୁନଗୋଙ୍କ ନାମରେ ମନୋନୟନ ପତ୍ର କିଣାଯାଇଛି। ୯୭-କେନ୍ଦ୍ରାପଡା (ଅନୁସୂଚିତ ଜାତି) ବିଧାନସଭା କ୍ଷେତ୍ର ନିମନ୍ତେ ଭାରତୀୟ ଜନତା ପାର୍ଟିର ଗୀତାଞ୍ଜଳି ସେଠୀ, ଭାରତୀୟ ଜାତୀୟ କଂଗ୍ରେସର ସିପ୍ରା ମଲ୍ଲିକ ଓ ସ୍ୱାଧୀନ ପ୍ରାର୍ଥୀ ମୁରଲୀଧର ସେଠୀଙ୍କ ନାମରେ ମନୋନୟନ ପତ୍ର କିଣାଯାଇଛି। ୯୮-ଆଳି ବିଧାନସଭା କ୍ଷେତ୍ର ପାଇଁ ଭାରତୀୟ ଜାତୀୟ କଂଗ୍ରେସର ଦେବସ୍ମିତା ଶର୍ମା ଓ ଭାରତୀୟ ଜନତା ପାର୍ଟିର କିଶୋର କୁମାର ପଣ୍ଡାଙ୍କ ନାମରେ ମନୋନୟନ ପତ୍ର କିଣାଯାଇଥିବା ବେଳେ ୧୦୦-ମହାକାଳପଡା ବିଧାନସଭା କ୍ଷେତ୍ର ନିମନ୍ତେ ଆପ୍ ପ୍ରାର୍ଥୀ ଦେବାଶିଷ ଦାଶଙ୍କ ନାମରେ ମନୋନୟନ ପତ୍ର କିଣାଯାଇଛି। ସେହିଭଳି ୧୫-କେନ୍ଦ୍ରାପଡା ଲୋକସଭା କ୍ଷେତ୍ର ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ମହାନ୍ତି ଓ ସମାଜବାଦୀ ପାର୍ଟି, ଓଡିଶାର ରବିନ୍ଦ୍ରନାଥ ବେହେରାଙ୍କ ନାମରେ ମନୋନୟନ ପତ୍ର କିଣାଯାଇଥିବା ସୂଚନା ମିଳିଛି। ୯୬-ପାଟକୁରା ବିଧାନସଭା କ୍ଷେତ୍ର ନିମନ୍ତେ ମାନସ ଲୋକଶକ୍ତି ଦଳ ପକ୍ଷରୁ ବରଦା ପ୍ରସାଦ ମଲ୍ଲିକ ଆଜି ମନୋନୟନ ପତ୍ର ଦାଖଲ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ୧୫-କେନ୍ଦ୍ରାପଡା ଲୋକସଭା କ୍ଷେତ୍ରର ରିଟର୍ଣ୍ଣିଂ ଅଫିସର ଭାବେ ସୂର୍ଯ୍ୟବଂଶୀ ମୟୂର ବିକାଶ ନିଯୁକ୍ତି ପାଇଥିବା ବେଳେ ୯୬-ପାଟକୁରା ଓ ୯୭-କେନ୍ଦ୍ରପଡା(ଅନୁସୂଚିତ ଜାତି) ବିଧାନସଭା କ୍ଷେତ୍ରର ରିଟର୍ଣ୍ଣିଂ ଅଫିସର ଭାବେ ରବିନ୍ଦ୍ର କୁମାର ପ୍ରଧାନ, ୯୮-ଆଳି ବିଧାନସଭା କ୍ଷେତ୍ରର ରିଟର୍ଣ୍ଣିଂ ଅଫିସର ଭାବେ ପିତାମ୍ବର ସାମଲ, ୯୯-ରାଜନଗର ବିଧାନସଭା କ୍ଷେତ୍ରର ରିଟର୍ଣ୍ଣିଂ ଅଫିସର ଭାବେ ନିଲୁ ମହାପାତ୍ର ଓ ୧୦୦-ମହାକାଳପଡା ବିଧାନସଭା କ୍ଷେତ୍ରର ରିଟର୍ଣ୍ଣିଂ ଅଫିସର ଭାବେ ଅଶୋକ କୁମାର ଦାସ ନିଯୁକ୍ତି ପାଇଛନ୍ତି। ଗତ ୭ ତାରିଖରୁ ସାଧାରଣ ନିର୍ବାଚନ ପାଇଁ ଆରମ୍ଭ ହୋଇଥିବା ମନୋନୟନ ପତ୍ର ଦାଖଲର ଶେଷ ତାରିଖ ଚଳିତମାସ ୧୪ ତାରିଖ ରହିଛି। ୧୫ ତାରିଖରେ ମନୋନୟନ ପତ୍ର ଯାଞ୍ଚ କରାଯିବାକୁ ଥିବାବେଳେ ୧୭ତାରିଖ ସୁଦ୍ଧା ମନୋନୟନ ପତ୍ର ପ୍ରତ୍ୟାହାର କରାଯାଇପାରିବ। ଆସନ୍ତା ଜୁନ୍ ୧ ତାରିଖରେ ଭୋଟ୍‌ଗ୍ରହଣ ହେବାକୁ ଥିବା ବେଳେ ଜୁନ୍ ୪ ତାରିଖରେ ଭୋଟ୍ ଗଣତି କରାଯିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

### ଉଚ୍ଚକ୍ଷମତା ସମ୍ପନ୍ନ ପାଣିଟାଙ୍କି ଥାଇ ବି ଯୋଗାଣ ବନ୍ଦ

## ଗ୍ରୀଷ୍ମପ୍ରବାହ ସମୟରେ ପାନୀୟଜଳରୁ ବଞ୍ଚିତ ଆୟତପୁର ପଞ୍ଚାୟତବାସୀ

**କେନ୍ଦ୍ରାପଡା,୮।୫(ସମିସ):** ୧ ଲକ୍ଷ ଲିଟରର ଉଚ୍ଚକ୍ଷମତା ସମ୍ପନ୍ନ ପାଣିଟାଙ୍କି ଥାଇବି ଗତ ଦୁଇଦିନ ହେବ ପ୍ରବଳ ଗ୍ରୀଷ୍ମପ୍ରବାହ ବେଳେ ପିଇବା ପାଣିରୁ ବଞ୍ଚିତ ହୋଇ ଡହଳବିକଳ ହେଉଛନ୍ତି ଆୟତପୁର ପଞ୍ଚାୟତବାସୀ। ଏ ନେଇ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଜନର ନିର୍ବାହୀ ଯନ୍ତ୍ରୀ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆୟତପୁର ପଞ୍ଚାୟତର ବାଳିସିଙ୍ଗି ଓ ଆୟତପୁର ଗ୍ରାମର ଅଧିବାସୀମାନେ ପିଇବା ପାଣି ଅଭାବରୁ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଗତ ଦୁଇଦିନ ହେବ ପିଇବା ପାଣି ଯୋଗାଣ ପ୍ରକଳ୍ପକୁ ବିଦ୍ୟୁତ ଯୋଗାଉଥିବା ଟ୍ରାନ୍ସଫର୍ମରଟି ପୋଡିଯିବାରୁ ପ୍ରକଳ୍ପର ପମ୍ପ ଚାଲିନପାରିବାରୁ ଲୋକମାନଙ୍କୁ ପିଇବା ପାଣି ଯୋଗାଇ ଦିଆଯାଇପାରୁନାହିଁ। ଫଳରେ ଏହି ଅଞ୍ଚଳର ୩ଶହରୁ ଉର୍ଦ୍ଧ୍ୱ



ପରିବାରର ପ୍ରାୟ ଦୁଇହଜାର ଲୋକ ପିଇବା ପାଣି ଟୋପେ ନପାଇ ଡହଳବିକଳ ହେଉଥିବା ଅଭିଯୋଗ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଲୋକମାନଙ୍କୁ ପିଇବା ପାଣି ଯୋଗାଇ ଦିଆନଯିବା ହେତୁ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏଥିସହିତ ସଂପୃକ୍ତ ଯୋଗାଣ ପ୍ରକଳ୍ପର ଚାଳକ ଟାଙ୍କିରେ ପିଇବା ପାଣି ଷ୍ଟକ କରି ରଖୁନଥିବାରୁ ଜଳ ଯୋଗାଣରେ ବାରମ୍ବାର ବ୍ୟାହତ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏସମ୍ପର୍କରେ ପଞ୍ଚାୟତବାସୀଙ୍କ ପକ୍ଷରୁ ପଦ୍ମ ଚରଣ ସାମନ୍ତରାୟ, ଦିପ୍ତିମୟୀ ସାମନ୍ତରାୟ, ବାବାଜି ଦାସ, ଅଲେଖ ଜେନା, ଜନ୍ମେଜୟ ସାମନ୍ତରାୟ, ପରେଶ ବରାଳ ଓ ଶୁଭେନ୍ଦୁ ସାମନ୍ତରାୟ ପ୍ରମୁଖ ଜିଲ୍ଲାପାଳ ଏବଂ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଜନର ନିର୍ବାହୀ ଯନ୍ତ୍ରୀ ନିକଟରେ ଅଭିଯୋଗ କରି ତୁରନ୍ତ ପ୍ରତିକାର ପାଇଁ ଦାବି କରିଛନ୍ତି।

### ନଦୀକୂଳିଆ ଗାଁରେ ପାନୀୟଜଳ ସମସ୍ୟା ଉତ୍କଟ

## ଅଧିକାଂଶ ନଳକୂପ ଅଚଳ; ନଦୀ ପାଣି ଲୁଣାକୁ କୁମ୍ଭୀର ଉତ୍ପାତ ବୃଦ୍ଧି

**ରାଜକନିକା,୮।୫(ସମିସ):** ନଦୀ ପାଖରେ ଘର କରି ଲୋକେ ଏବେ ପିଇବା ପାଣି ପାଇଁ ହିନସ୍ତା ହେଉଛନ୍ତି। ଖରା ତାତି ସାଙ୍ଗକୁ ବଢ଼ିଛି ପାନୀୟ ଜଳ ସଙ୍କଟ, ପୋଖରୀ ଗାଡ଼ିଆ ଶୁଖିଲା ।ବସୁଧା ଯୋଜନାର ପାଇପ ପାଣି କେଉଁଠି ମିଳୁଛି ତ କେଉଠି ନାହିଁ। ସୋଲାର ସିଷ୍ଟମର ପାଣି ଟାଙ୍କି ଅଚଳ। ଏମିତି ପାଣି ଟୋପେ ପାଇଁ ହା ହୁତାଶରେ ଜୀବନ ଆଉଟୁ ପାଉଟୁ ହେବାକୁ ବସିଛି । ଏହା ହେଉଛି ରାଜକନିକା ବ୍ଲକ ନଦୀକୂଳିଆ ଗାଁ ଗୁଡିକର ବାସ୍ତବ ଚିତ୍ର। ରାଜକନିକା ବ୍ଲକର ଶେଷ ମୁଣ୍ଡରେ ଥିବା କାଟଣା ବଣିଆ ଗ୍ରାମ ପଞ୍ଚାୟତ। ଏହାର ତିନି ପଟରେ ବ୍ରାହ୍ମଣୀ, ବୈତରଣୀ ଓ ଖରସ୍ରୋତା ନଦୀ ଘେରିକି ରହିଥିବା ବେଳେ ପାନୀୟ ଜଳ ସମସ୍ୟା ଏଠି ଉତ୍କଟ ହେଉଛି ।ନଦୀକୁ ଗଲେ କୁମ୍ଭୀର ଆକ୍ରମଣର ଭୟ।ବର୍ଷର ଅଧିକାଂଶ ସମୟରେ ନଦୀରେ ଲୁଣିଆ ପାଣି ପ୍ରବାହିତ।ପୁଣି ମଲା ଗାଈ ଗୋରୁ ଭାସୁଥିବାର ବିକଳ ଚିତ୍ର ତ ଆଉ କେତେବେଳେ ପଟୁ ମାଟି ମିଶା ଗୋଳିଆ ପାଣି ।ସତରେ ଜୀବନକୁ ନର୍କରେ ପରିଣତ କରି ଦେଲାଣି ବୋଲି ଜୟକୁଣ୍ଡା ଗାଁ ଲୋକେ କହିଛନ୍ତି ।ଗାଁ ରେ ଥିବା ଅଧିକାଂଶ ନଳକୂପ ମରାମତି ଅଭାବରୁ ଅଚଳ ହୋଇପଡିବା ଫଳରେ ପାଣି ପାଇଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜକନିକା ବ୍ଲକ ପାନୀୟ ଜଳ ବିଭାଗୀୟ ଯନ୍ତ୍ରୀ ମଧ୍ୟ ବେଶ ବେଫିକର ଭାବରେ ଫିଲଡ ନ ଯାଇ ମୋବାଇଲ ଟିମ ଉପରେ ପୁରା ଭରସା କରି ଉପର ମହଲକୁ ଗୋଲାପୀ ଚିତ୍ର ଦେବାରେ ବ୍ୟସ୍ତ ।ପାନୀୟ ଜଳ ସଙ୍କଟ ସମ୍ପର୍କିତ ଖବର ପ୍ରସାରଣ ପରେ ଜିଲ୍ଲା ଓ ରାଜ୍ୟ ସ୍ତରର ବିଭାଗୀୟ ମୁଖ୍ୟ ତତ୍ପର ହୋଇ ମରାମତି ଓ ଆବଶ୍ୟକୀୟ ତ୍ୱରିତ କାର୍ଯ୍ୟ କରିବାକୁ ତାଗିଦ କରିଛନ୍ତି। ଏହା ପରେ ବି ସ୍ଥାନୀୟ ଯନ୍ତ୍ରୀ ବେଫିକର । ପ୍ରଚଣ୍ଡ ଗ୍ରୀଷ୍ମରୁ ତ୍ରାହି ପାଇଁ ପାନୀୟ ଜଳ ସମସ୍ୟା ଦୂର କରିବାକୁ ଜିଲ୍ଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନେବା ଜରୁରୀ ବୋଲି ଦାବି ହୋଇଛି।

### ଜଳଛତ୍ର ପ୍ରହସନ

## ଅଛି ବ୍ୟାନର, ନାହିଁ ପାଣି ହାଣ୍ଡି



**କେନ୍ଦ୍ରାପଡ଼ା,୮ ।୫(ସମିସ):** ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ଆଖିଆଗରେ ରଖି ସରକାରୀ ଭାବେ ପ୍ରତି ପଞ୍ଚାୟତର ବିଭିନ୍ନ ସ୍ଥାନରେ ଜଳଛତ୍ରମାନ ଖୋଲା ଯାଇଛି। ଫଳରେ ପଥଚାରୀ ତୃଷ୍ଣା ମେଣ୍ଟାଇ ପାରିବେ। ଏହି ଜଳଛତ୍ରମାନ ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ମଧ୍ୟ ବ୍ୟୟବରାଦ ବ୍ୟବସ୍ଥା ରହିଛି। ପରିଷ୍କାର ପରିଚ୍ଛନ୍ନତା ସହିତ ମାଟି ହାଣ୍ଡି କିମ୍ବା ମାଠିଆରେ ପାଣି ରଖାଯିବାର ପ୍ରାବଧାନ ରହିଛି। ପ୍ରତ୍ୟେକ ଦିନ ମାଟି ହାଣ୍ଡିରେ ପାଣି ଭରା ଯିବାକୁ ନିର୍ଦ୍ଦେଶ ରହିଛି। ହେଲେ ଏହି ନିର୍ଦ୍ଦେଶକୁ କେତେକ ସ୍ଥାନରେ ପାଳନ ହେଉନଥିବା ଅଭିଯୋଗ ହେଉଛି। ଡେରାବିଶ ବ୍ଲକ ଖମୋଳ ଗ୍ରାମ ପଞ୍ଚାୟତର ସଲାରୋ ମଠ ନିକଟରେ ଥିବା ଏହି ଜଳଛତ୍ର ହିଁ ସୂଚାଉଛି ଯେ ବ୍ଲକ ଏବଂ ପଞ୍ଚାୟତ ପ୍ରଶାସନ ଏନେଇ କେତେ ସଚେତନ ରହିଛି। ଅଭିଯୋଗ ଅନୁସାରେ ପ୍ରଥମ ଦିନେ ଦୁଇଦିନ ଏକ ପାଣି ହାଣ୍ଡି ରହିଥିଲେ ବି ତାହା ଏବେ କୁଆଡେ ଉଭାନ ହୋଇଯାଇଛି। ଫଳରେ ପାଣି ହାଣ୍ଡି ନଥିବା ଜଳଛତ୍ର ଏଠାରେ ପ୍ରହସନ ପାଲଟି ଯାଇଛି। କେବଳ ବ୍ୟାନରରେ ଜଳଛତ୍ର ଶୋଭା ପାଉଛି। କଟକ-ଚାନ୍ଦବାଲି ରାସ୍ତାର ଖମୋଳ ପଞ୍ଚାୟତ ଅନ୍ତର୍ଗତ ସଲାରୋ ମଠ ନିକଟରେ ଥିବା ଏହି ଜଳଛତ୍ର ଶହ ଶହ ପଥଚାରୀଙ୍କ ତୃଷ୍ଣା ମେଣ୍ଟାଇଥାଏ। ଏହି ଜଳଛତ୍ର ନିକଟରେ ପୂର୍ତ୍ତବିଭାଗର ଏକ ପଥପ୍ରାନ୍ତ ସୁବିଧା କେନ୍ଦ୍ର ମଧ୍ୟ ରହିଛି। ଯେଉଁଠାରେ କି ପଥଚାରୀ ଏହି ଜଳଛତ୍ରରୁ ନିଜର ତୃଷ୍ଣା ମେଣ୍ଟାଇ ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ କିଛି ସମୟ ବିଶ୍ରାମ ନେଇଥାନ୍ତି ।ହେଲେ ଖମୋଳ ପଞ୍ଚାୟତର ଏହି ଜଳଛତ୍ର କେବଳ ବ୍ୟାନର ଜଳଛତ୍ର ଭାବରେ ଶୋଭା ପାଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ମଧ୍ୟ ହେଉଛି। ଏହା ସହିତ ବିଭିନ୍ନ ସ୍ଥାନରେ ବସିଥିବା ଜଳଛତ୍ର କେଉଁଠି ଖୋଲା ପାଣି ହାଣ୍ଡି ପଡିଛି ତ କେଉଁଠି ରୀତିମତ ପାଣି ପଶୁ ନାହିଁ। କେବଳ ଦିନେ କି ଦୁଇଦିନ ପାଣି ହାଣ୍ଡି ରଖି ବ୍ୟାନର ଝୁଲାଇ ଦେଇ ବିଲ କରାଇବା ପାଇଁ ଫଟୋ ଉଠାଇବା ପରେ ପାଣି ହାଣ୍ଡି ଉଭାନ ହୋଇ ଯାଇଛି ବୋଲି ସ୍ଥାନୀୟ ବାସିନ୍ଦା ପ୍ରଭାକର ସାମଲ ଅଭିଯୋଗ କରିଛନ୍ତି। ଯାହା ଫଳରେ ଜଳଛତ୍ର ପ୍ରହସନରେ ପରିଣତ ହେଉଛି। ପଥଚାରୀ ସିନା ନିରାଶ ହେଉଛନ୍ତି ହେଲେ ଏନେଇ ପଞ୍ଚାୟତର ତିଳେ ମାତ୍ର ନିଘା ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଅନିୟମିତତାକୁ ବ୍ୟବସ୍ଥିତ କରିବାକୁ ସାଧାରଣରେ ଦାବି ହେଉଛି।

## ଥାଲାସେମିଆ ରୋଗୀଙ୍କୁ ରକ୍ତଦାନ କରି ଜୀବନ ବଞ୍ଚାଇଲେ ଦୁଇ ଯୁବକ

**କେନ୍ଦ୍ରାପଡ଼ା,୮।୫(ସମିସ):** ଏବେ ଗ୍ରୀଷ୍ମ ପ୍ରବାହ ଥିବାରୁ ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖାଦେଇଛି। ଥାଲାସେମିଆ ଦିବସରେ ଯଦି ଥାଲାସେମିଆ ରୋଗୀଟିକୁ ରକ୍ତ ନ ମିଳେ ତ ଦିବସର





ମୂଲ୍ୟ ରହିବ ନାହିଁ। ଥାଲାସେମିଆ ରୋଗୀ ସିଲୁ ସେଠୀଙ୍କ ରକ୍ତ ଗ୍ରୁପ କେନ୍ଦ୍ରାପଡା ରକ୍ତ ଭଣ୍ଡାରରେ ନଥିବା ଖବର ପାଇ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ନିକଟରେ ପହଞ୍ଚିଥିଲା। ଶ୍ରୀ ମହାନ୍ତି ତୁରନ୍ତ ସେହି ଗ୍ରୁପର ରକ୍ତ ସଂଗ୍ରହ ପାଇଁ ଟ୍ରଷ୍ଟର ସଦସ୍ୟ ହରିହର ନାୟକଙ୍କୁ ସୁଦୂର ଗଞ୍ଜାମରୁ ଡ଼କାଇଥିଲେ ।ଅନ୍ୟ ଜଣେ ସଦସ୍ୟ ମନୋଜ ରାଉତ ସେହି ଗ୍ରୁପର ମଧ ରକ୍ତଦାନ କରି ଏହି ଥାଲାସେମିଆ ରୋଗୀଙ୍କର ଜୀବନ ବଞ୍ଚାଇଥିଲେ। ଏହି ଖବର ଜଣାପଡ଼ିବା ପରେ ସାଧାରଣରେ ଯୁବକ ଦ୍ୱୟଙ୍କୁ ପ୍ରଶଂସା କରାଯାଇଛି।

### କାଳବୈଶାଖୀ ପ୍ରଭାବ

## ଭାଙ୍ଗିଲା ବଡ଼ ବଡ଼ ଗଛ; ବଜ୍ରପାତରେ ଜଳିଗଲା ଛଣଗଦା

**ଡେରାବିଶ, ୮।୫ (ସମିସ):** ଡେରାବିଶ ବ୍ଲକ ଅଞ୍ଚଳରେ ଆଜି ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବଡ଼ ବଡ଼ ଗଛ ଭାଙ୍ଗିବା ସହିତ ବହୁ ସ୍ଥାନରେ ଗଛ ପଡ଼ି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ଏଥିସହିତ ଗଛ ଭାଙ୍ଗି ଡେରାବିଶ-ଚାନ୍ଦୋଳ ରାସ୍ତା ବହୁ ଧରି ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏଥି ସହିତ ଅଢ଼ଙ୍ଗା ମଲ୍ଲିକେଶ୍ୱରପୁର ଗ୍ରାମର ରାମଚନ୍ଦ୍ର ସାହୁଙ୍କ ବାଡ଼ିରେ ଥିବା ଛଣଗଦା ଉପରେ ବଜ୍ରାଘାତ ଘଟି ନିଆଁ ଲାଗିଯାଇଥିଲା। ଘଟଣାସ୍ଥଳରେ ଡେରାବିଶରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଗଛ ପଡ଼ି ବହୁ ସ୍ଥାନରେ ବିଦ୍ୟୁତ୍ ତାର ଛିଡ଼ି ସ୍ଥାନୀୟ ବହୁ ଅଞ୍ଚଳରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା।





### ୧୩ନଂ ଜୋନ୍‌ରେ ବିଜେଡିର କର୍ମୀ ସମାବେଶ

# 'ଯୋଡ଼ି ଶଙ୍ଖ'କୁ ଜିତାଇବାକୁ କର୍ମୀଙ୍କୁ ଆହ୍ୱାନ ଦେଲେ ସାଂସଦ ଓ ବିଧାୟକ ପ୍ରାର୍ଥୀ

**ଡେରାବିଶ/ପଞ୍ଚୁପାଣ୍ଡବ, ୮।୫ (ସମିସ)**

ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁରୁଜଙ୍ଗା ମିନିଷ୍ଟାଡ଼ିୟମ ପରିସରରେ ଆଜି ସନ୍ଧ୍ୟାରେ ପାଟକୁରା ବିଜେଡ଼ି ପକ୍ଷରୁ ଡେରାବିଶ ବ୍ଲକର ୧୩ ଜୋନ ସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେଡ଼ିର କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାପାତ୍ର ଓ ବିଜେଡ଼ିର ପାଟକୁରା ବିଧାୟକ ପ୍ରାର୍ଥୀ ଅନୁଭବ ମହାପାତ୍ର ଯୋଗଦେଇ ଉପସ୍ଥିତ ହଜାର ହଜାର କର୍ମୀମାନଙ୍କୁ ଯୋଡ଼ି ଶଙ୍ଖରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ଜିଲ୍ଲା ଯୁବ ବିଜେଡ଼ି ସଭାପତି ରାଜେସ ଦାସ,




କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ପୂର୍ବତନ ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଉଭୟ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ଜିତାଇବାକୁ କର୍ମୀମାନଙ୍କୁ ନିବେଦନ କରିଥିଲେ। ଏହି ସଭାରେ ଗୋଲଖ ମହାଭୋଇ, ଆକାଶ ନାୟକ, ବିଜୁ ଜନତା ଦଳର ଜିଲ୍ଲା ସମ୍ପାଦିକା ସରଳରେଖା ସାହୁ ପ୍ରମୁଖ ବିଜେଡ଼ି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟାବଳୀ ସମ୍ବନ୍ଧରେ ଉପସ୍ଥିତ ଜନସାଧାରଣଙ୍କୁ କହିବା ସହିତ ପୁନର୍ବାର ବିଜେଡ଼ିକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଏହି ଜନହିତକର ଯୋଜନା ଗୁଡ଼ିକୁ ଆଗକୁ ଉପଭୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ବିଜେଡ଼ି ନେତା ସରୋଜକାନ୍ତ ନାୟକ, ଯୁବ ବିଜେଡ଼ି ସଭାପତି ଗୋଲଖ ଚନ୍ଦ୍ର ସାହୁ, ମନୋରଞ୍ଜନ ଉପାଧ୍ୟାୟ, ଗଣେଶ୍ୱର ବେହେରା, ଭବାନୀ ପ୍ରସାଦ ଓଝା, ସତ୍ୟରଞ୍ଜନ ସାମଲ, ସୁଦ୍ଧ ଦେବ ବେହେରା, ପ୍ରତାପ କୁମାର ବେହେରା, ଯୋଗାନନ୍ଦ ମହାନ୍ତି, ଭରତ ଚନ୍ଦ୍ର ଦାସ, ବୃନ୍ଦାବନ ମଣ୍ଡଳ, ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଆଲୋକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମୀ ସମାବେଶରେ ଡେରାବିଶ ବ୍ଲକର ୧୩ ନଂ ଜୋନ୍ ଅଧୀନସ୍ଥ ପଞ୍ଚାୟତମାନଙ୍କରୁ ହଜାର ହଜାର କର୍ମୀ ଯୋଗ ଦେଇଥିଲେ।

## କ୍ୟାନ୍ସର ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ୨୫ ଇଞ୍ଚ କେଶ ଦାନ କଲେ ସଂଯୁକ୍ତା

**ରାଜକନିକା,୮।୫(ସମିସ):** କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ରାଜକନିକା ବ୍ଲକ ଜୟନଗର ଅଞ୍ଚଳର ବଜରପୁର ଗ୍ରାମର ସୁରେଶ ଚନ୍ଦ୍ର ନାୟକଙ୍କ ଧର୍ମପତ୍ନୀ ସଂଯୁକ୍ତା ନାୟକ କ୍ୟାନ୍ସର ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ନିଜର ପଚିଶି ଇଞ୍ଚ କେଶ ଦାନ କରିଛନ୍ତି। ସେ ଜଣେ ଗୃହିଣୀ ।ସେ ତାଙ୍କ ବାନ୍ଧବୀ ଦିପାଲି ଭୋଳଙ୍କର ଚଉଦ ବର୍ଷ ଝିଅ ଆସ୍ରୀୟା ଭୋଳ କ୍ୟାନ୍ସର ପୀଡିତାଙ୍କ ଉଦ୍ଦେଶ୍ୟରେ ଏହି କେଶଦାନ କରିଛନ୍ତି । ସେ କୁନି ଝିଅ ର ପ୍ରେରଣା ପାଇଁ ସେ ବି କେଶ ଦାନ କରିଛନ୍ତି। ସମସ୍ତ ମହିଳାଙ୍କ ଭଳି ସଂଯୁକ୍ତା ମଧ ତାଙ୍କ କେଶ କୁ ଭଲ ପାଆନ୍ତି। ପରେ ସେ ହୃଦୟଙ୍ଗମ କଲେ କି ତାଙ୍କ ଛୋଟ ସହାୟତା ବା ଉପହାର କାହା ମୁହଁରେ ହସ ଫୁଟେଇ ପାରିବ। ସେଥିପାଇଁ ସ୍ୱ-ଇଚ୍ଛାରେ କେଶଦାନ କରିବାପାଇଁ ଆଉ ନିଷ୍ପତ୍ତି ନେଇ ୨୫ ଇଞ୍ଚର କେଶଦାନ ଆଜି କାଟିଛନ୍ତି। ସୂଚନା ଥାଉକି ଭୁବନେଶ୍ୱର ରେ ସୋପାଭା ଟ୍ରଷ୍ଟ ତରଫରୁ "କେଶ ଥିଲେ ଦିଅନ୍ତୁ ଓ କେଶ ନ ଥିଲେ କେଶୀ (ଡଓଏ) ନିଅନ୍ତୁ" ଅଭିଯାନ ଆରମ୍ଭ କରିଛନ୍ତି। ଦୁଇ ବର୍ଷ ଭିତରେ ପଚିଶି ଜଣ କ୍ୟାନ୍ସର ପୀଡ଼ିତାଙ୍କୁ କେଶ ଉପହାର ଦେବା ସହିତ ଦେଢ଼ ଶହ ଜଣ କ୍ୟାନ୍ସର ପୀଡ଼ିତାଙ୍କ ଉଦ୍ଦେଶ୍ୟରେ କେଶ ଦାନ କରିବା ସହ ପାଞ୍ଚଟି ବିୟୁଟି ପାର୍ଲରର ଭଉଣୀ ମାନେ ସତୁରୀଟି ବାର ଇଞ୍ଚ୍ ରୁ ଅଧିକ କେଶ ଟ୍ରଷ୍ଟକୁ ପ୍ରଦାନ କରିଛନ୍ତି। ଏହି କେଶ କୁ ନେଇ କେଶୀ ତିଆରି କରାଯାଉଛି। ଜଣେ କେଶ ଦାତ୍ରିର କେଶ ତିରିଶ ରୁ ଚାଳିଶି ଗ୍ରାମ ହୋଇ ଥାଏ। ସେହିଭଳି ତିନିଶହ ଗ୍ରାମରୁ ଅଧିକ କେଶରେ ଗୋଟିଏ କେଶୀ ତିଆରି କରାଯାଇଥାଏ।



## ଫୁଲଝରିରେ ବିଜେଡି ପ୍ରାର୍ଥୀ ନଳିନୀ ପ୍ରଧାନଙ୍କ ପ୍ରଚାର



**ବଇଣ୍ଡା, ୮।୫ (ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଅଙ୍ଗପଡ଼ା ପଞ୍ଚାୟତ ଫୁଲଝରିରେ ବିଜେଡି ପ୍ରାର୍ଥୀ ନଳିନୀ ପ୍ରଧାନଙ୍କ ପ୍ରଚାର ଜୋରଦାର କରିଛନ୍ତି। ପ୍ରତ୍ୟେକ ପରିବାରର ସଦସ୍ୟଙ୍କୁ ଭେଟି ତାଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ବିଜେଡି ସରକାର ଅମଳରେ ଏହି ଅଞ୍ଚଳରେ ହୋଇଥିବା ସମସ୍ତ ବିକାଶ କଥା କହିବା ସହ ଆଗାମୀ ଦିନରେ ବିଜେଡି ସରକାର ଗଠନ କଲେ, ଯାହା ସମସ୍ୟା ଥିବା ସବୁ ସମାଧାନ କରାଯିବ ବୋଲି କହିଥିଲେ। ଏହି ପ୍ରଚାରରେ ବିଜେଡି ନେତ୍ରୀ ରଂଜିତା ପ୍ରଧାନ, ଅଙ୍ଗପଡ଼ା ସରପଞ୍ଚ ଜିତେନ୍ଦ୍ର ସାହୁ, ବିଜେଡି ରେଙ୍ଗାଳି ସଂଯୋଜକ କାଳନ୍ଦୀ ଚରଣ ପ୍ରଧାନ, ଶୋଭାଙ୍ଗିନୀ ପାତ୍ର, ରିତେଶ ପ୍ରଧାନ, ପ୍ରକାଶ ଚନ୍ଦ୍ର ବେହେରା, ଚତୁରା ନନ୍ଦ ସାହୁ, ଫକୀର ସାହୁଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

## ୮ ପେଟି ବିଅର ଜବତ; ଅଭିଯୁକ୍ତ ଗିରଫ

ରେଙ୍ଗାଳି ୮।୫ (ସମିସ) କଣିହାଁ ବ୍ଲକ ରେଙ୍ଗାଳି ଥାନା ସୁଲେଇପାଳ ଗ୍ରାମରେ ରେଙ୍ଗାଳି ପୁଲିସ ଚଢ଼ଉ କରି ୮ ପେଟି ବିଅର ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, କଣିହାଁ ବ୍ଲକ ଗଣ୍ଡମଳା ପଞ୍ଚାୟତ ସୁଲେଇପାଳ ଗ୍ରାମର ଦେବେନ୍ଦ୍ର ଗଡ଼ନାୟକ (୬୮) ଙ୍କ ଘରେ ରେଙ୍ଗାଳି ପୁଲିସ ଚଢ଼ଉ କରିଥିଲା। ସେଠାରୁ ୮ ପେଟି ବିଅର ବୋତଲ ଜବତ କରି ଚୋରା ବିଦେଶୀ ମଦ ବିକ୍ରି ଅଭିଯୋଗରେ ଦେବେନ୍ଦ୍ରଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଆଇଆଇସି ଜୟନ୍ତ ମହାନ୍ତି କହିଛନ୍ତି।

# ଶତାଧିକ ଗ୍ରାମରେ ଉତ୍କଟ ଜଳ ସମସ୍ୟା

**ତାଳଚେର ସଦର, ୮।୫ (ସମିସ)**

ତାଳଚେରରେ ଖଣି ଖାଦାନ ଓ କଳ କାରଖାନା ଯୋଗୁଁ ସବୁଠାରୁ ଉତ୍ତପ୍ତ ଅଞ୍ଚଳ ହେଇଥିବା ବେଳେ ଏଠାରେ ଜଳ ସଙ୍କଟ ଉତ୍କଷ୍ଟ ହୋଇପଡ଼ିଛି। ଲୋକମାନେ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଖଣି ଖାଦାନ ଯୋଗୁଁ ଏଠାରେ ଜଳସ୍ତର ନିମ୍ନଗାମୀ ହୋଇଥାଏ। ୫ ଦଶନ୍ଧି ପୂର୍ବରୁ ତାଳଚେର ଅଞ୍ଚଳରେ ପ୍ରକୃତିଦତ୍ତ ଚିରୋସ୍ରୋତା ବ୍ରାହ୍ମଣୀ ନଦୀ ସାଙ୍ଗକୁ ମାତ୍ରାଧିକ ଜଙ୍ଗଲ ଅଞ୍ଚଳର ଶୋଭାବର୍ଦ୍ଧନ କରିବା ସହିତ ଗ୍ରୀଷ୍ମ ଦାଉରୁ ରକ୍ଷା କରୁଥିଲା ଓ ସେହି ସମୟରେ ଜଳ ସଙ୍କଟ

- **ବ୍ରାହ୍ମଣୀ ନଦୀ ଜଳ ଶୋଷିନେଉଛି କଳ କାରଖାନା**
- **ଓଭରହେଡ୍ ପାଣିଟାଙ୍କି ନିର୍ମାଣ ସତ୍ତ୍ୱେ ଲାଗିନି ପାଇପ୍**
- **ଡହକବିକଳ ହେଉଛନ୍ତି ଅଞ୍ଚଳବାସୀ; ପ୍ରଶାସନ ଚୁପ୍**

ନଥିଲା। ବୃକ୍ଷ ହିଁ ଜୀବନ କୁହାଯାଉଥିବା ବେଳେ ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଖଣି ଖାଦାନ ଓ ବିଭିନ୍ନ କଳ କାରଖାନା ଯୋଗୁଁ ମାତ୍ରାଧିକ ଜଙ୍ଗଲକୁ କାଟି ସଫା କରିଦିଆଗଲା। ଏପରିକି ପାହାଡ଼ ପର୍ବତରୁ ବୋହି ଆସୁଥିବା ଝରଣା, ପାଣି ମାହାରା ଗୁଡ଼ିକ ଖଣି



ଖାଦାନରେ ନିଶ୍ଚିହ୍ନ ହୋଇଗଲା। ତାଳଚେର ଅଞ୍ଚଳରେ କୋଇଲା ଖଣି ସାଙ୍ଗକୁ ଏନଟିପିସି, ଟିଟିପିଏସ୍, ଏଫସିଆଇ, କୋଲୱସେରୀ, ନାଲକୋ, ଡେରେଙ୍ଗ ଜିନ୍ଦଲ ଓ ଛୋଟ ବଡ଼ କଳ କାରଖାନା ରହିଛି। ତାଳଚେର ଅଞ୍ଚଳବାସୀ ଦୀର୍ଘବର୍ଷରୁ ବ୍ରାହ୍ମଣୀ ନଦୀ ଉପରେ ନିର୍ଭରକରି ଚଳିଆସୁଥିଲେ। ମାତ୍ର ଏହି କଳ କାରଖାନା ହେବା ଦିନଠାରୁ ନଦୀ କୂଳରେ ପମ୍ପ ହାଉସ୍ ନିର୍ମାଣ କରି ବଡ଼ ବଡ଼ ହୋମ ପାଇପ୍ ଦ୍ୱାରା ପାଣି ଶୋଷିବା ସହିତ ସରକାରଙ୍କ ନିୟମକୁ ବେଖାତିର୍ କରି ବୋରୱେଲ ବସାଇ ଭୂଗର୍ଭରୁ ଜଳ ଶୋଷି ନେଉଥିବା ଅଭିଯୋଗ ହେଉଛି। ଗଭୀର କୋଇଲା ଖଣି ସାଙ୍ଗକୁ ଶହ ଶହ ବୋରୱେଲ ଏବଂ ଜଙ୍ଗଲ କ୍ଷୟ ଜଳସଙ୍କଟର ମୁଖ୍ୟ କାରଣ ବୋଲି ପରିବେଶବିତ୍ ମତପ୍ରକାଶ କରିଛନ୍ତି। ଏତିକି ନୁହେଁ, ଏହି ବ୍ରାହ୍ମଣୀ ନଦୀର ଉପର ଭାଗରେ ରେଙ୍ଗାଳି ଓ ସମଲ ବ୍ୟାରେଜ୍ ବନ୍ଧ ବାନ୍ଧି ଦେଇଥିବାରୁ ବର୍ଷକର ୮ମାସ ପାଣି ନଦୀରୁ ଶୁଖିଲା ପଡ଼ିଥାଏ। ସେହିଭଳି ଅଧିକ ଗ୍ରୀଷ୍ମତାପ ଓ ଉପରୋକ୍ତ ସମସ୍ୟା ଯୋଗୁଁ ତାଳଚେର ଅଞ୍ଚଳରେ ଥିବା କୂଅ, ପୋଖରୀ, ଏପରିକି ନଳକୂପ ନଭେମ୍ବରରୁ ଜୁନ୍ ପର୍ଯ୍ୟନ୍ତ ଦୀର୍ଘ ୮ମାସ ହେବ ଶୁଖିଯାଇ କ୍ରମାଗତ ଭାବେ ଉତ୍କଟ ଜଳ ସମସ୍ୟା ଦେଖାଦେଇଥାଏ। ଅଞ୍ଚଳବାସୀ ଏହାକୁ ନେଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ପୁରୁଷ ମହିଳା ଏହି ପାଣି ଟୋପାଏ ପାଇଁ ବାରମ୍ବାର ଗରାମାଠିଆ ଧରି ଆନ୍ଦୋଳନ କରିଆସୁଛନ୍ତି। ଉତ୍କଟ ଜଳ ସମସ୍ୟାକୁ ନେଇ ଏମସିଏଲ ପକ୍ଷରୁ ଟ୍ୟାଙ୍କର ଯୋଗେ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଜଳ ଯୋଗାଯାଇଥାଏ। ମାତ୍ର ଏହି ଜଳ ସମୁଦ୍ରକୁ ଶଙ୍ଖେ ଭଳି। ଏମସିଏଲ ପକ୍ଷରୁ ସିଏସଆର୍ ଅର୍ଥରେ ଟ୍ୟାଙ୍କର ମାଧ୍ୟମରେ ଯୋଗାଇ ଦିଆଯାଉଥିବା ଜଳ ଜାଲିଆତି ହେଉଥିବାରୁ ଲୋକେ ଜଳ ଟିକେ ପାଇଁ ଡହକବିକଳ ହୋଇଥାନ୍ତି। ଏହି ଜଳକଷ୍ଟକୁ ଦେଖି ସ୍ୱଜଳ ଧାରା ମାଧ୍ୟମରେ ସମସ୍ତ ପରିବାରକୁ ସ୍ଥାୟୀଜଳ ଯୋଗାଇବାକୁ ପମ୍ପ ହାଉସ୍ ନିର୍ମାଣ କରି ପାଇପ୍ ଯୋଗେ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ବାଟବଣା। ସମ୍ପୃକ୍ତ ଠିକାଦାର ଓଭହେଡ୍ ପାଣିଟାଙ୍କି ନିର୍ମାଣ କରିସାରିଥିଲେ ମଧ୍ୟ ସମସ୍ତ ଗ୍ରାମ ଓ ବସ୍ତିକୁ ନିର୍ଦ୍ଦିଷ୍ଟ ସମୟରେ ପାଇପ ବିଛା କାର୍ଯ୍ୟ ସାରିପାରି ନଥିବାରୁ ଲୋକଙ୍କ ନିକଟରେ ପାଣି ପହଞ୍ଚିବା ସମ୍ଭବ ହୋଇ ପାରିନାହିଁ। ଏହାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନିକ ଆନ୍ତରିକତା ଅଭାବରୁ ଆଜି ତାଳଚେରବାସୀ ପାଣି ଟୋପାଏ ପାଇଁ ଡହକବିକଳ ହେଉଥିବା କୁହାଯାଉଛି। ତେବେ ତାଳଚେର ପୌର ପରିଷଦରେ ଥିବା ୨୧ଗୋଟି ୱାର୍ଡ ଓ ବ୍ଲକ ଅଧୀନରେ ଥିବା ୨୧ଟି ପଞ୍ଚାୟତକୁ ସ୍ଥାୟୀ ଜଳଯୋଗାଣ ବ୍ୟବସ୍ଥା କେବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ତାଳଚେରରେ ୧୦ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ

**ତାଳଚେର, ୮।୫(ସମିସ):** ତାଳଚେର (୬୦) ବିଧାନସଭା କ୍ଷେତ୍ର ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ୧୦ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ସମସ୍ତଙ୍କ ନାମାଙ୍କନ ପତ୍ର ବୈଧ ରହିଥିବା ସୂଚନା ମିଳିଛି। ବିଜେପିରୁ କାଳନ୍ଦୀ ଚରଣ ସାମଲ, କଂଗ୍ରେସରୁ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ବିଜେଡିରୁ ବ୍ରଜକିଶୋର ପ୍ରଧାନ, ବିଏସପିରୁ ସର୍ବେଶ୍ୱର ନାଏକ, ଏସୟୁସିଆଇ(କମ୍ୟୁନିଷ୍ଟ)ରୁ ପ୍ରହଲ୍ଲାଦ ସାହୁ, ଏପିଆଇରୁ ବିଜୟ କୁମାର ନାଏକ, ଏଆଇଏଫବିରୁ ମନୋଜ କୁମାର ଜେନା, ସ୍ୱାଧୀନ ପ୍ରାର୍ଥୀ ଭାବେ ଭୁପେନ ଥମ୍ବ, ରୂପକ କୁମାର ପାଣି ଏବଂ ସନ୍ତୋଷ କୁମାର ସାହୁଙ୍କ ପ୍ରାର୍ଥିପତ୍ର କାଏମ ରହିଛି।

## ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ



**ତାଳଚେର, ୮।୫(ସମିସ):** ତାଳଚେର ବ୍ଲକ୍ ସମ୍ମିଳନୀ କକ୍ଷରେ ଆଜି ତାଳଚେର ଉପଖଣ୍ଡ ରେଡକ୍ରସ୍ ସୋସାଇଟ୍ ପକ୍ଷରୁ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଯାଇଛି। ଏହି କର୍ଯ୍ୟକ୍ରମରେ ତାଳଚେର ବ୍ଲକ ବିଡିଓ ଚିନ୍ମୟୀ ଚେତନା ଦାସ ଓ ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ବିକାଶ ରଞ୍ଜନ ଶବର ଯୋଗ ଦେଇଥିଲେ। ପ୍ରାରମ୍ଭରେ ରେଡକ୍ରସ୍ ପ୍ରତିଷ୍ଠାତା ହେନେରି ଡୁନାଣ୍ଟଙ୍କ ପ୍ରତିଛବିରେ ମୁଖ୍ୟ ଅତିଥି ମାଲ୍ୟାର୍ପଣ କରିଥିଲେ। ରେଡକ୍ରସର ଉଦ୍ଦେଶ୍ୟ ବିଷୟରେ ରେଡକ୍ରସ୍ ଜିଲ୍ଲା ପ୍ରତିନିଧି ବଳରାମ ପତି ଆଲୋକପାତ କରିଥିଲେ। ସେହିଭଳି ରେଡକ୍ରସ୍ ଦ୍ୱାରା ବିଭିନ୍ନ ପ୍ରକାରର ଉନ୍ନତିମୂଳକ କର୍ଯ୍ୟ ତାଳଚେର ଉପଖଣ୍ଡରେ ଜାରି ରହିଛି ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ, ଗଣମାଧ୍ୟମର ପ୍ରତିନିଧି, ଶିକ୍ଷାବିତ୍ ଯୋଗ ଦେଇଥିଲେ।

# ଚାଷୀ ସୁରକ୍ଷା ସମିତିର ଅର୍ଥନୈତିକ ଅବରୋଧ ନିଷ୍ପତ୍ତି



**ଅନୁଗୋଳ, ୮।୫ (ସମିସ):** ଅନୁଗୋଳ ଜିଲ୍ଲାର ୯୨ଖଣ୍ଡ ଗ୍ରାମର ଚକବନ୍ଦୀ ଉଚ୍ଛେଦ ଦାବିରେ ଦୀର୍ଘ ୩ବର୍ଷ ଧରି ଜାରି ରହିଛି ବିଭିନ୍ନ ପର୍ଯ୍ୟାୟ ଆନ୍ଦୋଳନ। ଫଳରେ ଅଦ୍ୟାବଧି ଚକବନ୍ଦୀ ଉଚ୍ଛେଦ ସମ୍ପର୍କରେ କୌଣସି ପଦକ୍ଷେପ ନନେବା ଯୋଗୁଁ ଅନୁଗୋଳ ଜିଲ୍ଲା ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପୂର୍ବାହ୍ନରେ ଚାଷୀ ସୁରକ୍ଷା କମିଟିର ସଭାପତି ପ୍ରଦୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଚାଷୀମାନଙ୍କ ଅସନ୍ତୋଷ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଚକବନ୍ଦୀ ଉଚ୍ଛେଦ ପାଇଁ ବିଭିନ୍ନ ପର୍ଯ୍ୟାୟରେ ଗଣଆନ୍ଦୋଳନ କରାଯାଇ ଦାବି ଉପସ୍ଥାପନ କରାଯାଇଆସୁଛି। ବିଶେଷକରି ଗତ ୨୦୨୧ ଓ ୨୦୨୩ ରେ ଦୁଇ ଦୁଇଟି ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରି ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ୨୦୨୩ରେ ଦୀର୍ଘ ୬୬ଦିନ ୯୨ଖଣ୍ଡ ଗ୍ରାମର ଚାଷୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଏ ସମ୍ପର୍କରେ ରାଜ୍ୟ ରାଜସ୍ୱ ବିଭାଗ ପ୍ରମୁଖ ସଚିବଙ୍କ ସହିତ ଚାଷୀ ସୁରକ୍ଷା କମିଟିର କର୍ମକର୍ତ୍ତାଙ୍କ ଆଲୋଚନା ପରେ ଗଣଧାରଣାକୁ ସାମୟିକ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ରାଜସ୍ୱ ସଚିବଙ୍କ ସହିତ ଆଲୋଚନା ପରେ ଇତି ମଧ୍ୟରେ ୪ମାସ ବିତିଯାଇଥିଲେ ସୁଦ୍ଧା ଅଦ୍ୟାବଧି ଅନୁଗୋଳ ଜିଲ୍ଲାର ଚାଷୀମାନେ କୌଣସି ସୁଫଳ ନପାଇବାରୁ ଆନ୍ଦୋଳନକୁ ତୀବ୍ରତର କରାଯାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜିଲ୍ଲାରେ ଅର୍ଥନୈତିକ ଅବରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ୯୨ଖଣ୍ଡ ମୌଜାର ଚାଷୀମାନେ ଆନ୍ଦୋଳନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଉକ୍ତ ବୈଠକରେ ଚାଷୀ ସୁରକ୍ଷା କମିଟିର ଉପଦେଷ୍ଟା ଅଚ୍ୟୁତାନନ୍ଦ ମିଶ୍ର, ସମ୍ପାଦକ ହେମନ୍ତ କୁମାର ଦାସ, ଉପସଭାପତି ଅନନ୍ତ ଚରଣ ସାହୁ, ଦୁର୍ଯ୍ୟୋଧନ କର, ସାର୍ଥକ ଦେହୁରୀ, କାଳିଚରଣ ପ୍ରଧାନ, ତ୍ରୈଲୋକ୍ୟ ସାହୁ, ରବୀନ୍ଦ୍ର କୁମାର ଧର, ମଳୟ ଦେହୁରୀ, ଅନିରୁଦ୍ଧ ଦେହୁରୀ, ଚନ୍ଦ୍ରଶେଖର ପାଣିଗ୍ରାହୀ, କେଶବ ପ୍ରଧାନ, ସତ୍ୟାନନ୍ଦ ସାହୁ, ରବୀନ୍ଦ୍ର ସାହୁ, ବସନ୍ତ ଗଡ଼ନାୟକ, ବିନୋଦ ବିଶ୍ୱାଳ, ହର୍ଷବର୍ଦ୍ଧନ ସାହୁ, ଅନ୍ତର୍ଯ୍ୟାମୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ





**ଅନୁଗୋଳ, ୮।୫ (ସମିସ) :** ଅନୁଗୋଳ ନିର୍ବାଚନ ମଣ୍ଡଳୀର ବଁଅରପାଳ ବ୍ଲକ ଅନ୍ତର୍ଗତ ଗଡ଼ସନ୍ତ୍ରୀ ପଞ୍ଚାୟତ, ବଉଳିଗଡ଼ ଗ୍ରାମ ପଞ୍ଚାୟତ, ତୁଳସୀପାଳ ଗ୍ରାମ ପଞ୍ଚାୟତଠାରେ ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଢେଙ୍କାନାଳ ଲୋକସଭା କ୍ଷେତ୍ର ବିଜେଡି ସାଂସଦ ପ୍ରାର୍ଥୀ ଡ. ଅବିନାଶ ସାମଲ, ଅନୁଗୋଳ ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟିକା ପ୍ରାର୍ଥିନୀ ସଂଯୁକ୍ତା ସିଂହ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ବଁଅରପାଳ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ବିଜୁ ଜନତା ଦଳ ରାଜ୍ୟ ସଂପାଦକ ବିପ୍ଳବ ଜେନା, ଅନୁଗୋଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ, ଅନୁଗୋଳ ନିର୍ବାଚନ ମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ଅରୂପ ଶ୍ରୀଚନ୍ଦନ, ଅନୁଗୋଳ ଜିଲ୍ଲା ବିଜୁ ଜନତା ଦଳ ଉପ ସଭାପତି ବାଉରୀ ବନ୍ଧୁ ସାହୁ, ୨୭ନଂ ଯୋନ ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ଚନ୍ଦ୍ର ନାଏକ, ତିନୋଟି ପଞ୍ଚାୟତର ବିଜୁ ଜନତା ଦଳ ସଭାପତି ଓ ଦଳର ନେତୃମଣ୍ଡଳୀ ଉପସ୍ଥିତ ରହି ସଙ୍ଗଠନ ଓ ଆଗାମୀ ନିର୍ବାଚନ ରଣନୀତି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କିପରି ଯୋଡ଼ିଶଙ୍ଖରେ ଲୋକମାନେ ଭୋଟ ଦେବେ, ସେ ସମ୍ପର୍କରେ ଉପସ୍ଥିତ ଅତିଥିମାନେ କର୍ମୀ ସମ୍ମିଳନୀରେ ଉଦବୋଧନ ଦେଇଥିଲେ।

## ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମିତି ପକ୍ଷରୁ ରକ୍ତଦାନ ଶିବିର



**ତାଳଚେର ସଦର, ୮।୫ (ସମିସ):** ତାଳଚେର ଅଖିଳ ଭାରତୀୟ ମାରୱାଡି ମହିଳା ସମିତି ପକ୍ଷରୁ ଆଜି ସ୍ଥାନୀୟ ମାରୱାଡ଼ି ଧର୍ମଶାଳା ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିରକୁ ମହେଶ ଅଗ୍ରୱାଲ. ଗୌରୀଶଙ୍କର ଶର୍ମା. ବଜରଙ୍ଗ ଅଗ୍ରୱାଲ, ଅର୍ଜୁନ ଅଗ୍ରୱାଲ, ରାଜକିଶୋର ଅଗ୍ରୱାଲ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏଥରେ ମହିଳା ସମିତିର ସଭାନେତ୍ରୀ ନିନା ଅଗ୍ରୱାଲ. ସମ୍ପାଦକ ନିର୍ମଳା ଅଗ୍ରୱାଲ ଓ ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମିଳନୀ ପ୍ରାନ୍ତୀୟ ଅଞ୍ଚଳ ପ୍ରମୁଖ ଆଶା ଅଗ୍ରୱାଲ ଓ ସମିତିର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ତାଳଚେର ସବଡିଭିଜନ ହସ୍ପିଟାଲର ଡାକ୍ତର ଓ କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥଲେ। ଏହି ରକ୍ତଦାନ ଶିବିରରେ ୩୧ ଜଣ ରକ୍ତଦାନ କରିଥିଲେ। ଏଥିରେ ରକ୍ତଦାନ କରିଥିବା ସେଚ୍ଛାସେବୀ ଓ ଉପସ୍ଥିତ ଥିବା ସମସ୍ତ ଅଥିତିଙ୍କୁ ମାରୱାଡ଼ି ମହିଳା ସମିତି ତରଫରୁ ଅଭିନନ୍ଦନ କରାଯାଇଥିଲା। ଆଗାମୀ ଦିନରେ ସମିତି ତରଫରୁ ଅନେକ ଜନହିତକର କାର୍ଯ୍ୟ କରାଯିବ ବୋଲି ସଭାନେତ୍ରୀ ନିନା ଅଗ୍ରୱାଲ ପ୍ରକାଶ କରିଥିଲେ।

## ବିଦ୍ୟାଳୟରେ ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ



**ଅନୁଗୋଳ, ୮।୫ (ସମିସ):** ଅନୁଗୋଳ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଯାଇଛି। ଏହି ସମାରୋହରେ ସ୍କୁଲ ରେଡକ୍ରସ କାଉନସିଲର ମନ୍ଦାକିନୀ ସାହୁଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଶିକ୍ଷକ ବିନୋଦ ଚନ୍ଦ୍ର ଦେହୁରୀ, ନୀଳମଣି ଦେହୁରୀ, ଶିକ୍ଷିକା ସ୍ଥିତପ୍ରଜ୍ଞା ଗଡ଼ନାୟକ ଏବଂ ରେଡକ୍ରସ୍ ସୋସାଇଟିର ଆଜୀବନ ସଦସ୍ୟ ରବୀନ୍ଦ୍ର ନାଥ ସାହୁ ଉପସ୍ଥିତ ଥିଲେ। ସମାଜସେବୀ ହେନେରି ଡୁରାଣ୍ଟଙ୍କ ଜନ୍ମ ଓ ରେଡକ୍ରସ୍ ଗଠନରେ ତାଙ୍କର ଅତୁଳନୀୟ ତ୍ୟାଗ ଉପରେ ବକ୍ତାମାନେ ଆଲୋଚନା କରିଥିଲେ।

## ଧର୍ମପରାୟଣା ମହିଳାଙ୍କ ହୃଦ୍‌ଘାତରେ ପରଲୋକ

**ଅନୁଗୋଳ, ୮।୫(ସମିସ) :** ବନ୍ତଳା ଥାନା ହମାମିରା ଗାଁର ଗୋପବନ୍ଧୁ ସାହୁଙ୍କ ପତ୍ନୀ ରୂପକାନ୍ତି ସାହୁ (୬୪)ଙ୍କ ବିଳମ୍ବିତ ରାତିରେ ହୃଦଘାତରେ ପରଲୋକ ହୋଇଯାଇଛି। ରାତି ୯ଟା ବେଳକୁ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। କିନ୍ତୁ ସେଠାରେ ତାଙ୍କର ପରଲୋକ ହୋଇଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ, ତିନି ପୁଅ ଗୌରଚନ୍ଦ୍ର ସାହୁ, ସାମ୍ବାଦିକ ପତିତପାବନ ସାହୁ, ଯଶୋବନ୍ତ ନାରାୟଣ ସାହୁ, ପୁତ୍ରବଧୂ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ ପୁଅ ଗୌରଚନ୍ଦ୍ର ମୁଖାଗ୍ନି ଦେଇଥିଲେ।



# ବଇଣ୍ଡାରେ ଅଣ୍ଡରପାସ୍ ନିର୍ମାଣକୁ ନେଇ ତେଜୁଛି ଅସନ୍ତୋଷ

**ଅନୁଗୋଳ/ବଇଣ୍ଡା, ୮।୫ (ସମିସ)**

ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଠାରେ ନିର୍ମାଣ ହେଉଥିବା ଫ୍ଲାଏ ଓଭର ବ୍ରିଜ୍ ଓ ୩ ଟି ନିର୍ମାଣ ପାଇଁ ଦାବି ହେଇଆସୁଥିବା ବେଳେ ନିର୍ମାଣ ପାଇଁ ଜାତୀୟ ରାଜପଥ ବିଭାଗ ଦୃଷ୍ଟି ଦେଉନଥିବା ଯୋଗୁଁ

- **ଭୋଟ ବର୍ଜନ କରିବାକୁ ଗ୍ରାମବାସୀଙ୍କ ନିଷ୍ପତ୍ତି**

ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଛି। ଏ ନେଇ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଯୋଗୁଁ ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନରେ ଭୋଟ ବର୍ଜନ କରିବା ପାଇଁ ବଇଣ୍ଡା ଅଞ୍ଚଳବାସୀ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଏକ ଦାବିପତ୍ର ମାଧ୍ୟମରେ ଗ୍ରାମବାସୀ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ପ୍ରଦାନ କରିଛନ୍ତି। ଏହାର ଏକ ନକଲ ସମ୍ବଲପୁର ଏନଏଚ ଆଇ ପିଡି, କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଗ୍ରାମବାସୀ ତାଙ୍କ ଦାବିପତ୍ରରେ ଉଲେଖ କରିଛନ୍ତି ଯେ,



ବଇଣ୍ଡା ଜନଗହଳିପୂର୍ଣ୍ଣ ଅଞ୍ଚଳଥିବା ବେଳେ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଉଛି। ହେଲେ ଏହି ବ୍ରିଜ ନିର୍ମାଣ ଯୋଗୁଁ ବଇଣ୍ଡାରେ ବ୍ୟବସାୟ ଉପରେ ପ୍ରବାହ ପଡୁଛି। ଦେଢ଼ କିମି ବ୍ରିଜ ନିର୍ମାଣ ହେଉଥିବା ବେଳେ ଆବଶ୍ୟକ ଅଣ୍ଡରପାସ୍ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରାଯାଉନାହିଁ। ଆଠମଲ୍ଲିକ ରାସ୍ତାକୁ ଯାତାୟାତ ପାଇଁ ଗୋଟିଏ ଫ୍ଲାଏ ଓଭର ବ୍ରିଜ (ଅଣ୍ଡରପାସ )ନିର୍ମାଣ କରାଯାଇଥିବା ବେଳେ ଆଉ ୨ ଟି ମେଡିକାଲ ଓ ରେଳ ଷ୍ଟେସନକୁ ଯାତାୟାତ ପାଇଁ ନିର୍ମାଣ କରାଯାଇଛି। ହେଲେ ଛକରେ ଆଉ ୩ ଟି ଫ୍ଲାଏ ଓଭର ବ୍ରିଜ (ଅଣ୍ଡରପାସ ) ନିର୍ମାଣ ପାଇଁ ଦାବି ହେଇଆସୁଛି। ବଇଣ୍ଡା ଏକ ମୁଖ୍ୟ ବ୍ୟବସାୟିକ କେନ୍ଦ୍ର ହୋଇଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ବିଦ୍ୟାଳୟ ରହିଛି। ସେଗୁଡିକକୁ ଯିବା ଆସିବା ପାଇଁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେବେ। ଏପରିକି ନୂତନ ବସଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ହୋଇଥିଲେ ମଧ୍ୟ ବସଷ୍ଟାଣ୍ଡକୁ ବସ ଯିବାଆସିବା ପାଇଁ ଅସୁବିଧା ସୃଷ୍ଟି ହେବ। ଟ୍ରାଫିକ ସମସ୍ୟା ଅଧିକ ଜଟିଳ ହେବ। ଏଥିପାଇଁ ଆଉ ୩ ଟି ଫ୍ଲାଏ ଓଭର ବ୍ରିଜ (ଅଣ୍ଡରପାସ )ନିର୍ମାଣ ପାଇଁ ଦାବି ହେଉଛି। ନିର୍ମାଣ ହୋଇଥିବା ଫ୍ଲାଏ ଓଭର ବ୍ରିଜ ନିକଟର ଗୋଟିଏ ପାର୍ଶ୍ୱରେ କାମ ଚାଲିଥିବା ବେଳେ ଅନ୍ୟ ପାର୍ଶ୍ୱରେ ଏହି ଅଣ୍ଡରପାସ ବ୍ରିଜଗୁଡିକ ନିର୍ମାଣ ପାଇଁ ଦାବି ହୋଇଛି। ଏ ନେଇ ଗ୍ରାମବାସୀ ଗତ ଏପ୍ରିଲ ୩୦ରେ ଏକ ଦାବିପତ୍ର ଏନଏଚ ଆଇ ପିଡିଙ୍କୁ ପ୍ରଦାନ କରିବା ପରେ ପିଡି ମେ ପହିଲାରେ ବଇଣ୍ଡା ଗ୍ରାମକୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ହେଲେ ଠିକାସଂସ୍ଥା ଅନ୍ୟ ପାର୍ଶ୍ୱରେ ରାସ୍ତା କାମ ଆରମ୍ଭ କରିଥିବା ଯୋଗୁଁ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଗ୍ରାମବାସୀ ମଙ୍ଗଳବାର ନୂତନ ରାଧାକୃଷ୍ଣ ମନ୍ଦିର ନିକଟରେ ଏକ ଜରୁରୀ କାଳୀନ ବୈଠକ କରିବା ସହ ଶୁକ୍ରବାର ଉକ୍ତ କାମ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ପ୍ରଥମେ ନିଜେ ଶୃଙ୍ଖଳିତ ହେଲେ ଯାଇ ସମସ୍ତଙ୍କ ପାଇଁ ଶାନ୍ତିର ପରିବେଶ ସୃଷ୍ଟି କରିହେବ।
-ଗୌତମ ବୁଦ୍ଧ



ସକାଳ
THE SAKALA

## କୋଭିଡ୍ ଟିକାର ବିରଳ ପାର୍ଶ୍ୱ ପ୍ରତିକ୍ରିୟା

# କୋଭିସିଲ୍ଡ ଟିକା ଅଗତ୍ୟା ପ୍ରତ୍ୟାହୃତ

କୋଭିଡ୍ ମହାମାରୀ ଦୂର ହୋଇଛି, କିନ୍ତୁ ଏହାର ଭୂତାଣୁ ଉପରେ ବିଶ୍ୱ ଏଯାଏଁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଆଣିପାରିନାହିଁ। ବିଭିନ୍ନ ପ୍ରକାର ପ୍ରତିଷେଧକ ଟିକା ସତ୍ତ୍ୱେ କରୋନା ଭୂତାଣୁର ନୂଆ ନୂଆ ପ୍ରଜାତି ମଝିରେ ମଝିରେ ଆମ୍ପ୍ରକାଶ କରି ମଣିଷ ପାଇଁ ବିପଦ ସୃଷ୍ଟି କରିଚାଲୁଛି। ଆଜି ତାରିଖ ସୁଦ୍ଧା ଆମେରିକାର ୨୫ ଭାଗ ଲୋକ ଓମିକ୍ରନର ଏକ ନୂଆ ପ୍ରଜାତି ଫ୍ଲିଟ୍ ବା କେପି.୨ ଭୂତାଣୁ ଦ୍ୱାରା ଆକ୍ରାନ୍ତ। ଏହାର ସଂକ୍ରମଣ ହାର ଅତି ଦ୍ରୁତତର ହେଲେ ମଧ୍ୟ ଆକ୍ରାନ୍ତଙ୍କ ମୃତ୍ୟୁ ହାର ଅପେକ୍ଷାକୃତ କମ୍। ତଥାପି ଏଥିପ୍ରତି ସତର୍କ ରହିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଗଠନ ପକ୍ଷରୁ ସବୁଦେଶଙ୍କୁ ପରାମର୍ଶ ଦିଆଯାଇଛି। ଏଭଳି ସମୟରେ କରୋନା ଟିକାକୁ ନେଇ ଏକ ଉଦ୍‌ବେଗଜନକ ତଥ୍ୟ ପଦାକୁ ଆସିଛି।

ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଓ ଆଷ୍ଟ୍ରାଜେନିକା କମ୍ପାନୀ ଦ୍ୱାରା ମିଳିତ ଭାବେ ବିକଶିତ କରୋନା ଟିକାର ବିରଳ ପାର୍ଶ୍ୱ ପ୍ରତିକ୍ରିୟା ଥିବା ଜଣାପଡ଼ିବା ପରେ ଏହାକୁ କର୍ତ୍ତୃପକ୍ଷ ବିଶ୍ୱବଜାରରୁ ପ୍ରତ୍ୟାହାର କରି ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଭାରତରେ ପ୍ରତିଷ୍ଠିତ ଟିକା ଉତ୍ପାଦନକାରୀ କମ୍ପାନୀ ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ(ଏସ୍‌ଆଇଆଇ, ପୁନେ) ଏହି ଟିକାର ଉତ୍ପାଦନ ପାଇଁ ଅନୁମତି ପାଇଥିଲା। ଭାରତ ସମେତ ବିଶ୍ୱର ଅନେକ ସ୍ୱଳ୍ପ ଓ ମଧ୍ୟମ ଆୟକାରୀ ଦେଶରେ କୋଭିସିଲ୍ଡ ନାମର ଏହି ଟିକା ଲୋକଙ୍କୁ ଦିଆଯାଇଥିଲା। ଭାରତର ରାଜଧାନୀ ଓ ବିଭିନ୍ନ ପ୍ରାଦେଶିକ ରାଜଧାନୀ ବ୍ୟତୀତ ଅନ୍ୟ ସବୁଠି ଏହି କୋଭିସିଲ୍ଡ ଟିକା ପ୍ରଥମ ଦୁଇ ଅନୁପାନ ସମେତ ବୁଷ୍ଟର ଡୋଜ୍ ଆକାରରେ ମୋଟ ତିନିଥର ଦିଆଯାଇଥିଲା। ଏସ୍‌ଆଇଆଇ କମ୍ପାନୀ ଏହି ଟିକା ଉତ୍ପାଦନ ପାଇଁ ଉଭୟ ବ୍ରିଟିଶ୍-ସୁଇଡିସ୍ ଔଷଧ ନିର୍ମାଣକାରୀ କମ୍ପାନୀ ଆଷ୍ଟ୍ରାଜେନିକା ତଥା ଭାରତ ସରକାରଙ୍କଠାରୁ ଅନୁମତି ପାଇଥିଲା।

ଏହି ଟିକା ନେବା ଫଳରେ ଲୋକଙ୍କ ଶରୀରରେ କେତେକ କ୍ଷେତ୍ରରେ ରକ୍ତଜମାଟ ବାନ୍ଧିବା ସହିତ ରକ୍ତକଣିକା ପରିମାଣ ହ୍ରାସ ଏବଂ ଥ୍ରମ୍ବୋସିସ୍ ଓ ଥ୍ରମ୍ବୋସାଇଟୋପେନିଆ ଲକ୍ଷଣ ଦେଖାଦେଉଛି ବୋଲି ଅଭିଯୋଗ ହୋଇଥିଲା। ଥ୍ରମ୍ବୋସିସ୍ ଅର୍ଥ ମସ୍ତିଷ୍କକୁ ରକ୍ତପ୍ରବାହ ବ୍ୟାହତ ହୋଇ ମସ୍ତିଷ୍କାଘାତ ହେବା, ଯାହା ପ୍ରାଣଘାତୀ। ଆଉ କେତେକ କହୁଥିଲେ ଯେ କୋଭିସିଲ୍ଡର ପ୍ରଭାବରେ କିଛିଲୋକ ମଧ୍ୟ ହୃଦ୍‌ଘାତରେ ଆକ୍ରାନ୍ତ ହୋଇ ମରିଛନ୍ତି। ତେବେ ଭାରତୀୟ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ୍ ନେଇ ଏପରି କିଛି ଆପତ୍ତି ନଥିଲା ଏବଂ ଏହାକୁ କୋଭିସିଲ୍ଡଠାରୁ ଭଲ ଟିକା ବୋଲି କୁହାଯାଇଥିଲା। ସେ ଯା' ହେଉ ୟୁରୋପର ବିଭିନ୍ନ ଅଦାଲତରେ କୋଭିସିଲ୍ଡର ଗୁଣବତ୍ତା ଓ ପାର୍ଶ୍ୱପ୍ରତିକ୍ରିୟା ଘେନି ମୋକଦ୍ଦମା ରୁଜୁ ହେବା ପରେ ଆଷ୍ଟ୍ରାଜେନିକା କମ୍ପାନୀ ଏକ ସତ୍ୟପାଠରେ କହିଛି ଯେ କମ୍ପାନୀ ଦ୍ୱାରା କୋଭିସିଲ୍ଡ ଓ ସେହିପ୍ରକାରର ଉତ୍ପାଦିତ କୋଭିଡ୍ ଟିକାର କିଛି ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ରହିଛି। ଏହା ଟିଟିଏସ୍ ବା ଥ୍ରମ୍ବୋସିସ୍, ଥ୍ରମ୍ବୋସାଇକୋପେନିଆ ରକ୍ତଜମାଟ ବାନ୍ଧିବା ଏବଂ ରକ୍ତକଣିକା ଜମିବା ଭଳି ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିପାରେ।

ବିଶ୍ୱର ଅର୍ଦ୍ଧାଧିକ ଲୋକ କୋଭିସିଲ୍ଡ ବା ଆଷ୍ଟ୍ରାଜେନିକା ଫର୍ମୁଲାରେ ପ୍ରସ୍ତୁତ କୋଭିଡ୍ ଟିକା ନେଇଥିଲେ। ପାର୍ଶ୍ୱପ୍ରତିକ୍ରିୟା ସତ୍ତ୍ୱେ ଟିକା ନେଇଥିବା ଲୋକଙ୍କ ମୃତ୍ୟୁହାର(ଟିଟିଏସ୍ ଜନିତ) ନଗଣ୍ୟ ହୋଇଥିଲେ ମଧ୍ୟ ସମ୍ପୃକ୍ତ କମ୍ପାନୀ ବିଶ୍ୱବଜାରରୁ ତୁରନ୍ତ ଏହି ଟିକାର ପ୍ରତ୍ୟାହାର ଗତ ମାର୍ଚ୍ଚ ମଧ୍ୟଭାଗରୁ ଆରମ୍ଭ କରିଥିଲା। ୟୁରୋପୀୟ ବଜାରରେ ଏହା ଏବେ ଆଉ ବ୍ୟବସାୟିକ ଭିତ୍ତିରେ ଉପଲବ୍ଧ ନୁହେଁ। କୋଭିସିଲ୍ଡର ଉତ୍ପାଦନ ମଧ୍ୟ ଏବେ ବନ୍ଦ ଅଛି। ଭାରତୀୟ ବଜାରରେ ଏବେ ଯେଉଁ କୋଭିସିଲ୍ଡ ଟିକା ରହିଯାଇଛି ତାହା ଏବେ ପ୍ରତ୍ୟାହୃତ ହେବ ଏବଂ ଏହାର ବ୍ୟବହାର ଆଉ ହେବ ନାହିଁ।

କୋଭିଡ୍ ମହାମାରୀର ମୁକାବିଲା ପାଇଁ ଅତ୍ୟନ୍ତ ତରବରିଆ ଭାବେ ଟିକା ଯେତେବେଳେ ପ୍ରସ୍ତୁତ ହେଲା ସେତେବେଳେ ଅନେକ ବିଶେଷଜ୍ଞ ଏହାର ନିରାପତ୍ତା ଘେନି ପ୍ରଶ୍ନ ଉଠାଇଥିଲେ। ଏହାର ମୁଖ୍ୟ କାରଣ ହେଲା ଘନ ଘନ ପ୍ରଜାତି ବଦଳାଉଥିବା କରୋନା ଭୂତାଣୁ। ଚୀନ୍‌ରେ ତ ପ୍ରଥମେ ସେଠା ବୈଜ୍ଞାନିକଙ୍କ ଦ୍ୱାରା ପ୍ରସ୍ତୁତ କରୋନା ଟିକା କାମ ନ ଦେବାରୁ ମୃତ୍ୟୁ ସଂଖ୍ୟା ବଢ଼ିଥିଲା। ଆମେରିକା ଓ ୟୁରୋପରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଥିଲା। ତେବେ ସେ ଯା' ହେଉ ସବୁଯାକ କରୋନା ଟିକା ଯେ ସମ୍ପୂର୍ଣ୍ଣ ଅସୁରକ୍ଷିତ ଏହା କହିବା ବୋଧହୁଏ ଠିକ୍ ହେବ ନାହିଁ। ଯେଉଁ ତତ୍ପରତା ଓ ଜରୁରୀ ଆବଶ୍ୟକତା ମଧ୍ୟରେ ଅଳ୍ପ ସମୟରେ ଏହି ଟିକା ପ୍ରସ୍ତୁତ ହେଲା ସେତେବେଳେ ଏଥିରେ ପାର୍ଶ୍ୱ ପ୍ରତିକ୍ରିୟା ରହିବା ଆଶଙ୍କାକୁ ଏଡ଼ାଇବା ସହଜ ନଥିଲା। ଏବେ ଅଦାଲତ ମାମଲାରେ ପଡ଼ି ସମ୍ପୃକ୍ତ କମ୍ପାନୀ ସତ ସ୍ୱୀକାର କରିବାକୁ ବାଧ୍ୟ ହୋଇଛି। ଏହାଫଳରେ ଭବିଷ୍ୟତରେ ବିଶ୍ୱ ଜନସ୍ୱାସ୍ଥ୍ୟ ଉପରେ ବଡ଼ ବିପଦକୁ ଏଡ଼ାଇବା ସମ୍ଭବ ହୋଇଛି।

କୋଭିସିଲ୍ଡ ଟିକା ନେଇ ଏହାର ପାର୍ଶ୍ୱ ପ୍ରତିକ୍ରିୟାରେ ମରିଥିବା ଲୋକଙ୍କୁ ସମ୍ପୃକ୍ତ କମ୍ପାନୀ କ୍ଷତିପୂରଣ ଦେବା ସହିତ ଟିକାକୁ ବଜାରରୁ ପ୍ରତ୍ୟାହାର କରିଛି ଏବଂ କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷମାପ୍ରାର୍ଥନା ମଧ୍ୟ କରିଛି। ଏହାଛଡ଼ା ଆଉ ଅଧିକ କ'ଣ କରାଯାଇ ପାରିଥା'ନ୍ତା! ରୋଗୀଙ୍କ ନିରାପତ୍ତା ପ୍ରତି ଦୃଷ୍ଟି ଦେବା ଯେକୌଣସି ଔଷଧ ନିର୍ମାତାଙ୍କର ପ୍ରଥମ ଦାୟିତ୍ୱ ଓ ଅଗ୍ରାଧିକାର। ତେବେ ଔଷଧର ଗୁଣମାନ ଉତ୍ତମ ଭାବେ ପରୀକ୍ଷା କରି ଏହାର ବଜାର ପ୍ରବେଶ କରାଇବା ଦାୟିତ୍ୱ ନିୟନ୍ତ୍ରଣକାରୀ କର୍ତ୍ତୃପକ୍ଷ(ରେଗୁଲେଟରୀ ଅଥରିଟି) ଓ ସରକାରଙ୍କର। ସେମାନଙ୍କ ମଧ୍ୟରେ ଏ କ୍ଷେତ୍ରରେ ତ୍ରୁଟି ରହିଛି ନିଶ୍ଚୟ। ଭାରତରେ ମଧ୍ୟ କୋଭିସିଲ୍ଡ ଟିକାର ଏଭଳି ପ୍ରତିକ୍ରିୟା ଯେ ଘଟି ନଥିବ ତାହା କିଏ କହିବ? ଏହାର ମଧ୍ୟ ତଦନ୍ତ କରାଯାଇ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦିଆଯିବା ଉଚିତ।

କରୋନା ଏବେ ନୂଆ ରୂପରେ ବିଶ୍ୱରେ ରହିଛି ଓ ଏହା ଭବିଷ୍ୟତରେ ବିଭିନ୍ନ ରୂପରେ ରହିଥିବ। ସେଥିପାଇଁ ଆମକୁ ନୂଆ ନୂଆ ଟିକା ଓ ଔଷଧ ତିଆରି କରିବାକୁ ପଡ଼ିବ। କମ୍ ସମୟରେ ଓ ଜରୁରିକାଳୀନ ପରିସ୍ଥିତିରେ ପ୍ରତିଷେଧକ ଟିକାର ସଫଳତା ଦାବି କରିବାକୁ ଯିବା ବେଳେ ବିଫଳତା ଆସିବା ନୂଆ କଥା ନୁହେଁ। ଆଶା କରିବା କୋଭିସିଲ୍ଡର ଯେଉଁ ବିରଳ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହେଲା ନୂଆ ଟିକାରେ ଯେପରି ତାହା ନ ରହେ ସେଥିପ୍ରତି ଔଷଧ ଉତ୍ପାଦକ, ବୈଜ୍ଞାନିକ, ନିୟନ୍ତ୍ରଣକାରୀ କର୍ତ୍ତୃପକ୍ଷ ଉପଯୁକ୍ତ ଦୃଷ୍ଟି ଦେବେ।

# ଉତ୍କଳ ଗଙ୍ଗା ବୈତରଣୀ



**ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର**
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨

ପୁଣ୍ୟତୋୟା ବୈତରଣୀ ଭାରତବର୍ଷର ଏକ ପବିତ୍ର ଓ ପ୍ରାଚୀନ ନଦୀ। କେନ୍ଦୁଝର ଜିଲ୍ଲାର ଗୋନାସିକା ପର୍ବତରୁ ଏହି ନଦୀ ବାହାରି କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରଖ ଓ ଯାଜପୁର ଜିଲ୍ଲା ମଧ୍ୟରେ ପ୍ରବାହିତ ହୋଇ ଧାମରା ମୁହାଣଠାରେ ପୂର୍ବମହୋଦଧିରେ ମିଳିତ ହୋଇଛି। ଏହି ପବିତ୍ର ନଦୀ କୂଳରେ ପ୍ରାଚୀନତୀର୍ଥ ଯାଜପୁର ଅବସ୍ଥିତ। ରାମାୟଣ, ମହାଭାରତ, ଭାଗବତ, ବ୍ରହ୍ମପୁରାଣ, ବାୟୁପୁରାଣ, ବ୍ରହ୍ମାଣ୍ଡ ପୁରାଣ ଓ କପିଳସଂହିତା ପ୍ରଭୃତି ପୁରାଣ ଶାସ୍ତ୍ରରେ ବୈତରଣୀର ମହିମା ବର୍ଣ୍ଣିତ। ଏପରିକି ଗଙ୍ଗାଠାରୁ ବୈତରଣୀ ବାରବର୍ଷ ବଡ଼ ବୋଲି କୁହାଯାଇଛି। କାରଣ ବ୍ରହ୍ମାଙ୍କ ତପସ୍ୟା ବଳରେ ଗଙ୍ଗାର ଅନ୍ୟତମ ଧାରା ସ୍ୱର୍ଗରୁ ବୈତରଣୀ ନାମ ଧରି ଗୋନାସିକାରୁ ଆବିର୍ଭାବ ହୋଇଥିଲେ ଏବଂ ଗଙ୍ଗା ପରବର୍ତ୍ତୀ କାଳରେ ଭଗୀରଥଙ୍କ ତପସ୍ୟା ବଳରେ ମର୍ତ୍ତ୍ୟାବତରଣ କରିଥିଲେ। ସେଥିନିମିତ୍ତ ପ୍ରାଚୀନ ବୈତରଣୀ ନଦୀ 'ଉତ୍କଳ ଗଙ୍ଗା' ନାମରେ ସୁପ୍ରସିଦ୍ଧ।

ବୈତରଣୀ ନଦୀର ଉତ୍ପତ୍ତି ପ୍ରସଙ୍ଗ ପୁରାଣରେ ସୁନ୍ଦର ଭାବରେ ବର୍ଣ୍ଣିତ। ସୃଷ୍ଟି ଆରମ୍ଭରେ ବ୍ରହ୍ମା ବିଶ୍ୱର କେନ୍ଦ୍ରସ୍ଥଳ ଯାଜପୁରରେ ବିଶ୍ୱକଲ୍ୟାଣ କାମନାରେ ଏକ ବୈଦିକ ଯଜ୍ଞାନୁଷ୍ଠାନ କରିଥିଲେ। ସେହି ଯଜ୍ଞ ନିମିତ୍ତ ସ୍ୱର୍ଗସ୍ଥିତ ଗଙ୍ଗାଙ୍କ ମର୍ତ୍ତ୍ୟାବତରଣ କାମନାରେ ବ୍ରହ୍ମା ତପସ୍ୟା କରିଥିଲେ। ବ୍ରହ୍ମାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ଗଙ୍ଗାଙ୍କର ଗୋଟିଏ ଧାରା ବୈତରଣୀ ନାମ ଧାରଣ ପୂର୍ବକ ଗୋନାସିକାରୁ ଆବିର୍ଭାବ ହୋଇଥିଲେ। ଗୋନାସିକାଠାରୁ ବାହାରି କିଛିଦୂର ପ୍ରବାହିତ ହେବା ପରେ ଘୋର ଅରଣ୍ୟ ମଧ୍ୟରେ ବନବାସୀ ଲଳନାଙ୍କୁ ଉଲଗ୍ନ ଅବସ୍ଥାରେ ଦେଖି ଗୁପ୍ତ ହୋଇଥିଲେ। ପୁନର୍ବାର ବ୍ରହ୍ମାଙ୍କ ପ୍ରାର୍ଥନାରେ ବୈତରଣୀ ଗୁପ୍ତଗଙ୍ଗାଠାରେ ଆବିର୍ଭାବ ହୋଇ ପ୍ରବାହିତ ହେଲେ। କଥିତ ଅଛି, ବୈତରଣୀଙ୍କ ଗତିପଥରେ ପ୍ରତି ଏକକ୍ରୋଶରେ ଶିବ ଲିଙ୍ଗ ରୂପରେ ଆବିର୍ଭାବ ହୋଇ ବୈତରଣୀଙ୍କର ମାର୍ଗଦର୍ଶକ ସାଜିଥିଲେ। ଏବେ ମଧ୍ୟ ଗୁପ୍ତଗଙ୍ଗାଠାରେ ବ୍ରହ୍ମାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରଥମ କ୍ରୋଶଲିଙ୍ଗ ବ୍ରହ୍ମେଶ୍ୱର ନାମ ଧାରଣ କରି ବିରାଜମାନ ଅଛନ୍ତି। ଏଥିସହିତ ପ୍ରତିକ୍ରୋଶରେ ଗୋଟିଏ ଗୋଟିଏ କ୍ରୋଶଲିଙ୍ଗ ତଥା ଯାଜପୁରଠାରେ ଶେଷ କ୍ରୋଶଲିଙ୍ଗ ବିରାଜିତ। ଯାଜପୁରଠାରେ ବ୍ରହ୍ମାଙ୍କ ଯଜ୍ଞସ୍ଥଳୀ ନିକଟରେ ବୈତରଣୀ ପ୍ରବାହିତ ହୋଇ ସମଗ୍ର କ୍ଷେତ୍ରକୁ ପୂତ ଓ ପବିତ୍ର କରିଥିଲେ ତଥା ନିମ୍ନଗାମୀ ହୋଇ ପୂର୍ବମହୋଦଧିରେ ସାଗର ସଙ୍ଗମ ଲାଭ କରିଥିଲେ। ବ୍ରହ୍ମା ସୃଷ୍ଟି ଆରମ୍ଭରେ ବୈତରଣୀ ତଟସ୍ଥ ଏହି କ୍ଷେତ୍ରରେ ଯଜ୍ଞ କରିଥିବାରୁ ଏହା 'ଯଜ୍ଞପୁରୀ' ଓ ପରେ 'ଯାଜପୁର'ରେ ପରିଚିହ୍ନିତ। ପୌରାଣିକମାନଙ୍କ ମତରେ ବୈତରଣୀ ଗଙ୍ଗାଙ୍କ ଆବିର୍ଭାବର ବାରବର୍ଷ ପୂର୍ବରୁ ଉତ୍ପତ୍ତି ହୋଇଥିବାରୁ ଏହି ନଦୀକୁ ବୃଦ୍ଧା ବୈତରଣୀ କୁହାଯାଏ। ଭୌଗୋଳିକଙ୍କ ମତରେ ହିମାଳୟ ସୃଷ୍ଟି ହେବା ପରେ ଗଙ୍ଗାଙ୍କ ଧାରା ନିର୍ଗତ ହୋଇଛି, କିନ୍ତୁ ତାହା ପୂର୍ବରୁ ବୈତରଣୀ ନଦୀର ଉତ୍ପତ୍ତି ଘଟିଛି।

ବ୍ରହ୍ମା ଯାଜପୁରରେ କରିଥିବା ଯଜ୍ଞର ଦକ୍ଷିଣାଗ୍ନିରୁ ଈଶାନେଶ୍ୱର ଶିବଲିଙ୍ଗ ଓ ଗାର୍ହପତ୍ୟାଗ୍ନିରେ ପରମଶକ୍ତିମୟୀ ବିରଜାଙ୍କ ଆବିର୍ଭାବ ଘଟିଥିଲା ବୋଲି ବ୍ରହ୍ମପୁରାଣରେ ବର୍ଣ୍ଣନା ରହିଛି। ଜଗଜ୍ଜନନୀ ବିରଜା ପୂଜା ପାଇବା ପରେ ମହାଭାରତ ଯୁଗରେ ଅର୍ଥାତ ଆଜିକୁ ପାଞ୍ଚହଜାର ବର୍ଷ ପୂର୍ବେ ଏହି ଯଜ୍ଞକ୍ଷେତ୍ର ବିଶ୍ୱ ପ୍ରସିଦ୍ଧ କ୍ଷେତ୍ରର ମାନ୍ୟତା ଲାଭ କରିଥିଲା ବୋଲି ସଂସ୍କୃତ ମହାଭାରତ ବନପର୍ବରୁ ଜଣାଯାଏ।

**ତତୋ ବୈତରଣୀ ଗଚ୍ଛେତ୍ ସର୍ବପାପ ପ୍ରମୋଚନୀମ୍, ବିରଜଂ ତୀର୍ଥ ମାସାଦ୍ୟ ବିରାଜିତ ଯଥା ଶଶୀ। / ପ୍ରଚରେଚ୍ଚକୁଳଂ ପୁଣ୍ୟ ସର୍ବ ପାପଂ ବ୍ୟପୋହତି, ଗୋସହସ୍ରଫଳଂ ଲବ୍ଧ୍ୱା ପୁନାତି ସ୍ୱକୁଳଂ ନରଃ।**

ସେହି ବନପର୍ବରେ ଉଲ୍ଲେଖ ରହିଛି ଯେ ମହର୍ଷି ଲୋମଶ ପାଣ୍ଡବମାନଙ୍କୁ ଏହି ପବିତ୍ର ତୀର୍ଥ ସଂପର୍କରେ ସୂଚନା ପ୍ରଦାନ ପୂର୍ବକ ଗମନ କରିବାକୁ ଉପଦେଶ ଦେଇଥିଲେ।

**ଏତେ କଳିଙ୍ଗା କୌନ୍ତେୟ ଯତ୍ର ବୈତରଣୀ ନଦୀ, ଯତ୍ରାଯଜତ ଧର୍ମୋପି ଦେବାନାଂ ଶରଣମେତବୈ / ଋଷିଭିଃ ସମୁଦାୟକ୍ତ ଯଜ୍ଞୀୟଂ ଗିରିଶୋଭିତଂ, ଉତ୍ତରଂ ତୀରମେତଦ୍ଧି ସତତଂ ଦ୍ୱିତ ସେବିତମ୍।**

ଏଥିରୁ ପ୍ରମାଣିତ ହୁଏ, ମହାଭାରତ ଯୁଗରେ ବୈତରଣୀ ନଦୀ ଓ ଯଜ୍ଞକ୍ଷେତ୍ର ପ୍ରସିଦ୍ଧଲାଭ କରିଥିଲା।

ବୈତରଣୀ ନଦୀ ଗୋନାସିକାରୁ ଉଦ୍ଭବ ହୋଇଥିଲେ ହେଁ ଗୁପ୍ତଗଙ୍ଗାଠାରୁ ପ୍ରବାହଧାରା ଆରମ୍ଭ କରିଛି। ଗୁପ୍ତଗଙ୍ଗାଠାରୁ ବୈତରଣୀନଦୀ ସମତଳ ପ୍ରଦେଶରେ ପ୍ରବାହିତ ହୋଇ ଚମ୍ପୁଆ, ଜ୍ୟୋତିପୁର, ରାଜନଗର, ସୁଆମପାଟଣା, ସନ୍ତୋଷପୁର, ବୀରଗୋବିନ୍ଦପୁର, ଝାଡ଼େଶ୍ୱର, ଆନନ୍ଦପୁର, ପଞ୍ଚପଲୀ, ମୁକୁନ୍ଦପୁର, ଘନଶ୍ୟାମପୁର, ରଣପାଳ, ମୂଳାପାଳ ଦେଇ ରୁଢ଼ିଆଠାରେ ଦୁଇଭାଗରେ ବିଭକ୍ତ ହୋଇଛି। ଏହାର ମୂଳଶାଖା ବୈତରଣୀ ଓ ଦକ୍ଷିଣଶାଖା ବୁଢ଼ାନଦୀ ଅଟେ। ମୂଳ ବୈତରଣୀ ରୁଢ଼ିଆଠାରୁ ମାଳଆନନ୍ଦପୁର, କୁଞ୍ଜବିହାରୀପୁର ଦେଇ ପ୍ରବାହିତ ହୋଇ ଶଙ୍ଖାରୀଘାଇଠାରେ ପୁନର୍ବାର ଦୁଇଭାଗରେ ବିଭକ୍ତ ହୋଇଛି। ଏହାର ଉତ୍ତରଦିଗକୁ ଯାଇଥିବା ଶାଖା ଗେଙ୍ଗୁଟି ନାମ ଧରି ଭଦ୍ରଖ ଜିଲ୍ଲାରେ କିଛିଦୂର ପ୍ରବାହିତ ହୋଇ ପୁନର୍ବାର ଯାଜପୁର ସହର ତଳେ ବୈତରଣୀରେ ମିଶିଛି। ମୂଳବୈତରଣୀ ଶଙ୍ଖାରିଘାଇଠାରୁ ବାରଭାଗିଆ, ପଣସା, ଲାଲବାଗ, ବିନ୍ଧାଣ ଦେଇ ଯାଜପୁରର ଦଶାଶ୍ୱମେଧ ଘାଟ, ବଲ୍ଲଭୀ ଘାଟ, ସିଦ୍ଧେଶ୍ୱରଠାରେ ଉତ୍ତରବାହିନୀ ହୋଇ ଖରସ୍ରୋତା ସହିତ କଇଁଆଗୋଲାରେ ମିଶି ଧାମରା ମୁହାଣଠାରେ ପୂର୍ବମହୋଦଧିରେ ପଡ଼ିଛି। ପବିତ୍ର ବୈତରଣୀ ତଟରେ ପ୍ରାଚୀନ ତୀର୍ଥ ଯାଜପୁର ଅବସ୍ଥିତ। ମହନୀୟତା ହେଉଛି, ଯାଜପୁରଠାରେ ବୈତରଣୀରୁ ମନ୍ଦାକିନୀ, ହଂସରେଖା, ପଦ୍ମରେଖା, ଚିତ୍ରରେଖା, ମଦ୍‌ଗୁରେଖା, କୁଶଭଦ୍ରା ଓ ଯୂଶଭଦ୍ରା ପ୍ରଭୃତି ସପ୍ତନଦୀ ବା ସପ୍ତରେଖା ବାହାରି ସମଗ୍ର ତୀର୍ଥଭୂମିକୁ ଜଳପ୍ଲାବିତ କରିବା ସହିତ 'ବିତରଣ ବାରିବହୁଳା' ନାମଟିକୁ ସାର୍ଥକ କରିଛି।

ଯାଜପୁର ତୀର୍ଥରେ ବିରଜା, ବରାହ, ଦଶାଶ୍ୱମେଧ ଘାଟ, ଜଗନ୍ନାଥ ନବଗ୍ରହ, ସପ୍ତମାତୃକା, ନାଭିକୂପ, ଶୁଭସ୍ତମ୍ଭ, ବ୍ରହ୍ମାକୁଣ୍ଡ ଓ ଅଠରନଳା ସେତୁ ସହିତ ଅଗଣିତ ଶିବଲିଙ୍ଗ ବିରାଜିତ। ପୁରାଣ ବର୍ଣ୍ଣାନୁଯାୟୀ ବୈତରଣୀନଦୀରେ ସ୍ନାନପୂର୍ବକ ପିଣ୍ଡଦାନ, ଗୋଦାନ ଓ ବରାହ ବିରଜାଙ୍କ ଦର୍ଶନ କଲେ ଅଶେଷ ପୁଣ୍ୟ ଅର୍ଜନ ହୋଇଥାଏ। ଭାରତର ସକଳପ୍ରାନ୍ତରରୁ ଯାତ୍ରୀଗଣ ଏହି ତୀର୍ଥକୁ ପିଣ୍ଡଦାନ ଓ ଗୋଦାନ କରିବାକୁ ଆସିଥା'ନ୍ତି। ସୋମବଂଶୀ ରାଜା ଦ୍ୱିତୀୟ ଯଯାତି ଉତ୍ତର ଭାରତରୁ ଦଶସହସ୍ର କାନ୍ୟଶାଖାର ଯାଜ୍ଞିକ ବ୍ରାହ୍ମଣ ଆଣି ଯାଜପୁରରେ ଦଶାଶ୍ୱମେଧ ଯଜ୍ଞ କରାଇଥିଲେ। ସେ ବିରଜାମନ୍ଦିର, ଶୁଭସ୍ତମ୍ଭ, ବ୍ରହ୍ମାକୁଣ୍ଡ ଓ ବରାହ ମନ୍ଦିର ମଧ୍ୟ ନିର୍ମାଣ କରିଥିଲେ। ଯଯାତିଙ୍କ ରାଜପ୍ରସାଦ ଥିବା ସ୍ଥାନକୁ ବର୍ତ୍ତମାନ ନହରପୁର କୁହାଯାଉଛି। ଦଶାଶ୍ୱମେଧ ଘାଟ ସନ୍ନିକଟରେ ଅବସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଯଯାତିଙ୍କର କୀର୍ତ୍ତି, ବୈତରଣୀ ତଟସ୍ଥ ଯାଜପୁରରେ ୬୮ଟି ତୀର୍ଥ ରହିଛି। ସେଗୁଡ଼ିକ ହେଉଛି ଅଶ୍ୱମେଧତୀର୍ଥ, ଅସ୍ଥିକ୍ଷେପଣତୀର୍ଥ, ଅନ୍ତର୍ବେଦୀତୀର୍ଥ, ଅଗ୍ନିତୀର୍ଥ, ଅଗସ୍ତିତୀର୍ଥ, ଅନନ୍ତତୀର୍ଥ, ଅଜାମ୍ବତୀର୍ଥ, ଅଲାବୁତୀର୍ଥ, ଉର୍ବଶୀ ତୀର୍ଥ, କାଶ୍ୟପତୀର୍ଥ, କୀଲାଳ ତୀର୍ଥ, କପିଳତୀର୍ଥ, କ୍ରୋଡ଼ତୀର୍ଥ, ଗଦାତୀର୍ଥ, ଗଙ୍ଗାତୀର୍ଥ, ଗରୁଡ଼ତୀର୍ଥ, ଗୋକର୍ଣ୍ଣତୀର୍ଥ, ଚନ୍ଦ୍ରତୀର୍ଥ ଓ ପଦ୍ମତୀର୍ଥ ପ୍ରଭୃତି। ଯାଜପୁରଠାରେ ବୈତରଣୀ ତଟରେ ଅସଂଖ୍ୟ ଶିବଲିଙ୍ଗ ଥିଲେ ହେଁ ୧୦୮ ଶିବଲିଙ୍ଗକୁ ପ୍ରାଧାନ୍ୟ ଦିଆଯାଏ।

ଖ୍ରୀଷ୍ଟପୂର୍ବ କାଳରେ ବୈତରଣୀ ତଟରେ ଗୁହଦେବ ଓଡ଼ିଶାର ପ୍ରଥମ ରାଜଧାନୀ ସ୍ଥାପନ ପୂର୍ବକ ଏହାର ନାମ ଗୁହଦେବ ପାଟକ ବା ଗୁହେଶ୍ୱର ପାଟକ ରଖିଥିଲେ। ଗୁହଦେବ ହେଉଛନ୍ତି ବୁଦ୍ଧଦେବଙ୍କ ଦନ୍ତର ଉପାସକ। ଗୁହଦେବଙ୍କ ପରେ ଚୈତ୍ରବଂଶୀୟ ସୁରଶର୍ମା ଏଠାରେ ରାଜଧାନୀ ପ୍ରତିଷ୍ଠା କରିଥିଲେ। ଷଷ୍ଠ ଶତାବ୍ଦୀ ପ୍ରାରମ୍ଭରେ ମହାରାଜା ଶମ୍ଭୁଯଶ ଯାଜପୁର ଅଞ୍ଚଳ ବା ଉତ୍ତର ତୋଷାଳୀରେ ଶାସନ କରୁଥିଲେ। ତାଙ୍କ ରାଜତ୍ୱରେ ମହାସନ୍ଧିବିଗ୍ରହ ସୋମଦତ୍ତ ଓ ମହରାଜା ଭାନୁଦତ୍ତ ଏଠାରେ ରାଜଧାନୀ କରିଥିଲେ। ପାରଳାଖେମୁଣ୍ଡି ତାମ୍ରଶାସନରୁ ଜଣାଯାଏ ଷଷ୍ଠଶତାବ୍ଦୀର ଶେଷଭାଗରେ ପୃଥ୍ୱୀ ମହାରାଜା ବୈତରଣୀ ତଟସ୍ଥ ବିରଜାକ୍ଷେତ୍ରର ରାଜଧାନୀ ସ୍ଥାପନ କରିଥିଲେ। ସପ୍ତମ ଶତାବ୍ଦୀରେ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ବୈତରଣୀ ତଟସ୍ଥ ଉଡ୍ରଦେଶର ରାଜଧାନୀକୁ ଆସିଥିଲେ ଏବଂ ଏହି ରାଜଧାନୀର ବିସ୍ତୃତ ବର୍ଣ୍ଣନା ସେ କରିଛନ୍ତି। ଅଷ୍ଟମ ଶତାବ୍ଦୀରୁ ଭୌମକର ବଂଶୀୟ ରାଜା ଓ ରାଣୀଗଣ ଦୀର୍ଘ ଦୁଇ ଶତାବ୍ଦୀ ଧରି ଯାଜପୁରରେ ରାଜଧାନୀ ସ୍ଥାପନ ପୂର୍ବକ ସାର୍ବଭୌମ ଚକ୍ରବର୍ତ୍ତୀ ରୂପେ ବିଶାଳ ଓଡ଼ିଶାକୁ ଶାସନ କରିଥିଲେ। ଏହି ବଂଶରେ ସାତଜଣ ରାଣୀ ଶାସିକା ହେବା ବିଶ୍ୱ ଇତିହାସରେ ଏକ ବିରଳ ଘଟଣା। ସେହି ସମୟ ଥିଲା ଓଡ଼ିଶାର ସୁବର୍ଣ୍ଣ ଯୁଗ। ଭୌମରାଣୀ ବୈତରଣୀ ତଟରେ ବସାଇଥିବା ହାଟ ଅଦ୍ୟାବଧି ବସୁଅଛି। ଭୌମକର ଶାସନ ଶେଷକାଳରେ ଶଙ୍କରାଚାର୍ଯ୍ୟ ଯାଜପୁରରେ ପଦାର୍ପଣ କରିଥିଲେ। ତତ୍‌କୃତ ଅଷ୍ଟାଦଶ ପୀଠ ମହାତ୍ମ୍ୟରେ ବିରଜାଙ୍କ ନାମ ଉଲ୍ଲିଖିତ, ଯଥା:- 'ଉତ୍କଳେ ବିରଜାଦେବୀ କାଣିକ୍ୟାଂ ଚକ୍ର କୋଟିନୀ' ଭୌମକର ବଂଶ ପରେ ସୋମବଂଶୀ ରାଜନ୍ୟବୃନ୍ଦ ଯାଜପୁରରେ ରାଜଧାନୀ ସ୍ଥାପନ କରିଥିଲେ। ଏହି ବଂଶର ଦ୍ୱିତୀୟ ଯଯାତି ଯାଜପୁରକୁ ବାରଣାସୀ ସମ ଗଢ଼ିଥିଲେ। ସୋମବଂଶର ଶେଷଭାଗ କର୍ଣ୍ଣଦେବ କର୍ପୂରଶ୍ରୀଙ୍କୁ ଶୋଳମପୁର ବୌଦ୍ଧବିହାରରେ ରଖାଇଥିଲେ। ଷୋଳମପୁରରେ ବହୁ ବୌଦ୍ଧକୀର୍ତ୍ତିର ଭଗ୍ନାବଶେଷ ଓ ବୁଦ୍ଧଦେବଙ୍କ ଜୀବନର ଆଠଗୋଟି ବିରଳଚିତ୍ର ରହିଅଛି। ସୋମଯୁଗରେ ଯାଜପୁର ବରାହ, ବିରଜା, ବେଦ, ବିପ୍ର ଓ ବୈତରଣୀ ପ୍ରାଧାନ୍ୟ ଧର୍ମନଗରୀ ଥିଲା। ସେହି ମାନ୍ୟତା ଅଦ୍ୟାବଧି ରହିଅଛି।

**ବରାହ ବିରଜା ବେଦାଃ ବିପ୍ରାଃ ବୈତରଣୀ ନଦୀ, ଶୋଭନ୍ତେ କ୍ଷେତ୍ରେରାଜେଽସ୍ମିନ୍ ବକାରଃ ପଞ୍ଚଦୁର୍ଲଭ।**

ସୋମବଂଶ ପରେ ଗଙ୍ଗବଂଶୀମାନେ ଚୌଦ୍ୱାର ଓ କଟକରେ ରାଜଧାନୀ ସ୍ଥାପନ କରିଥିଲେ। ସେମାନଙ୍କ ପଞ୍ଚକଟକ ମଧ୍ୟରେ ଯାଜପୁର ମୁଖ୍ୟ ଥିଲା। ଏହି ବଂଶର ଚତୁର୍ଥ ନରସିଂହଦେବ ସିଦ୍ଧେଶ୍ୱର ମନ୍ଦିର ନିର୍ମାଣ ପୂର୍ବକ ସ୍ତମ୍ଭାଭିଲେକ ଖୋଦନ କରାଇଥିଲେ। ବୈତରଣୀ ତଟସ୍ଥ ଯାଜପୁର ମହାଭାରତ କାଳୀନ ତୀର୍ଥ ସ୍ଥାନ ହେଲେ ହେଁ ଏଠାରେ ପନ୍ଦରସହ ବର୍ଷ ଧରି ଓଡ଼ିଶାର ରାଜଧାନୀ ଥିଲା।

ଓଡ଼ିଶା ତଥା ଭାରତର ଧର୍ମ, ଦର୍ଶନ, ସଂସ୍କୃତି, ବାଣିଜ୍ୟ, ରାଜନୀତି, ଇତିହାସ ଓ ସାମାଜିକ ଆଚାର ବିଚାରକୁ ବୈତରଣୀର ଦାନ ଅତୁଳନୀୟ। ଓଡ଼ିଶାରେ ପ୍ରବାହିତ ସକଳ ନଦୀମାନଙ୍କ ମଧ୍ୟରେ ବୈତରଣୀର ମହିମା ଅଧିକ। ବୈତରଣୀ ତଟରେ ବହୁ ମୁନିଋଷି ତପସ୍ୟାରେ ସିଦ୍ଧିଲାଭ କରିଥିଲେ। ଅଥର୍ବ ବେଦରେ ବିରଜାଙ୍କ ନାମ ଥିବାରୁ ବିଶ୍ୱାସ କରାଯାଏ ଏହି ବେଦ ବୈତରଣୀ ତଟରେ ରଚନା ହୋଇଥିଲା। ବୈତରଣୀ ତଟସ୍ଥ ମହାବାରୁଣୀତୀର୍ଥରେ ଶତଭିଷା ନକ୍ଷତ୍ରଯୁକ୍ତ ଚୈତ୍ର କୃଷ୍ଣ ତ୍ରୟୋଦଶୀ ତିଥିରେ ଶତାବ୍ଦୀ ଶତାବ୍ଦୀ ଧରି ଲକ୍ଷ ଲକ୍ଷ ଭକ୍ତ ମହାବାରୁଣୀ ସ୍ନାନ ଓ ପିଣ୍ଡଦାନ ପୂର୍ବକ ମୁକ୍ତି କାମନା କରୁଛନ୍ତି। ଗଙ୍ଗାସମ ପୁଣ୍ୟତୋୟା ବୈତରଣୀ ନଦୀର ମହିମା ଗାନ କରିବାକୁ ଯାଇ ପଣ୍ଡିତ କେଶବ ଚନ୍ଦ୍ର ମିଶ୍ର ସ୍ୱରଚିତ ବୈତରଣୀ କାବ୍ୟରେ ଉଲ୍ଲେଖ କରିଛନ୍ତି

**ପ୍ରୟାଗ ପୁଷ୍କରେ ସାଗରେ ସଙ୍ଗମେ, କାଶୀ କ୍ଷେତ୍ରେ ସ୍ନାନ ପୁରାଣ ନିୟମେ। / କଳାଠାରୁ ଆଶୁ ମୁକ୍ତିର ସରଣୀ ଦେଉ ବୋଲି ମାତ! ନାମ ବୈତରଣୀ।**

# ଶୃଙ୍ଖଳର ଆଶୀର୍ବାଦ



**ଛନ୍ଦା ମିଶ୍ର**
ଭୁବନେଶ୍ୱର, ୯୪୩୭୪୫୩୬୧୦

ଏଇ କିଛିଦିନ ତଳେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଯାଇଥିଲି। ଏପରି ଏକ ବିରାଟ, ଅତ୍ୟାଧୁନିକ ତଥା ବିଶ୍ୱସ୍ତରୀୟ ପ୍ରକଳ୍ପ ସାକାର ହୋଇପାରିଛି ଦେଖି ଭାରି ଖୁସି ଲାଗିଲା। ଯାଉ ଯାଉ ପ୍ରଥମେ ଜିନିଷ ପତ୍ର ସ୍କାନ୍ କରି ଭିତରକୁ ଛାଡ଼ିବା, କେତେବେଳେ କେଉଁ ବସ୍ କେତେ ନମ୍ବର୍ ସ୍ଥାନରେ ଛିଡ଼ା ହେବ ତାହା ଘୋଷଣା କରିବା, ବସିବା, ପାଣି ପିଇବା, ଆଦି ଯାତ୍ରୀଟିଏର ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କରାଇବା ପାଇଁ ଏଥିରେ ସରକାର ନିଜର ତତ୍ପରତା ଦେଖାଇଛନ୍ତି। ଶୀତତାପ ନିୟନ୍ତ୍ରିତ ତଥା ପରିଷ୍କାର ପରିଚ୍ଛନ୍ନ ଏହି ବସ୍‌ଷ୍ଟାଣ୍ଡ ବିଷୟରେ ଯେତେବେଳେ ଖୁବ୍ ପ୍ରଶଂଶା କରି ଜଣେ ବାନ୍ଧବୀଙ୍କ ଆଗରେ ବର୍ଣ୍ଣନା କଲି, ସେ ହସି ଦେଇ କହିଲେ, 'ହଉ ଦେଖାଯାଉ ସରକାର କେତେଦିନ ଏପରି ତା'କୁ ରଖିପାରିବେ ବିଶ୍ୱସ୍ତରୀୟ କରି। ଆମ ଲୋକଙ୍କର ତ ଅଭ୍ୟାସ ଖରାପ। କିଏ ପାନ ଖାଇ ଛେପ ପକେଇଲାଣି, ଆଉ କିଏ ଗୁଟଖା ଜରି, ବିସ୍କୁଟ ଖୋଳ ଆଦି ପକେଇଲାଣି।' ସତ କୁ ସତ, ତା' ପର ଥର ଦେଖିଲି, ଏହିପରି କେତେକ ଅପ୍ରୀତିକର କଥାକୁ। ଭିତରେ ଚୌକି ଥିଲେ ବି ଲୋକେ ବାହାରେ ଜିନିଷ ଥୋଇ ତା' ଦେହରେ ଆଉଜି ତଳେ ବସିଛନ୍ତି, ଶୋଇଛନ୍ତି, କିଏ ଚିପ୍ସ ଖାଇ ଡଷ୍ଟବିନ୍‌ରେ ଜରି ନ ପକେଇ ତଳେ ପକେଇ ଦେଇଚି। ଯଦିଓ ସଫେଇ କର୍ମଚାରୀମାନେ ତତ୍ପରତା ଦେଖାଇ ବସ୍‌ଷ୍ଟାଣ୍ଡକୁ ସଫା ରଖୁଛନ୍ତି, କିନ୍ତୁ ସବୁ କ'ଣ କେବଳ ସରକାରଙ୍କ ଦାୟିତ୍ୱ! ଆମରି ପଇସାରେ ଆମରି ପାଇଁ ତିଆରି ହୋଇଥିବା ଚିଜ ବା ବ୍ୟବସ୍ଥାଟି ପ୍ରତି ଆମର କ'ଣ କୌଣସି ଉତ୍ତରଦାୟିତ୍ୱ ନାହିଁ!

ଏସବୁ ଦେଖି ମନେ ପଡ଼ିଥିଲା ଓଡ଼ିଆ ଢଗଟିଏ,- 'ମତେ ଯେତେ ମାଠିବୁ ମାଠ୍, ମୁଁ ସେଇ ଦରପୋଡ଼ା କାଠ୍।' କିଛି ଲୋକ ପ୍ରତିଜ୍ଞା କରିଥା'ନ୍ତି ଆମେ ସୁଧୁରିବୁ ନାହିଁ ବୋଲି। ପରିଷ୍କାର ସ୍ଥାନ ଦେଖିଲେ ପାନ ପିକ ପକେଇ ତା'କୁ ଚିତ୍ରିତ କରିବା ପାଇଁ ଏମାନେ ଆଗଭର ହୁଅନ୍ତି। ଯେଉଁଠି ପରିସ୍ରା କରିବ ନାହିଁ ଲେଖା ହୋଇଛି ସେଇଠି କରନ୍ତି। ଗଛରେ ଫୁଲ ବା କଅଁଳ ପତ୍ରଟିଏ ଦେଖିଲେ ଛିଡ଼େଇ ପକାନ୍ତି। ବାଦାମ ଖାଇ ଚୋପା, ଚକୋଲେଟ୍ ଖାଇ ଜରି ପକାନ୍ତି। ବସ୍ ବା ଟ୍ରେନ୍‌ରେ ସମସ୍ତେ ବିଶ୍ରାମ ନେଉଥିବା ସମୟରେ ଅନ୍ୟମାନଙ୍କ ଉପସ୍ଥିତିକୁ ଖାତିର୍ ନ କରି ବଡ଼ ପାଟିରେ କଥା ହୁଅନ୍ତି। ଜୋର୍‌ରେ ମୋବାଇଲ ଲଗେଇ ଶୁଣନ୍ତି। କାଶିଲେ ଛିଙ୍କିଲେ ମୁହଁରେ ହାତ ଦେବାକୁ ଉଚିତ୍ ମଣନ୍ତି ନାହିଁ। ଯାବତୀୟ ଏପରି କାର୍ଯ୍ୟ କରନ୍ତି, ଯେଉଁଗୁଡ଼ିକ ଗୋଟିଏ ସଭ୍ୟ ଓ ଶୃଙ୍ଖଳିତ ମଣିଷ ପକ୍ଷେ ଶୋଭା ପାଏନା। ତେବେ ଏହି ଦରପୋଡ଼ା କାଠଗୁଡ଼ିକୁ ମାଠିବା ପାଇଁ ସର୍ବୋତ୍ତମ ଉପାୟ ହେଉଛି ଜୋରିମାନା।

ମନେ ପକାନ୍ତୁ, ଯେତେବେଳେ ପ୍ରଥମେ ଭୁବନେଶ୍ୱରରେ ହେଲମେଟ ନପିନ୍ଧି ଥିଲେ ବା ସିଟ ବେଲ୍ଟ ନ ବାନ୍ଧିଲେ ଜୋରିମାନା ଆଦାୟ କରାଯିବା ଆରମ୍ଭ ହେଲା, ସେତେବେଳେ ପ୍ରାୟ ଲୋକେ ଏହାକୁ ନାପସନ୍ଦ କଲେ। କିଏ କହିଲା, ପୁଲିସ ତ ଆଉ ଚୋର ଧରି ପାରୁନି ଏଇ କାମ କରୁଛି। ଆଉ କିଏ କହିଲା, ପୁଲିସକୁ ଏଇ ହେଲମେଟ ପିନ୍ଧି ଚକମା ଦେବା ପାଇଁ ଚୋରକୁ ସୁବିଧା ହେବ। ହେଲମେଟ ନ ପିନ୍ଧି ଥିଲେ ଜୋରିମାନା ଆଦାୟ କରିବାକୁ ଯାଇ ପୁଲିସ ଖୁବ୍ ବିରୋଧାଭାସର ସମ୍ମୁଖୀନ ମଧ୍ୟ ହେଲା। ଯଦିଓ ହାତଗଣତି କିଛି ଭଦ୍ରଲୋକ ସ୍ୱୀକାର କଲେ ଯେ, ହେଲମେଟ ଆମ ସୁରକ୍ଷା ପାଇଁ ଅପରିହାର୍ଯ୍ୟ ବୋଲି। ଆଗ ଆଗ ଜୋରିମାନାକୁ ହେୟଜ୍ଞାନ କରୁଥିବା ଲୋକେ ଦୁଇ/ତିନି ଥର ଜୋରିମାନା ଗଣିଲା ପରେ ହୋଇଗଲେ ସିଧା। ଏବେ ଦେଖନ୍ତୁ ନବେ ପ୍ରତିଶତ ଲୋକ ହେଲମେଟ ଓ ସିଟ୍ ବେଲ୍ଟ ବାନ୍ଧିବାର ନିୟମଟିକୁ ଅଭ୍ୟାସଗତ ଭାବେ ପାଳନ କରୁଛନ୍ତି। ବିଡ଼ମ୍ବନାର କଥା ଦେଖନ୍ତୁ, ଆମରି ସୁରକ୍ଷା ବିଷୟରେ ଆମକୁ ସଚେତନ କରିବା ପାଇଁ ଆମଠାରୁ ସରକାର ଜୋରିମାନା ଆଦାୟ କରିବା ପର୍ଯ୍ୟନ୍ତ କଥା ଗଲା। ଆଉ ଏମିତି ବି ନୁହେଁ ଯେ, କେବଳ ଅଶିକ୍ଷିତମାନେ ଏସବୁ ନିୟମ ଭାଙ୍ଗୁଥିଲେ, ବରଂ ଶିକ୍ଷିତ ଓ ଟଇନିଫିଟମାନେ ଥିଲେ ସବୁଠାରୁ ଆଗରେ। ଠିକ୍ ସେପରି ସର୍ବସାଧାରଣରେ ପରିସ୍ରା କରିବା, ମଇଳା ପକାଇବା, ସିଗାରେଟ୍ ଟାଣିବା ଆଦି ଉପରେ ଯଦି କଡ଼ା ଜୋରିମାନା ଆଦାୟ କରାଯାଆନ୍ତା, ତେବେ ଲୋକେ ନିଶ୍ଚିତ ଭାବେ ସଚେତନ ହୁଅନ୍ତେ। ବାହାର ଦେଶରେ ଆମରି ଏଇ ଲୋକେ, ସେଠିକା ନିୟମ ଅନୁଯାୟୀ ରାସ୍ତା ଘାଟ ଅପରିଷ୍କାର କରନ୍ତି ନାହିଁ। ମାତ୍ର ଆମ ଦେଶରେ ନିୟମ ଥାଇ ବି ସରକାର ସେଥିପ୍ରତି ଉଦାସୀନ ଆଉ ଆମ ଲୋକେ ସରକାରଙ୍କ ଏଇ ଉଦାସୀନତାର ଲାଭ ଉଠେଇବା ପାଇଁ ତତ୍ପର। କାରଣ ସୁସ୍ପଷ୍ଟ। ଆମ ଦେଶରେ ଲୋକେ ଦେଶର ସମ୍ପତ୍ତିକୁ ନିଜ ସମ୍ପତ୍ତି ବୋଲି ବିଚାର କରନ୍ତି ନାହିଁ। ଅଧିକନ୍ତୁ, 'ସରକାର କା ମାଲ୍ ଦରିଆ ମେ ଡାଲ' ନୀତିକୁ ଆପଣେଇ ନିଜକୁ ଚତୁର ମଣନ୍ତି।

ଆମକୁ ମନେ ରଖିବାକୁ ହେବ ଯେ, ସୀମାହୀନ ସ୍ୱାଧୀନତା ସ୍ୱେଚ୍ଛାଚାର ଅଟେ। ବଣୁଆ ହାତୀକୁ ମଣୁଆ କରିବା ପାଇଁ ମାହୁନ୍ତ ବ୍ୟବହାର କରେ ଅଙ୍କୁଶଟିଏ। ସଭ୍ୟ ସମାଜରେ ମଣିଷର ଶୃଙ୍ଖଳା ଜ୍ଞାନ ରହିବା ନିହାତି ଜରୁରୀ। ଆଉ ଏହି ଶୃଙ୍ଖଳା ଜ୍ଞାନ, ମଣିଷ ଯେତେ କଅଁଳ ବୟସରୁ ଆହରଣ କରିବ ତା' ପାଇଁ ସେତେ ଭଲ। ଅନେକ ସମୟରେ ଆମେ ପିଲାଙ୍କ ପ୍ରତି ଅତିରିକ୍ତ କୋହଳ ମନୋଭାବ ପୋଷଣ କରୁ, ଯାହା ପରେ ତାଙ୍କ ପାଇଁ ଘାତକ ସାବ୍ୟସ୍ତ ହୁଏ। କାକୁଡ଼ିକୁ କଷ୍ଟ ହେବ କହି ଯଦି ତା'କୁ ରଞ୍ଜା ଦିଆ ନ ଯାଏ ତେବେ କାକୁଡ଼ି ମାଟିରେ ଲାଗି ହୋଇଯାଏ ପିତା। କୌଣସି କାମରେ ନ ଲାଗି ତାହା ଆବର୍ଜନା ପାଲଟେ। ଠିକ୍ ସେମିତି ସାମାନ୍ୟ କଷ୍ଟ ଲାଗିଲେ ବି ଶୃଙ୍ଖଳଗୁଡ଼ିକ ଆମକୁ ଶୃଙ୍ଖଳିତ କରିଥାଏ। ସକାଳୁ ଉଠିବା, ଆଭରଣ, ଆଚରଣ ଓ ଉଚ୍ଚାରଣରେ ସଂଯମ ରଖିବା, ପ୍ରାର୍ଥନା କରିବା, ପରିଷ୍କାର ପରିଚ୍ଛନ୍ନ ରହିବା, ଜିନିଷ ସଜାଡ଼ି ରଖିବା, ଆମ ପାଇଁ ଯେପରି ଅନ୍ୟ କେହି ଅସୁବିଧାରେ ନ ପଡନ୍ତି ସେଥିପ୍ରତି ସଜାଗ ରହିବା, ଆଦି ଛୋଟ ଛୋଟ କଥାଗୁଡ଼ିକ ପ୍ରତି ଆମେ ଯତ୍ନବାନ୍ ହେବା ନିହାତି ଜରୁରୀ। ତେବେ ଅନ୍ୟ କେହି ଅଙ୍ଗୁଳି ନିର୍ଦ୍ଦେଶ କରିବା ପୂର୍ବରୁ ଆମେ ନିଜେ ହିଁ ନିଜକୁ ଯଦି ଜଗିବା, ତେବେ ଜୀବନ ହେବ ଶୃଙ୍ଖଳିତ ଓ ସୁସଜ୍ଜିତ।

ଆପଣ କହି ପାରନ୍ତି, ଯାହା ନ ହୋଇଛି ବାଳ କାଳେ ତା' କି ହେବ ପାଚିଲା ବାଳେ! କିନ୍ତୁ ଏ କଥାରେ ବିଶ୍ୱାସ କରନ୍ତୁ, ଭରସା ରଖନ୍ତୁ ଯେ ବୟସ ସବୁବେଳେ ଇଚ୍ଛାଶକ୍ତି ଆଗରେ ହାର୍ ମାନିଛି। ଥରେ ଯଦି ଆପଣ ଦୃଢ଼ ଭାବେ ଇଚ୍ଛା କରିବେ ଯେ, ଏହି କାମଟି ମୁଁ କରିବା ଉଚିତ୍, ତେଣୁ ମୁଁ କରିବି, ଦେଖିବେ ଖୁବ୍ ଶୀଘ୍ର ତାହା ଆପଣଙ୍କ ଅସ୍ଥିମଜ୍ଜାଗତ ହୋଇଯିବ। ଯେଉଁ ଭୁଲ କାମଟି ଆପଣ ନ ଚାହିଁ ବି ଅଭ୍ୟାସରେ ପଡ଼ିଯାଇଛି ବୋଲି କରି ଦେଉଛନ୍ତି, ସେଥିପାଇଁ ନିଜକୁ ଦଣ୍ଡ ଦିଅନ୍ତୁ। ଆମ ଦାୟିତ୍ୱ ଓ କର୍ତ୍ତବ୍ୟ ପାଇଁ ଆମକୁ କିଏ କାହିଁକି ତାଗିଦ୍ କରିବ ଯେ! ନିଜ ମନୁଆ ମନକୁ ମନେଇ ନେଲେ ସବୁ କାମ ହୋଇଯିବ ସହଜ ସରଳ।

ହେଲେ, ମନେ ରଖିବେ, ମନ ହେଉଛି ସେଇ ଛେଳିଟି ପରି। କୋଉ ଛେଳି କହିଲେ? ଆସନ୍ତୁ କହିବି ସେଇ ଛେଳିର କଥା...

ରାଜାଙ୍କ ପାଖରେ ଥିଲା ଛେଳିଟିଏ। ଛେଳିର ଯତ୍ନ ରଖିବା ପାଇଁ ଥିଲା ଜଗୁଆଳଟିଏ। ରାଜ କାର୍ଯ୍ୟ ସାରିଲା ପରେ ରାଜା ଛେଳିକୁ ଖୁବ୍ ଆଦର କରୁଥିଲେ। ରାଜା ଯେବେ ବି ଛେଳି ନିକଟକୁ ଯାଆନ୍ତି ତା' ପାଇଁ ଘାସ ନିଅନ୍ତି, ନିଜେ ହାତରେ ଖୁଆନ୍ତି। ଛେଳି ବି ଖୁବ୍ ଆଗ୍ରହରେ ଖାଏ। ରାଜା ଭାବନ୍ତି, ଜଗୁଆଳ ବୋଧେ ଏ ଛେଳିକୁ ପେଟ ପୁରା ଖାଦ୍ୟ ଦେଉନାହିଁ। ସେ ଜଗୁଆଳକୁ ତାଗିଦ୍ କରନ୍ତି। ଜଗୁଆଳ ତା'କୁ ଆହୁରି ଅଧିକ ଖାଦ୍ୟ ଦିଏ। ହେଲେ ଛେଳି ତ ଛେଳି। ସେ ନିଜ ସ୍ୱଭାବ ଛାଡ଼ନ୍ତା କାହିଁକି! ପର ଦିନ ସେଇ ସମାନ୍ ଅବସ୍ଥା। ରାଜାଙ୍କ କଥା। ଯାହା ବୁଝିଥିବେ ସେୟା। ରାଗି ଯାଇ ରାଜା କହିଲେ, 'କାଲି ଯଦି ମୁଁ ଘାସ ଦେଲେ ଛେଳି ଖାଇ ଦେବ ତେବେ ତୋର ହେବ ମୁଣ୍ଡ କାଟ୍।' ଜଗୁଆଳଟି ଅନ୍ୟ ଉପାୟ ନ ପାଇ ବିଚକ୍ଷଣ ମନ୍ତ୍ରୀଙ୍କ ଶରଣ ପଶିଲା। ମନ୍ତ୍ରୀ ଛେଳିଟିକୁ ରାତିକ ପାଇଁ ତାଙ୍କ ପାଖରେ ଛାଡ଼ି ଦେବାକୁ କହିଲେ। ଆଉ କଅଁଳ ଛନଛନ ଘାସ ଛେଳି ଆଗରେ ରଖି ନିଜେ ହାତରେ ପାଞ୍ଚଣଟିଏ ଧରି ରାତି ସାରା ଜଗିଲେ। ଛେଳି ଘାସ ପାଖକୁ ଯେତେଥର ମୁହଁ ନେଲା, ସେତେଥର ମୁହରେ ବାଜିଲା ପାଞ୍ଚଣ ପାହାର। ବାସ୍, ପରଦିନ ଯେତେବେଳେ ରାଜା ଛେଳିକୁ ଘାସ ଦେଲେ, ଛେଳି ଘାସ ଖାଇବା ତ ଦୂରର କଥା, ଘାସକୁ ଚାହିଁଲା ନାହିଁ ସୁଦ୍ଧା।

ଆମ ମନଟି ଠିକ୍ ଏହିପରି। ତା'କୁ ଆମେ ଯେମିତି ମନେଇବାକୁ ଚାହିଁବା, ତାହା ସେମିତି ମାନିବ। ଶିଷ୍ଟ ହେଲେ ସାବାସୀ ଆଉ ଦୁଷ୍ଟ ହେଲେ ଦଣ୍ଡ, ଏଇ ତ ସରଳ ନିୟମ। ଆମେ ପରା ମଣିଷ। ମନର ଈଶ, ମନର ପ୍ରଭୁ। ଆମକୁ କ'ଣ ବଳେଇ ଯିବ ଆମର ଭୃତ୍ୟଟି!

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଓଡ଼ିଶାରେ ସେନ୍‌ସର ହୋଇଥିବା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର

ପ୍ରାୟ ୩୩ ବର୍ଷ ତଳେ ଓଡ଼ିଶାର ପୂର୍ବତନ ରାଜଧାନୀ ନଗରୀ ତଥା ପ୍ରାଚୀନ ଐତିହାସିକ କେନ୍ଦ୍ର କଟକଠାରେ ଓଡ଼ିଶାରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଭାବେ ଅବ୍‌ଦୁଲ୍ ସଇଦ୍‌ଙ୍କ ଦ୍ୱାରା ନିର୍ମିତ ତଥା ଖ୍ୟାତନାମା ଫିଲ୍ମ ଅଭିନେତା ଓ ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦଙ୍କ ଦ୍ୱାରା ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଲୁଟ୍‌ତରାଜ'କୁ ଆନୁଷ୍ଠାନିକ ଭାବେ ପ୍ରଥମ ସେନ୍‌ସର ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା।

ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, କଳାକାର ତଥା ଓଡ଼ିଶା ସରକାରଙ୍କ ପକ୍ଷରୁ ଦୀର୍ଘଦିନ ଧରି ହୋଇଆସୁଥିବା ଦାବିକୁ ସମ୍ମାନ ଜଣାଇ କେନ୍ଦ୍ର ସରକାରଙ୍କର ସୂଚନା ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଥିବା ଫିଲ୍ମ ସେନ୍‌ସର ବୋର୍ଡ(ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ)ର ଏକ ଆଞ୍ଚଳିକ କେନ୍ଦ୍ର ତତ୍କାଳୀନ କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରୀ ଅଜିତ୍ ପାଂଝାଙ୍କ ଦ୍ୱାରା ଏହି ଆଞ୍ଚଳିକ କାର୍ଯ୍ୟାଳୟ ଏକ ବର୍ଣ୍ଣାଢ଼୍ୟ ସମାଗମ ମଧ୍ୟରେ ଉଦ୍‌ଘାଟିତ ହୋଇଥିଲା। ସେହି ସମାବେଶରେ ଓଡ଼ିଶାର ବହୁ ଖ୍ୟାତନାମା ତଥା ପୁରୁଖା ଚଳଚ୍ଚିତ୍ର ଅଭିନେତା, ଅଭିନେତ୍ରୀ, ନିର୍ମାତା, ନିର୍ଦ୍ଦେଶକ, ଲେଖକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ଏହି କାର୍ଯ୍ୟାଳୟ ସ୍ଥାପନ ପରେ କଟକ ଓ ଭୁବନେଶ୍ୱରରେ ଚଳଚ୍ଚିତ୍ରମାନଙ୍କୁ ଯାଞ୍ଚ କରାଯାଇ, ପରଦାରେ ଦେଖି, ପରେ ଆବଶ୍ୟକୀୟ ପ୍ରମାଣପତ୍ର ଦିଆଯିବା ଆରମ୍ଭ ହେଲା। ଏହି କାର୍ଯ୍ୟ ପାଇଁ ରାଷ୍ଟ୍ରୀୟ ଫିଲ୍ମ ସେନ୍‌ସର ବୋର୍ଡର ମାନନୀୟ ସଭ୍ୟ ଓଡ଼ିଶାର ପ୍ରଫେସର ବିଧୁଭୂଷଣ ଦାସ(ଅବର୍ତ୍ତମାନ) ଓଡ଼ିଶା ଚଳଚ୍ଚିତ୍ର ପ୍ରମାଣନ ଉପଦେଷ୍ଟା ପରିଷଦର ଅଧ୍ୟକ୍ଷ ରୂପେ କାର୍ଯ୍ୟ କରୁଥିଲେ। ଆଞ୍ଚଳିକ ଉପଦେଷ୍ଟା ପରିଷଦରେ ବହୁ ବରିଷ୍ଠ ଲେଖକ, କଳାକାର, ଅଭିନେତା, ନିର୍ଦ୍ଦେଶକ, ଆଇନଜ୍ଞ ଓ ଅଧ୍ୟାପକ ଆଦି ତାଲିକାଭୁକ୍ତ ଥିଲେ। କଟକସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ(ପିଆଇବି)ର ତତ୍କାଳୀନ ସୂଚନା ନିର୍ଦ୍ଦେଶକ ଉମାକାନ୍ତ ମିଶ୍ର ଆଞ୍ଚଳିକ ଫିଲ୍ମ ସେନ୍‌ସର ବୋର୍ଡ କାର୍ଯ୍ୟାଳୟର ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ଭୁବନେଶ୍ୱରସ୍ଥିତ କଳିଙ୍ଗ ଫିଲ୍ମ ଷ୍ଟୁଡିଓ ଓ କଟକ ନିଶାମଣି ସିନେମା ହଲ୍‌ରେ ଯାଞ୍ଚ ପାଇଁ ଦିଆଯାଇଥିବା ନବନିର୍ମିତ ଓଡ଼ିଶା ଚଳଚ୍ଚିତ୍ରଗୁଡ଼ିକୁ ପରଦାରେ ଦେଖାଯାଉଥିଲା। ଆଞ୍ଚଳିକ ଅଧିକାରୀଙ୍କ ସମେତ ଆଉ ତିନି/ଚାରିଜଣ ଉପଦେଷ୍ଟା ମଣ୍ଡଳୀର ସଭ୍ୟ ଚଳଚ୍ଚିତ୍ରଟିକୁ ଦେଖି ବିଭିନ୍ନ ଆଇନଧାରା ଦୃଷ୍ଟିରୁ ପରୀକ୍ଷା ନିରୀକ୍ଷା କରୁଥିଲେ। ଆବଶ୍ୟକମତେ ଚଳଚ୍ଚିତ୍ରରୁ ଆପତ୍ତିଜନକ ଚିତ୍ର କାଟିବା ପାଇଁ ମଧ୍ୟ କହୁଥିଲେ। ଏହିକ୍ରମରେ ଯେଉଁ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ରର ଯାଞ୍ଚ ପାଇଁ ଆବେଦନ ମିଳିଲା, ତାହାର ନିର୍ମାତା ଥିଲେ ଅବ୍‌ଦୁଲ୍ ସଇଦ ଓ ନିର୍ଦ୍ଦେଶକ ଥିଲେ ଲୋକପ୍ରିୟ ଅଭିନେତା ଓ ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ।

ଏହି ଚଳଚ୍ଚିତ୍ରଟିକୁ ତନଖି କରିବା ପାଇଁ ଉପଦେଷ୍ଟା ମଣ୍ଡଳୀର ନିମ୍ନଲିଖିତ ସଭ୍ୟମାନେ ଉପସ୍ଥିତ ଥିଲେ। ଶ୍ରୀ ଉମାକାନ୍ତ ମିଶ୍ର(ସଦସ୍ୟ ସଚିବ), ଶ୍ରୀ ଦୀପକ ମିଶ୍ର(ପରବର୍ତ୍ତୀ କାଳରେ ଭାରତର ପ୍ରଧାନବିଚାରପତି), ଶ୍ରୀ ଗୋପାଳ ଛୋଟରାୟ(ସ୍ୱନାମଧନ୍ୟ ନାଟ୍ୟକାର), ଶ୍ରୀ ସାମୁଏଲ୍ ସାହୁ(ବାବି ନାମରେ ପ୍ରଖ୍ୟାତ ଅଭିନେତା), ଶ୍ରୀ ଗୋପାଳ ମିଶ୍ର(ବରିଷ୍ଠ ସାମ୍ବାଦିକ)। ଏହି ଚଳଚ୍ଚିତ୍ରଟିରୁ ଅଳ୍ପ କିଛି ଅଂଶ କାଟିଦିଆଗଲା ଓ ଏହାକୁ 'ୟୁ' ସାର୍ଟିଫିକେଟ୍ ପାଇଁ ଅନୁମୋଦନ କରାଗଲା। ଏହି ଚଳଚ୍ଚିତ୍ରଟି ୨୫, ସେପ୍ଟେମ୍ବର ୧୯୯୧ ମସିହାରେ କଟକର ନିଶାମଣି ସିନେମା ହଲ୍‌ରେ ଉପଦେଷ୍ଟାମାନଙ୍କ ଆଗରେ ପ୍ରଦର୍ଶିତ କରାଯାଇଥିଲା। ଏହାର ପୂର୍ଣ୍ଣାଙ୍ଗ ଚଳଚ୍ଚିତ୍ରର ଏକ ନକଲ ରେକର୍ଡ ହେବା ପାଇଁ ଦାଖଲ ହେବା ପରେ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ପ୍ରଥମ ସାର୍ଟିଫିକେଟ୍ ୯, ଅକ୍ଟୋବର ୧୯୯୧ ମସିହାରେ ଜାରି କରାଯାଇଥିଲା। ଆଧୁନିକ ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ଏହି ସ୍ମରଣୀୟ ଦିବସକୁ ମନେ ପକାଇ ତତ୍କାଳୀନ ଆଞ୍ଚଳିକ ଅଧିକାରୀ ଶ୍ରୀ ଉମାକାନ୍ତ ମିଶ୍ର କୁହନ୍ତି, "ସେଦିନ ଅକ୍ଟୋବର ୯ ତାରିଖ କଟକର କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ପୁରୁଣା ସଚିବାଳୟ ହତାରେ ପିଆଇବି କାର୍ଯ୍ୟାଳୟ ପରିବେଶ ଉତ୍ସବମୁଖର ଥିବା ପରି ଜଣାପଡୁଥିଲା। ପିଆଇବି ହଲ୍‌ରେ ଜାତୀୟ ଫିଲ୍ମ ସେନ୍‌ସର ବୋର୍ଡର ସଭ୍ୟ ଖ୍ୟାତନାମା ଅଧ୍ୟାପକ ତଥା ପୂର୍ବତନ କୁଳପତି ପ୍ରଫେସର ବିଧୁଭୂଷଣ ଦାସ ଓ ତାଙ୍କ ସହଧର୍ମିଣୀ ଶ୍ରୀମତୀ ପ୍ରଭାତ ନଳିନୀ ଦାସ ଆସି ପହଞ୍ଚିଥା'ନ୍ତି। ଆଞ୍ଚଳିକ ଉପଦେଷ୍ଟା ବୋର୍ଡର ସଭ୍ୟ ବରିଷ୍ଠ ଅଭିନେତା ସାମୁଏଲ୍ ସାହୁ(ବାବି) ଏବଂ ସେତେବେଳର ବହୁପରିଚିତ ଫିଲ୍ମ ନିର୍ମାତା ବସନ୍ତ ନାୟକ ଏବଂ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଫିଲ୍ମ ସେନ୍‌ସର ସାର୍ଟିଫିକେଟ୍ ନେବା ପାଇଁ ନିର୍ମାତା ଅବଦୁଲ୍ ସଇଦ ଓ ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ ମଧ୍ୟ ଆସିଥା'ନ୍ତି। ପ୍ରଫେସର ବିଧୁଭୂଷଣ ଦାସ ଚଳଚ୍ଚିତ୍ର ପ୍ରମାଣପତ୍ର ପ୍ରଦାନ କଲା ପରେ ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ ଗୋଟେ ଦୀର୍ଘଶ୍ୱାସ ଛାଡ଼ି କହିବାର ଅନେ ଅଛି ଯେ 'ଓ ହୋ!, ମଣିଷ କଲିକତା ସେନ୍‌ସର ବୋର୍ଡର ବିଷଚକ୍ରରୁ ରକ୍ଷା ପାଇଗଲା। ସତରେ ଆମେ କେତେ ହିନସ୍ତା ନ ହୋଇଛୁ ସେଠି! ଆଉ ସହି ନ ହେବାରୁ ସମସ୍ତେ ପ୍ରତିଜ୍ଞା କରିଥିଲୁ କଟକରେ ଆଞ୍ଚଳିକ କାର୍ଯ୍ୟାଳୟ ନ ହେବା ପର୍ଯ୍ୟନ୍ତ ଆମେ କଲିକତା ଯିବୁ ନାହିଁ।' ଏହି ଉକ୍ତି ପଛରେ ପ୍ରକୃତରେ ଲୁଚି ରହିଥିଲା ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଟିକିଏ ଅନ୍ଧକାରପଣ, ଯାହା ବୋଧେ ଆମର ଏଇ ନୂଆ ଅଫିସ ଖୋଲିବାରୁ ଓଡ଼ିଶାର ନିର୍ମାତାମାନଙ୍କ ପାଇଁ ବହୁତ ସୁବିଧା ହେବ।"

ଏଠାରେ ଉଲ୍ଲେଖନୀୟ ଯେ କଟକରେ ଫିଲ୍ମ ସେନ୍‌ସର କାର୍ଯ୍ୟାଳୟ ପୂର୍ଣ୍ଣମାତ୍ରାରେ କାମ କରିବା ଆରମ୍ଭ କଲା ପରେ କେବଳ ଯେ ଓଡ଼ିଆ ଚଳଚ୍ଚିତ୍ର ନିର୍ମାତା ଉପକୃତ ହେଲେ ତାହା ନୁହେଁ, ବଙ୍ଗାଳୀ, ତେଲୁଗୁ ଭାଷାର ଚଳଚ୍ଚିତ୍ର ସହିତ ବହୁ ବିଜ୍ଞାପନ ଫିଲ୍ମ ତଥା ଭିଡିଓ ଫିଲ୍ମ ମଧ୍ୟ ଏଠାରେ ପ୍ରମାଣପତ୍ର ପାଇବାକୁ ଲାଗିଲା। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ପାଇଁ ଓଡ଼ିଶାର ଏହି ଆଞ୍ଚଳିକ ସେନ୍‌ସର କାର୍ଯ୍ୟାଳୟ ନିଶ୍ଚିତ ଏକ ଉତ୍ସାହବର୍ଦ୍ଧକ ହୋଇପାରିଛି। ■

## ଛାୟାଗୀତି

# ଯା'ରେ ଗୀତ ଦୋଳି ଉଡ଼ି ଯା' - ୨



ସୂର୍ଯ୍ୟ ଦେଓ

ଗତଥର ଆମେ ଓଡ଼ିଆ ସିନେମାରେ ଲୋକଗୀତର ଏକ ଫର୍ଦ୍ଦ ସଂପର୍କରେ ଆଲୋଚନା କରିଥିଲେ। ଏବେ ଆସନ୍ତୁ, ଶୁଦ୍ଧ ଲୋକଗୀତର ଆଉ ଏକ ଫର୍ଦ୍ଦକୁ ଯିବା। ସେହି ଫର୍ଦ୍ଦ ହେଉଛି ଇଂରାଜୀରେ ଯାହାକୁ କହନ୍ତି 'ଲୋଲାବାଇ', ହିନ୍ଦୀରେ 'ଲୋରି' ଆଉ ଓଡ଼ିଆରେ 'ନାନାବାୟା ଗୀତ'। ଓଡ଼ିଆ ପରମ୍ପରାରେ ମା', ଗୋସେଇଁମା'ମାନେ ପିଲାଙ୍କୁ ଶୁଆଇବା ପାଇଁ, କାନ୍ଦୁରା ପିଲାଙ୍କୁ ବହଲାଇବା ପାଇଁ ଓ ଖେଳାଇବା ପାଇଁ ଗୀତ ବୋଲିଥାନ୍ତି। ଯେଉଁ ସବୁ ଗୀତ ସାନପିଲାଙ୍କୁ ଶୁଆଇବା, ବହଲାଇବା ଓ ଖେଳାଇବା ପାଇଁ ବୋଲାଯାଏ, ସେ ସବୁର ଆକ୍ଷରିକ ଅର୍ଥ କେହି ଖୋଜନ୍ତି ନାହିଁ। ସେସବୁର ସ୍ୱର ଲହର ପିଲାଙ୍କୁ ଶୁଆଇ ପକାଏ, ଚୁପ୍ କରାଏ। ଗୀତରେ ବିଷୟବସ୍ତୁ ଓ ଭାଷାର ଯଥାର୍ଥତା ପ୍ରତି କାହାର ଆଦୌ ନଜର ନଥାଏ। ନାନାବାୟା ଗୀତଗୁଡ଼ିକର ଆଙ୍ଗିକ ଏପରି ଅର୍ଥ ସଂଗତିବିହୀନ। ଓଡ଼ିଆ ସିନେମାକୁ ଏହିପରି ଅର୍ଥ ସଂଗତିବିହୀନ ଗୀତ ଆସିଛି 'ପରିଣାମ' (୧୯୬୦) ସିନେମାରୁ। ନରସିଂହ ମହାପାତ୍ରଙ୍କ



ଚଳଚ୍ଚିତ୍ର: ସ୍ତ୍ରୀ, ୧୯୬୮; କଲିକତାର 'ଇଣ୍ଡିଆ ଫିଲ୍ମ ଲାବୋରଟୋରିଜ୍'ରେ 'ମୋ ଆଖିର କେତେ କଥା, ମୋ ମନର ନୀରବତା' ଗୀତ ରେକର୍ଡିଂ ବେଳେ ବାମରୁ ସଂଗୀତକାର ଭୁବନେଶ୍ୱର ମିଶ୍ର, ଗାୟିକା ସନ୍ଧ୍ୟା ମୁଖାର୍ଜୀ ଓ ଚଳଚ୍ଚିତ୍ର ପ୍ରଯୋଜିକା, ନିର୍ଦ୍ଦେଶିକା ତଥା ନାୟିକା ପାର୍ବତୀ ଘୋଷ

ରଚନା, ଭୁବନେଶ୍ୱର ମିଶ୍ରଙ୍କ ସଂରଚନା ଏବଂ ସନ୍ଧ୍ୟା ମୁଖାର୍ଜୀଙ୍କ ଗାୟନର ଏହି ଗୀତ ହେଉଛି 'ଧୋରେ ବାଇଆ ଧୋ, ଯେଉଁ କିଆରିରେ ଗହଳ ମାଣ୍ଡିଆ ସେଇ କିଆରିରେ ଶୋ... ଆସିବ ସେ ନିଦପରୀ... ନିଦ ଛୁଇଁ ଦେବ ଘାରି।' ଏହି ସିନେଗୀତର ପ୍ରଥମ ମୁଖଡ଼ା ସେହି ଲୋକଗୀତରୁ ଅବିକଳ ଆସିଛି। ସଂଯୋଜନାରେ ମଧ୍ୟ ସ୍ୱର ଲହରି ପ୍ରତି ଧ୍ୟାନ ଦିଆଯାଇଛି। ଆଉ ଏକ ଗୀତକୁ ପରଖାଯାଉ। ସିନେମା ହେଉଛି 'ଲକ୍ଷ୍ମୀ'। ସମୟ ହେଉଛି ୧୯୬୨। ଗୀତ ହେଉଛି ସେହି ନାନାବାୟା ପର୍ଯ୍ୟାୟର- 'ଝୁଲରେ ହାତୀ ଝୁଲ'। ଏହା ଶାରଦା ପ୍ରସନ୍ନ ନାୟକଙ୍କ ଲେଖା, ବାଳକୃଷ୍ଣ ଦାଶଙ୍କ ସ୍ୱର ଏବଂ ନିର୍ମଳା ମିଶ୍ରଙ୍କ ଗାୟନର ଗୀତ। ସେହିପରି ଆଉ ଏକ ନାନାବାୟା ଗୀତ 'ଆ ଜହ୍ନ ମାମୁ ଶରଦ ଶଶୀ' ସଂଯୋଜିତ ହୋଇଥିଲା 'ବନ୍ଧନ' (୧୯୬୯) ସିନେମାରେ। ନରସିଂହ ମହାପାତ୍ର ଥିଲେ ଗୀତିକାର, ଗାଇଥିଲେ ନିର୍ମଳା ଏବଂ ସଂଗୀତକାର ଥିଲେ ଭୁବନେଶ୍ୱର ମିଶ୍ର। ତେବେ ନାନାବାୟା ଗୀତର ଏହି ତିନିଟି ସିନେମା ଗୀତରେ ସ୍ୱର ଲହରୀ ପ୍ରତି ଅଧିକ ଧ୍ୟାନ ଦିଆଯାଇଛି। ତା' ସହ ମା'ର ଆଶା ଓ ଦୁଃଖର ସଂକେତ ମଧ୍ୟ ଅଛି। ଯେମିତି : 'ଆଖିରୁ ତୋର ଝରିଲେ ଲୁହ/ ନୟନୁ ଝରେ ଲହୁ ବା ଶୋଇଚି ଦୁନିଆ ଚାହିଁଛି ମୁଁ, ଦୁଃଖ ବୁଝିପାରୁ କି ତୁ/ ବୁଝିଲେନି କେହି ଆଖି ଲୁହ / ଛାତିର ଏ ମଲା କୋହ।' ଓଡ଼ିଆ ସିନେମାର ଲୋକଗୀତକୁ ବୁଝିବା ପାଇଁ ଏକ ମାନବିକ ସମ୍ପର୍କର ସ୍ପର୍ଶକୁ ବୁଝିବା ଖୁବ୍ ଜରୁରି। ଏହି ସିନେମା ଗୀତରେ ରହିଛି ଏକ ଓଡ଼ିଆ ସାଂସ୍କୃତିକ ଛାୟାପଥ। ସେହି ଛାୟାପଥ ଓଡ଼ିଆର ଅସ୍ତିତ୍ୱ ଓ ଜୀବନଧାରାକୁ ସ୍ପଷ୍ଟ କରେ। ନାନାବିଧ ବିଷୟବସ୍ତୁ ଓ ଅନୁଭବ ଉପରେ ଆଧାରିତ ଅନେକ ପ୍ରକାରର ଗୀତ ଓଡ଼ିଆ ଲୋକାୟତରେ ପ୍ରଚଳିତ। ଭିକାରୀ 'ନିୟତି' ହୋଇ ଗୀତ ଗାଏ, କିନ୍ତୁ ମୁହଁରେ ଥାଏ ଗୀତ, ସୁଆରୀ ପାଲିଙ୍କି ବୋହେ, କିନ୍ତୁ ମୁହଁରେ ଥାଏ ଗୀତ। ତା' ଛଡ଼ା ଥଟ୍ଟା କରିବା, ଟିହାଇବା ଓ ବିଦ୍ରୂପ କରିବା ନିମନ୍ତେ ଓଡ଼ିଆ ଲୋକ ଯେଉଁ ଢଗର ପ୍ରୟୋଗ କରନ୍ତି, ତାହା ବି ଏକପଦ ବିଶିଷ୍ଟ ପଦ। ଏବେ ଆସନ୍ତୁ ସେହି ପର୍ଯ୍ୟାୟକୁ ଯିବା, ଯେଉଁଠି ସିନେ ଗୀତରେ ଏହିସବୁ ଲୋକଶୈଳୀର ପ୍ରୟୋଗ ହୋଇଛି। ଦୃଶ୍ୟ ସହ ଗୀତକୁ ଏକାକାର କଲାବେଳେ ଅବୋଧ, ନିବିଡ଼ ଓ ସାଂକେତିକ ସମ୍ପର୍କର ଭୂମିକୁ କେମିତି ସତର୍କତାର ସହ ସଂଲଗ୍ନ କରାଯାଇଛି, ତାକୁ ମଧ୍ୟ ଆମେ ଦେଖିବା। ଏ ପର୍ଯ୍ୟନ୍ତ ଆମେ ଯେତିକି ଚର୍ଚ୍ଚା କଲେ ସେଥିରେ ଜାଣି ହେଉଛି ଯେ ବାହୁନାରେ ବିରହ ପରିବର୍ତ୍ତିତ ହେଉଛି 'ଆଶଙ୍କା'କୁ। ପୁଣି ପୂର୍ବର ଉଦାହରଣ ନିଅନ୍ତୁ; ସଳିତା ଜାଳେ ଗୋରୀ ମୋ ଲାଗି / ଘଡ଼ିକ ପାଇଁ ସେ ବିରହ ସହେନି ('ଭାଇ ଭାଇ'ର ଗୀତ : ରାମ ଯେ ଲଇଖଣ ଗୀତର ପଂକ୍ତି) ଏଠି ଭାବକୁ ସାଧାରଣ ପଦ୍ୟ ଭାଷାରେ ଅସାଧାରଣ କରାଯାଇଛି ଏବଂ ଏହା ହିଁ ଓଡ଼ିଆ ଲୋକଗୀତର ଶୈଳୀ। ପୁନଶ୍ଚ ନନ୍ଦକିଶୋରଙ୍କ ନାନାବାୟା ଗୀତ ପରି ଓଡ଼ିଆ ସିନେମାର 'ଲୋରି'ରେ ମଧ୍ୟ ମା'-ପୁଅର ମମତା ଓ ପୁଅର ଅବୋଧ ଭାବକୁ ଅଣାଯାଇଛି। ଜାଣି ହେଉଛି, ଆମ ଓଡ଼ିଆ ଲୋକଗୀତରେ ଚିତ୍ରଧର୍ମ କୌଣସି ସୀମା-ସରହଦ୍‌ରେ ଆବଦ୍ଧ ନୁହେଁ। 'ଗହଳ ମାଣ୍ଡିଆ କିଆରି' ଯଦି 'ପରିଣାମ' ସିନେମାର ଗୀତରେ ଅଛି ତେବେ 'ବାଆ ପାଣି ଖାଇ ଫୁଲ୍' ପରି ବିଚିତ୍ର ଲୋକ କଳ୍ପନା 'ଲକ୍ଷ୍ମୀ' ସିନେମାର ଗୀତରେ ଅଛି। ■

# ଶେହନାଜଙ୍କ ହଟ୍ ଫଟୋସୁଟ୍



'ବିଗ୍‌ବସ୍'ରୁ ଅଧିକ ପ୍ରଶଂସା ସାଉଁଟିଥିବା ଶେହନାଜ୍ ଆଜିକାଲି ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହି ପ୍ରଶଂସକଙ୍କ ପାଇଁ ଲଗାତାର ଫଟୋ ଓ ଭିଡିଓ ସେୟାର୍ କରୁଛନ୍ତି। ନିକଟରେ ଶେହନାଜ ଇନ୍‌ଷ୍ଟାଗ୍ରାମରେ ନିଜର ଏକ ଫଟୋସୁଟ୍ ସେୟାର୍ କରିଛନ୍ତି। ଯାହାକି ପ୍ରଶଂସକଙ୍କ ନିଦ ହଜାଇ ଦେଇଛି। ନିଜ କାମକୁ ଅଧିକ ଗୁରୁତ୍ୱ ଦେଉଥିବା ଏହି ଅଭିନେତ୍ରୀ ଜଣଙ୍କ ଭିନ୍ନ ଭିନ୍ନ ପ୍ରୋଜକ୍ଟରେ କାମ କରିବାକୁ ସୁଯୋଗ ପାଇଥିବାବେଳେ ତାଙ୍କ କାମ କରିବାର ଶୈଳୀ ହିଁ ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରେ। ପୂର୍ବାପେକ୍ଷା ଶେହନାଜଙ୍କ ଲୁକ୍ ଆଉ ଷ୍ଟାଇଲ୍‌ରେ ଅନେକ ପରିବର୍ତ୍ତନ ହୋଇଥିବା ଏହି ଫଟୋରୁ ଜଣାପଡ଼ିଛି। ନିକଟରେ ଶେହନାଜ ଗ୍ରୀନ୍‌ଫର୍ ଷ୍ଟାଇଲ୍‌ଯୁକ୍ତ ଜ୍ୟାକେଟ୍ ସହ ହାଇ ବୁଟ୍‌ସ ପିନ୍ଧିଥିଲେ। ଟ୍ରାନ୍ସପେରେଣ୍ଟ ଟପ୍ ତାଙ୍କ ହାତ ଏବଂ କାନରେ ସ୍ୱତନ୍ତ୍ର ସୁନେଲି ରଙ୍ଗର କାନଫୁଲ ଅଧିକ ଆକର୍ଷଣୀୟ ଲାଗୁଛି। କେବଳ ସେତିକି ନୁହେଁ, ଶେହନାଜଙ୍କ କେଶବିନ୍ୟାସ ଥିଲା ଅତିରଞ୍ଜିତ। ଧମାକାଦାର ପୋଜ୍ ଦେଇ ଶେହନାଜ ସମସ୍ତଙ୍କୁ ଚକିତ କରିଦେଇଥିଲେ। ■

# ପ୍ରିନ୍ସ ଓ ଯୁବିକାଙ୍କ ବେବି ପ୍ଲାନିଂ



ଟିଭି ଦୁନିଆର ଲୋକପ୍ରିୟ ଯୋଡ଼ି ତଥା ରିଆଲିଟି ଶୋ' 'ବିଗ୍‌ବସ୍ ସିଜନ୍- ୯'ର ପ୍ରିନ୍ସ ନରୁଲା ଏବଂ ଯୁବିକା ଚୌଧୁରୀ ୨୦୧୮ ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଉଭୟଙ୍କ ବିବାହକୁ ୬ବର୍ଷ ପୂରିବା ପରେ ଏବେ ଏହି ଯୋଡ଼ି ବେବି ପ୍ଲାନିଂ କରୁଛନ୍ତି। ଏନେଇ ନିଜେ ସ୍ପଷ୍ଟ କରିଛନ୍ତି ପ୍ରିନ୍ସ। ନିକଟରେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂହ ଏବଂ ହର୍ଷ ଲିମ୍ବାଚିୟାଙ୍କ ପଡକାଷ୍ଟରେ ପ୍ରିନ୍ସଙ୍କୁ ଭାରତୀ 'ଗୋଲା କେବେ ଆସୁଛନ୍ତି' ବୋଲି ପଚାରିଥିଲେ। ଏହାର ଉତ୍ତରରେ 'ବହୁତ ଶୀଘ୍ର ଆସିବ', ବୋଲି ପ୍ରିନ୍ସ କହିଥିଲେ। ପ୍ରିନ୍ସ ଓ ଯୁବିକାଙ୍କ କର୍ମସ୍ଥଳ ମୁମ୍ବାଇ ହୋଇଥିବାରୁ, ଏଠାରେ ଘର କିଣିବା ପରେ 'ବେବି ପ୍ଲାନିଂ' କରିବେ ବୋଲି ପୂର୍ବରୁ କହିଥିଲେ। ତେବେ ଚଳିତ ବର୍ଷ ଆରମ୍ଭରୁ ଏହି ଦମ୍ପତି ମୁମ୍ବାଇରେ ନିଜସ୍ୱ ଘର କିଣିବା ପରେ ଯୁବିକା ମା' ହେବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ଯୁବିକା ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ପୋଷ୍ଟ କରିଥିବାବେଳେ ତାଙ୍କୁ ମଧ୍ୟ ଅନେକ ଶୁଭେଚ୍ଛା ଜଣାଇଥିଲେ। ବିବାହ ପରେ ଯଦିଓ ଉଭୟ ବେବିପ୍ଲାନ୍ କରୁଛନ୍ତି, ସବୁ ଭଗବାନଙ୍କ ଇଚ୍ଛା ବୋଲି ଯୁବିକା ମତ ଦିଅନ୍ତି। ଯୁବିକାଙ୍କ ମା' ହେବା ବିଷୟରେ ଆନୁଷ୍ଠାନିକ ଭାବେ ଏ କୌଣସି ସୂଚନା ମିଳିନାହିଁ। ବିଗ୍‌ବସ୍ ହାଉସ୍‌କୁ ଆସିବା ପରେ ପ୍ରିନ୍ସ ଏବଂ ଯୁବିକାଙ୍କ ମଧ୍ୟରେ ପ୍ରଥମେ ବନ୍ଧୁତ୍ୱ ଓ ପରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଉଭୟ ଶୋ'ରୁ ଯିବା ପରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ■

# ଆଲିଆଙ୍କ ଶାଢ଼ି ପାଇଁ ୧୬୩ କାରିଗର



ଆରମ୍ଭ ହୋଇଛି ବିଶ୍ୱର ସବୁଠୁ ବଡ଼ ଫେଶନ କାର୍ଯ୍ୟକ୍ରମ 'ମେଟ୍ ଗାଲା ୨୦୨୪'। କାର୍ଯ୍ୟକ୍ରମର ପ୍ରଥମ ଦିନରେ ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଆଲିଆ ଭଟ୍ଟ ଡ୍ରିମି ଲୁକ୍‌ରେ ନଜର ଆସିଛନ୍ତି। ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହି ଶୋ'ରେ ସେ ଧଳା ରୟାଲ୍ ଶାଢ଼ି ପିନ୍ଧିଛନ୍ତି। ଏହାକୁ ଖ୍ୟାତନାମା ଡିଜାଇନର ସବ୍ୟସାଚୀଙ୍କ ଦ୍ୱାରା ଡିଜାଇନ କରାଯାଇଛି। ତେବେ ଏହାକୁ ୧୯୨୦ ମସିହା ଚଳଣିରେ ତିଆରି କରାଯାଇଥିବାରୁ ଏହା ଅଧିକ ସୁନ୍ଦର ଲାଗିଛି। ଶାଢ଼ିଟିରେ ସୁନ୍ଦର ହାତବୁଣା କାମ ହୋଇଛି। ବିଶେଷକରି ଫ୍ଲୋରାଲ ମୋଟିଫ୍ କାମ ଶାଢ଼ିକୁ ଅଧିକ ଆକର୍ଷଣୀୟ କରିଛି। ତେବେ ସେ ପିନ୍ଧିଥିବା ଶାଢ଼ି ପଛରେ ଅନେକ କାରିଗରଙ୍କ ପରିଶ୍ରମ ଅଛି। ଏ ଶାଢ଼ିକୁ ତିଆରି କରିବା ପାଇଁ ୧୯୬୩ ଜଣ କାରିଗରଙ୍କୁ ୧୯୬୫ ଘଣ୍ଟା ଲାଗିଥିଲା। ଆଲିଆ ମେଟ୍ ଗାଲାର ଫଟୋକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ଖୁବ୍ ଭାଇରାଲ ହୋଇଛି। ■

ସବୁବେଳେ ହସହସ ମୁହଁ, ବ୍ୟବହାରରେ ଖୁବ୍ ମାର୍ଜିତ । କାର୍ତ୍ତିକ ପାଣ୍ଡିଆନଙ୍କୁ ଯିଏ ପାଖରୁ ଦେଖିଛି ତାଙ୍କ ପ୍ରଭାବଶାଳୀ ବ୍ୟକ୍ତିତ୍ୱକୁ ସେ ଅଳ୍ପ ବହୁତେ ଅନୁଭବ କରିପାରିଛି । ଆଜି ଗଣମାଧ୍ୟମ ସହ ଆଲୋଚନା କାଳରେ ସେ ହୋଇ ଯାଇଥିଲେ ଭାବପ୍ରବଣ । ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବିଜୁବାବୁଙ୍କ ଓଡ଼ିଶା ପ୍ରତି ଅବଦାନ, ଓଡ଼ିଶାର ବିକାଶର ଜୟଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ ନିରବଚ୍ଛିନ୍ନ ସାଧନା କଥା ଉଲ୍ଲେଖ କଲାବେଳେ ସେ ଅଧିକାଂଶ ସମୟରେ ଭାବବିହ୍ୱଳ ହୋଇ ଉଠିଥିଲେ । ଭାବପ୍ରବଣତା ସେତେବେଳେ କୂଳ ଲଂଘେ; ଯେତେବେଳେ ମଣିଷର କାହା ପ୍ରତି ଆବେଗ, ଭଲପାଇବା ବହୁ ଗୁଣରେ ବଢ଼ିଯାଏ । ବୋଧେ ସେମିତି ଘଟିଛି କାର୍ତ୍ତିକ ପାଣ୍ଡିଆନ୍‌ଙ୍କ କ୍ଷେତ୍ରରେ । ମୁଖ୍ୟମନ୍ତ୍ରୀଙ୍କ ମାର୍ଗଦର୍ଶନରେ ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆଗେଇ ନେଉ ନେଉ ସେ ବୋଧେ ଓଡ଼ିଶାକୁ ଅସମ୍ଭବ ଭାବେ ଭଲ ପାଇ ବସିଛନ୍ତି । ଯାହା ତାଙ୍କର ପ୍ରତିଟି କଥାରୁ ସ୍ପଷ୍ଟ ଭାବେ ବାରି ହୋଇପଡୁଥିଲା । କ୍ୟାମେରା ସାମ୍ନାରେ ଏବଂ କ୍ୟାମେରା ପଛରେ ଓଡ଼ିଶାର ଭୂଗୋଳ, ଇତିହାସ, ରାଜନୀତି ବାବଦରେ ସେ ଯେପରି ଅନର୍ଗଳ ଗପି ଚାଲିଥିଲେ, ତାହା ଉପସ୍ଥିତ ସାମ୍ବାଦିକଙ୍କୁ ବେଶ୍ ଆଶ୍ଚର୍ଯ୍ୟ କରିଥିଲା । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜୁବାବୁଙ୍କ କଥା କହିବା ବେଳେ ସେ ଭାବପ୍ରବଣ ହୋଇ ଉଠିଥିଲେ । ତାଙ୍କ ଆଖି କୋଣ ଲୁହରେ ଜକେଇ ଆସିଥିଲା ।



ନିସ୍ୱାର୍ଥ ଭାବରେ, ନିରପେକ୍ଷ ଭାବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦିନରାତି ଓଡ଼ିଶା ପାଇଁ କାମ କରୁଛନ୍ତି । ଓଡ଼ିଶାର ବିକାଶ ହିଁ ତାଙ୍କର ଏକମାତ୍ର ଇଚ୍ଛା, ଅଭିଳାଷ । ମୁଁ ତ କହିବି ତାଙ୍କୁ ଓଡ଼ିଆ ଅସ୍ମିତା କିମ୍ବା ଓଡ଼ିଶା ପାଇଁ କଣ ଭଲ, କଣ ଖରାପ ଶିଖାଇବା ପାଇଁ କାହାର ଯୋଗ୍ୟତା ନାହିଁ

- କାର୍ତ୍ତିକ ପାଣ୍ଡିଆନ

# ସମର୍ପିତ ସେନାପତି

# ସିଧା ନିଶାଣ, ପ୍ରତ୍ୟକ୍ଷ ଆହ୍ୱାନ



## ଚଳିତ ନିର୍ବାଚନରେ ବିଜେଡି ଓ ମୁଖ୍ୟମନ୍ତ୍ରୀଙ୍କ ଫୋକସ୍ ?

### ଦୁଇଟି ଶଙ୍ଖ: ଗୋଟିଏ ବିଧାନସଭା, ଗୋଟିଏ ଲୋକସଭା ପାଇଁ

ବିଜେଡିର ଆଭିମୁଖ୍ୟ ଓଡ଼ିଶାର ହକ୍, ସ୍ୱାର୍ଥ ପାଇଁ ଲଢ଼ିବା । ବିଜେଡି ସବୁବେଳେ ଏହାହିଁ କରିଆସିଛି । ଗତଥର ବିଜେପିର ୮ ଜଣ ସାଂସଦ ଓଡ଼ିଶାରୁ ନିର୍ବାଚିତ ହୋଇ ଦିଲ୍ଲୀ ଯାଇଥିଲେ । ସେମାନେ ଥରେ ହେଲେ ଓଡ଼ିଶାର ସ୍ୱାର୍ଥ ପାଇଁ ମୁହଁ ଖୋଲିଲେ ନାହିଁ, ଓଡ଼ିଶାର ବିକାଶ ପାଇଁ କେବେ ସ୍ୱର ଉତ୍ତୋଳନ କଲେ ନାହିଁ । ସେମାନଙ୍କ ଉଦ୍ୟମରେ କେଉଁ ଗୋଟିଏ ହେଲେ ବି ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ ଓଡ଼ିଶାକୁ ଆସିଥିବାର ଦୃଷ୍ଟାନ୍ତ ନାହିଁ । ଅନ୍ୟପକ୍ଷରେ ବିଜେଡି ସାଂସଦମାନେ କିନ୍ତୁ ଲଗାତାର ଭାବେ ରାଜ୍ୟସ୍ୱାର୍ଥକୁ ସର୍ବାଗ୍ରେ ରଖିଛନ୍ତି । ଗୋଟେ ଜାତୀୟ ଦଳ ଉପରେ ସବୁବେଳେ ହାଇକମାଣ୍ଡଙ୍କର ନିୟନ୍ତ୍ରଣ ଥାଏ । ସେମାନଙ୍କର ସବୁବେଳେ ଲକ୍ଷ୍ୟ ଥାଏ କେମିତି ମନ୍ତ୍ରୀ ହେବେ, ଆଗାମୀ ନିର୍ବାଚନରେ ଟିକଟ ପାଇବେ । ମାତ୍ର ବିଜେଡିର ମାଲିକ ହେଉଛନ୍ତି ଓଡ଼ିଶାବାସୀ, ନବୀନ ପଟ୍ଟନାୟକ ହେଉଛନ୍ତି ଅଧିନାୟକ । ତେଣୁ ବିଜେଡି ହିଁ ଓଡ଼ିଶାର ସ୍ୱାର୍ଥ ପ୍ରସଙ୍ଗ ଦାବିକୁ ଶାଣିତ କରିପାରିବ । ଲୋକମାନେ ବି ଜାଣିଗଲେଣି ଜାତୀୟ ଦଳକୁ ଭୋଟ ଦେଇ ଲାଭ ନାହିଁ । ସେଥିପାଇଁ ଦୁଇଟି ଶଙ୍ଖ ଲୋଡ଼ା । ଗୋଟିଏ ବିଧାନସଭା ପାଇଁ, ଗୋଟିଏ ଲୋକସଭା ପାଇଁ । ଦୁଇଟି ଶଙ୍ଖ, ଯୋଡ଼ି ଶଙ୍ଖ ।

## ଭାଷାକୁ ନେଇ ବିଜେପି ଟାର୍ଗେଟ କରିବାର କାରଣ?

### ସେମାନଙ୍କ ନିକଟରେ ଆଉ କିଛି ପ୍ରସଙ୍ଗ ନାହିଁ

ବିଜେପି ନିକଟରେ ଆଉ କିଛି ପ୍ରସଙ୍ଗ ନାହିଁ । ରାଜ୍ୟର ବିକାଶ, ସେବା ପ୍ରଦାନ କିମ୍ବା ଦୁର୍ନୀତିକୁ ନେଇ ସେମାନେ ସରକାରଙ୍କ ବିରୋଧରେ ପଦଟିଏ କହିପାରିବେ ନାହିଁ । ସେଥିପାଇଁ ସେମାନେ ଜାଣିଶୁଣି ଗୋଟିଏ ନ୍ୟାରେଟିଭ ତିଆରି କରୁଛନ୍ତି; ଅପ୍ରସଙ୍ଗକୁ ପ୍ରସଙ୍ଗ କରୁଛନ୍ତି । ଓଡ଼ିଶା ରାଜ୍ୟ ଗଠନ ପରଠାରୁ ପ୍ରଥମଥର ପାଇଁ ଓଡ଼ିଆ ବିଶ୍ୱ ଭାଷା ସମ୍ମିଳନୀ ମୁଖ୍ୟମନ୍ତ୍ରୀ ଆୟୋଜନ କରିଛନ୍ତି । ଏଥିରୁ ବାହାରିଥିବା ନିଷ୍କର୍ଷକୁ କାର୍ଯ୍ୟକାରୀ କରାଯାଉଛି । ଏପରିକି ଏହି ବିଶ୍ୱ ସମ୍ମିଳନୀର ଥିମ୍ ଥିଲା 'ଭାଷା ହିଁ ଭବିଷ୍ୟତ' । ଏହାକୁ ଆଧାର କରି ମୁଖ୍ୟମନ୍ତ୍ରୀ ଆଗକୁ ବଢ଼ୁଛନ୍ତି । ନିଜ ଭାଷାର ଉନ୍ନତି ପାଇଁ ଆମ ରାଜ୍ୟ କଣ କରିଛି ଏବଂ ଅନ୍ୟମାନେ କଣ କରିଛନ୍ତି, ସେନେଇ ମୁଁ ବିତର୍କ କରିବାକୁ ପ୍ରସ୍ତୁତ । ଗତ ଦଶବର୍ଷ ଧରି ବିଜେପି ସରକାର କିଛି ବି କରିନାହାନ୍ତି । ଟଙ୍କାଟିଏ ବି ଦେଇନାହାନ୍ତି । ଶାସ୍ତ୍ରୀୟ ଭାଷା ଓଡ଼ିଆର ପ୍ରଚାର ପ୍ରସାର ପାଇଁ ଟଙ୍କାଟିଏ ମିଳିଲାନି, ସଂସ୍କୃତ ପରି ଭାଷାକୁ ହଜାରେ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା ମିଳିଛି । ଓଡ଼ିଆ ଭାଷା କି ପାପ କଲା? କାହିଁକି ଓଡ଼ିଆ ସାଂସଦ ଏନେଇ ମୁହଁ ଖୋଲିଲେ ନାହିଁ ।

## ଅସ୍ମିତାର ଅର୍ଥ କଣ ? ଏହା କିପରି ନିର୍ବାଚନୀ ପ୍ରସଙ୍ଗ ହୋଇପାରେ ?

### ବିଫଳତାକୁ ଲୁଚାଇବା ପାଇଁ ବିଜେପି ଏହାକୁ ପ୍ରସଙ୍ଗ କରିଛି

ମୁଖ୍ୟ ପ୍ରସଙ୍ଗକୁ ନଜର ହଟାଇବା ପାଇଁ ବିରୋଧୀ ବିଜେପି ଅସ୍ମିତା କଥା ଉଠାଉଛି । ଦେଶରେ ଦରବୃଦ୍ଧି ବର୍ତ୍ତମାନ ପ୍ରମୁଖ ସମସ୍ୟା । ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ବିଜେପି ସରକାର କଣ କରିଛନ୍ତି? ଏଲ୍‌ପିଜି, ତେଲ, ଡାଲି ଦର କମ୍ କରିବା ପାଇଁ କେନ୍ଦ୍ର ସରକାର କଣ କରିଛନ୍ତି? ୨୦୧୪ ନିର୍ବାଚନ ଇସ୍ତାହାରରେ ସେମାନେ ବର୍ଷକୁ ୨ କୋଟି ଚାକିରୀ ଦେବେ ବୋଲି କହିଥିଲେ । ଅର୍ଥାତ୍ ବିଗତ ୧୦ ବର୍ଷରେ ସେମାନେ ୨୦ କୋଟି ଯୁବକ ଯୁବତୀଙ୍କୁ ଚାକିରି ଦେବା କଥା । ଏହି ହିସାବରେ ଜନସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ୮୦ ଲକ୍ଷ ଯୁବକଙ୍କୁ ନିଯୁକ୍ତି ମିଳିବା କଥା । ମାତ୍ର ସେମାନେ ଏହାର ୧ ପ୍ରତିଶତ ଅର୍ଥାତ୍ ୮୦ ହଜାର ଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି କି? । ଗୋଟେ ରାଜ୍ୟର ଭାଷା, କଳା, ସଂସ୍କୃତି ହିଁ ସେହି ରାଜ୍ୟର ଅସ୍ମିତାକୁ ବୁଝାଏ । ଓଡ଼ିଶା ଭାଷା ପାଇଁ ସେମାନଙ୍କ ଅବଦାନ ଶୂନ । ସେହିପରି ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇବା ପାଇଁ ସେମାନେ କଣ କରିଛନ୍ତି? ଓଡ଼ିଶାର ବରପୁତ୍ରମାନଙ୍କୁ ସେମାନେ କିପରି ସମ୍ମାନ ଦେଉଛନ୍ତି ତାହା ସମସ୍ତେ ଜାଣନ୍ତି । ଓଡ଼ିଶା ଏବେ ଦେଶର କ୍ରୀଡ଼ା ରାଜଧାନୀ ପାଲଟିଛି । ବିପର୍ଯ୍ୟୟ ପରିଚାଳନାରେ ଆମେ ବିଶ୍ୱରେ ନମ୍ବର ୱାନ ହୋଇପାରିଛୁ । ଏପରିକି ଓଡ଼ିଶାର ବିପର୍ଯ୍ୟୟ ପରିଚାଳନାରେ ପାରଙ୍ଗମତାକୁ ନେଇ ନ୍ୟୁୟର୍କ ଟାଇମ୍ସର ପ୍ରଥମ ପୃଷ୍ଠାରେ ସମ୍ପାଦକୀୟ ଲେଖା ବାହାରିଥିଲା । ଥରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିଥିବା ବେଳେ ଏହି ଖବରର ଅବତାରଣା କରି ଆପଣ ଆମ ସମସ୍ତଙ୍କୁ ଗର୍ବିତ କଲେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ । ଏହା ଓଡ଼ିଆ ଅସ୍ମିତା ନୁହେଁ କି । ଏକଦା ଗରିବ ରାଜ୍ୟ ଥିବା ଓଡ଼ିଶା ଏବେ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି । ବର୍ଷକୁ ୫୦ ହଜାର କୋଟି ଟଙ୍କା ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇଛି ଓଡ଼ିଶା । ନିବେଶ କ୍ଷେତ୍ରରେ ମ୍ୟାନୁଫାକଚରିଂ ଇନଭେଷ୍ଟମେଣ୍ଟ କ୍ଷେତ୍ରରେ ଓଡ଼ିଶା ଏବେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି । ଏହା କଣ ଓଡ଼ିଆ ଅସ୍ମିତା ନୁହେଁ କି ?

ଏକଦା 'ଫୋର ଏଏମ୍ ଅଫିସର' ଭାବରେ ପରିଚିତ କାର୍ତ୍ତିକ ପାଣ୍ଡିଆନ ରାଜନୀତିରେ ପ୍ରବେଶ ପରେ ବି ବଦଳିନାହିଁ ତାଙ୍କର ଜୀବନ ଶୈଳୀ । ବିଭିନ୍ନ କାର୍ଯ୍ୟର ସମୀକ୍ଷା ଓ ଅନୁଧ୍ୟାନ ପାଇଁ ପ୍ରତ୍ୟୁଷରେ ପହଞ୍ଚିବା ପରି ସୂର୍ଯ୍ୟୋଦୟ ପୂର୍ବରୁ ବ୍ରାହ୍ମମୁହୂର୍ତ୍ତରେ ଓଡ଼ିଶାର ଗଣମାଧ୍ୟମକୁ ଦେଇଛନ୍ତି ତାଙ୍କର ପ୍ରଥମ ସାକ୍ଷାତକାର । ରାଜ୍ୟର ପ୍ରମୁଖ ଗଣମାଧ୍ୟମ ସମ୍ପାଦକ ଏବଂ ବରିଷ୍ଠ ପ୍ରତିନିଧିଙ୍କ ସହ ସେ ଆଲୋଚନା କରିଛନ୍ତି ଓଡ଼ିଶା ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ବ୍ଲୁ-ପ୍ରିଣ୍ଟ, ଓଡ଼ିଶାର ସାମ୍ପ୍ରତିକ ରାଜନୈତିକ ପରିବେଶ ଓ ସର୍ବୋପରି ନିର୍ବାଚନୀ ରଣନୀତି । କେତେବେଳେ ସେ ଉତ୍ସାହୀ ହୋଇ ପଡ଼ିଛନ୍ତି, କେତେବେଳେ ଭାବପ୍ରବଣ । ପ୍ରାୟ ୧ ଘଣ୍ଟା ୪୫ ମିନିଟ୍ ଧରି ରାଜ୍ୟର ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି 'ନବୀନ ବିକାଶ'ର ସମର୍ପିତ ସେନାପତି କାର୍ତ୍ତିକ ପାଣ୍ଡିଆନ୍

## ଓଡ଼ିଶାରେ 'ଆୟୁଷ୍ମାନ ' ଯୋଜନା ଲାଗୁ ନେଇ ବିଜେପି ନେତାଙ୍କ ପ୍ରଶ୍ନ?

### ବିଏସ୍‌କେୱାଇ ଆୟୁଷ୍ମାନ ଭାରତଠାରୁ ଯଥେଷ୍ଟ ଗୁଣରେ ଭଲ

ବିଏସ୍‌କେୱାଇ ଏବଂ ଆୟୁଷ୍ମାନ ଭାରତ ଯୋଜନା ମଧ୍ୟରେ ବହୁ ପ୍ରଭେଦ ରହିଛି । ଆୟୁଷ୍ମାନ ଭାରତ ପାଇଁ କେନ୍ଦ୍ର ସରକାରଙ୍କ ବଜେଟ ଦେଶ ପାଇଁ ମାତ୍ର ୭୦୦୦ କୋଟି ଟଙ୍କା । ଅର୍ଥାତ୍ ଓଡ଼ିଶା ଭାଗରେ ବାର୍ଷିକ ୩୦୦ କୋଟି ଟଙ୍କା ପଡ଼ିବ । ମାତ୍ର ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମାସିକ ୩୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଆୟୁଷ୍ମାନ ଭାରତରେ ମାତ୍ର ୫୦ ଲକ୍ଷ ପରିବାରକୁ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ବ୍ୟବସ୍ଥା ଥିବାବେଳେ ବିଏସ୍‌କେୱାଇରେ ୯୫ ଲକ୍ଷ ପରିବାର ଯୋଡ଼ି ହୋଇଛନ୍ତି । ବିଏସ୍‌କେୱାଇରେ ମହିଳାଙ୍କୁ ୧୦ ଲକ୍ଷ ଏବଂ ପୁରୁଷଙ୍କୁ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ପ୍ରଦାନ କରାଯାଉଛି । ଆୟୁଷ୍ମାନ ଭାରତରେ ମାତ୍ର ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ମିଳୁଛି । ଏମିତି ଅନେକ କାରଣ ଅଛି ଯାହା ଦର୍ଶାଉଛି ଆମ ବିଏସ୍‌କେୱାଇ ଆୟୁଷ୍ମାନ ଭାରତଠାରୁ ଯଥେଷ୍ଟ ଗୁଣରେ ଭଲ । ରାଜ୍ୟ ଓ ରାଜ୍ୟ ବାହାରେ ବଡ଼ବଡ଼ ଡାକ୍ତରଖାନାରେ ଗରିବ ଲୋକମାନେ ଚିକିତ୍ସା ପାଉଛନ୍ତି । ବର୍ଷକୁ ଏଥିପାଇଁ ରାଜ୍ୟ ସରକାର ପ୍ରାୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ବ୍ୟୟ କରୁଛନ୍ତି । ବିଏସ୍‌କେୱାଇ ଗରିବ ଲୋକଙ୍କୁ ସାହସ ଦେଇଛି । ବଡ଼ ବଡ଼ ହସ୍ପିଟାଲରେ ଶ୍ରେଷ୍ଠ ଚିକିତ୍ସା ପାଇବାପାଇଁ ସେମାନଙ୍କୁ ନବୀନ ବାବୁ ସାହସ ଦେଇଛନ୍ତି । ମାତ୍ର ସେମାନେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ବନ୍ଦ କରିବାକୁ ଚକ୍ରାନ୍ତ କରୁଛନ୍ତି । ଆସନ୍ତା ନିର୍ବାଚନରେ ଓଡ଼ିଶାବାସୀ ଏହାର ଉଚିତ୍ ଜବାବ୍ ଦେବେ ।

## ଏବେ ପାଣ୍ଡିଆନ୍ ବନାମ ପ୍ରଧାନ ଲଢ଼େଇ ହେଉଥିବା କୁହାଯାଉଛି ?

### ଧର୍ମେନ୍ଦ୍ର ପ୍ରଧାନ ୧୦ ବର୍ଷରେ ଓଡ଼ିଶା ପାଇଁ କଣ କରିଛନ୍ତି

ମୁଁ କାହା ସହ ଲଢୁନାହିଁ; ସମସ୍ତେ ମୋ ସହ ଲଢୁଛନ୍ତି । ମୋ ପ୍ରତି ବିଭିନ୍ନ ଶବ୍ଦ ପ୍ରୟୋଗ କରୁଛନ୍ତି । ମାତ୍ର ମୁଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରଶ୍ନ କରୁଛି; ମାତ୍ର ସେ ଏପର୍ଯ୍ୟନ୍ତ ଗୋଟିଏ ପ୍ରଶ୍ନର ଉତ୍ତର ରଖି ନାହାନ୍ତି । ସେ ୧୦ ବର୍ଷ ଧରି ସେ କେନ୍ଦ୍ରରେ ମନ୍ତ୍ରୀ ରହିଲେ । ବୋଧହୁଏ ଓଡ଼ିଶାରୁ ଏତେବର୍ଷ ଧରି କେନ୍ଦ୍ରରେ କେହି ମନ୍ତ୍ରୀ ରହିନାହାନ୍ତି । ଢେଙ୍କାନାଳ ତାଙ୍କ ନିଜ ଜନ୍ମ ମାଟି । ମୁଁ ତାଙ୍କୁ ପଚାରିଥିଲି ସେ ଢେଙ୍କାନାଳ ପାଇଁ କଣ କରିଛନ୍ତି । ତାହାର ଉତ୍ତର ମଧ୍ୟ ସେ ରଖିଲେ ନାହିଁ । ମୁଁ ତାଙ୍କୁ ଆହ୍ୱାନ ଦେଉଛି ଆମେ ଭୁବନେଶ୍ୱରରେ ଥିବା କେନ୍ଦ୍ର ସରକାରଙ୍କ କେନ୍ଦ୍ରୀୟ ବିଦ୍ୟାଳୟକୁ ଯିବା । ଏହାସହ ମାଲକାନଗିରି, ଚିତ୍ରକୋଣ୍ଡା ଅଞ୍ଚଳରେ ଥିବା ଯେକୌଣସି ରୂପାନ୍ତରିତ ୫-ଟି ଉଚ୍ଚ ବିଦ୍ୟାଳୟକୁ ଯିବା । କୋଉଟା ଭଲ ଆମେ ଦେଖିବା । ରାଜ୍ୟର ୮୫୦୦ଟି ୫-ଟି ହାଇସ୍କୁଲରେ ପିଲାଏ ସାଇନ୍ସ ଲ୍ୟାବ, ଡିଜିଟାଲ ବୋର୍ଡ ସହ ସମସ୍ତ ପ୍ରକାରର ଅତ୍ୟାଧୁନିକ ସୁବିଧା ପାଉଛନ୍ତି । ମାତ୍ର ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଏବେବି ପିଲାଏ କଳାପଟାରେ ପାଠ ପଢୁଛନ୍ତି । ଡିଜିଟାଲ ବୋର୍ଡରେ ପଢ଼ିବା ଦ୍ୱାରା ପିଲାଙ୍କ ଜ୍ଞାନ ବୃଦ୍ଧି ହେବ । ସେମାନେ ଭର୍ଚୁଆଲ କ୍ଲାସର ସୁବିଧା ପାଇପାରିବେ । ଏହାହିଁ ତ ରୂପାନ୍ତରଣ । ସୁଖରାମ, ନୀତିନ ଗଡ଼କରୀ, ରାମ ବିଲାସ ପାଶୱାନ, ଲାଲୁ ପ୍ରସାଦ ଯାଦବ, ମମତା ବାନାର୍ଜୀ ପ୍ରମୁଖ କେନ୍ଦ୍ରମନ୍ତ୍ରୀ ରହିଛନ୍ତି । ସେମାନେ ନିଜ ରାଜ୍ୟ ପାଇଁ କଣ କରିଛନ୍ତି ଏବଂ ଧର୍ମେନ୍ଦ୍ର ନିଜ ପାଇଁ କଣ କରିଛନ୍ତି ନିଜକୁ ପ୍ରଶ୍ନ କରନ୍ତୁ । ଏପରିକି କେନ୍ଦ୍ରମନ୍ତ୍ରୀ ନିଜ ଗାଁ ପାଇଁ କିଛି କରିପାରିଲେ ନାହିଁ । ଦୀର୍ଘ ୧୦ ବର୍ଷ ଧରି କଟକ-ସମ୍ବଲପୁର ଜାତୀୟ ରାଜପଥ କାମ ଚାଲିଛି । ଏହା ଏକ ବ୍ରାଉନଫିଲ୍ଡ ପ୍ରକଳ୍ପ ଅଟେ । ମାତ୍ର ସେହି ଅବଧି ମଧ୍ୟରେ ନବୀନ ବାବୁ ବିଜୁ ଏକ୍ସପ୍ରେସ ୱେରେ ୩୦୦ କିଲୋମିଟରର ଗ୍ରୀନ ଫିଲ୍ଡ ଜାତୀୟ ରାଜପଥ ନିର୍ମାଣ କରିଛନ୍ତି । ଏହିଠି ହିଁ ପ୍ରଭେଦ ଜଳଜଳ ଦିଶୁଛି । ଆପଣ କିଛି କରିଥିଲେ ଓଡ଼ିଶାବାସୀ ଖୁସି ହୋଇଥାନ୍ତେ ।

## ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶା ବିକାଶ କଥା କହୁଛନ୍ତି ?

### ୧୦ ବର୍ଷରେ ଗୋଟିଏ ରାସ୍ତାର ନିର୍ମାଣ ସାରିପାରିଲେ ନାହିଁ

ଧର୍ମେନ୍ଦ୍ର ପ୍ରଧାନ ଢେଙ୍କାନାଳ ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ରାଜନୀତିରେ ପ୍ରବେଶ କରିବା ପାଇଁ ଚେଷ୍ଟା କରିଥିଲେ । ସେଥିପାଇଁ ଶତାଧିକ ଥର ଢେଙ୍କାନାଳର ବିଭିନ୍ନ ଅଞ୍ଚଳକୁ ଯାଇଛନ୍ତି । ମାତ୍ର ହଠାତ୍ କଣ ହେଲା କେଜାଣି ସେ ଢେଙ୍କାନାଳରୁ ସମ୍ବଲପୁର ପଳେଇଗଲେ । ଜଣେ ସିଟିଂ ଏମ୍‌ପିଙ୍କୁ ବାହାର କରି ନିଜକୁ ଥଇଥାନ କଲେ । ଜଣେ କୌଣସି ଆସନରୁ ଜିତିବା ପରେ ତାଙ୍କ ବିରୋଧରେ ୫, ୧୦ କିମ୍ବା ୧୫ ବର୍ଷ ପରେ ଜନମତ ସୃଷ୍ଟି ହୁଏ । ମାତ୍ର କେନ୍ଦ୍ରମନ୍ତ୍ରୀ ୧୦ ବର୍ଷରେ ଏମିତି କାମ କଲେ ଯେ ନାମାଙ୍କନ ଦାଖଲ କରିବା ଆଗରୁ ଢେଙ୍କାନାଳରେ ତାଙ୍କ ବିରୋଧରେ ଜନମତ ସୃଷ୍ଟି ହେଲା । ସେ ଡରିକି ସମ୍ବଲପୁର ପଳେଇଲେ । ୧୦ ବର୍ଷ ଢେଙ୍କାନାଳ ତାଙ୍କ କର୍ମଭୂମି ଥିଲା । ମାତ୍ର ସେ ନିଜ ପଞ୍ଚାୟତ, ଜିଲ୍ଲା ପରିଷଦ ଜୋନ୍ ଜିତିପାରିଲେ ନାହିଁ । କିଛି କଲେ ସିନା ନିର୍ବାଚନ ଜିତିବେ । ବିଗତ ୧୦ ବର୍ଷ ଧରି କଟକ-ସମ୍ବଲପୁର ଜାତୀୟ ରାଜପଥ ନିର୍ମାଣ ଚାଲିଛି । ୨୦୦୦ ଲୋକଙ୍କର ଜୀବନ ଏହି ରାଜପଥରେ ଗଲାଣି । ଆପଣ ଓଡ଼ିଶାର ବିକାଶ କଥା କହୁଛନ୍ତି । ମାତ୍ର ଗୋଟିଏ ରାସ୍ତାର ନିର୍ମାଣ ଆପଣଙ୍କ ଦ୍ୱାରା ସମ୍ଭବ ହେଲାନାହିଁ । ଏବେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ସମୟରେ ଡରିଯାଇ ନିର୍ବାଚନ ଆୟୋଗଙ୍କ ନିକଟରୁ ରାସ୍ତା ନିର୍ମାଣ ପାଇଁ ଅନୁମତି ଆଣୁଛନ୍ତି । ଲଜ୍ଜା ଲାଗିବାକଥା । କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଅଧିନରେ ନବୋଦୟ, କେନ୍ଦ୍ରୀୟ ବିଦ୍ୟାଳୟ ଆସିଥାଏ । ଢେଙ୍କାନାଳ ଆକାଂକ୍ଷୀ ଜିଲ୍ଲା ତାଲିକାରେ ରହିଛି । ଚାହିଁଥିଲେ ସବୁ ବ୍ଲକରେ କେନ୍ଦ୍ରୀୟ ବିଦ୍ୟାଳୟ, ଦକ୍ଷତା ବିକାଶ କେନ୍ଦ୍ର ଖୋଲି ପାରିଥାଆନ୍ତେ । ସେତକ ମଧ୍ୟ ଆପଣ କରିଲେ ନାହିଁ । ଆପଣ ରାଜ୍ୟରେ ଦାଦନ ସମସ୍ୟା କଥା କହୁଛନ୍ତି । ଆପଣ ୧୦ ବର୍ଷରେ ଢେଙ୍କାନାଳର କେତେ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି । ରାଜ୍ୟର କେତେ ଯୁବକଙ୍କୁ ଦକ୍ଷ କରି ସେମାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି । ଏନେଇ ଆପଣ ଓଡ଼ିଶାବାସୀଙ୍କ ଆଗରେ ରିପୋର୍ଟ କାର୍ଡ ରଖନ୍ତୁ । ସମ୍ବଲପୁରକୁ ଯାଇ କାଲି ବଡ଼ ବଡ଼ ଭାଷଣ ମାରିଦେଲେ ଚଳିବ ନାହିଁ । ଓଡ଼ିଶାର ସେବା ନୁହେଁ, ମୁଖ୍ୟମନ୍ତ୍ରୀ ଚୌକି ହାସଲ କରିବା ହିଁ ତାଙ୍କର ଏକମାତ୍ର ଉଦ୍ଦେଶ୍ୟ । ମାତ୍ର ମୁଖ୍ୟମନ୍ତ୍ରୀ ସବୁବେଳେ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଚିନ୍ତା କରନ୍ତି । ଆପଣ ଯଦି ଓଡ଼ିଶା ପାଇଁ ଭଲ କାମ କରିଥାନ୍ତେ, ତାହେଲେ ଆପଣଙ୍କ ବିରୋଧରେ ବିଜୁ ଜନତା ଦଳ ପ୍ରାର୍ଥୀ ଦେଇନଥାନ୍ତା ।

## ଧର୍ମେନ୍ଦ୍ର ଓ ଅପରାଜିତାଙ୍କୁ ନେଇ ଆପଣଙ୍କ ମନ୍ତବ୍ୟ?

### ଧର୍ମେନ୍ଦ୍ର ଓ ଅପରାଜିତାଙ୍କ ଷଡ଼ଯନ୍ତ୍ରକୁ ଓଡ଼ିଶାବାସୀ ଜାଣିଛନ୍ତି

ମୁଁ ସାଧାରଣତଃ ରାଗେ ନାହିଁ । ମାତ୍ର ବେଳେବେଳେ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ମଝିରେ ମଝିରେ ଟିକେ ରାଗ ଆସିଯାଏ । ରାଗିବାର କାରଣ ହେଉଛି ଅତୀତରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅପରାଜିତା ଷଡ଼ଙ୍ଗୀ ରଚିଥିବା ଷଡ଼ଯନ୍ତ୍ର । ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ରାଜନୀତିକୁ ଊର୍ଦ୍ଧ୍ୱରୁ ରଖିବାକୁ ଚାହୁଁଥିଲେ । ମାତ୍ର ଉଭୟେ ଏହି ମହତ୍ୱାକାଂକ୍ଷୀ କାର୍ଯ୍ୟକୁ ରୋକିବା ପାଇଁ ବ୍ୟାପକ ଅପଚେଷ୍ଟା କରିଥିଲେ । ଉଭୟେ ଏଏସଆଇ, ଏନଏମଏ ଜରିଆରେ ଅପଚେଷ୍ଟା କରିଥିଲେ । ଏପରିକି ସୁପ୍ରିମକୋର୍ଟରେ ଦାମୀ ଓକିଲ ନିଯୁକ୍ତ କରିଥିଲେ । ଯେଉଁ ଓକିଲଙ୍କ ଘଣ୍ଟାକ ପାରିଶ୍ରମିକ ୩୫ରୁ ୪୦ଲକ୍ଷ ଟଙ୍କା । କେନ୍ଦ୍ରମନ୍ତ୍ରୀ ନିଜେ ଜାଣିଥିଲେ ଯେ ଶ୍ରୀମନ୍ଦିର ପ୍ରତି କେତେ ବିପଦ ରହିଛି । ମାତ୍ର ନିଜ ରାଜନୈତିକ ସ୍ୱାର୍ଥପାଇଁ ସେମାନେ ଶ୍ରୀମନ୍ଦିର ସୁରକ୍ଷାକୁ ମଧ୍ୟ ରାଜନୀତି ମଧ୍ୟକୁ ଟାଣିନେଲେ । ଏପରିକି ମା ସମଲେଇ ମନ୍ଦିର କାମ ବିଳମ୍ବିତ କରିବା ପାଇଁ ଧର୍ମେନ୍ଦ୍ର ଅପଚେଷ୍ଟା କରିଥିଲେ । ସେମାନେ ଜାଣିଥିଲେ ଯେ ଏହି କାମ ହେଲେ ମୁଖ୍ୟମନ୍ତ୍ରୀ ଇତିହାସ ରଚିବେ । ମାତ୍ର ମହାପ୍ରଭୁ ଏବଂ ମାଙ୍କ ଆଶୀର୍ବାଦ କାରଣରୁ ଉଭୟଙ୍କ ଉଦ୍ୟମ ପଣ୍ଡ ହେଲା । ଏବେ ପ୍ରତିଦିନ ଲକ୍ଷ ଲକ୍ଷ ଓଡ଼ିଶାବାସୀ ଉଭୟ ମନ୍ଦିରର ଭବ୍ୟତାକୁ ସ୍ୱଚକ୍ଷୁରେ ଦେଖୁଛନ୍ତି । ଏହାର ଦିବ୍ୟତାକୁ ଅନୁଭବ କରୁଛନ୍ତି । ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ଏହା ସମ୍ଭବ ହୋଇପାରିଲା । ଏପରିକି ଲିଙ୍ଗରାଜ ମନ୍ଦିର ଚତୁପାର୍ଶ୍ୱରେ ଉନ୍ନୟନ କାମ ରୋକିବା ପାଇଁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଚେଷ୍ଟା କରିଥିଲେ । ମାତ୍ର ମନ୍ଦିର କାମ ଏବେ ଆରମ୍ଭ ହୋଇଛି । ଉଭୟ ନେତା ଯେଉଁ ଷଡ଼ଯନ୍ତ୍ର ରଚିଥିଲେ ସେନେଇ ଓଡ଼ିଶାବାସୀ ଭଲଭାବେ ଜାଣିଛନ୍ତି । ଉଭୟଙ୍କୁ ମହାପ୍ରଭୁ ଜଗନ୍ନାଥ କ୍ଷମା କରନ୍ତୁ ବୋଲି ମୁଁ ପ୍ରାର୍ଥନା କରୁଛି ।

## କେନ୍ଦ୍ରୀୟ ନେତାଙ୍କ ଘନଘନ ଗସ୍ତ ଓ ପ୍ରଚାର ସମ୍ପର୍କରେ ଆପଣଙ୍କ ମତ?

### ସମଗ୍ର ବିରୋଧୀଙ୍କ ବିରୋଧରେ ଲଢୁଛନ୍ତି ନବୀନ

୨୦୧୪ ଏବଂ ୨୦୧୯ ରେ ମଧ୍ୟ ସେମାନେ ରାଜ୍ୟରେ ସରକାର ଗଠନ କରିବାକୁ ଚାହିଁଥିଲେ । ସମସ୍ତ କେନ୍ଦ୍ରୀୟ ନେତା ଓଡ଼ିଆ ଆସି ପ୍ରଚାର କରିଥିଲେ । ଓଡ଼ିଶାବାସୀ ସେମାନଙ୍କୁ ଉଚିତ୍ ଜବାବ ଦେଇଥିଲେ । ଏପରିକି ୧୨୦ ପ୍ଲସ ନାରା ସେମାନଙ୍କର ଫେଲ୍ ମାରିଥିଲା । ୨୦୨୪ରେ ବି ମଧ୍ୟ ସମାନ ଘଟଣା ଘଟିବାକୁ ଯାଉଛି । ଏଥର ସେମାନଙ୍କର ରଣନୀତି ହେଉଛି ୫୦-୬୦ ବିଧାନସଭା ଆସନରେ ବିଜୟ ଲାଭ କରିବେ । ନିର୍ବାଚନ ପରେ ବିଜେଡିକୁ ଭାଙ୍ଗିବେ, ଏହାହିଁ ତାଙ୍କର ରଣନୀତି । ସେମାନେ ସରକାର ଗଠନ ପାଇଁ ଲଢୁନାହାନ୍ତି । ମହାରାଷ୍ଟ୍ର, କର୍ଣ୍ଣାଟକ ଏବଂ ମଧ୍ୟପ୍ରଦେଶରେ ସେମାନେ ଯେଉଁ ଫର୍ମୁଲା ଆପଣେଇଥିଲେ, ଓଡ଼ିଶାରେ ସେହି ଢ଼ାଞ୍ଚା ଆପଣେଉଛନ୍ତି । ୨୦୧୪ ଏବଂ ୨୦୧୯ ରେ ଯେପରି ନବୀନ ଭର୍ସେସ୍ ଅଲ୍ ହୋଇଥିଲା । ୨୦୨୪ରେ ମଧ୍ୟ ସମାନ ହେବ । ମାତ୍ର ଓଡ଼ିଶାବାସୀ ସେମାନଙ୍କୁ କେବେବି ବିଶ୍ୱାସ କରିବେ ନାହିଁ । ରାଜ୍ୟବାସୀ ମୁଖ୍ୟମନ୍ତ୍ରୀଙ୍କୁ ଜୋର୍‌ଦାର ଆଶୀର୍ବାଦ କରିବେ । ସେଥିପାଇଁ ମୁଁ ଆସନ୍ତା ଜୁନ୍ ୯ ତାରିଖ ସାଢ଼େ ୧୧ଟାରୁ ୧ଟା ମଧ୍ୟରେ ନବୀନ ବାବୁ ଶପଥ ନେବେ ବୋଲି ଦୃଢ଼ତାର ସହ କହିଛି ।

## ପ୍ରଥମ ପର୍ଯ୍ୟାୟରେ ବିଜେଡିର ପ୍ରଦର୍ଶନ କିପରି ରହିବ?

### ବିଜେଡି ପ୍ରଥମ ପର୍ଯ୍ୟାୟରେ ସୁଇପ୍ କରିବ

ପ୍ରଥମ ପର୍ଯ୍ୟାୟରେ ବିଜୁ ଜନତା ଦଳ ସୁଇପ୍ କରିବ । ଲୋକଙ୍କ ଭଲପାଇବା, ଆଶୀର୍ବାଦ ଯୋଗୁଁ ବିଜେଡି ଖୁବ୍ ଭଲ ପ୍ରଦର୍ଶନ କରିବ । ଏଯାଏଁ ଆମର ନିର୍ବାଚନ ଇସ୍ତାହାର ପ୍ରକାଶ ପାଇନାହିଁ । ତାହା ଆଗରୁ ବିଜେଡି ଏତେ ଭଲ କରିବାକୁ ଯାଉଛି । ଏହାହିଁ ନବୀନଙ୍କ ପ୍ରତି ଲୋକଙ୍କର ଭଲପାଇବାର ପ୍ରତିଫଳନ । ପ୍ରଥମ ପର୍ଯ୍ୟାୟରେ ଲଢ଼େଇ ମୁଖ୍ୟତଃ କଂଗ୍ରେସ ସହ ଲଢ଼େଇ ହେଉଛି । ଅବିଭକ୍ତ କୋରାପୁଟରେ ଏବଂ କଳାହାଣ୍ଡିର ୨-୩ଟି ସ୍ଥାନରେ ବିଜେଡିର ଲଢ଼େଇ କଂଗ୍ରେସ ସହ ହେଉଛି । ପାରଳାଖେମୁଣ୍ଡି ପରି ଅଳ୍ପ କିଛି ସ୍ଥାନରେ ବିଜେପି ସହ ଲଢ଼େଇ ହେଉଛି । ଗଞ୍ଜାମରେ ଆମେ ଏକତରଫା ନିର୍ବାଚନ ଲଢୁଛୁ । ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଲୋକଙ୍କର ପ୍ରବଳ ଭଲପାଇବା, ସମର୍ଥନ ରହିଛି ।

## ମୁଖ୍ୟମନ୍ତ୍ରୀଙ୍କ ଆଖିର ଲୁହ ମୁଁ ଦେଖିଛି

କଳିଙ୍ଗ ଷ୍ଟାଡିୟମରେ ଏସିଆନ୍ ଆଥଲେଟିକ୍ସ ଚାମ୍ପିଅନ୍‌ସିପ୍ ଚାଲିଥାଏ । ମୁଖ୍ୟମନ୍ତ୍ରୀ ଷ୍ଟାଡିୟମର ଗୋଟେ କୋଣରେ ବସିଥାନ୍ତି; ମୁଁ ତାଙ୍କ ନିକଟରେ ଥାଏ । ହଠାତ୍ ମୁଖ୍ୟମନ୍ତ୍ରୀଙ୍କୁ ଭାବପ୍ରବଣ ହୋଇପଡ଼ିବାର ଦେଖିଥିଲି । କାରଣ ପଚାରିବାରୁ ମୁଖ୍ୟମନ୍ତ୍ରୀ କହିଲେ ୧୯୯୯ ମହାବାତ୍ୟା ସମୟରେ ଏହି ଷ୍ଟାଡିୟମରେ ବାହାର ରାଜ୍ୟରୁ ପୁରୁଣା କପଡ଼ା ଆସି ଗଦା ହୋଇଥିଲା । ରିଲିଫ୍ ସହାୟତାରେ ବିଭିନ୍ନ ରାଜ୍ୟରୁ ପୁରୁଣା କପଡ଼ା ସବୁ ଆସି ଏଇଠି ରହିଥିଲା । ଯାହା ମୋତେ ବେଶ୍ ବାଧିଥିଲା । ଆଜି ଏଇ ମାଟିକୁ, ଏହି ଷ୍ଟାଡିୟମକୁ ୪୦ଟି ଦେଶର କ୍ରୀଡ଼ାବିତ୍ ଆସିଛନ୍ତି । ନିଜ ନିଜ ଦେଶର ପତାକା ଧରି ଫ୍ଲାଗମାର୍ଚ୍ଚ କରୁଛନ୍ତି । ମୁଁ ମୋ ଓଡ଼ିଶା ପାଇଁ ଯାହା କରିପାରିଛି, ସେଥିପାଇଁ ମୁଁ ନିଜକୁ ଗର୍ବିତ ଅନୁଭବ କରୁଛି । ସେଦିନ ମୁଖ୍ୟମନ୍ତ୍ରୀଙ୍କ ସହ ମୁଁ ବି ବେଶ୍ ଭାବପ୍ରବଣ ହୋଇପଡ଼ିଥିଲି ବୋଲି କହିଥିଲେ କାର୍ତ୍ତିକ । ମୁଖ୍ୟମନ୍ତ୍ରୀଙ୍କ କଥା ବଖାଣୁ ବଖାଣୁ ଆଜି ବି ସେ ଭାବବିହ୍ୱଳ ହୋଇପଡ଼ିଥିଲେ । କିଛି ସମୟ ପାଇଁ ତୁନି ପଡ଼ିଯାଇଥିଲେ, ପରେ ସହଜ ହୋଇଥିଲେ । କେମିତି ହେବେନି ଯେ । ମହାବାତ୍ୟାର ଧ୍ୱସ୍ତସ୍ତୁପରୁ ଉନ୍ନତିର ଜୟଯାତ୍ରାରେ ସବୁଠୁ ଆଗରେ ଦୌଡୁଥିବା ଓଡ଼ିଶା ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନବରତ, ନିଷ୍ଠାପର ଉଦ୍ୟମକୁ ସେ ପାଖରୁ ଦେଖିଛନ୍ତି । ମର୍ମେ ମର୍ମେ ଅନୁଭବ ବି କରିଛନ୍ତି । ମୁଖ୍ୟମନ୍ତ୍ରୀ ଯେ ଓଡ଼ିଶାକୁ ନିଜ ପ୍ରାଣଠାରୁ ଅଧିକ ଭଲ ପାଆନ୍ତି, ତାହା ପାଣ୍ଡିଆନଙ୍କ ଏହି କଥାରୁ ବେଶ୍ ଅନୁଭବ କରାଯାଇପାରେ । ସେହିପରି ଦ୍ୱିତୀୟବାର କୋଭିଡ୍ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଭାବପ୍ରବଣତା ଦେଖିଥିଲି । ବିମାନ ବନ୍ଦର ନିକଟରେ ନବୀନ ନିବାସ । କୋଭିଡ୍ ସମୟରେ ବହୁତ ଉଡ଼ାଜାହାଜର ଶବ୍ଦ ନବୀନ ନିବାସକୁ ଶୁଭୁଥାଏ । ମୁଖ୍ୟମନ୍ତ୍ରୀ ଏତେ ଶବ୍ଦ କାହିଁକି ବୋଲି ମୋତେ ପଚାରିଲେ । ମୁଁ କହିଥିଲି, ପ୍ରତିଦିନ ଓଡ଼ିଶାରୁ ୧୨/୧୪ଟି ରାଜ୍ୟକୁ ଅମ୍ଳଜାନ ପଠାଯାଉଛି । ନିଜ ରାଜ୍ୟର ଲୋକଙ୍କ ଜୀବନ ବଞ୍ଚାଇବାକୁ ବିଭିନ୍ନ ରାଜ୍ୟ ସରକାର ଓଡ଼ିଶାକୁ ଅମ୍ଳଜାନ ନେବାକୁ ବିମାନ ପଠାଉଛନ୍ତି । ଏହା ଶୁଣି ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଭାବପ୍ରବଣ ହୋଇ ଯାଇଥିଲେ ।

## ପ୍ରଣବ ପ୍ରକାଶ ଦାସ ସମ୍ବଲପୁରରୁ କାହିଁକି ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ?

ପ୍ରଣବ ପ୍ରକାଶ ଦାସ ହେଉଛନ୍ତି ବିଜୁ ଜନତା ଦଳର ସଙ୍ଗଠନ ସମ୍ପାଦକ । ବିଜୁ ଜନତା ଦଳ ଓଡ଼ିଶାର ସାମଗ୍ରିକ ବିକାଶରେ ବିଶ୍ୱାସ ରଖେ । ଦଳର କର୍ମୀ ଓ କର୍ମକର୍ତ୍ତାମାନଙ୍କର ସୀମାରେଖା ଆଦୌ ସୀମିତ ନୁହେଁ । ଚଳିତ ନିର୍ବାଚନ ଯୁଦ୍ଧରେ ସେ ଦଳର ସେନାଧ୍ୟକ୍ଷ । ତେଣୁ ତାଙ୍କର ସମ୍ବଲପୁରରେ ଲଢ଼ିବା କିଛି ଅପ୍ରାସଙ୍ଗିକ ନୁହେଁ ।

## ବିଜେଡିର ନିର୍ବାଚନୀ ଇସ୍ତାହାର କେବେ ଆସିବ?

### ଖୁବ୍ ଶୀଘ୍ର, ସମସ୍ତଙ୍କୁ ଚକିତ କରିବ

ବିଜେପି ଓ କଂଗ୍ରେସ ସରକାରକୁ ଆସିବାକୁ ନିଜର ନିର୍ବାଚନ ଇସ୍ତାହାର ଆଣିଛନ୍ତି । ମାତ୍ର ନବୀନ ବାବୁ ଓଡ଼ିଶାକୁ ଆହୁରି ସଶକ୍ତ କରିବାକୁ ଇସ୍ତାହାର ଆଣୁଛନ୍ତି । ଆମେ ଭୋଟ ପାଇଁ ନୁହେଁ, ରାଜ୍ୟର ବିକାଶ ପାଇଁ ଇସ୍ତାହାର ଆଣୁଛୁ । ଆସନ୍ତା ୨ ଦିନ ମଧ୍ୟରେ ବିଜେଡିର ଇସ୍ତାହାର ଆସିବ ଏବଂ ସମସ୍ତଙ୍କୁ ଚକିତ କରିବ ।

## ବିଜେପି ୨୧ ଲୋକସଭା ଆସନରେ ବିଜୟ ଲାଭ କରିବ ବୋଲି କହୁଛି ?

### ଗତଥରଠାରୁ ଆମେ ଅଧିକ ଆସନରେ ଜିତିବୁ

ଆମେ ବିଧାନସଭାରେ ତିନି ଚତୁର୍ଥାଂଶ ଆସନରେ ବିଜୟ ଲାଭ କରିବୁ । ସେହିପରି ଗତଥରଠାରୁ ଆମେ ଅଧିକ ଲୋକସଭା ଆସନରେ ବିଜୟ ଲାଭ କରିବୁ । ବିଜେପି ନିଜର ବିଜୟ ନେଇ ଦିନରେ ସ୍ୱପ୍ନ ଦେଖୁଛି । ଏପରିକି ସେମାନଙ୍କ ନିକଟରେ ୬୦ ବିଧାନସଭା ଆସନରେ ପ୍ରାର୍ଥୀ ନଥିଲେ । ବିଜେଡି ପ୍ରାର୍ଥୀ ତାଲିକାକୁ ସେମାନେ ଅପେକ୍ଷା କରି ରହିଥିଲେ । ବିଜେଡିରୁ ବାଦ୍ ପଡ଼ିଥିବା ଓ ବିତାଡ଼ିତ ନେତାଙ୍କୁ ଅପେକ୍ଷା କରିଥିଲେ । ସେମାନଙ୍କୁ ନେଇ ସେମାନେ ପ୍ରାର୍ଥୀ ଭାବରେ ଟିକଟ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ କଣ୍ଟାବାଞ୍ଜି ପ୍ରାର୍ଥୀତ୍ୱ ସମ୍ପର୍କରେ କିଛି କହିବେ ?

### ଏହା ରାଜନୈତିକ ନିଷ୍ପତ୍ତି ନୁହେଁ; ବିକାଶ ପାଇଁ ଉଦ୍ଦିଷ୍ଟ

ରାଜ୍ୟର ପ୍ରତିଟି ଜନସାଧାରଣ ଚାହୁଁଛନ୍ତି ମୁଖ୍ୟମନ୍ତ୍ରୀ ତାଙ୍କ ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରନ୍ତୁ । କାରଣ ସେମାନେ ଜାଣିଛନ୍ତି ଯେ ନବୀନ ବାବୁ ପ୍ରତିନିଧିତ୍ୱ କରୁଥିବା ଆସନ ବିକାଶ ପ୍ରକ୍ରିୟାର କିପରି ଶିଖର ଛୁଇଁବ । ଆପଣ ହିଞ୍ଜିଳିକାଟୁକୁ ଉଦାହରଣ ନେଇପାରନ୍ତି । ଗତବର୍ଷ କେନ୍ଦ୍ର ସରକାର ହିଞ୍ଜିଳିକାଟୁକୁ ଦେଶର ଶ୍ରେଷ୍ଠ ପଞ୍ଚାୟତ ଭାବେ ପୁରସ୍କୃତ କରିଥିଲେ । ସେହିପରି ଗଞ୍ଜାମ ଜିଲ୍ଲା ପରିଷଦକୁ ଶ୍ରେଷ୍ଠ ଜିଲ୍ଲା ପରିଷଦ ଭାବେ ପୁରସ୍କୃତ କରାଯାଇଥିଲା । ନବୀନ ବାବୁ ୨୪ ବର୍ଷ ଧରି ଦେଶର ୧ ନମ୍ବର ମୁଖ୍ୟମନ୍ତ୍ରୀ ରହି ଆସୁଛନ୍ତି । ଗତ ୨୦୧୯ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ୨ଟି ଆସନରୁ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତି ରାଜନୈତିକ ନଥିଲା, ବରଂ ସମ୍ପୃକ୍ତ ଅଞ୍ଚଳର ବିକାଶ ପାଇଁ ଉଦ୍ଦିଷ୍ଟ ଥିଲା । ମୁଖ୍ୟମନ୍ତ୍ରୀ ଯେଉଁ ଆସନରୁ ପ୍ରତିନିଧିତ୍ୱ କରିବେ, ଉକ୍ତ ଆସନ ବିକାଶ ପ୍ରକ୍ରିୟାରେ ୨୦-୨୫ ବର୍ଷ ଆଗକୁ ପଳେଇବ । ବିଜେପୁରରେ ରେକର୍ଡ ସମୟ ମଧ୍ୟରେ କେମିତି ଜଳସେଚନର ବ୍ୟବସ୍ଥା କରାଗଲା ତାହା ସଭିଏଁ ଜାଣନ୍ତି । ଚଳିତଥର ମୁଖ୍ୟମନ୍ତ୍ରୀଙ୍କ ସାମ୍ନାରେ ୫-୬ଟି ନିର୍ବାଚନମଣ୍ଡଳୀର ତାଲିକା ଉପସ୍ଥାପନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ନିଜେ କଣ୍ଟାବାଞ୍ଜିକୁ ବାଛିଥିଲେ ।

## ବିଜେଡିର ଟିକଟ ବଣ୍ଟନରେ ୯ ସଂଖ୍ୟାର ଗୁରୁତ୍ୱ ?

ସେମିତି ନିର୍ଦ୍ଦିଷ୍ଟ ଭାବେ କିଛି ନାହିଁ । ଏଥିରେ କୌଣସି ଅନ୍ଧବିଶ୍ୱାସ ମଧ୍ୟ ନାହିଁ । ଆପଣମାନେ ଟିକେ ଗୁଗଲ କଲେ ହିନ୍ଦୁଧର୍ମରେ ୯ ସଂଖ୍ୟାର ମହତ୍ତ୍ୱ ସମ୍ପର୍କରେ ଜାଣିପାରିବେ । ଧର୍ମଶାସ୍ତ୍ର ଅନୁଯାୟୀ ଆମେ ୯ ସଂଖ୍ୟାକୁ ମହତ୍ୱ ଦେଇଛୁ ।

## ଗଞ୍ଜାମ ସହ ଆପଣଙ୍କ ସମ୍ପର୍କ?

### ଗଞ୍ଜାମ ସହ ମୋର ଭାବଗତ ସମ୍ପର୍କ

ମୋତେ ସବୁବେଳେ ଗଞ୍ଜାମ ଭଲଲାଗେ । ଗଞ୍ଜାମ ସହ ମୋର ଭାବଗତ ସମ୍ପର୍କ ରହିଛି । ଗଞ୍ଜାମରେ ମୁଁ ସାଢ଼େ ୪ ବର୍ଷ ଜିଲ୍ଲାପାଳ ଥିଲି । ମୋତେ ଏଠି ବହୁତ ଭଲପାଇବା ମିଳିଛି । ଗଞ୍ଜାମର ଲୋକେ ଖୁବ୍ ପରିଶ୍ରମୀ, କର୍ମଠ । ଏଇଠି ଜିଲ୍ଲାପାଳ ଥିବାବେଳେ ଆମେ ୪ଟି ଜାତୀୟ ସମ୍ମାନ ପାଇଥିଲୁ । ମା ତାରତାରିଣୀଙ୍କ ପୀଠ ସହ ମୁଁ ଆଧ୍ୟାତ୍ମିକ ଭାବେ ଜଡ଼ିତ । ଉଭୟ ବିଜୁବାବୁ ଏବଂ ନବୀନ ବାବୁଙ୍କ କର୍ମଭୂମି ହେଉଛି ଗଞ୍ଜାମ । ମୋର ଝିଅ ମଧ୍ୟ ଗଞ୍ଜାମରେ ଜନ୍ମ ନେଇଛି । ସେ ଖାଣ୍ଟି ବରହମ୍‌ପୁରିଆ ଗଞ୍ଜାମୀ ।



## ବିଜୁ ବାବୁ କ'ଣ ଭାରତ ରତ୍ନ ପାଇଁ ଯୋଗ୍ୟ ନୁହନ୍ତି ?

ଓଡ଼ିଶାର ସବୁଠୁ ବଡ଼ ସମ୍ପତ୍ତି, ପରିଚୟ ହେଉଛନ୍ତି ବିଜୁ ବାବୁ । ୨ ଜଣ ଲୋକ ଯଦି ଦୁନିଆର କୌଣସି କୋଣରେ ଭେଟ ହୁଅନ୍ତି ପ୍ରଥମେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀମନ୍ଦିର ଉପରେ କଥା ହେବେ । ୫ ମିନିଟ ପରେ ବିଜୁବାବୁଙ୍କ ସମ୍ପର୍କରେ କଥା ହେବେ । ବିଜୁବାବୁଙ୍କ ଉପରେ କଥା ହେବାବେଳେ ଆଖିରୁ ଦୁଇଧାର ଲୁହ ବାହାରି ପଡ଼ିବ ନିଶ୍ଚୟ; ସେମିତି ହିଁ ଥିଲେ ବିଜୁ ବାବୁ । ପାରାଦ୍ୱୀପ ବନ୍ଦରଠାରୁ ସୁନାବେଡ଼ାରେ ଫ୍ୟାକ୍ଟ୍ରି, ରାଉରକେଲା ଇସ୍ପାତ କାରଖାନା ବିଜୁ ବାବୁ କରିଛନ୍ତି । ଓଡ଼ିଶାର ଆତ୍ମବିଶ୍ୱାସ ବଢ଼ାଇବାରେ ତାଙ୍କର ଭୂମିକା ସର୍ବୋପରି । ସେ ଦେଶର ସ୍ୱାଧୀନତା ପାଇଁ ଲଢ଼ିଛନ୍ତି । ଦେଶପାଇଁ ସୁନାମ ଆଣିଛନ୍ତି । କଶ୍ମୀରକୁ ଯଦି ସେ ପ୍ରଥମେ ଯାଇ ସୈନିକମାନଙ୍କୁ ଓହ୍ଲାଇନଥାନ୍ତେ ତାହେଲେ ଆଜି ପିଓକେ ଆହୁରି ବଢ଼ିଥାନ୍ତା । ବର୍ମା ଯୁଦ୍ଧଠାରୁ ଆରମ୍ଭ କରି ଜାତୀୟ ସ୍ତରର ବିଭିନ୍ନ ଘଟଣାବଳୀରେ ତାଙ୍କର ପ୍ରତ୍ୟକ୍ଷ ଭୂମିକା ନିର୍ବାହ ପାଇଁ ସେ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା ହୋଇ ରହିବେ । ଏନଡିଏ ସରକାର ଦେଶର ଅନେକ ସୁଯୋଗ୍ୟ ବ୍ୟକ୍ତିବିଶେଷଙ୍କୁ ଭାରତ ରତ୍ନ ସମ୍ମାନ ଦେଇଛନ୍ତି । ମାତ୍ର ବିଜୁ ବାବୁ କ'ଣ ଏଥିପାଇଁ ଯୋଗ୍ୟ ନୁହନ୍ତି କି ? ବିଜୁବାବୁଙ୍କର ଦେହାନ୍ତ ବେଳେ ତାଙ୍କ ମରଶରୀର ଉପରେ ୪ଟି ଦେଶର ଜାତୀୟ ପତାକା ପଡ଼ିଥିଲା । ଏପରି ମହାନୁଭବଙ୍କ ପ୍ରତି କ'ଣ ଅନ୍ୟାୟ ହୋଇନାହିଁ? ବିଜୁବାବୁ କ'ଣ ଓଡ଼ିଆ ଅସ୍ମିତାର ଧ୍ୱଜାଧାରୀ ନୁହନ୍ତି ?









## ଅଭୁଲା ଅପରାଧ

# ରାଜପଥରେ ରକ୍ତଭିଜା ୩ ମୁଣ୍ଡ



**୨୦୧୯ ମସିହା ଜୁଲାଇ ୧୪ ତାରିଖର ଘଟଣା । ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥର ପଟ୍ଟନାୟକିଆ ଛକରେ ବିଚ୍ ରାସ୍ତାରେ ଗଡୁଥିଲା ୩ ଜଣଙ୍କ ରକ୍ତଭିଜା ମୁଣ୍ଡ । କିଏ ଏବଂ କାହିଁକି ଏମିତି ନୃଶଂସ କାଣ୍ଡ ଘଟାଇଲା ସେ ନେଇ ଖୋଳତାଡ଼ କରିଥିଲା ପୁଲିସ । ଶେଷର ଜଣାପଡ଼ିଥିଲା ହତ୍ୟାକାଣ୍ଡର ଶିକାର ହୋଇଥିବା ୩ ଯୁବକ ସମ୍ପର୍କରେ ତିନି ଭାଇ । ଯାହାକୁ ନେଇ ସେମାନଙ୍କ ପରିବାର ପ୍ରତି ଛୁଟିଥିଲା ସମବେଦନାର ସୁଅ । ଯେଉଁ ଘଟଣାକୁ ଇତିମଧ୍ୟରେ ୫ ବର୍ଷ ପୂରିବାକୁ ବସିଥିଲେ ମଧ୍ୟ ଏବେ ବି ଲୋକଙ୍କ ମନରୁ ତାହା ଲିଭିପାରିନି ।**

ସାକ୍ଷୀଗୋପାଳରୁ ଧିରେନ୍ଦ୍ର ସେନାପତିଙ୍କ ରିପୋର୍ଟ

ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗୋଟିଏ ପରିବାରର ୩ ଭାଇଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ ଦୁର୍ବୃତ୍ତ । ଟାଙ୍ଗିଆ, ଫାର୍ସାରେ ମଝି ରାସ୍ତାରେ ଗୋଡ଼େଇ ଗୋଡ଼େଇ ହାଣିଥିଲେ ଦୁର୍ବୃତ୍ତ । ପୁଲିସ ଚେକ୍ ପୋଷ୍ଟ ସାମ୍ନାରେ ଏହି ବୀଭତ୍ସ ହତ୍ୟାକାଣ୍ଡ ହୋଇଥିଲେ ବି ପୁଲିସ ପାଖରେ ଏ ନେଇ କୌଣସି ଖବର ନ ଥିଲା । ହତ୍ୟାକାଣ୍ଡ ପରେ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ଘଟଣାସ୍ଥଳରେ ତୁମୂଳକାଣ୍ଡ ରଚିଥିଲେ । ଛକରେ ଥିବା କିଛି ଦୋକାନରେ ନିଆଁ ଲଗାଇ ଦେବା ସହ ରାସ୍ତାରୋକ ମଧ୍ୟ କରିଥିଲେ ।

ଜାତୀୟ ରାଜପଥରେ ଏକ ରବିବାର ଅପରାହ୍ଣରେ ଘଟିଥିବା ଛାତିଥରା ଟ୍ରିପଲ ମର୍ଡର କେବଳ ସାକ୍ଷୀଗୋପାଳ କି ପୁରୀ ନୁହେଁ ପୂରା ରାଜ୍ୟବାସୀଙ୍କୁ ହତ୍‌ବାକ୍ କରି ଦେଇଥିଲା । ପୁଲିସ ତଦନ୍ତ ଅନୁଯାୟୀ ମୃତକ ତିନିଜଣ ଥିଲେ ସଦାନନ୍ଦପୁର ଗ୍ରାମର ବେହେରା ପରିବାରର ତିନି ଭାଇ ପୂର୍ଣ୍ଣଚନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ବେହେରା ଓ ପଞ୍ଚୁ ବେହେରା । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେବା ସହ ଜାତୀୟ ରାଜପଥ ୫ଘଣ୍ଟା ଧରି ଅବରୋଧ ହୋଇଥିଲା । ସେ ସମୟରେ ଘଟଣାସ୍ଥଳରେ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ପୁରୀ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ପୂର୍ବଶତ୍ରୁତାରୁ ଏହି ଘଟଣା ଘଟିଛି ବୋଲି ପୁଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଥିଲା । ତୁରନ୍ତ ତିନି ଜଣ ଅଭିଯୁକ୍ତଙ୍କୁ ଅଟକ ରଖାଯାଇ ପଚରାଉଚରା କରିଥିଲା ପୁଲିସ । ପୁଲିସର ପରବର୍ତ୍ତୀ ତଦନ୍ତ ଅନୁଯାୟୀ ପାରିବାରିକ ଜମିଜମା ବଣ୍ଟନକୁ କେନ୍ଦ୍ରକରି ଉଭୟ ପରିବାର ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା । ଯଦିବା ପରବର୍ତ୍ତୀ ସମୟରେ ଏହା ରାଜନୈତିକ ଶତ୍ରୁତାର ରୂପ ନେଇଥିଲା ଏବଂ ପରିସ୍ଥିତି ଉଗ୍ର ହୋଇ ଉଠିଥିଲା । ଯେଉଁଥିପାଇଁ ଏଭଳି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଲା ବୋଲି ପୁଲିସ ଜାଣିବାକୁ ପାଇଥିଲା ।



ସେପଟେ ହତ୍ୟାକାଣ୍ଡ ନେଇ ଲକ୍ଷ୍ମୀଧର ବେହେରାଙ୍କ ପୁଅ ପ୍ରଶାନ୍ତ ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଆଧାର କରି ସତ୍ୟବାଦୀ ଥାନା କେସ ନମ୍ବର ୧୧୪/୧୯ରେ ଏକ ଏତଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ସେ ସମୟର ଥାନାଧିକାରୀ ତପନ କୁମାର ରାଉତ । ଅଭିଯୋଗ କ୍ରମେ ୧୪୭,୧୪୮,୩୪୧/୩୦୨/୧୪୯ ଆଇପିସି ଦଫା ଲାଗିଛି ।

ସୂଚନା ଯୋଗ୍ୟ ଯେ ପଟ୍ଟନାଇକିଆ ଛକରୁ କିଛି ଦୂରରେ ଥିବା ଘରୁ ବାହାରି ପୂର୍ଣ୍ଣଚନ୍ଦ୍ର ନିଜ ଢାବାକୁ ଯାଉଥିବା ବେଳେ କିଛି ଯୁବକ ଜାଣିଶୁଣି ତାଙ୍କ ସହିତ ଝଗଡ଼ା ଆରମ୍ଭ କରିଥିଲେ । ପୂର୍ଣ୍ଣଚନ୍ଦ୍ର ପରିସ୍ଥିତିକୁ ଯେତେ ସମାଧାନ ଆଡ଼କୁ ନେଉଥିଲେ ମଧ୍ୟ ସେମାନେ ଆକ୍ରୋଶମୂଳକ ଭାବେ ତାଙ୍କ ସହ ଝଗଡ଼ା କରୁଥିଲେ । ପରେ ଯୁକ୍ତିତର୍କ ହେବାରୁ ପୂର୍ବଯୋଜନା ମୁତାବକ ପାଖ କ୍ୟାବିନ୍‌ରେ ଲୁଚାଇ ରଖିଥିବା ଖଣ୍ଡା ଓ ମାରଣାସ୍ତ୍ରରେ ସେମାନେ ମରଣାନ୍ତକ ଆକ୍ରମଣ କରିଥିଲେ । ପ୍ରଥମେ ଗୋଡ଼କୁ ଏବଂ ପରେ ମୁଣ୍ଡକୁ ହାଣି ପକାଇଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ, ପ୍ରଥମ ଚୋଟରେ ହିଁ ପୂର୍ଣ୍ଣଙ୍କ ଗୋଡ଼ ଆଣ୍ଠୁ ତଳକୁ ଦୁଇ ଗଡ଼ ହୋଇ ଯାଇଥିଲା । ଭାଇକୁ ହାଣୁଥିବା ଖବର ପାଇ ଅନ୍ୟ ଦୁଇ ଭାଇ ଆସିବାରୁ ରକ୍ତମୁଖା ଯୁବକମାନେ ଦଳବଦ୍ଧ ଭାବେ ଜଣଙ୍କ ପରେ ଜଣଙ୍କୁ ହାଣିଚାଲିଥିଲେ ।

ରଥଯାତ୍ରା ପାଇଁ ପଟ୍ଟନାଇକିଆ ଛକରେ ଏକ ପୁଲିସ କ୍ୟାମ୍ପ ପଡ଼ିଥିଲା । ଏହି କ୍ୟାମ୍ପରେ ୮ ଜଣ ପୁଲିସ କର୍ମଚାରୀ ନିୟୋଜିତ ଥିଲେ । ମାତ୍ର ଏଭଳି ଏକ ନୃଶଂସ ହତ୍ୟାକାଣ୍ଡ ସମ୍ପର୍କରେ ପୁଲିସ ନିରବଦ୍ରଷ୍ଟା ସାଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସତ୍ୟବାଦୀ ପୁଲିସ ଏହି ଘଟଣାରେ ୧୩ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୧୦ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଶଙ୍କର ବେହେରା, ହରିହର ବେହେରା, ମୁନା ବେହେରା, ସୁବଳ ବେହେରା, ସହଦେବ ବେହେରା, ଭିକାରି ବେହେରା, ଚରଣ ବେହେରା, ମିଟୁ ବେହେରା ଓ ପୁନିଆ ବେହେରା । ଏମାନେ ସମସ୍ତେ ଏବେ ଜେଲରେ ରହିଛନ୍ତି । ଅନ୍ୟ ତିନିଜଣ ଡୁଙ୍ଗ ବେହେରା, ନିରଞ୍ଜନ ବେହେରା, ଓରବଇ ବେହେରା ଫେରାର ଥିବା ପୁଲିସଠାରୁ ଜଣାପଡ଼ିଛି ।



ଯାଜପୁରରୁ ସନ୍ଦୀପ୍ତ ରାୟଙ୍କ ରିପୋର୍ଟ

# ସମ୍ପତ୍ତି ପାଇଁ ଦମ୍ପତି ବିବାଦ / ପତ୍ନୀହନ୍ତା ଗିରଫ

ସେ ଦିନ ଥିଲା ୨୦୨୪ ମସିହା ଏପ୍ରିଲ ୧୫ ତାରିଖ । ସମୟ ସକାଳ ୮.୩୦ । ବିଂଝାରପୁର ଥାନା ମଧୁସୂଦନପୁର ଗାଁ ସ୍କୁଲ ପାଇଖାନାରେ ଜଣେ ବରିଷ୍ଠ ନାଗରିକଙ୍କ ମୃତଦେହ ପଡ଼ିଥିବା ନେଇ ହୁରି ପଡ଼ିଲା । ସମସ୍ତେ ଧାଇଁଲେ ମଧୁସୂଦନପୁର ନୋଡାଲ୍ ୟୁପି ସ୍କୁଲକୁ । କିଏ ସେହି ମହିଳା? କିପରି ସେ ଏଠାକୁ ଆସିଲେ? କେମିତି ତାଙ୍କର ମୃତ୍ୟୁ ହେଲା? ଏହା ହତ୍ୟା ନା ଆତ୍ମହତ୍ୟା ଏହାକୁ ନେଇ ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଥିଲା । କିନ୍ତୁ ମୃତଦେହଟି ମୁହଁମାଡ଼ି ପଡ଼ିଥିବାରୁ ତାଙ୍କୁ ଚିହ୍ନିବା ସମ୍ଭବ ନ ଥିଲା । ସେଥିପାଇଁ ଗାଁ ଲୋକେ ଏ ନେଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆରମ୍ଭ କରିଥିଲା ଛାନ୍‌ଭିନ୍ । ମୃତଦେହଟି ଏହା ଗାଁର ଅଲେଖ ଚନ୍ଦ୍ର ବେହେରା (୬୮)ଙ୍କ ପତ୍ନୀ ବିନୋଦିନୀ ସାହୁ (୬୩) ଙ୍କ ବୋଲି ଚିହ୍ନଟ ହୋଇଥିଲା । ଏଥିସହିତ ବିନୋଦିନୀ ପିନ୍ଧିଥିବା ସୁନା ଅଳଙ୍କାର ଲୁଟ୍ ହୋଇଥିବା ସ୍ୱାମୀ ଅଲେଖ ଅଭିଯୋଗ କରିଥିଲେ । ଏହା ଜଣାପଡ଼ିବା ପରେ ଏହାକୁ ନେଇ ନାନା ଚର୍ଚ୍ଚା ହୋଇଥିଲା । ମୃତଦେହର ବିଭିନ୍ନ ସ୍ଥାନରୁ ରକ୍ତସ୍ରାବ ହେଉଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା ।

ବିନୋଦିନୀ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ନର୍ସ ଭାବେ ଅବସର ନେଇଥିବା ବେଳେ ତାଙ୍କର ଜଣେ ପୁଅ ନୟାଗଡ଼ ଜିଲ୍ଲାରେ ପୁଲିସ ଏସ୍‌ଆଇ ଭାବେ କାର୍ଯ୍ୟ କରନ୍ତି । ବିନୋଦିନୀ ଭୋରରୁ ଫୁଲ ତୋଳିବାକୁ ଏହି ସ୍କୁଲ ପରିସରକୁ ଆସିଥାନ୍ତି ଏବଂ କେହି ସୁନା ଅଳଙ୍କାର ଲୁଟିବା ପାଇଁ ଏଭଳି ହତ୍ୟାକାଣ୍ଡ ଘଟାଇଥିବା ପ୍ରଥମେ ସନ୍ଦେହ କରିଥିଲା ପୁଲିସ । ବିଂଝାରପୁର ଥାନା ଅଧିକାରିଣୀ ଅଂଶୁମାଳା ଦାସ ସାଇଣ୍ଟିଫିକ୍ ଟିମ୍‌ର ସହାୟତାରେ ଆରମ୍ଭ କରିଥିଲେ ତଦନ୍ତ । ତେଣୁ ପାରିପାର୍ଶ୍ୱିକ ଅବସ୍ଥିତିକୁ ଦୃଷ୍ଟିରେ ରଖି କୌଣସି ଲୁଟ୍ ଉଦ୍ଦେଶ୍ୟରେ ଏଭଳି ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରି ସେହି ଦିଗରେ ତଦନ୍ତ କରିଥିଲା ପୁଲିସ । ଏହି ତଦନ୍ତ ସମୟରେ କେତେକ ଦାଗୀ ଅପରାଧୀମାନଙ୍କ ଫୋନ୍ କଲ ଯାଞ୍ଚ ସମୟରେ ଅଲେଖଙ୍କ ନମ୍ବର ଆସିଥିଲା । ଏପରିକି ଘଟଣା ଦିନ ସେହି ଗାଁର ବାଦଲ ବେହେରା(୨୪)ଙ୍କ ସହିତ ଅଲେଖ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କଥା ହୋଇଥିବା କଲ୍ ଡିଟେଲ୍ସରୁ ଜଣାପଡ଼ିଥିଲା । ଏହାକୁ ନେଇ ପୁଲିସର ସନ୍ଦେହ ହେବାରୁ ଅଲେଖଙ୍କ ଘରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ୍ କରିଥିଲା । ସିସିଟିଭି ଫୁଟେଜ୍ ମୁତାବକ ଭୋର୍‌ରୁ ଫୁଲ ତୋଳିବାକୁ ଯାଉଥିବା ବିନୋଦିନୀଙ୍କ ପରେ ପରେ ଅଲେଖ ଓ ବାଦଲ ମଧ୍ୟ ଯାଉଥିବା ଦେଖିବାକୁ ମିଳିଥିଲା । ଏହା ପରେ ପୁଲିସ ଉଭୟ ଅଲେଖ ଏବଂ ବାଦଲକୁ ନିଜ ହେପାଜତକୁ ନେଇ ପଚରାଉଚରା କରିଥିଲା । ପଚରାଉଚରା ପରେ ସବୁ ସତ ମାନି ନେଇଥିଲେ ଉଭୟ ଅଲେଖ ଓ ବାଦଲ ।

### କେମିତି ହତ୍ୟା କଲେ?

ପ୍ରତିଦିନ ପରି ସେ ଦିନ ବିନୋଦିନୀ ଫୁଲ ତୋଳିବାକୁ ସ୍କୁଲ ପରିସରକୁ ଯାଇଥିଲେ । ଏହି ସମୟରେ ଅଭିଯୁକ୍ତ ସ୍ୱାମୀ ଅଲେଖ ଏବଂ ବାଦଲ ଛପି ରହିଥିଲେ ।



ବିନୋଦିନୀଙ୍କ ପଛପଟୁ ଅଲେଖ ଏକ ଧାରୁଆ ଅସ୍ତ୍ରରେ ପ୍ରଥମେ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ବିନୋଦିନୀଙ୍କର ମୃତ୍ୟୁ ଘଟିଥିଲା । ପରେ ଉଭୟ ବାଦଲ ଓ ଅଲେଖ ବିନୋଦିନୀଙ୍କ ମୃତଦେହକୁ ଘୋଷାରି ନେଇ ପାଇଖାନାରେ ଫିଙ୍ଗିଦେଇଥିଲେ । ମାରଣାସ୍ତ୍ରକୁ ସ୍କୁଲର ବାଡ଼ରେ ଲୁଚାଇ ରଖିଦେଇଥିଲେ । ଯାହାକୁ ପୁଲିସ ସିନ୍ ରି-କ୍ରିଏସନ ପରେ ଉଦ୍ଧାର କରିଥିଲା ।

### ଦୁଇ ହତ୍ୟାକାରୀଙ୍କ ବିରୋଧରେ ମାମଲା

ବିନୋଦିନୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିବା ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ ତଥା ସ୍ୱାମୀ ଅଲେଖ ଏବଂ ସହଯୋଗୀ ବାଦଲ ବିରୋଧରେ ବିଂଝାରପୁର ଥାନାରେ (କେସ ନଂ ୨୪୬/୨୪) ରୁଜୁ କରାଯାଇଥିଲା । ଉଭୟଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୨୦୧, ୩୪ ଏବଂ ୩୦୨ ଅନୁଯାୟୀ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଉଭୟଙ୍କ ଜାମିନ୍ ନାମଞ୍ଜୁର ହେବା ପରେ ଜେଲ ହାଜତକୁ ପଠାଯାଇଛି ।

### ତ୍ୱରିତ ତଦନ୍ତ ପ୍ରକ୍ରିୟା

ଅପରାଧୀ ଗୋଟିଏ ଉଦ୍ଦେଶ୍ୟରେ ହତ୍ୟାକରି ପୁଲିସର ତଦନ୍ତକୁ ଦିଗହରା କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲା । ତଦନ୍ତ ଅଧିକାରୀ ତଥା ବିଂଝାରପୁର ଥାନା ଅଧିକାରିଣୀ ଅଂଶୁମାଳା ଦାସଙ୍କ ତଦନ୍ତ ପ୍ରକ୍ରିୟା ଯୋଗୁଁ ଏହା ସମ୍ଭବ ହୋଇପାରିଛି ।



### ହତ୍ୟାକାଣ୍ଡ ଅନ୍ତରାଳେ

ପୁଲିସର ତଦନ୍ତ ମୁତାବକ ଉଭୟ ଅଲେଖ ଏବଂ ବିନୋଦିନୀ ପ୍ରେମ ବିବାହ କରିଥିଲେ । ବିବାହ ପରେ ଉଭୟଙ୍କ ସଂସାର ଠିକ୍ ଚାଲିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଉଭୟଙ୍କ ମଧ୍ୟରେ ପାରିବାରିକ ବିବାଦ ଦେଖାଦେଇଥିଲା । ଅଲେଖଙ୍କୁ କୌଣସି ପ୍ରକାର ସହଯୋଗ କରୁ ନ ଥିଲେ ବିନୋଦିନୀ । ଅଲେଖ ଆର୍ଥିକ ଓ ମାନସିକ ସମସ୍ୟା ଦେଇ ଗତି କରୁଥିଲେ । ବିନୋଦିନୀ ଚାକିରିରୁ ଅବସର ନେବା ପରେ ପାଇଥିବା ଟଙ୍କାକୁ ନିଜ ପାଖରେ ରଖିଥିଲେ ମଧ୍ୟ ଅଲେଖଙ୍କୁ ଦେଉ ନ ଥିଲେ । ତେଣୁ ତାଙ୍କୁ ରାସ୍ତାରୁ ହଟାଇ ସବୁ ସମ୍ପତ୍ତି ହାତେଇବାକୁ ଯୋଜନାବଦ୍ଧ ଭାବେ ବାଦଲ ସହାୟତା ବିନୋଦିନୀଙ୍କୁ ରାସ୍ତାରୁ ହଟାଇଥିଲେ ଅଲେଖ ।

## ସପ୍ତାହର ୭ ଅପରାଧ

### ନାବାଳକ ଯୌନ ଉତ୍ପୀଡ଼ନ ମାମଲା: ଦୋଷୀକୁ ୨୦ ବର୍ଷ ଜେଲ

ଏକ ନାବାଳକ ଅପ୍ରାକୃତିକ ଯୌନ ନିର୍ଯାତନା ମାମଲାର ବିଚାର କରି ଟୁନୁ ମିର୍ଦ୍ଧା ଓରଫ କେଶବକୁ ମଙ୍ଗଳବାର ଦୋଷୀ ସାବ୍ୟସ୍ତ ପୂର୍ବକ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି ବରଗଡ଼ ଜିଲ୍ଲା ପକ୍ସୋ ଅଦାଲତର ବିଚାରପତି ସତ୍ୟରଞ୍ଜନ ପ୍ରଧାନ । ବରପାଲି ଥାନା ଅଧୀନ ଏକ ପ୍ରାଥମିକ ସ୍କୁଲରେ ପଢୁଥିବା ଜଣେ ନାବାଳକ ଛାତ୍ର ସହ ଅପ୍ରାକୃତିକ ଯୌନକ୍ରିୟା ଅଭିଯୋଗରେ ୨୦୨୨ ଅକ୍ଟୋବର ୩୦ରେ ଟୁନୁକୁ ପୁଲିସ ଗିରଫ କରିଥିଲା ।

### ମହିଳା ହତ୍ୟାକାରୀକୁ ଆଜୀବନ ଜେଲ୍

ଜଣେ ମହିଳାଙ୍କୁ ବୀଭତ୍ସ ହତ୍ୟା ଘଟଣାରେ ମଙ୍ଗଳବାର ରାୟ ପ୍ରକାଶ କରି ଦୋଷୀ ସନ୍ତୋଷ ବେହେରାକୁ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ନୟାଗଡ଼ ଜିଲ୍ଲା ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣା । ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ ରତନପୁର ଗାଁର ସ୍ୱର୍ଗତ ଉଦୟନାଥ ସାହୁଙ୍କ ପତ୍ନୀ ରଜନୀ ସାହୁଙ୍କୁ ଜମିବାଡ଼ି ବିବାଦକୁ ନେଇ ସନ୍ତୋଷ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା ।



### ପତ୍ନୀହନ୍ତାକୁ ଆଜୀବନ ଜେଲ୍



ଜଟଣୀ ଥାନା ଅଞ୍ଚଳର ଏକ ହତ୍ୟା ମାମଲାର ବିଚାର କରି ହତ୍ୟାକାରୀ ସୁକାନ୍ତ ମଲ୍ଲିକକୁ ମଙ୍ଗଳବାର ଆଜୀବନ କାରାଦଣ୍ଡଦେଶ ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି ଅଦାଲତ । ୨୦୨୧ରେ ପତ୍ନୀ ପୂଜା ମଲ୍ଲିକଙ୍କୁ ଛୁରି ଭୁସି ହତ୍ୟା କରିଥିଲା ସୁକାନ୍ତ ।

### ଏକତରଫା ପ୍ରେମରୁ ଜୀବନ ହାରିଲେ ନାବାଳିକା

କୃଷ୍ଣ ପ୍ରଧାନ ନାମକ ଜଣେ ଯୁବକ ଜୟଦେବ ବିହାର ସିଟି ସାନିଟାରୀ ଗଳିରେ ରହୁଥିବା ଜଣେ ନାବାଳିକାକୁ ଏକତରଫା ପ୍ରେମ କରିବା ସହ ଶୁକ୍ରବାର ତାଙ୍କୁ ମାଡ଼ମାରି ତାଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ । ଯୁବକଙ୍କ ଅତ୍ୟାଚାର ସହି ନ ପାରି ନାବାଳିକା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି ।

### ଦୁଷ୍କର୍ମକାରୀ ମାମୁକୁ ୩ ବର୍ଷ ଜେଲ୍

୨୦୨୩ ମସିହାରେ ଖୋର୍ଦ୍ଧା ଟାଉନ୍ ଥାନା ଅଞ୍ଚଳରେ ଘଟିଥିବା ଭାଣିଜୀକୁ ଦୁଷ୍କର୍ମ ଉଦ୍ୟମ ମାମଲାରେ ଅଭିଯୁକ୍ତ ମାମୁ ଅନୁପ ସାହୁ ଓରଫ୍ (ସିଲୁ)କୁ ମଙ୍ଗଳବାର ୩ ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି ଭୁବନେଶ୍ୱର ଏଡିଜେ ୪ ସ୍ପେସିଆଲ ଜଜ୍ (ପକ୍ସୋ)ର ବିଚାରପତି ପ୍ରଦୀପ ବେହେରା ।



### ଭାଉଜ ସହ ଅନୈତିକ ସମ୍ପର୍କ; ସ୍ତ୍ରୀକୁ ହତ୍ୟା

ଶନିବାର ଗଞ୍ଜାମ ଥାନା ଅନ୍ତର୍ଗତ ବୋରିଗାଁରେ ଭାଉଜ ସହ ଅନୈତିକ ସମ୍ପର୍କ ରଖିବା ବେଳେ ଦେଖିଦେବାରୁ ସ୍ତ୍ରୀ ରଚନାକୁ ବିଷ ଦେଇ ମାରିଲା ସ୍ୱାମୀ । ଅଭିଯୁକ୍ତ ସ୍ୱାମୀ ନବୀନ ସେଠୀ ଗିରଫ କରାଯାଇଥିବା ବେଳେ ଭାଉଜ ଓ ଦେଢ଼ଶୁର ଫେରାର ହୋଇଯାଇଛନ୍ତି ।

### ସ୍ତ୍ରୀକୁ ହାଣିବା ବେଳେ ନିଜ ବେକରେ ଟାଙ୍ଗିଆ ପଡ଼ି ମୃତ

ସୋମବାର କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଭୃଙ୍ଗୀଯୋଡ଼ି ପଞ୍ଚାୟତର ଶୁଣ୍ଠୀ ଗାଁରେ ସ୍ତ୍ରୀକୁ ଆକ୍ରମଣ ବେଳେ ନିଜ ବେକରେ ଟାଙ୍ଗିଆ ପଡିଯିବାରୁ ମଦ୍ୟପ ସ୍ୱାମୀ ନାଭି ଦିଗାଲଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ପତ୍ନୀ ଶୁଭାଙ୍ଗୀ ଦିଗାଲ ଏନେଇ ଥାନାରେ ଏତଲା ଦେବା ପରେ ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି । ତେବେ ଟାଙ୍ଗିଆ ପଡ଼ି ମୃତ୍ୟୁବରଣ କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇଛି ସେ ନେଇ ଅଧିକ ତଦନ୍ତ କରୁଛି ପୁଲିସ ।



# ଶଙ୍ଖ ଫୁଙ୍କିଲେ ଆଲେକ୍‌ଜାଣ୍ଡର




**ଭୁବନେଶ୍ୱର, ୮ ।୫(ସମିସ):** ଯାଜପୁର ଜିଲ୍ଲା ଅନ୍ତର୍ଗତ କୋରେଇ ନିର୍ବାଚନ ମଣ୍ଡଳୀର ବିଜେପି ନେତା ଆଲେକଜାଣ୍ଡର ଦାସଙ୍କ ସହ ଶତାଧିକ ବିଜେପି କର୍ମୀ ଆଜି ବିଜେଡିରେ ମିଶିଛନ୍ତି। ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ଧଳପ୍ରମୁଖ ଆଲେକ୍‌ଜାଣ୍ଡରଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ଆଲେକଜାଣ୍ଡର କହିଛନ୍ତି ଯେ ଦୀର୍ଘ ୧୨ ବର୍ଷ ହେଲା ବିଜେପି ପାଇଁ କାମ କରୁଥିଲି; ହେଲେ ଦଳ ମୋତେ ଭୁଲିଗଲା। ରାତି ଅଧିଆ କିଛି ନେତାଙ୍କୁ ଦଳରେ ସାମିଲ କରି ଟିକେଟ ଦିଆଗଲା। ଶୃଙ୍ଖଳିତ ଭାବେ କାମ କଲା ପରେ ବି ଦଳରେ ମୋତେ ଅଣଦେଖା କରାଗଲା। ତେଣୁ ମୁଖ୍ୟମନ୍ତ୍ରୀ

## କୋରେଇରେ ଶକ୍ତିଶାଳୀ ହେଲା ବିଜେଡି

ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି। ଦଳରେ ମୋତେ ଓ ମୋ ସହ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି। ଆଲେକଜାଣ୍ଡରଙ୍କ ସହ ସୁଶାନ୍ତ ସାହୁ, ନିତ୍ୟାନନ୍ଦ ମହାଳିକ, ମନୋଜ କୁମାର ଦାସ, ଆଲୋକ କୁମାର କର, ଧନଞ୍ଜୟ ସାହୁ, ବଳରାମ ମହାନ୍ତି, ବିଶ୍ୱତୋଷ ସିହ୍ନା, ସନାତନ ସାହୁ, ମଦନ ମୋହନ ପଲେଇ, ମିଲି ମହାଳିକ, କାଳନ୍ଦୀ ସାହୁ, ନୃସିଂହ ପଲେଇ, ଅଜାତଶତ୍ରୁ ଦାସ, ମହେଶ୍ୱର ଓଝା, ସୁନିଲ କୁମାର ବିଶ୍ୱାଳ, ପୂର୍ଣ୍ଣତୋଷ ସିହ୍ନା, ମହେନ୍ଦ୍ର ଓଝା, ସୁର ସାହୁ, ଫକିର ଦାସ, ରାଜେନ୍ଦ୍ର ବେହେରା, ଶଶି ସ୍ୱାଇଁ, କୁଞ୍ଜ ମହାନ୍ତି, ନଟ ବେହେରା, ଦେବକାନ୍ତ ବେହେରା, ଦିବାକର ଓରାଳି, ଉମେଶ ଚନ୍ଦ୍ର ମଲ୍ଲିକ, ସନ୍ତୋଷ ଜେନା, ଲିମାଲି ପଟ୍ଟନାୟକ, ସୁକାନ୍ତି ମହାରଣା, ସଂଯୁକ୍ତା ବରାଳ, ସନ୍ଧ୍ୟାରାଣୀ ମଳିକ, ରଶ୍ମିତା ରଣା, ରଞ୍ଜିତା ବେହେରା, ରୀନା ପାତ୍ର, ଜ୍ୟୋସ୍ନାରାଣୀ ଜେନା, ମାଣିକ ଦାସଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଥିଲେ।

# ବିବାହ ପରେ ମଧ୍ୟ ମୂଳ ଜାତିରୁ ବଞ୍ଚିତ ହୋଇପାରିବେନି ମହିଳା: ହାଇକୋର୍ଟ

**କଟକ,୮ ।୫(ସମିସ):** ଜନୈକା ମହିଳା ଜନ୍ମରୁ ଅନୁସୂଚିତ ଜନଜାତି (ଏସଟି)ର ବର୍ଗଭୁକ୍ତ ଥିଲା ବେଳେ ସେ ଜଣେ ଅଣ ଏସଟି ବର୍ଗର ବ୍ୟକ୍ତିଙ୍କୁ ବିବାହ କରିବା ପରେ ମଧ୍ୟ ତାଙ୍କର ମୂଳ ଜାତି ପରିବର୍ତ୍ତନ ହୋଇପାରିବ ନାହିଁ। ଅଣ ଏସଟି ପୁରୁଷଙ୍କୁ ବିବାହ କରିଥିବାରୁ ସମ୍ପୃକ୍ତ ମହିଳାଙ୍କୁ ଏସଟି ବର୍ଗରୁ ବାଦ ଦିଆଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି।ଜଣିକିଆ ବିଚାରପତି ପ୍ରଦାନ କରିଥିବା ଏପରି ରାୟକୁ କାଏମ ରଖିଛନ୍ତି ଦୁଇ ଜଣିଆ ଖଣ୍ଡପୀଠ। ଏଥିସହ ଜଣିକିଆ ବିଚାରପତିଙ୍କ ୨୦୦୦, ଅକ୍ଟୋବର ୧୮ର ରାୟ ବିରୋଧରେ ଦାୟର ଅପିଲକୁ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଖାରଜ କରିଛନ୍ତି। ମାମଲାରୁ ପ୍ରକାଶ ଯେ କୋରାପୁଟର ସିମିଳିଗୁଡ଼ାରେ ଏକ ଅନୁସୂଚିତ ଜନଜାତି ବର୍ଗର ଜମି ବିକ୍ରିକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ମୂଳ ଜମି ମାଲିକ ଏସଟି ବର୍ଗର ହୋଇଥିବା ବେଳେ ସେ ୧୯୬୪, ମାର୍ଚ୍ଚ ୧୯ର ପଞ୍ଜୀକୃତ ବିକ୍ରି କବଲା ବଳରେ କିଛି ଜମି ଜଣେ ମହିଳାଙ୍କୁ ବିକ୍ରୟ କରିଥିଲେ। ଜମି କିଣିଥିବା ମହିଳା ଜନ୍ମରୁ ଏସଟି ହୋଇଥିବା ବେଳେ ଜଣେ ଅଣ ଏସଟି ବର୍ଗର ଜଣେ ବ୍ୟକ୍ତିଙ୍କୁ ବିବାହ କରିଥିଲେ। ମୂଳ ଜମି ମାଲିକଙ୍କ ପରିବାର ପକ୍ଷରୁ ତାଙ୍କ ଜମି ଅଣଏସଟି ଲୋକଙ୍କ ଜବରଦଖଲରେ ଥିବା ଅଭିଯୋଗ ହୋଇଥିଲା। ଓଡ଼ିଶା ସିଡ୍ୟୁଲଡ୍ ଏରିଆଟ୍ରାନ୍ସଫର ଅଫ୍ ଇମ୍ମୁଭେବଲ ପ୍ରୋପରଟି (ବାଏ ସିଟି) ରେଗୁଲେସନ୍, ୧୯୫୬ ଅନୁସାରେ ଏହି ମାମଲା ହୋଇଥିଲା। ଏସଟି ବର୍ଗର ସଦସ୍ୟ ହୋଇ ନଥିବା ଜଣେ ବ୍ୟକ୍ତିଙ୍କୁ ସମ୍ପୃକ୍ତ ମହିଳା ବିବାହ କରିଥିବାରୁ ଜମି କ୍ରୟ କରିଥିବା ମହିଳା ରେଗୁଲେସନ-୨ ଅନୁସାରେ ଏସଟି ସଦସ୍ୟ ହୋଇ ରହି ନାହାନ୍ତି ବୋଲି କୋରାପୁଟ ସ୍ପେଶାଲ ଅଫିସର ଅନ୍ ଡ୍ୟୁଟି ଅଭିଯୋଗକାରୀଙ୍କ ସପକ୍ଷରେ ରାୟ ଦେଇଥିଲେ। ଏହି ରାୟକୁ ଚାଲେଞ୍ଜ କରି ଦାୟର ମାମଲାରେ ହାଇକୋର୍ଟର ଜଣିକିଆ ବିଚାରପତି ଜଣେ ଅଣ ଏସଟି ବର୍ଗର ବ୍ୟକ୍ତିଙ୍କୁ ବିବାହ କରିଥିବାରୁ ଜଣେ ଏସଟି ମହିଳାଙ୍କ ଜାତି ପରିବର୍ତ୍ତନ କରାଯାଇ ପାରିବ ନାହିଁ ବୋଲି ରାୟ ଦେଇଥିଲେ। ଜଣିକିଆ ବିଚାରପତିଙ୍କ ରାୟ ବିରୋଧରେ ଦୁଇ ଜଣିଆ ଖଣ୍ଡପୀଠରେ ଅପିଲ ଦାୟର ହୋଇଥିଲା।

■ ଏଆଇସିସି ମୁଖପାତ୍ରଙ୍କ ସାଂଘାତିକ ଅଭିଯୋଗ

# ସମ୍ବିଧାନ ବଦଳାଇବାକୁ ଷଡ଼ଯନ୍ତ୍ର କରୁଛି ବିଜେପି

**ଭୁବନେଶ୍ୱର,୮ ।୫(ସମିସ):** ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ଏବେ ଗଣତନ୍ତ୍ର ଅସୁରକ୍ଷିତ। ଦଳିତ ଓ ପଛୁଆ ବର୍ଗର ଲୋକେ ଦିନକୁ ଦିନ ଅଧିକ ନିଷ୍ପେସିତ। ସେମାନଙ୍କ ପାଇଁ ବିଭିନ୍ନ କ୍ଷେତ୍ରରେ ଥିବା ସଂରକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ହଟିବାକୁ ଯାଉଛି। ବିଜେପି ନେତୃତ୍ୱାଧୀନ ମୋଦି ସରକାର ଦେଶର ସମ୍ବିଧାନକୁ ବିପଦରେ ପକାଇବା ପାଇଁ

■ ସମ୍ବିଧାନ ବଦଳାଇବାର ଚିନ୍ତାଧାରା ଆମ୍ବେଦକରଙ୍କୁ ଅସମ୍ମାନ
■ ମୋଦି ସରକାରରେ ଦଳିତ ଓ ପଛୁଆ ବର୍ଗ ଅଧିକ ନିଷ୍ପେଷିତ

ସୁଚିନ୍ତିତ ଭାବେ ଷଡ଼ଯନ୍ତ୍ର ଚଳାଇଛନ୍ତି। ଏହି ଲକ୍ଷ୍ୟ ନେଇ ବିଜେପି 'ଅବ୍‌କି ବାର ୪୦୦ ପାର' ନାରା ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି ଏଆଇସିସି ପ୍ରବକ୍ତା ଡ. ଶ୍ୟାମା ମହମଦ କହିଛନ୍ତି।

ବୁଧବାର ରାଜ୍ୟ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ କେବଳ ମୋଦି ନୁହନ୍ତି, ଭାରତୀୟ ଜନତା ପାର୍ଟିର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ନେତାମାନେ ଖୋଲାଖୋଲି ଭାବେ ସମ୍ବିଧାନକୁ ବଦଳାଇବାର କଥା କହୁଛନ୍ତି। ଯାହାକି ଆମ ଦେଶ ପାଇଁ ବିପଦ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ଦଳର କାର୍ଯ୍ୟକର୍ତ୍ତାମାନେ ସମ୍ବିଧାନ ବଦଳାଇବାର ଯେଉଁ ଚିନ୍ତାଧାରା ରଖୁଛନ୍ତି, ତାହା ମହାନ ଜନନାୟକ ତଥା ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ପ୍ରତି ଘୋର ଅସମ୍ମାନ। ୨୦୧୫ରେ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଆରଏସ୍ଏସ୍‌ର ଅଧ୍ୟକ୍ଷ



ମୋହନ ଭାଗବତ ଦେଶରୁ ଆରକ୍ଷଣ ବ୍ୟବସ୍ଥା ହଟାଇବା କଥା କହିଥିଲେ। ଏହା ପରେ ଆରଏସ୍ଏସ୍‌ର ଅନ୍ୟ ପ୍ରମୁଖ ନେତାମାନେ ମଧ୍ୟ ବିଭିନ୍ନ ସମୟରେ ଆରକ୍ଷଣ ହଟାଇବାକୁ କହିଆସିଛନ୍ତି। ଏପରିକି ୨୦୨୧ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ମଧ୍ୟ ଆରକ୍ଷଣ ହଟାଇବାକୁ କହିଥିଲେ। ଦେଶରେ ଏହି ବର୍ଗର ଲୋକଙ୍କ ସଂଖ୍ୟା ୧୭ ପ୍ରତିଶତରୁ ଅଧିକ। ମାତ୍ର ସେମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ମିଳୁନାହିଁ। ଅନ୍ୟପକ୍ଷରେ ମନରେଗାରେ କାମ କରୁଥିବା ମଜଦୁରଙ୍କ ମଧ୍ୟରେ ୭୫ ପ୍ରତିଶତ, ସଫେଇ କର୍ମଚାରୀଙ୍କ ମଧ୍ୟରେ ୮୦ ପ୍ରତିଶତ ଓ ନାଳ ସଫେଇରେ ନିୟୋଜିତ ଲୋକଙ୍କ ମଧ୍ୟରେ ଏମାନଙ୍କ ସଂଖ୍ୟା ଶତ ପ୍ରତିଶତ। କିନ୍ତୁ କଂଗ୍ରେସ ଏହି ବର୍ଗର ଲୋକଙ୍କୁ ନିର୍ବାଚନ ଇସ୍ତାହାରରେ ବିଶେଷ ଗୁରୁତ୍ୱ ଦେଇଛି। ଦଳ କ୍ଷମତାକୁ ଆସିଲେ ୫୦ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା କରିବା ସହ ଜାତି ଜନଗଣନା କରିବ। ଏଥିସହ ଆଦିବାସୀଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ ସହ ପେସା ଆଇନ୍ ଲାଗୁ କରିବ ବୋଲି ଡ. ଶ୍ୟାମା ମହମ୍ମଦ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ମୁଖ୍ୟ ଡ. ବିଶ୍ୱରଞ୍ଜନ ମହାନ୍ତି, ଏଆଇସିସି ମୁଖପାତ୍ର ପ୍ରଭାତ କୁମାର, ପିସିସି ମୁଖପାତ୍ର ପ୍ରଶାନ୍ତ ଶତପଥୀ, ସୋସିଆଲ ମିଡିଆ ମୁଖ୍ୟ ଅମୀୟ ପାଣ୍ଡବ ପ୍ରମୁଖ ଉପସ୍ଥିତ ଥିଲେ।

## କାଳବୈଶାଖୀ ବର୍ଷା ଜାରି
## ଉପକୂଳ ଆଶ୍ୱସ୍ତ

■ **ଭୁବନେଶ୍ୱର, ୮ ।୫ (ସମିସ):** ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ଜାରି ରହିଛି। ବୁଧବାର ରାଜ୍ୟର ଅଧିକାଂଶ ସ୍ଥାନରେ ଅପରାହ୍ଣ ପରେ କାଳବୈଶାଖୀ ଜନିତ ବର୍ଷା ଓ ବଜ୍ରପାତ ହୋଇଥିବା ବେଳେ ଅନେକ ସ୍ଥାନରେ ପବନ ଯୋଗୁଁ ଗଛ ଡାଳ ଭାଙ୍ଗିଛି। ଭୁବନେଶ୍ୱର ସମେତ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ କାଳବୈଶାଖୀର ପ୍ରକୋପ ସର୍ବାଧିକ ଅନୁଭୂତ ହୋଇଥିବା ଜଣାପଡ଼ିଛି। ରାଜଧାନୀ ଭୁବନେଶ୍ୱରରେ ଅପରାହ୍ଣରରେ ୫ ଟାରୁ ପାଗରେ ପରିବର୍ତ୍ତନ ଆସିବା ସହିତ ଆକାଶରେ କଳାହାଣ୍ଡିଆ ମେଘ ଘୋଟିଆସିଥିଲା। ପରେ ପବନର ବେଗ ବଢ଼ିବା ସହିତ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ପ୍ରାୟ ୯ ଟା ପର୍ଯ୍ୟନ୍ତ ଜାରି ରହିଥିଲା। ବର୍ଷା ପବନ ଯୋଗୁଁ ବିଭିନ୍ନ ଅଞ୍ଚଳରେ ଗଛ ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଥିବା ବେଳେ ବିଜୁଳି ଘଡ଼ଘଡ଼ି ଲୋକଙ୍କୁ ଭୟଭୀତ କରାଇଥିଲା। ଅନ୍ୟପଟେ ଲଗାତାର କାଳବୈଶାଖୀ ବର୍ଷା ଯୋଗୁଁ ରାଜ୍ୟରେ ବର୍ତ୍ତମାନ ତାପମାତ୍ରା ହ୍ରାସ ପାଇଛି। ବିଶେଷ କରି ଉପକୂଳ ଓଡ଼ିଶାରେ ପାରଦ ତଳମୁହାଁ ହେବା ଯୋଗୁଁ ପୂର୍ବ ତୁଳନାରେ ତାତି ହ୍ରାସ ହୋଇଛି। ଏଭଳି ସ୍ଥିତି ଆହୁରି ୩ ଦିନ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ବେଳେ ଗୁରୁବାର ଅନେକ ସ୍ଥାନରେ କାଳବୈଶାଖୀ ହେବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଗୁରୁବାର ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, ଅନୁଗୁଳ ଓ ବାଲେଶ୍ୱରରେ କାଳବୈଶାଖୀ ପ୍ରଭାବ ଅଧିକ ରହିବାକୁ ଥିବା ବେଳେ ଏହି ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ବୃଦ୍ଧି ପାଇ ଘଣ୍ଟା ପ୍ରତି ୪୦-୫୦ କିମି ପର୍ଯ୍ୟନ୍ତ ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ସେହିପରି ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, କନ୍ଧମାଳ, ରାୟଗଡ଼ା, କୋରାପୁଟ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ୩୦-୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ପାଣିପାଗ କେନ୍ଦ୍ର କହିଛି ଯେ ଗତ ୨୪ ଘଣ୍ଟାରେ କେନ୍ଦ୍ରାପଡ଼ାରେ ୪୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୧୫, କେନ୍ଦୁଝରେ ୮, ପାରାଦୀପରେ ୨ ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁଁ ରାଜ୍ୟରେ ବର୍ତ୍ତମାନ ତାପମାତ୍ରା କମ୍ ରହୁଥିଲେ ମଧ୍ୟ ଆଜି ନୂଆପଡ଼ାରେ ତାପମାତ୍ରା ୪୦ ଡିଗ୍ରୀ ଛୁଇଁଛି।

# ଅବଶିଷ୍ଟାଂଶ...

## ବିଜେପି ଅସହାୟ...

ଅନ୍ୟୂନ ୮୦ ଲକ୍ଷ ନିଯୁକ୍ତି ପାଇବା କଥା । କାହିଁ ସେ ଚାକିରି ? ଓଡ଼ିଶାରୁ କ୍ରମାଗତ ୧୦ବର୍ଷ ଜଣେ କ୍ୟାବିନେଟ୍ ମନ୍ତ୍ରୀ ରହିବା ନିଶ୍ଚିତ ଭାବରେ ଗର୍ବର କଥା । ମାତ୍ର ୧୦ବର୍ଷ କ୍ୟାବିନେଟ ମନ୍ତ୍ରୀ ଥାଇ ଧର୍ମେନ୍ଦ୍ର ପ୍ରଧାନ କରିଛନ୍ତି କ'ଣ? କାମାକ୍ଷା ପ୍ରସାଦ ସିଂହଦେଓ କେନ୍ଦ୍ରରେ ସ୍ୱଳ୍ପକାଳ ମନ୍ତ୍ରୀ ଥିବାବେଳେ ଆଇଆଇଏମସି ସ୍ଥାପନ କରିଥିଲେ। ବିହାର ଓ ପଶ୍ଚିମବଙ୍ଗର ନେତାମାନେ କେନ୍ଦ୍ରମନ୍ତ୍ରୀ ଭାବରେ ସେ ରାଜ୍ୟରେ ରେଳ ବିକାଶକୁ ଶୀର୍ଷରେ ପହଞ୍ଚାଇଛନ୍ତି । ନୀତିନ ଗଡ଼କରୀ ନିଜ ରାଜ୍ୟ ମହାରାଷ୍ଟ୍ରକୁ ୩ଟି ଜାତୀୟ ରାଜପଥ ନେଇଛନ୍ତି। ମାତ୍ର ଧର୍ମେନ୍ଦ୍ର ନିଜ ଅଞ୍ଚଳରେ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ବି ଖୋଲିବାକୁ ସକ୍ଷମ ହୋଇ ନାହାନ୍ତି । କେନ୍ଦ୍ରମନ୍ତ୍ରୀ ନିଜ ଅଞ୍ଚଳ ପାଇଁ ୧୦ବର୍ଷରେ କ'ଣ କାମ କରିଛନ୍ତି ତାହାର ରିପୋର୍ଟ କାଡର୍ ରଖନ୍ତୁ । ଅସ୍ମିତା କଥା କହିବା ପୂର୍ବରୁ ତାଙ୍କ ଅଞ୍ଚଳ ଦେଇ ଯାଇଥିବା ମଣିଷମରା ରାଜପଥରେ ଜୀବନ ହରାଇଥବା ୨୦୦୦ ଲୋକଙ୍କ ପରିବାରକୁ ଶ୍ରଦ୍ଧାଞ୍ଜଳି ଦିଅନ୍ତୁ । ୧୦ ବର୍ଷ ହେଲା କଟକ-ସମ୍ବଲପୁର ରାଜପଥ ସରୁନାହିଁ, ମାତ୍ର ୩ ବର୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଏକ୍ସପ୍ରେସ ୱେକୁ ଶେଷ କରି ଦେଖାଇଛନ୍ତି । ଶ୍ରୀ ପ୍ରଧାନଙ୍କ ହାତରେ ଶିକ୍ଷା ପରି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି । ରାଜଧାନୀ ଭୁବନେଶ୍ୱରର କେନ୍ଦ୍ରୀୟ ବିଦ୍ୟାଳୟ ସହ ସେ ଉପାନ୍ତ ଚିତ୍ରକୋଣ୍ଡା ବା ମାଲକାନଗିରିର ରୂପାନ୍ତରିତ ହାଇସ୍କୁଲକୁ ତୁଳନା କରନ୍ତୁ । କେଉଁଟା ଭଲ ସେ ଜାଣି ପାରିବେ ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

ଅନ୍ୟ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ବିଜେଡି ଏକ ଆଞ୍ଚଳିକ ଦଳ ଓ ଓଡ଼ିଶା ପାଇଁ ଲଢ଼େଇ ଏହାର ଆଭିମୁଖ୍ୟ । ଗତଥର ବିଜେପିର ୮ ଜଣ ସାଂସଦ ନିର୍ବାଚିତ ହୋଇ ଦିଲ୍ଲୀ ଯାଇଥିଲେ। ମାତ୍ର ସେମାନେ କେଉଁ ଗୋଟିଏ ରାଜ୍ୟ ପ୍ରସଙ୍ଗକୁ ସଂସଦରେ ଉଠାଇଛନ୍ତି ? ସେମାନଙ୍କର ଲକ୍ଷ୍ୟ ହେଉଛି କେମିତି କେନ୍ଦ୍ରରେ ମନ୍ତ୍ରୀ ହେବେ, ପରବର୍ତ୍ତୀ ନିର୍ବାଚନରେ ଟିକଟ ପାଇବେ । ତେଣୁ ସେମାନେ ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ପ୍ରସଙ୍ଗ ଉଠାଇବେ ନାହିଁ । ଅନ୍ୟପକ୍ଷରେ ଏହି ବିଜେପି ସାଂସଦମାନେ ମିଶନଶକ୍ତି ବନ୍ଦ କରିବାକୁ ଷଡ଼ଯନ୍ତ୍ର କରିଛନ୍ତି, ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସଞ୍ଜିବନୀ ବିଏସ୍‌କେୱାଇ ବିରୋଧରେ ଅପପ୍ରଚାର କରି ବୀମା କମ୍ପାନୀ ଦ୍ୱାରା ପରିଚାଳିତ ଆୟୁଷ୍ମାନ ପାଇଁ ଓକିଲାତି କରିଛନ୍ତି, କୋଇଲା ରାଜଭାଗ କିପରି ଓଡ଼ିଶା ନ ପାଇବ ସେଥିପାଇଁ ଉଦ୍ୟମ କରିଛନ୍ତି । ସେମାନେ କେବେ ଆଦିବାସୀଙ୍କ ଭାଷାକୁ ମାନ୍ୟତା, ସେମାନଙ୍କ ବର୍ଗକୁ ମାନ୍ୟତା କଥା ଉଠାଇଛନ୍ତି ? କୋଇଲା ରାଜଭାଗ ବଢ଼ାଇବାକୁ କେନ୍ଦ୍ର ନିକଟରେ ଦାବି କରିଛନ୍ତି? ଧାନର ଏମ୍ଏସ୍‌ପି ବଢ଼ାଇବାକୁ, କେନ୍ଦୁପତ୍ର ଓ ହସ୍ତତନ୍ତ ସାମଗ୍ରୀରୁ ଜିଏସ୍‌ଟି ଉଚ୍ଛେଦ ଦାବି କରିଛନ୍ତି ? ମାତ୍ର ବିଜେଡି ସାଂସଦମାନେ ବିଭିନ୍ନ ସମୟରେ ରାଜ୍ୟ ପ୍ରସଙ୍ଗକୁ କେନ୍ଦ୍ରରେ ନିରନ୍ତର ଉଠାଇଛନ୍ତି, ରାଜ୍ୟର ହକ୍ ପାଇଁ ଲଢ଼େଇ କରିଛନ୍ତି ।

ମହାବାତ୍ୟାରେ ଓଡ଼ିଶାର ସ୍ଥିତି ଆଜି ବଦଳିଛି । କଳିଙ୍ଗ ଷ୍ଟାଡ଼ିୟମ ସେ ଦିନର ଓଡ଼ିଶାର ଚିତ୍ର ଓ ଆଜିର ଓଡ଼ିଶାର ସମୃଦ୍ଧିର ମୂକ ସାକ୍ଷୀ । ମହାବାତ୍ୟା ପରେ ଓଡ଼ିଶାକୁ ଅନ୍ୟ ରାଜ୍ୟର ଲୋକମାନଙ୍କର ପୁରୁଣା ଲୁଗା ପଠାଯାଇଥିଲା । ଯାହା କଳିଙ୍ଗ ଷ୍ଟାଡ଼ିୟମରେ ରଖାଯାଇଥିଲା । ଆଜି କଳିଙ୍ଗ ଆନ୍ତର୍ଜାତୀୟ କ୍ରୀଡ଼ା କେନ୍ଦ୍ରରେ ପରିଣତ ହୋଇଛି। ସମ୍ପ୍ରତି ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ଅତି ସଫଳ ରାଜ୍ୟରେ ପରିଣତ ହୋଇଛି, ଶ୍ରେଷ୍ଠ ୩/୪ଟି ରାଜ୍ୟ ମଧ୍ୟରେ ରହିଛି । ଓଡ଼ିଶା କ୍ରମାଗତ ଭାବରେ ଏଥିପାଇଁ ପୁରସ୍କୃତ ହେଉଛି । ପୁଞ୍ଜି ନିବେଶରେ ଓଡ଼ିଶା ଦେଶର ଦ୍ୱିତୀୟ ଶ୍ରେଷ୍ଠ ରାଜ୍ୟ । ଓଡ଼ିଶାକୁ ଦେଶର କ୍ରୀଡ଼ା ରାଜଧାନୀ ମାନ୍ୟତା ମିଳିଛି। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ଦକ୍ଷତାକୁ ଆନ୍ତର୍ଜାତୀୟ ସ୍ୱୀକୃତି ମିଳିଛି । ନ୍ୟୁୟର୍କ ଟାଇମ୍ସର ପ୍ରଥମ ପୃଷ୍ଠାରେ ପ୍ରକାଶିତ ରିପୋର୍ଟ ସମ୍ପର୍କରେ ନିଜେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରି ଓଡ଼ିଶାକୁ ପ୍ରଶଂସା କରିଛନ୍ତି । ଗତ ୨୫ ବର୍ଷ ହେଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ଅସ୍ମିତା ପାଇଁ କାର୍ଯ୍ୟ କରୁଛନ୍ତି । ଯେଉଁ ୨/୩ଟି ରାଜ୍ୟରେ ସ୍ୱତନ୍ତ୍ର ଭାଷା ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଛି ସେଥିରୁ ଓଡ଼ିଶା ଅନ୍ୟତମ । ଓଡ଼ିଶାରେ ପ୍ରଥମ ବିଶ୍ୱ ଭାଷା ସମ୍ମିଳନୀ ଆୟୋଜିତ ହୋଇଛି । ୨୦/୩୦ ଦେଶରୁ ପ୍ରତିନିଧି ଏଥିରେ ଯୋଗ ଦେଇଛନ୍ତି । ଭାଷା ସାହିତ୍ୟ ବୃତ୍ତି କେବଳ ଓଡ଼ିଶାରେ ପ୍ରଦାନ କରାଯାଉଛି ବୋଲି ଶ୍ରୀ ପାଣ୍ଡିଆନ କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ଦକ୍ଷିଣ ଓଡ଼ିଶାର ଅବିଭକ୍ତ କୋରାପୁଟ ଜିଲ୍ଲାରେ ବିଜେଡି ସହ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱିତା କରୁଛି। ଗଞ୍ଜାମ ଜିଲ୍ଲାରେ ଲଢ଼େଇ ସମ୍ପୂର୍ଣ୍ଣ ଏକପାଖିଆ । ୨୦୧୯ରେ ବି ବିଜେପି ମିଶନ ୧୨୦ ଘୋଷଣା କରିଥିଲା । କେତେ ଆସନ ପାଇଲେ ତାହା କହିବାର ଆବଶ୍ୟକତା ନାହିଁ । ଯଦି ସେମାନେ କାମ କରିଥାଆନ୍ତେ ତେବେ ୨୦୨୨ରେ ପଞ୍ଚାୟତ ଓ ପୌର ନିର୍ବାଚନରେ ଏପରି ପ୍ରଚଣ୍ଡ ପରାଜୟ ଭୋଗି ନ ଥାନ୍ତେ । ସେମାନେ କାମ କଲେ ନାହିଁ, ତେଣୁ ପ୍ରତିଫଳ ପାଇଲେ । ଏଥର ମଧ୍ୟ ତାହା ହିଁ ହେବ । ବିଜେଡି ଦୁଇ ତୃତୀୟାଂଶ ବିଧାନସଭା ଆସନରେ ବିଜୟୀ ହେବ । ବିଜେପି କିଛି ଅଧିକ ଆସନ ପାଇଲେ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ପରି ବିଜେଡିରେ ବିଭାଜନ କରିବାକୁ ଲକ୍ଷ୍ୟ ରଖିଛି । ମାତ୍ର ତାହା କେବେ ବି ସଫଳ ହେବ ନାହିଁ । ବିଜେଡି ଖୁବ୍ ଶୀଘ୍ର ନିର୍ବାଚନ ଇସ୍ତାହାର ପ୍ରକାଶ କରିବ । ଏହି ଇସ୍ତାହାର ଦଳର ନୁହେଁ, 'ନବୀନ ବିକାଶ'ର ଇସ୍ତାହାର ହେବ, ସାଧାରଣ ଲୋକଙ୍କ ଇସ୍ତାହାର ହେବ । ସେହିପରି ପ୍ରଣବ ପ୍ରକାଶ ଦାସଙ୍କ ସମ୍ବଲପୁରରୁ ପ୍ରତିଦ୍ୱନ୍ଦ୍ୱିତା ପ୍ରସଙ୍ଗରେ ସେ କହିଛନ୍ତି ଯେ ପ୍ରଣବ ପ୍ରକାଶ ଦାସ ହେଉଛନ୍ତି ବିଜୁ ଜନତା ଦଳର ମୁଖ୍ୟ ସେନାପତି । ସମଗ୍ର ଓଡ଼ିଶା ହେଉଛି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ କ୍ଷେତ୍ର । ତେଣୁ ସେ ସମ୍ବଲପୁରରୁ ଲଢ଼ିବାରେ କୌଣସି ଅପ୍ରାସଙ୍ଗିକତା ନାହିଁ ।

## ବିରୋଧୀଙ୍କ ଚକ୍ରାନ୍ତ ପାଇଁ...

ପାଇଁ ପ୍ରିମିୟମ ଦେଇ ଆପଣମାନଙ୍କ ବୋଝ ହାଲକା କରିଛନ୍ତି ବୋଲି କହିଛନ୍ତି। ଏହାଛଡ଼ା ମନ୍ଦିର ଗୁଡ଼ିକର ରୂପାନ୍ତରଣ, ସ୍କୁଲ କଲେଜର ବିକାଶରେ ବିରୋଧୀ ଅସହିଷ୍ଣୁ ହୋଇ ପଡ଼ିଛନ୍ତି ବୋଲି ସେ କହିଥିଲେ। ଶ୍ରୀ ପାଣ୍ଡିଆନ ଭାଷଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଯାହା କାମ କରନ୍ତି, ତାର ହିସାବ ଦିଅନ୍ତି ବୋଲି କହିବା ସହ ସେ ପଦ୍ମପୁର ନିର୍ବାଚନମଣ୍ଡଳୀର ୫୮ ଗୋଟି ପଞ୍ଚାୟତକୁ ଉନ୍ନୟନମୂଳକ କାମ ପାଇଁ ୬୦ କୋଟି ଟଙ୍କା ପ୍ରଦାନ ସହିତ ନୃସିଂହନାଥ ମନ୍ଦିରର ରୂପାନ୍ତରଣ ପାଇଁ ୨୩ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି କହିଥିଲେ। ସେହିପରି ପାଇକମାଳକୁ ଏନଏସି ଘୋଷଣା, ଡାକ୍ତରଖାନାକୁ ସିଏଚସି କରିବା, କେନ୍ଦୁପତ୍ରରୁ ଜିଏସଟି କମ୍ କରିବା ସହିତ ବୋନସ ପ୍ରଦାନ, ପଦ୍ମପୁରକୁ ବିଜୁ ଏକ୍ସପ୍ରେସ ୱେରେ ଯୋଡ଼ିବା, ନକ୍ସଲ ସମସ୍ୟାର ସମାଧାନ ମୁଖ୍ୟମନ୍ତ୍ରୀଙ୍କ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ବିରୋଧି ମା' ସମଲେଇଙ୍କ ପ୍ରକଳ୍ପକୁ ମଧ୍ୟ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ଗୋଟିଏ ଗରିବ ଲୋକ ଜରିଆରେ ସୁପ୍ରିମକୋର୍ଟରେ କେସ କଲେ। ସେଠାରେ ସୁପ୍ରିମକୋର୍ଟ ଓକିଲଙ୍କ ଫିସ୍ ହେଉଛଇ ୩୦ ଲକ୍ଷ ଟଙ୍କା। ଆପଣ ଜାଣନ୍ତୁ ଚକ୍ରାନ୍ତ କିଏ କରିଥିଲା। ନବୀନ ବାବୁ ସୁପ୍ରିମକୋର୍ଟରେ ଲଢ଼ି ପ୍ରକଳ୍ପ କଲେ ଆଜି ସେମାନେ ଯାଇ ମା'ଙ୍କୁ ଦର୍ଶକ କରୁଛନ୍ତି ବୋଲି ଶ୍ରୀ ପାଣ୍ଡିଆନ ବିରୋଧିଙ୍କୁ କଟାକ୍ଷ କରିଛନ୍ତି।

ସଭାରେ ବରଗଡ଼ ସାଂସଦ ପ୍ରାର୍ଥିନୀ ପରିଣୀତା ମିଶ୍ର, ବିଧାୟିକା ପ୍ରାର୍ଥିନୀ ବର୍ଷା ସିଂ ବରିହା ଉଦବୋଧନ ଦେଇ ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ କହିବା ସହିତ ନବୀନ ପଟ୍ଟନାୟକଙ୍କୁ ବିକାଶର ସାରଥୀ ବୋଲି କହିଥିଲେ। ଏହି ସଭାରେ ପାଇକମାଳ, ଝାରବନ୍ଧ ଓ ପଦ୍ମପୁର ବ୍ଲକର ହଜାର ସଂଖ୍ୟାରେ ପୁରୁଷ, ମହିଳା ଯୋଗ ଦେଇଥିଲେ। ଏହି ଅବସରରେ ନିଜର ପ୍ରିୟ ବନ୍ଧୁ ମହେନ୍ଦ୍ର ବଢ଼େଇଙ୍କୁ ଶ୍ରୀ ପାଣ୍ଡିଆନ ଭୁଲି ନ ଥିଲେ। ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କର ସମାଜ ପାଇଁ ଥିବା ଅବଦାନ ଓ ଦେଇଥିବା ପ୍ରତିଶ୍ରୁତିକୁ ନିଶ୍ଚୟ ପୂରଣ କରାଯିବ ବୋଲି ଘୋଷଣା କରିଥିଲେ। ବିକାଶ ପୁରୁଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବରେ ଦେଖିବାକୁ ହେଲେ ଦୁଇ ଭଉଣୀ ବର୍ଷା ସିଂ ବରିହା ଓ ପରିଣୀତା ମିଶ୍ରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ।

## ବିମାନବନ୍ଦରୁ ୨.୭୯ କୋଟିର...

ସ୍କାନରରେ ଯାଞ୍ଚ କରିବା ପରେ ସେମାନେ ସୁନା ଲୁଚାଇ ଆଣିଥିବା ଜଣା ପଡ଼ିଥିଲା। ଏହି ସୁନାକୁ ସେମାନେ ଦୁବାଇରୁ କ୍ୟାପସୁଲ ମାଧ୍ୟମରେ ନିଜ ମଳଦ୍ୱାରରେ ରଖି ଆଣିଥିଲେ। ତାଙ୍କୁ ଶୌଚାଳୟକୁ ନେଇ ଲାକ୍ସା ଟିଭସ୍ ବଟିକା ଖାଇବାକୁ ଦେଇଥିଲେ। ବଟିକା ଖାଇବା ମାତ୍ରେ ଚାଲାଣକାରୀଙ୍କ ମଳଦ୍ୱାରରୁ ୧୨ଟି କ୍ୟାପସୁଲ ଭଳି ଦ୍ରବ୍ୟ ବାହାରିଥିଲା। ସମସ୍ତଙ୍କ ନିକଟରୁ ୩ଟି ଲେଖାଏଁ କ୍ୟାପସୁଲ ବାହାରିଥିଲା। ଏହି କ୍ୟାପସୁଲରୁ ୩.୭୭ କିଲୋ ସୁନା ବାହାରିଥିଲା। ସମ୍ପୃକ୍ତ ୪ଜଣ ସ୍ମଗଲରଙ୍କୁ କଷ୍ଟମଆକ୍ଟ ୧୯୬୨ ଆଧାରରେ ଗିରଫ କରାଯାଇଛି। ତାଙ୍କ ଟ୍ରାଭେଲ ରେକର୍ଡ ଟ୍ରାକ୍ ପରେ ସେମାନେ ବହୁଥର ଦୁବାଇ ଓ ବ୍ୟାଙ୍କକ୍ ଯାଇଥିବା ଜଣାପଡ଼ିଥିଲା। ତେଣୁ ସେମାନେ ଦୁବାଇ ଓ ବ୍ୟାଙ୍କକ୍‌ରୁ ସୁନା ଆଣିଥିବା କଥା ପଦାକୁ ଆସିଛି।

ଗତ ଦେଢ଼ମାସରେ ଓଡ଼ିଶାରୁ ୧୭ କିଲୋ ସୁନା ଧରାପଡ଼ିଛି। କେବଳ ଗତ ମାସକ ମଧ୍ୟରେ ୨ଥର ସୁନା ଜବତ ହୋଇଛି। ମହାରାଷ୍ଟ୍ରର ଜଣେ ଯାତ୍ରୀଙ୍କ ଠାରୁ ୧ କିଲୋ ସୁନା ଜବତ କରାଯାଇଥିବା ବେଳେ ଆଉ ଜଣେ ବ୍ୟବସାୟୀଙ୍କଠାରୁ ୩.୮ କୋଟି ସୁନା ଜବତ ହୋଇଥିଲା। ଜବତ ସୁନାର ମୂଲ୍ୟ ଅଢ଼େଇ କୋଟି ହେବ ବୋଲି କୁହାଯାଇଥିଲା। ଅନ୍ୟପଟେ କୋଲକାତାରୁ ଏକ କାର୍‌ରେ ଏହି ସୁନା ସ୍ମଗଲିଂ କରାଯାଉଥିବା ବେଳେ କଟକ ମଙ୍ଗୁଳି ଟୋଲ୍‌ପ୍ଲାଜା ନିକଟରୁ ୯ କିଲୋ ୧୮୦ ଗ୍ରାମର (୬୫ଟି ସୁନା ବିସ୍କୁଟ୍) ଡିଆର୍‌ଆଇ ଜବତ କରିଥିଲା। ଜବତ ସୁନା ବିସ୍କୁଟ ମୂଲ୍ୟ ୬ କୋଟି ୪୪ ଲକ୍ଷ ୪୬ହଜାର ୧୬୪ ଟଙ୍କା। ଏଥିରେ ସମ୍ପୃକ୍ତ ଦୁଇଜଣ ବଙ୍ଗୀୟ ସ୍ମଗଲରଙ୍କୁ ଗିରଫ କରାଯାଇଥିଲା। ସେପରି କିଛିମାସ ତଳେ ଟ୍ରେନ୍‌ରେ ଭୁବନେଶ୍ୱରକୁ ସୁନା ବିସ୍କୁଟ ଆଣୁଥିବା ସମୟରେ ଜଣେ ବ୍ୟବସାୟୀଙ୍କ ଠାରୁ ଦେଢ଼କୋଟି ଟଙ୍କା ମୂଲ୍ୟର (ଅଢ଼େଇ କିଲୋ ସୁନା ବିସ୍କୁଟ) ଜବତ କରାଯାଇଥିଲା। ଅନୁରୂପ ଭାବେ ୨୦୧୯ ମସିହାରେ ରାଉରକେଲା ଠାରେ କୋଲକାତା-ମୁମ୍ବାଇ ଜ୍ଞାନେଶ୍ୱରୀ ସୁପର ଡିଲକ୍ସ ଏକ୍ସପ୍ରେସ୍‌ରୁ ୧୨.୯୩୨ କିଲୋ(୧୧୦) ଟି ସୁନା ବିସ୍କୁଟ ଜବତ ହୋଇଥିଲା। ଏଥିରେ ସମ୍ପୃକ୍ତି ରହିଥିବା ୨ଜଣ ଯାତ୍ରୀଙ୍କୁ ଗିରଫ କରାଯାଇଥିଲା । ଜବତ ସୁନାର ମୂଲ୍ୟ ୫ କୋଟି ବେଳେ ସେତେବେଳ କୁହାଯାଇଥିଲା। ଅନ୍ୟପକ୍ଷରେ ଖୋର୍ଦ୍ଧା ଷ୍ଟେସନରୁ ୨.୪୯୪ କିଲୋର ୧୫ଟି ସୁନା ବିସ୍କୁଟ (ମୂଲ୍ୟ ୭୬.୫ ଲକ୍ଷ) ଏବଂ କଟକରୁ ସାଢ଼େ ୩ କିଲୋ ସୁନା ଚାଲାଣ ବେଳେ ଜବତ ହୋଇଥିଲା।

## ଆଜି ମୁଖ୍ୟମନ୍ତ୍ରୀଙ୍କ...

ବାହାରି ୯.୪୦ରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ଆସି ପୂର୍ବାହ୍ନ ୧୦.୧୦ରେ ରଙ୍ଗେଇଲୁଣ୍ଡା ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନିଷିଠାରେ ଆୟୋଜିତ ବିଶାଳ ଜନସଭାରେ ଯୋଗ ଦେଇ ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର କରିବେ। ସେଠାରୁ ମୁଖ୍ୟମନ୍ତ୍ରୀ ଆସିକା ଯାଇ ସ୍ଥାନୀୟ ବିଜ୍ଞାନ ମହାବିଦ୍ୟାଳୟ ପଡ଼ିଆରେ ପହଞ୍ଚିବେ। ସେଠା ଆୟୋଜିତ ବିରାଟ ଜନସଭାରେ ସେ ଯୋଗଦେବେ। ଏଠାରେ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ଲାଗି ପ୍ରଚାର ସାରିବା ପରେ ଫୁଲବାଣୀ ଗସ୍ତ କରିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳିଛି। ଏଣେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ସମଗ୍ର ଗଞ୍ଜାମ ଜିଲ୍ଲା ଚଳଚଞ୍ଚଳ ହୋଇ ଉଠିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦେଖି କନିଷି ଓ ଆସିକାଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

**OFFICE OF THE COLLECTOR-CUM-DISTRICT MAGISTRATE, SUNDARGARH**
**(DISTRICT CHILD PROTECTION UNIT)**
**Odisha State Child Protection Society, W & CD Department, Govt. of Odisha**

Letter No. 758/DCPU/SNG/2024 Date: 08.05.2024

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନେ ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ଲିଟିଲ୍ ଓରଚାଡ ଭିଭିଦ ଫର ଏକ୍ସଟେସି, କୁତ୍ରା, ସୁନ୍ଦରଗଡରେ ସୁରକ୍ଷିତ ଭାବରେ ରହୁଛି। ଏହି ଶିଶୁଟିର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁମାନଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା -୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ
ମୋ. ନଂ.- ୯୯୩୮୧୭୦୪୫୦/ ଅଫିସ୍ - ୦୬୬୨୨-୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ
ମୋ. ନଂ.- ୭୯୭୮୯୦୯୦୦୧ / ଅଫିସ୍- ୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ / ବୟସ | ଲିଙ୍ଗ | ରହୁଥିବା ଜାଗା | ଶିଶୁର ଫଟୋ |
|---|---|---|---|---|---|
| ୧ | ଅନିସା ଖେସ | ୧୬ ବର୍ଷ | ଝିଅ | ଲିଟିଲ୍ ଓରଚାଡ୍ ଭିଭିଦ ଫର ଏକ୍ସଟେସି, କୁତ୍ରା, ସୁନ୍ଦରଗଡ |  |

Sd/- District Child Protection Officer, Sundargarh

**AFFIDAVIT**
By the virtue of an affidavit dated 20.04.2024 before the Executive Magistrate, Khandapada, I Rasmita Lenka, W/o- Somanath Lenka, At/po- Balaram Prasad, Ps.- Khandapada, Dist.- Nayagarh declare that in my LIC Bond vide policy No.- 589615624 my name has been mentioned as Sujata Lenka, W/o- Somanath Lenka. Hence **Rasmita Lenka & Sujata Lenka** is one and same person.

**AFFIDAVIT**
I, Annapurna Das, W/o -Ajaya Dash, resident of Sector-1/126, Niladri Vihar, Near Tarini Mandir, Sailashree Vihar, Bhubaneswar, Pin-751021, Dist- Khordha, Odisha declare by this affidavit No-836, date-6/5/2024, that now onwards I shall be known as **ANNAPURNA DASH** for all future purposes.

**VEHICLE SALE**
MAHINDRA 415 DI WITH RAILER,MODEL 2018, Regn. No - OD-25-G-7465 in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within7 days

**ସୂଚନା**
ମୁଁ **Baripda Mutton OPC Pvt. Ltd.**ର ନିର୍ଦ୍ଦେଶକ ବିଶ୍ୱଭୂଷଣ ଦାଶ, ଆରମ୍ଭରୁ ବ୍ରାଣ୍ଡ ନାମ ବାରିପଦା ମଟନ୍ ଏବଂ ହୋଟେଲ୍ ବାରିପଦା ମଟନ୍ ର ମାଲିକ । ଏହି ଦୁଇଟି ବ୍ରାଣ୍ଡ ଉପରୋକ୍ତ କମ୍ପାନୀର ସତନ୍ତ୍ର ସମ୍ପତ୍ତି ଅଟେ । ଏହି ସାର୍ବଜନୀନ ବିଜ୍ଞପ୍ତି ମାଧ୍ୟମରେ ସମସ୍ତଙ୍କୁ ଜଣାଇ ଦିଆ ଯାଉଛି ଯେ ଭାରତ ମଧ୍ୟରେ କୌଣସି ଆଇନଗତ ଚିକ୍ତିନାମା ବିନା ଅନ୍ୟ କୌଣସି ବ୍ୟକ୍ତି ଏହି ବ୍ରାଣ୍ଡ ବ୍ୟାବହାର କରିବାକୁ ଅନୁମତି ପ୍ରାପ୍ତ ନୁହନ୍ତି । ଆମର ବ୍ରାଣ୍ଡର କୌଣସି ପ୍ରକାରେ ଅନଧିକୃତ ବ୍ୟବହାର ଆଇନଗତ ଭାବରେ ନିଷେଧ Sd- ବିଶ୍ୱଭୂଷଣ ଦାଶ **(DIN-07876022)**

**VEHICLE SALE**
MAHINDRA 575 YUVO TRACTOR 2013 MODEL, Regn No. OD-29-L-6220 in as is where is condition. Contact: M/S Sundaram Finance Limited, PARADIP BRANCH, Ph:0672-2295252 within 7 days

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ.eT-M-KUR-CHG-CTS-254-2024
କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେସନଠାରେ ରହଣି ସମୟରେ ଟ୍ରେନ୍‌ର କୋଚ୍‌ଗୁଡ଼ିକର (CTS) ଯାନ୍ତ୍ରୀକୃତ (Mechanized) ସଫେଇ।
ବିଜ୍ଞାପିତ ମୂଲ୍ୟ : ₹5,24,56,557.54, EMD : ₹ 4,12,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-, ଶେଷ ହେବା ଅବଧି: 24 ମାସ।
ବିଡ଼ୁ ଆରମ୍ଭ ହେବା ତାରିଖ : ତା.10.05.2024ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.05.2024 ରିଖ 1530 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର / ଖୋର୍ଦ୍ଧା ରୋଡ୍
PR-90/P/24-25

## ଜଗତସିଂହପୁର ଜିଲ୍ଲାରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ

# ଜିଲ୍ଲା ପ୍ରଶାସନ ସହିତ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

**ଜଗତସିଂହପୁର, ୮।୫(ସମିସ)**



ଜଗତସିଂହପୁର ଜିଲ୍ଲାରେ ଅନୁଷ୍ଠିତ ହେବାକୁଥିବା ସାଧାରଣ ନିର୍ବାଚନର ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ଓ ପଦକ୍ଷେପର ତଦାରଖ ନିମନ୍ତେ ତିନି ଜଣ ଖର୍ଚ୍ଚ ପର୍ଯ୍ୟବେକ୍ଷକ ବୁଧବାର କାର୍ଯ୍ୟରେ ଯୋଗଦେଇଛନ୍ତି। ୧୭-ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ନେତ୍ରପାଲ୍ ଏମ୍ ଏସ (ଭାରାସେ)ଫୋନ ନମ୍ବର-୯୫୫୬୭୪୪୯୪୧୮, ୧୦୧-ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ, ୧୦୩-ବାଲିକୁଦା -ଏରସମା ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ୧୦୪- ଜଗତସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ଆଶିଷ ଚନ୍ଦ୍ରା(ଭାରାସେ)ଫୋନ ନମ୍ବର-୯୫୫୬୭୪୫୦୮୧୯ ଓ ୧୦୨ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ସରୋଜ କୁମାର (ଭାରାସେ), ଫୋନ ନମ୍ବର-୯୫୫୬୭୩୮୧୫୬୪ ଯୋଗ ଦେଇଛନ୍ତି।

ଆଜି ଜିଲ୍ଲାପାଳ ଅନୁପମ ସାହା (ଭାପ୍ରସେ.)ଙ୍କ ଅଧ୍ୟକ୍ଷତାରେ, ଆରକ୍ଷୀ ଅଧିକ୍ଷକ ରାହୁଲ ପି ଆର୍ (ଭାପୋସେ)ଙ୍କ ଉପସ୍ଥିତିରେ ଜଗତସିଂହପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଓ ଜଗତସିଂହପୁର, ବାଲିକୁଦା -ଏରସମା ଓ ପାରାଦୀପ ବିଧାନସଭାମଣ୍ଡଳୀର ଦୁଇ ପର୍ଯ୍ୟବେକ୍ଷକ ନିର୍ବାଚନ ଖର୍ଚ୍ଚ ସମ୍ପର୍କରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍ଭାବନା ସଭାଗୃହରେ ସମୀକ୍ଷା କରିଥିଲେ। ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ଅନିୟମିତତା ନଜରକୁ ଆସିଲେ ଜନସାଧାରଣ ବା ପ୍ରାର୍ଥୀ ସିଧାସଳଖ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନଙ୍କ ନିକଟରେ ଅଭିଯୋଗ କରିପାରିବେ। ଏହି ସମୀକ୍ଷା ବୈଠକରେ ପ୍ରଥମେ ଜିଲ୍ଲାପାଳ ଶ୍ରୀ ସାହା ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ଓ ପଦକ୍ଷେପ ବିଷୟରେ ପର୍ଯ୍ୟବେକ୍ଷକମାନଙ୍କୁ ଅବଗତ କରାଇଥିଲେ। ପରେ ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ତଥା ନୋଡାଲ ଅଧିକାରୀ ଏମସିସି ରବିନାରାୟଣ ଜେଠୀ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ହୋଇଥିବା ମାର୍ଗଦର୍ଶିକା ଅନୁସାରେ ନିର୍ବାଚନ ଖର୍ଚ୍ଚର ସୁପରିଚାଳନା ସମ୍ବନ୍ଧରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପଦକ୍ଷେପ ଉପରେ ବିଶଦ ଭାବେ ଉପସ୍ଥାପନ କରିଥିଲେ।ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ, ନିର୍ବାଚନ ଖର୍ଚ୍ଚ ପରିଚାଳନା, ସି ଭିଜିଲ ରିପୋର୍ଟ, ଏମସିଏମସି ରିପୋର୍ଟ, , ଆବଶ୍ୟକ ପୁଲିସ ଫୋର୍ସ, ଫ୍ଲାଇଙ୍ଗ ସ୍କ୍ୱାର୍ଡ଼, ଏସଏସଟି, ଜିଏସ. ଟି ବିଭାଗ, ଆୟକର ବିଭାଗ, ବ୍ୟାଙ୍କ କର୍ତ୍ତୃପକ୍ଷ, ପୁଲିସ ଟିମ୍ ଓ ଅବକାରୀ ବିଭାଗ ଦ୍ୱାରା କଣ କଣ ସବୁ ପଦକ୍ଷେପ ନିଆଯାଉଛି ସେ ବିଷୟରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପଚାରି ବୁଝିଥିଲେ। ବିଭାଗୀୟ ସମନ୍ୱୟ ଓ ମିଳିତ ଉଦ୍ୟମରେ ହିଁ ନିର୍ବାଚନ କାର୍ଯ୍ୟ ସଫଳ ହେବ ବୋଲି ଆଶା ବ୍ୟକ୍ତ କରିବା ସହ ସମ୍ପୃକ୍ତ ଅଧିକାରୀ ଓ ଟିମକୁ ତତ୍ପର ରହିବା ପାଇଁ ପରାମର୍ଶ ଦେଇଥିଲେ। ଜିଲ୍ଲା ରେ କାର୍ଯ୍ୟରତ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଟେଲିଫୋନ୍ ନମ୍ବର ୧୯୫୦ ରେ ଜନସାଧାରଣ ଖର୍ଚ୍ଚ ଅନିୟମିତତା ଅଭିଯୋଗ ଆଣିପାରିବେ ବୋଲି ସେ କହିଥିଲେ।ସମସ୍ତ ବିଭାଗ ର ନୋଡାଲ ଅଫିସର ମାନେ ପ୍ରତ୍ୟେକ ଦିନର ରିପୋର୍ଟ ପ୍ରଦାନ ପୂର୍ବରୁ ଭଲଭାବେ ତନଖି କରିବା, ଦୈନିକ କାର୍ଯ୍ୟକ୍ରମର ଲଗ ବୁକ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ।



ଜିଲ୍ଲାର ନିର୍ବାଚନ ପରିଚାଳନା ପ୍ରସ୍ତୁତିରେ ସନ୍ତୋଷ ବ୍ୟକ୍ତ କରିବା ସହ ଆଗାମୀ ଜୁନ ୧ ତାରିଖରେ ହେବାକୁ ଥିବା ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ସମ୍ପୂର୍ଣ୍ଣ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ମାନେ ସମସ୍ତ ଏଫ୍ ଏସ୍ ଟି, ଏସ୍ ଏସ୍ ଟି, ଭିଡ଼ିଓ ଭ୍ୟୁଇଙ୍ଗ ଟିମ୍‌ର ସଦସ୍ୟ ମାନଙ୍କ ସହ ସମନ୍ୱୟ ରଖି ପ୍ରତ୍ୟେକ ଦିନର କାର୍ଯ୍ୟକୁ ରିପୋର୍ଟ କରିବାକୁ କହିଥିଲେ।କାର୍ଯ୍ୟ ନ୍ୟସ୍ତ ସମୟରେ ସମସ୍ତ ଅଧିକାରୀମାନଙ୍କୁ ସିଫ୍ଟ ଅନୁସାରେ କାମ କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନରେ ନିୟୋଜିତ ହୋଇଥିବା ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟାଳୟ ର ଦୈନନ୍ଦିନ କାର୍ଯ୍ୟରୁ ରିଲିଭ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ ରାଉତ, ପାରାଦ୍ୱୀପ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଜିଲ୍ଲା ଅବକାରୀ ଅଧିକ୍ଷକ, ଏଲ.ଡି.ଏମ., ଡେପୁଟି କଲେକ୍ଟର ନିର୍ବାଚନ, ଅନ୍ୟ ଡେପୁଟି କଲେକ୍ଟର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସମସ୍ତ ସହକାରୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ, ମାଇକ୍ରୋ ଅବଜରବର ଓ ବିଭିନ୍ନ ଟିମ୍‌ର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

● ପାରାଦୀପରେ କୁକୁର ବନ୍ଧ୍ୟାକରଣ ବାଟବଣା

## କୁକୁର କାମୁଡ଼ାରେ ଆହତଙ୍କ ସଂଖ୍ୟା ବଢ଼ି ଚାଲିଛି

**ପାରାଦୀପ, ୮।୫ (ସମିସ) :** ପାରାଦୀପ ଭଳି ଶିଳ୍ପାଞ୍ଚଳରେ ବୁଲା କୁକୁରଙ୍କ ସଂଖ୍ୟା ହୁହୁ ହୋଇ ବଢ଼ିବାରେ ଲାଗିଛି।ପ୍ରତ୍ୟେକ ଦିନ ବନ୍ଦରାଞ୍ଚଳରେ ଓ ଏହାର ଆଖପାଖ ବସ୍ତି ଅଞ୍ଚଳରେ କୁକୁର କାମୁଡାରେ ବହୁ ଲୋକ ଆହତ ହେଉଥିବା ଜଣାପଡ଼ିଛି।ତେବେ ଏଭଳି କୁକୁର କାମୁଡ଼ା ଖବର ଚାରିଆଡେ ପ୍ରଚାରିତ ହେବା ପରେ ସାଧାରଣ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।ଏଭଳିକି ରାସ୍ତାରେ ଗଲାବେଳେ କୁକୁରଟିଏ ଦେଖିଲେ ସେପଟ ଦେଇ ଯିବାକୁ ଭୟ ଲାଗୁଛି।ପୌର ପାଳିକା ପକ୍ଷରୁ କରାଯାଇଥିବା କୁକୁର ବନ୍ଧ୍ୟାକରଣ ନ ହେବା ଦ୍ୱାରା ଲୋକଙ୍କ ମନରେ ଏଭଳି ଆତଙ୍କ ସୃଷ୍ଟି ହେଉଥିବା କୁହାଯାଉଛି।ପାରାଦୀପସ୍ଥିତ ଅଠରବାଙ୍କୀ ସରକାରୀ ଡାକ୍ତରଖାନାକୁ ପ୍ରତ୍ୟେକ ଦିନ ଏଆରଭି ବା ଆଣ୍ଟି ରାବିଟ ଭ୍ୟାକ୍ସିନ ନେବାକୁ ଆସୁଥିବା ଲୋକଙ୍କ ସଂଖ୍ୟା ଏତେ ବଢ଼ି ଯାଇଛି ଯେ ଯେକେହି ଶୁଣିଲେ ଆଶ୍ଚର୍ଯ୍ୟ ହୋଇଯିବ।କୁକୁର ଭଳି ମାଙ୍କଡ଼ କାମୁଡ଼ିଲେ ଏହି ଭ୍ୟାକ୍ସିନ ନେବାକୁ ପଡ଼ିଥାଏ।କିନ୍ତୁ ପାରାଦୀପରେ କୁକୁରମାନେ ହିଁ ଗୋଡାଇ ଗୋଡାଇ ମଣିଷ ମାନଙ୍କୁ କାମୁଡୁଛନ୍ତି।ରାତିରେ ଲୋକେ ବିଭିନ୍ନ ଶିଳ୍ପ ସଂସ୍ଥାରୁ ଡ୍ୟୁଟି ସାରି ଘରକୁ ଫେରିବା ବେଳେ କୁକୁରମାନେ ବାଇକ ପଛରେ ଗୋଡାଇ ଗୋଡାଇ ଆକ୍ରମଣ କରୁଥିବା ର ଚିତ୍ର ସାମ୍ନାକୁ ଆସୁଛି।ନୂଆବଜାର ପୁରୁଣା ଆଜବେଷ୍ଟ କ୍ୱାର୍ଟର୍ସର ଅଞ୍ଚଳରେ ଏବେ ବୁଲା କୁକୁରଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ଘଟିଛି।ଖାଦ୍ୟ ଖାଇବା ପାଇଁ ପଡ଼ିରହିଥିବା କିଛି ବୁଲା କୁକୁର ଲୋକଙ୍କୁ ରାସ୍ତାରେ ଯିବାକୁ ବାଟ ଛାଡୁ ନାହାନ୍ତି।ଏଭଳି କୁକୁର କାମୁଡ଼ା ରୁ ରକ୍ଷା ପାଇବା ପାଇଁ ହେଲେ କଣ କରାଯିବା ଆବଶ୍ୟକ ତାହା ଉପରେ ପାରାଦୀପ ମ୍ୟୁନିସିପାଲିଟି ହସ୍ତକ୍ଷେପ କରି ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଦାବି ହେଉଛି।ଗତ କିଛି ମାସ ପୂର୍ବରୁ ନୂଆବଜାର ଅଞ୍ଚଳରେ ମାଙ୍କଡଙ୍କ ଆତଙ୍କ ଦେଖାଯାଇ ଥିଲା।ଲୋକଙ୍କୁ ଗୋଡେଇ ଗୋଡେଇ କାମୁଡି ଆହତ କରି ପକେଇବା ଦେଖିବାକୁ ମିଳିଥିଲା।ତଥ୍ୟ ଅନୁଯାୟୀ ୨୦୨୩ ମାର୍ଚ୍ଚ ରୁ ୨୦୨୪ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ପାଖାପାଖି ୧୦ ହଜାର ଟୀକା ନେବାକୁ ଅଠରବାଙ୍କୀ ମେଡ଼ିକାଲକୁ ଲୋକେ ଆସିଥିବା ଜଣାପଡ଼ିଛି।ତେବେ ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ କେତେ ପରିମାଣର କୁକୁର କାମୁଡ଼ା ରୋଗୀ ମେଡ଼ିକାଲ ଆସୁଛନ୍ତି। ଏଭଳି ସ୍ଥିତିରେ ପାରାଦୀପ ଅଞ୍ଚଳରେ କୁକୁରର ବନ୍ଧ୍ୟାକରଣ ଅପରିହାର୍ଯ୍ୟ।ତେଣୁ ଏ ଦିଗରେ ପଦକ୍ଷେପ ନିଆନଗଲେ କୁକୁର କାମୁଡାରେ ଆହତଙ୍କ ସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି।

## ଜିଲ୍ଲା ପ୍ରଶାସନ ପକ୍ଷରୁ ଗୋପବନ୍ଧୁ ଚୌଧୁରୀଙ୍କ ଜନ୍ମ ଦିବସ ପାଳିତ



**ଜଗତସିଂହପୁର, ୮।୫ (ସମିସ):** ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ଆନୁକୂଲ୍ୟରେ ବିଶିଷ୍ଟ ଗାନ୍ଧିବାଦୀ, ସ୍ୱାଧୀନତା ସଂଗ୍ରାମୀ ତଥା ତ୍ୟାଗବୀର ଗୋପବନ୍ଧୁ ଚୌଧୁରୀଙ୍କ ଜନ୍ମ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ପୌର ପରିଷଦ ନିର୍ବାହୀ ଅଧିକାରୀ ସୀମା ଜେନା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ମୁଖ୍ୟ ସହାୟକ ପୌରପରିଷଦ ଦୀପକ ପଟ୍ଟନାୟକ ପ୍ରମୁଖ ଜିଲ୍ଲାର ବଙ୍ଗଳା ଛକ ଏବଂ ଖେରସ ଛକଠାରେ ଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥଲେ।

## ଧୂଳି ମାଟିର ସନ୍ଥ ଗୋପବନ୍ଧୁ ଚୌଧୁରୀଙ୍କ ଜୟନ୍ତୀ

**ଜଗତସିଂହପୁର, ୮।୫ (ସମିସ):** ଜଗତସିଂହପୁର ଚୌଧୁରୀ ପରିବାରର ସୁଯୋଗ୍ୟ ଦାୟାଦ, ଧୂଳିମାଟିର ସନ୍ଥ ଓ ସର୍ବୋପରି ମହାନ୍ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ୧୨୯ତମ ଜୟନ୍ତୀ ଆଜି ପୁରୁଣାଗଡ଼ ଠାରେ ପାଳିତ ହୋଇଯାଇଛି। ରବୀନ୍ଦ୍ର ନାଥ ତ୍ରିପାଠୀଏଥିରେ ସଭାପତିତ୍ୱ କରି ତାଙ୍କ ବକ୍ତବ୍ୟରେ ଭାରତର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ଦେଶପ୍ରେମୀ ଓଡିଆଙ୍କ କଥା ମନେପଡ଼ିଲେ ସର୍ବପ୍ରଥମେ ଗୋପବନ୍ଧୁ ଚୌଧୁରୀଙ୍କ ନାମଟି ମନକୁ ଆସେ ବୋଲି କହିଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ କହିଥିଲେ ଯେ ଜଣେ ସଚ୍ଚା ସ୍ୱାଧୀନତା ସଂଗ୍ରାମୀ ଭାବେ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀ ୧୯୨୦ ମସିହା ଅସହଯୋଗ ଆନ୍ଦୋଳନ, ୧୯୩୦ ଲବଣ ସତ୍ୟାଗ୍ରହ ଓ ୧୯୪୨ ଭାରତଛାଡ ଆନ୍ଦୋଳନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏପରିକି ସ୍ୱାଧୀନତା ପରେ ସେ କ୍ଷମତା ରାଜନୀତିଠାରୁ ଦୂରରେ ରହିଥିଲେ ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବଂଶୀଧର ଆଚାର୍ଯ୍ୟ ଆଲୋଚନାରେ ଭାଗ ନେଇ ସ୍ୱର୍ଗତ ଚୌଧୁରୀଙ୍କ ତ୍ୟାଗ ଓ ଦେଶପ୍ରେମର ତୁଳନା ନାହିଁ ବୋଲି କହିବା ସହିତ ଉତ୍ତରପିଢିର ଦାୟାଦମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ବସ୍ତିଆ, ଗଙ୍ଗାଧର ଦାଶ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ବିଜୟ ପତି, ରମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ଦାସ, ରମେଶ ସାହୁ, ଚନ୍ଦ୍ରଶେଖର ରାୟ, ପ୍ରତାପ ରାଉତରାୟ ଓ ବ୍ରହ୍ମାନନ୍ଦ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

● ମାତ୍ର ୨୯ ମାସ ମଧ୍ୟରେ ମିଳିଲା ହତ୍ୟା ମାମଲାର ରାୟ

# ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

**ଜଗତସିଂହପୁର, ୮।୫(ସମିସ):** ଓଡ଼ିଶାରେ ବହୁ ହତ୍ୟାକାଣ୍ଡ ଘଟୁଥିଲେ ମଧ୍ୟ ବିଚାର ପ୍ରକ୍ରିୟାରେ ବର୍ଷ ବର୍ଷ ଧରି ବିଳମ୍ବ ଘଟୁଥିବା ନେଇ ଅଭିଯୋଗ ହେଉଛି। ତେବେ ଗତ ୨୯ମାସ ତଳେ ଜଗତସିଂହପୁର ଥାନା ଅନ୍ତର୍ଗତ

**ଘର ଆଗରେ ପରିସ୍ରା କରିବାକୁ ବିରୋଧ କରିବାରୁ ଘଟିଥିଲା ହତ୍ୟାକାଣ୍ଡ**

ନିମାପଡ଼ା ଗ୍ରାମରେ ଘର ଆଗରେ ପରିସ୍ରା କରିବାକୁ ବିରୋଧ କରିବା ନେଇ ଘଟିଥିବା ନୃଶଂସ ହତ୍ୟା ମାମାଲାର ବୁଧବାର ରାୟ ପ୍ରକାଶ ପାଇଛି। ମୋଟ ୧୮ ଜଣ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ହତ୍ୟାକାରୀ ସୁଶ୍ରୀ ରଞ୍ଜନ ବିଶ୍ୱାଳ ଓରଫ ଟିପୁକୁ ଜଗତସିଂହପୁର ଜିଲ୍ଲା ଓ ଦୌରାଜଜ ଆଜୀବନ ସଶ୍ରମ କାରାଦଣ୍ଡ ସହିତ ଜରିମାନା ଆଦେଶ ଦେଇଛନ୍ତି। ଖୁବ ଶୀଘ୍ର ଏହି ହତ୍ୟାକାଣ୍ଡର ରାୟ ମିଳିଥିବାରୁ ମୃତକଙ୍କ ପରିବାର ପକ୍ଷରୁ ସନ୍ତୋଷ ବ୍ୟକ୍ତ କରାଯାଇଛି। ଘଟଣାରୁ ପ୍ରକାଶ, ୧୭ ଡିସେମ୍ବର ୨୦୨୧, ଦିନ ୧୧.୩୦ ରେ ଜଗତସିଂହପୁର ଥାନା ଅନ୍ତର୍ଗତ ନିମାପଡ଼ା ଗ୍ରାମର ଅଭୟ ନାୟକ(୪୨)ଙ୍କ ଘର ସମ୍ମୁଖରେ ସେହି ଗ୍ରାମର ତେଜରାତି ଦୋକାନୀ ସୁଶ୍ରୀ ରଞ୍ଜନ ବିଶ୍ୱାଳ ପରିସ୍ରା କରୁଥିବା ବେଳେ ସେ ଏହାର ବିରୋଧ କରିଥିଲେ। ତେବେ ଏଠାରେ ଆମେ ପରିସ୍ରା କରି ଆସୁଛୁ ଓ କରିବୁ ବୋଲି କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତି ତର୍କ ଓ ବଚସା ହୋଇଥିଲା। ଏହିଘଟଣାରେ ସୁଶ୍ରୀ ରଞ୍ଜନ ଅଭୟଙ୍କୁ ଅତି ଖରାପ ଭାଷାରେ ଗାଳି ଗୁଲଜ କରିଥିଲେ। ଏହି କଥାକୁ ନେଇ ତିକ୍ତତା ବଢ଼ିବାରୁ ସୁଶ୍ରୀ ରଞ୍ଜନ ନିଜ ତେଜରାତି ଦୋକାନକୁ ଦୌଡିଯାଇ ଏକ ଠେଙ୍ଗା ଆଣିବା ସହିତ ଅଭୟଙ୍କ ମୁଣ୍ଡରେ ଶକ୍ତ ପାହାର ବସାଇ ଥିଲେ। ଅଭୟ ତଳେ ପଡ଼ି ସଂଜ୍ଞାହୀନ ହୋଇଥିବା ସମୟରେ ଉକ୍ତ ଠେଙ୍ଗା ମଧ୍ୟ ଦୁଇଖଣ୍ଡ ହୋଇଯାଇଥିଲା। ଅଭୟଙ୍କ କାନ ମୁଣ୍ଡରୁ ରକ୍ତସ୍ରାବ ହେବାରୁ ତାଙ୍କୁ ପରିବାର ପକ୍ଷରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇ ମେଡିକାଲକୁ ନିଆଯାଇଥିବା ସମୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏସମ୍ପର୍କରେ ମୃତ ଅଭୟଙ୍କ ସ୍ତ୍ରୀ କ୍ରିଷ୍ଣାରାଣୀ ସାହୁ ଜଗତସିଂହପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଜଗତସିଂହପୁର ଥାନାରେ ୬୯୦/୨୧ ରେ ମାମଲା ରୁଜୁ କରିବା ସହିତ ସୁଶ୍ରୀ ରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏଥି ସହିତ ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ଜବତ କରିଥିଲେ।ଏ ସମ୍ପର୍କରେ ଗତ ୨୯ମାସ ଧରି ଜିଲ୍ଲା ଓ ଦୌରାଜଜଙ୍କ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା। ମୋଟ ୧୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ବିଚାରକୁ ନେଇ ଆସାମୀ ସୁଶ୍ରୀ ରଞ୍ଜନକୁ ଭାରତୀୟ ପିଙ୍ଗଳ କୋର୍ଡ ଦଫା ୩୦୨ ଜିଲ୍ଲା ଓ ଦୌରାଜଜ ଦୋଷୀ ସାବ୍ୟସ୍ତକରି ଆଜୀବନ ଜେଲଦଣ୍ଡ ଓ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି।

ଜରିମାନା ଅନାଦେୟ ଅଧିକ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ଉକ୍ତ ଆଦେଶରେ ଉଲ୍ଲେଖ ରହିଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ଭାବେ ତତ୍କାଳୀନ ଥାନା ଅଧିକାରୀ ପ୍ରଭାସ ଚନ୍ଦ୍ର ସାହୁ ରହିଥିବା ସମୟରେ ସରକାରଙ୍କ ତରଫରୁ ଆଇନଜୀବୀ ନଳିନୀକାନ୍ତ ମହାରଣା ମାମଲା ପରିଚାଳନା କରିଥିଲେ।

## ଜଗତସିଂହପୁର ଜିଲ୍ଲା ହସ୍ତଶିଳ୍ପୀ ଓ ବୁଣାକାର ସମାବେଶ




**ତିର୍ତ୍ତୋଲ/ଜଗତସିଂହପୁର, ୮।୫(ସମିସ):** ତିର୍ତ୍ତୋଲସ୍ଥିତ ଆନନ୍ଦ ମଣ୍ଡପ ପରିସରରେ ଓଡ଼ିଶା ଶିଳ୍ପୀ ମହାସଂଘ ଆନୁକୂଲ୍ୟରେ ଜଗତସିଂହପୁର ଜିଲା ହସ୍ତଶିଳ୍ପୀ ଓ ବୁଣାକାର ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘର ବରିଷ୍ଠ କର୍ମକର୍ତ୍ତା ଉଦୟ ମହାନ୍ତି ଅଧ୍ୟକ୍ଷତା କରି ଓଡ଼ିଶା ମହାନ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର ଦିଗରେ ହସ୍ତଶିଳ୍ପୀ, ବୁଣାକାର ଓ କାରିଗରମାନେ ପ୍ରମୁଖ ଭୂମିକା ଗ୍ରହଣ କରଛନ୍ତି ବୋଲି କହିଥିଲେ। ସମ୍ପାଦକ ପ୍ରିୟରଞ୍ଜନ କର ହସ୍ତଶିଳ୍ପୀ ଓ ବୁଣାକାରମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ।

ଏଥିସହ କେନ୍ଦ୍ରସରକାର ଓ ରାଜ୍ୟ ସରକାର ଠାରୁ ମିଳୁଥିବା ବିଭିନ୍ନ ପ୍ରୋତ୍ସାହନ ଓ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ମହାସଂଘର ସମ୍ପାଦିକା ସରୋଜିନୀ ଦାସ, ଯାଜପୁର ଜିଲା ଶାଖା ସଭାପତି ପ୍ରଶାନ୍ତ ବେହେରା, ରାଜ୍ୟ କୋଷାଧ୍ୟକ୍ଷ ଅଶୋକ କୁମାର ସ୍ୱାଇଁ, ଉତ୍କଳ କେଶରୀ ରାୟ, କନକଲତା ସୂତାର ଓ ଧରଣୀଧର ଦାସ ପ୍ରମୁଖ ବକ୍ତବ୍ୟରେ ଶିଳ୍ପୀ ମାନଙ୍କୁ ଭତ୍ତା ଓ ଅନ୍ୟାନ୍ୟ ପ୍ରୋତ୍ସାହନ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ଗ୍ରାମାଞ୍ଚଳରେ ହସ୍ତଶିଳ୍ପୀ, କାରିଗର ମାନେ ନିଜେ ଭୋଗୁଥିବା ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଅତିଥି ମାନଙ୍କୁ ପ୍ରଶ୍ନ ପଚାରିଥିଲେ। ଅତିଥିମାନେ ଏହାର ଉତ୍ତର ରଖିଥିଲେ। ଏହି ଅବସରରେ କୁଶଳୀ ଶିଳ୍ପୀ, କାରିଗର ଓ ବୁଣାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାଦମ୍ବରୀ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ନବଜ୍ୟୋତି ନାଟକ ମହୋତ୍ସବ ଉଦ୍‌ଯାପିତ



**ପାରାଦୀପ, ୮।୫ (ସମିସ):** ଜଗତସିଂହପୁର ଜିଲ୍ଲାର ଜଣାଶୁଣା ସାଂସ୍କୃତିକ ଅନୁଷ୍ଠାନ ନବଜ୍ୟୋତି ୟୁଥ୍ କ୍ଲବ୍ ବିଶ୍ୱାଳୀ ଆନୁକୂଲ୍ୟରେ ଗୁରୁବାର ଠାରୁ ଆରମ୍ଭ ହୋଇଥିବା ୨୭ତମ ନବଜ୍ୟୋତି ନାଟକ ମହୋତ୍ସବ ତଥା ସପ୍ତମ ପ୍ରଫୁଲ୍ଲ ସ୍ମାରକୀ ମୁକ୍ତମଞ୍ଚ ନାଟକ ପ୍ରତିଯୋଗୀତା ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱାଳୀ ପଞ୍ଚାୟତର ଡ୍ରାମା ପଡ଼ିଆରେ ଛଅରାତି ଧରି ଏହି ରାଜ୍ୟ ସ୍ତରୀୟ ନାଟକ ଅନୁଷ୍ଠିତ ହୋଇଥିଲା।ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସିନେ କଳାକାର ତଥା ନିର୍ଦ୍ଦେଶକ ମାତୃ ପ୍ରସାଦ ଦାସ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନୀଳାଦ୍ରି ବିହାରୀ ମହାନ୍ତି, ଅଭିନେତା ରଞ୍ଜନ ମହାପାତ୍ର, ନବଜ୍ୟୋତି କ୍ଲବର ସଭାପତି ହିମାଂଶୁ ଶେଖର ମହାନ୍ତି ଓ ସଂଗଠନର ବରିଷ୍ଠ ସଦସ୍ୟ ଚନ୍ଦ୍ରକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।ମୁଖ୍ୟ ଉପଦେଷ୍ଟା ଇଂ ସୁରେଶ କୁମାର ବେହେରା ମଞ୍ଚରେ ସଭାପତିତ୍ୱ କରିଥିଲେ।ଶ୍ରେଷ୍ଠ ନାଟକ ଭାବେ ଚାଇଁ ମାଇଁ ଡ୍ରାମାଟିକ କ୍ଲବ କୋଠି ପକ୍ଷରୁ ମଞ୍ଚସ୍ଥ ନାଟକ ' ସେଇ ଗୋଟିଏ ଭୁଲ ପାଇଁ ' ନିର୍ଦ୍ଦେଶକ ବିକ୍ରମ ମହାପାତ୍ରଙ୍କ ନାଟକକୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲା ବେଳେ ଦ୍ୱିତୀୟ ପୁରସ୍କାର ମାଣ୍ଡିଆ ରାଘବପୁର ନାଟ୍ୟ ସଂସ୍ଥା ପକ୍ଷରୁ ପରିବେଷିତ ' ଭାଇ ଭଉଣୀର ନୂଆ କାହାଣୀ'କୁ ପୁରସ୍କୃତ କରାଯାଇଥିଲା। ଅଞ୍ଚଳର ହଜାର ହଜାର ଦର୍ଶକ ଏହି ରାଜ୍ୟ ସ୍ତରୀୟ ନାଟକକୁ ଦେଖିବା ସହିତ ଏହାର ମଜା ନେଇଥିଲେ।

● ଜଗତସିଂହପୁର, ପାରାଦୀପ, ତିର୍ତ୍ତୋଲ ଓ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥିପତ୍ର ଦାଖଲ

# ଦ୍ୱିତୀୟ ଦିବସରେ ୬ ଜଣଙ୍କ ନାମାଙ୍କନ

**ଜଗତସିଂହପୁର, ୮।୫ (ସମିସ)**



ଚଳିତ ସାଧାରଣ ନିର୍ବାଚନର ଶେଷ ପର୍ଯ୍ୟାୟ ମତଦାନ ପାଇଁ ଜଗତସିଂହପୁର ଜିଲ୍ଲାରେ ନାମାଙ୍କନ ପ୍ରକ୍ରିୟା ଜାରି ରହିଛି। ଆଜି ଦ୍ୱିତୀୟ ଦିବସରେ ବହୁଜନ ସମାଜବାଦୀ ପାର୍ଟି, ଆମ ଆଦମୀ ପାର୍ଟି ଓ ସ୍ୱାଧୀନ ଭାବେ ୬ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

ଆଜି ଜଗତସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ନିକଟରେ ବହୁଜନ ସମାଜ ପାର୍ଟି ପ୍ରାର୍ଥୀ କୈଳାସ ମଲ୍ଲିକ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ଉମାକାନ୍ତ ଭାରତ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଲଳିତ ମୋହନ ବେହେରାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଆମ ଆଦମୀ ପାର୍ଟି ପ୍ରାର୍ଥୀ ବରଦା ପ୍ରସନ୍ନ ସାହୁ ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ସମ୍ବିତ ରାଉତଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ସ୍ୱାଧୀନ ପ୍ରାର୍ଥୀ ରବୀନ୍ଦ୍ର ନାଥ ସେଠୀ, ବହୁଜନ ସମାଜ ପାର୍ଟିର ସ୍ୱର୍ଣ୍ଣଲତା ମଲ୍ଲିକ ଓ ସମୀର ସାମଲ ଆଜି ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଅଭିମନ୍ୟୁ ବେହେରାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## ଜଳସମ୍ପଦ ବିଭାଗର ଦାୟିତ୍ୱହୀନତା

# କେନ୍ଦ୍ରାପଡ଼ା କେନାଲର ଶାଖା ୮ ନଂ କେନାଲ୍ ବନ୍ଧ ଭାଙ୍ଗିଲା





**ଡେରାବିଶ, ୮।୫ (ସମିସ):** ଚଳିତ ବର୍ଷ ମୁଗ ଫସଲ ପ୍ରାୟତଃ ଉନ୍ନତମାନର ହୋଇଥିବାବେଳେ ଅମଳ ହେବାକୁ ଥିବା ଫସଲ ଏବେ ପାଣିରେ ଭାସୁଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅଞ୍ଚଳରେ। କେନ୍ଦ୍ରାପଡ଼ା ମୁଖ୍ୟ କେନାଲର ଶାଖା ୮ନଂ କେନାଲର ଏଣ୍ଡର ପଞ୍ଚାୟତ ଏଣ୍ଡର ଗ୍ରାମ ନିକଟରେ ଗତକାଲି ସନ୍ଧ୍ୟାରେ ୧୨ ଫୁଟର ଘାଇ ସୃଷ୍ଟି ହୋଇ ଚାଷଜମିରେ ଓପଡ଼ା ହୋଇ ରହିଥିବା ମୁଗ ଓ ବିରି କେନାଲ୍ ପାଶ୍ୱର୍ରେ ଥିବା ୪୦ ହେକ୍ଟର ଚାଷଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଥିଲା। ଜମିରେ ମୁଗ ଓ ବିରି ଅମଳ କରିବା ପାଇଁ ଅପେକ୍ଷା କରିଥିବା ଅଞ୍ଚଳର ଚାଷୀ ନିଜ ଫସଲକୁ ରକ୍ଷା କରିବା ପାଇଁ ଜଳସମ୍ପଦ ବିଭାଗର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କେନାଲରେ ପାଣି ବନ୍ଦ କରି ଦିଆଯାଇଛି କହି କେନ୍ଦୁପାଟଣା ସହକାରୀ ଯନ୍ତ୍ରୀ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଥିଲେ। ଅମଳ ସମୟରେ ଚାଷୀଙ୍କ ମୁଣ୍ଡରେ ଏଭଳି ଚଡ଼କ ପଡ଼ିବ କେହି କେବେ ବିଶ୍ୱାସ

## ● ୪୦ ହେକ୍ଟର ଚାଷଜମି ଜଳମଗ୍ନ; ମୁଗ ଫସଲ ନଷ୍ଟ

ଫସଲ ପାଣିରେ ଭାସୁଛି। ଏଥିସହିତ କ୍ଷେତରୁ ଉପୁଡ଼ା ହୋଇ ନ ଥିବା ବରି ଓ ମୁଗ ଫସଲ କେନାଲ୍ ପାଣିରେ ବୁଡ଼ି ରହିଛି।

କଟକ ନର୍ଥ ଡିଭିଜନ୍ ଓ କେନ୍ଦୁପାଟଣା ଉପଖଣ୍ଡ ଅଧୀନରେ ଥିବା ଏହି କେନାଲ୍‌ରେ ବିଭାଗ ପକ୍ଷରୁ ଗତକାଲି ପାଣି ଛଡ଼ାଯାଇଥିଲା। କେନାଲ୍‌ରେ ଅଧିକ ପାଣି ଆସିବାରୁ ଏଣ୍ଡର ଗ୍ରାମ ନିକଟରେ ଦୁର୍ବଳ ଥିବା କେନାଲ ବନ୍ଧରେ ହଠାତ୍ ଏକ ଘାଇ ସୃଷ୍ଟି ହୋଇ କରି ନ ଥିଲେ।

ଆଜି ଚାଷୀମାନେ ବିଲରେ ଜମି ରହିଥିବା ପାଣି ଭିତରୁ ଓପଡ଼ା ହୋଇ ରହିଥିବା ମୁଗ ଓ ବିରିକୁ ଛାଣି ଆଣି ରାସ୍ତା ଉପରେ ଶୁଖାଇବା ଦେଖାଯାଇଥିଲା। ଦୀର୍ଘ ସମୟ ଧରି ଏହି ଫସଲ ପାଣିରେ ବୁଡ଼ି ରହିବା ଫଳରେ ମୁଗ ଓ ବିରି ଫୁଲି ନଷ୍ଟ ହୋଇଥିବା ନେଇ ଏଣ୍ଡର ଗ୍ରାମର ଚାଷୀ ଲକ୍ଷ୍ମୀଧର ସାହୁ କହିଛନ୍ତି। ଲକ୍ଷ୍ମୀଧରଙ୍କ ସୂଚନା



ଅନୁଯାୟୀ ତାଙ୍କର ୧୦ ଗୁଣ୍ଠ ବିଲରେ ବହୁ ଅର୍ଥ ବ୍ୟୟ କରି ମୁଗ ଫସଲ କରିଥିଲେ। ମାତ୍ର ଅମଳ ସମୟରେ ଏଭଳି ବିପଦ ଆସିବ, ସେ କେବେ ଭାବି ନ ଥିଲେ। ଗତ ବର୍ଷା ଦିନରୁ ଘାଇ ହୋଇଥିବା କେନାଲ୍ ବନ୍ଧ ସ୍ଥାନଟି ଦୁର୍ବଳ ଥିବା ବିଷୟରେ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଜଣାଇଥିଲେ। ମାତ୍ର ବିଭାଗୀୟ ଦାୟିତ୍ୱହୀନତା ପାଇଁ ଆମ୍ଭେମାନେ ଏହି ଦୁର୍ଦ୍ଦଶା ଭୋଗିବାକୁ ଯାଉଛୁ ବୋଲି କାନ୍ଦକାନ୍ଦ ହୋଇ ଲକ୍ଷ୍ମୀଧର କରିଥିଲେ।

ସେହିପରି ଗ୍ରାମର ପ୍ରବୀଣ ପଢ଼ିହାରୀ, ପ୍ରତାପ ଚନ୍ଦ୍ର ରାଉତରାୟ, ଭ୍ରମରବର କାମିଳା ପ୍ରମୁଖ ଚାଷୀ ଘାଇ ହେବା ଦ୍ୱାରା ବିଲରେ ଉପୁଡ଼ା ହୋଇ ପଡ଼ିଥିବା ଏକର ଏକର ମୁଗ ଓ ବିରି ଫସଲ ନଷ୍ଟ ହୋଇଛି। ଏହା ମଣିଷକୃତ ଓ ଏଥିପାଇଁ ଜଳସମ୍ପଦ ବିଭାଗ ସମ୍ପୂର୍ଣ୍ଣ ଦାୟୀ ବୋଲି କହିଥିଲେ। ସେହିପରି ଏଣ୍ଡର ଗାମର ଦିଲ୍ଲୀପ ରାଉତରାୟ ତାଙ୍କର ୧୦ ଏକର ଚାଷଜମିରେ ଓପଡ଼ା ହୋଇ ରହିଥିବା ବିରି ଓ ମୁଗ ଫସଲ ବୁଧବାର ସକାଳୁ ଅମଳ ହେବା ପାଇଁ ଖଳାକୁ ଯାଇଥା'ନ୍ତା। ମାତ୍ର ଘାଇ ହେବା ଦ୍ୱାରା ଏହି ଫସଲ ପାଣିରେ ଭାସୁଥିବାରୁ ଲକ୍ଷାଧିକ ଟଙ୍କାର ଫସଲ ନଷ୍ଟ ହୋଇଯାଇଛି। ତାଙ୍କର ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିବା ଦିଲ୍ଲୀପ କହିଛନ୍ତି। ତେବେ ବିଭାଗର ଦାୟିତ୍ୱହୀନତାକୁ ଅଞ୍ଚଳବାସୀ ସମ୍ପୂର୍ଣ୍ଣ ଦାୟୀ କରୁଥିବାବେଳେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଜଳସମ୍ପଦ ବିଭାଗ ସମ୍ପୂର୍ଣ୍ଣ କ୍ଷତିପୂରଣ ଦେବାକୁ କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଶ୍ରମିକ ସଂଘର ସମ୍ପାଦକ କୃତ୍ତିବାସ ଦାସ ଦାବି ଜଣାଇଛନ୍ତି।

ଏ ସମ୍ପର୍କରେ ବିଭାଗୀୟ ସହକାରୀ ନର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ମଲ୍ଲିକଙ୍କୁ ଯୋଗାଯୋଗ କରାଯାଇଥିଲା। ସେ କହିଲେ, ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାରୁ ଗୃହପାଳିତ ପଶୁଙ୍କ ପାଇଁ କେନାଲ୍‌ରେ ପାଣି ଛାଡ଼ିବାକୁ କିଛି ଲୋକ ଦାବି କରିଥିଲେ। ସେମାନଙ୍କ ଦାବିକୁ ଦୃଷ୍ଟିରେ ରଖି କେନାଲରେ ଅଳ୍ପ ପରିମାଣର ପାଣି ଛଡ଼ାଯାଇଥିଲା। ମାତ୍ର ସେଠାରେ ଘାଇ ହୋଇଥିବା ସ୍ଥାନରେ ଘଳିଆ ଥାଇପାରେ ବୋଲି ଶ୍ରୀ ମଲିକ କହିଥିଲେ। ଖବର ପାଇବା ପରେ କେନାଲ୍‌ରେ ସମ୍ପୂର୍ଣ୍ଣ ପାଣି ବନ୍ଦ କରିଦିଆଯାଇଛି ଓ ଘାଇ ହୋଇଥିବା ସ୍ଥାନକୁ ଯୁଦ୍ଧକାଳୀନ ଭିତିରେ ବନ୍ଦ କରାଯାଉଛି। ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ଅଞ୍ଚଳର ଚାଷୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଆବଶ୍ୟକତାଠାରୁ ଅଧିକ ପରିମାଣର ପାଣି କେନାଲ୍‌ରେ ଛଡ଼ାଯାଇଥିବା ଚାଷୀମାନେ କହୁଥିବାବେଳେ ଯନ୍ତ୍ରୀ ଶ୍ରୀ ମଲିକ ଏହାକୁ ଅସ୍ୱୀକାର କରୁଛନ୍ତି। ଏହି କ୍ଷୟକ୍ଷତିକୁ ବିଭାଗୀୟ ଯନ୍ତ୍ରୀ ହାଲୁକା ଭାବେ ନେବା ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଖବର ପାଇ ଡେରାବିଶ ବ୍ଲକ ସହକାରୀ କୃଷି ଅଧିକାରୀ ବନଲତା ବେହେରା ଆଜି ପୂର୍ବାହ୍ନରେ ଘଟଣାସ୍ଥଳକୁ ଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଥିଲେ। ଏହି ଅଦିନିଆ ଫସଲ ନଷ୍ଟକୁ ନେଇ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଆନ୍ଦୋଳନର ଦାନା ବାନ୍ଧୁଛି।

# ପ୍ରଧାନଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ରାଜନଗର, ୮।୫(ସମିସ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତ ଲୋକନାଥପ୍ରସାଦ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେଶ୍ୱର ମହାନ୍ତିଙ୍କୁ ଅନୁଷ୍ଠାନ ଓ ଗ୍ରାମବାସୀଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାବିତ୍ ବିଜୟ କୁମାର ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ଅବସରପ୍ରାପ୍ତ ଏବିଇଓ ନନ୍ଦକିଶୋର ସ୍ୱାଇଁ, ନାଗାନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନସ ରଞ୍ଜନ ମିଶ୍ର, ପ୍ରଧାନଶିକ୍ଷକ ସଂଜୟ କୁମାର ମିଶ୍ର, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଜଗନ୍ନାଥ ଦାସ, ସିଆରସିସି ମଧୁସୂଦନ ସାହୁ, ଅମର କୁମାର ବେହେରା, ସଂଜୟ କୁମାର ସେଠୀ, ରାଜ୍ୟ ସମ୍ପାଦକ ସୁଶାନ୍ତ ପ୍ରଧାନ, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ଦାମୋଦର ସ୍ୱାଇଁ, ସମ୍ପାଦକ ଚିତ୍ତରଞ୍ଜନ ସାହୁ, ଦୟାନିଧି ସ୍ୱାଇଁ, ବିଚିତ୍ରାନନ୍ଦ ନାୟକ, ମିନତୀ ପାତ୍ର, ବାନାମ୍ବର ରାଉତ, ହେମନ୍ତ କୁମାର ବାରିକ, ଗୋପାଳ ରଥ, ଅଭିରାମ ପାତ୍ର, ରଙ୍ଗାଧର ଜେନା, ପ୍ରିୟରଞ୍ଜନ ପ୍ରଧାନ, ହେମନ୍ତ କୁମାର ମହାନ୍ତି, ମଞ୍ଜୁଲତା ଜେନା, ପ୍ରତୀମା ବାରିକ, ସୁରେଶ ଖଣ୍ଡୁଆଳ, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ମହାନ୍ତିଙ୍କ କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ପ୍ରକୃତି ଓ ପରିବେଶ ପ୍ରତି ଥିବା ତାଙ୍କ ଭଲ ପାଇବା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷକ ରଙ୍ଗାଧର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫୁଲ୍ଲ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

■ ବନ୍ଦର ନିଷିଦ୍ଧାଞ୍ଚଳରୁ କୋଇଲା ଚୋରି ଘଟଣା

# ଆଉ ଦୁଇ ଗିରଫ ହୋଇ କୋର୍ଟ ଚାଲାଣ

**ପାରାଦୀପ, ୮।୫ (ସମିସ):** ବନ୍ଦର ନିଷିଦ୍ଧାଞ୍ଚଳରୁ କୋଇଲା ଚୋରି ଘଟଣାରେ ଆଉ ଦୁଇ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲ୍ଲା ଗାଡ଼ିଶାଗଦାର ବାପି ଜେନା (୨୧) ଓ ଚଣ୍ଡିଖୋଲ ଅଞ୍ଚଳର ବିନାୟକ ସେନାପତି (୩୧)। ବିନାୟକ ସେନାପତି ବନ୍ଦର ପଣ୍ୟ କାରବାରରେ ଲାଗିଥିବା ଡମ୍ଫରର ଜଣେ ଡ୍ରାଇଭର ହୋଇଥିବାବେଳେ ବାପି ଜେନା ବନ୍ଦର ନିରାପତ୍ତା ଦାୟିତ୍ୱରେ ଥିବା କର୍ମଚାରୀ। ବିନାୟକ ବାପିଙ୍କୁ ହାତକରି କିଭଳି ଚୋରି କୋଇଲା ଟ୍ରକ୍ ବାହାରିପାରିବ, ସେ ନେଇ ଯୋଜନା କରିଥିବା ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସ ସୂଚନା ଦେଇଛନ୍ତି। ତେବେ ଏହି ଦୁଇ ଯୁବକଙ୍କ ଭୂମିକା ଚୋରା କୋଇଲା ରାକେଟରର ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି। ଉଭୟଙ୍କୁ କୋର୍ଟ ଚାଲାଣ କରିଛି ଆଦର୍ଶ ଥାନା ପୁଲିସ। ପୂର୍ବରୁ ୫ ଜଣ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବାବେଳେ ଆଉ ଦୁଇଜଣଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ସମୁଦାୟ ଏଥିରେ ୭ ଜଣଙ୍କୁ ଗିରଫ କରିଛି ପୁଲିସ। ଆହୁରି ବହୁ ଯୁବକ ଏଥିରେ ସଂଶ୍ଳିଷ୍ଟ ଥିବା ପୁଲିସ ଅନୁମାନ କରୁଛି। ତେବେ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅଗ୍ନିକାଣ୍ଡରେ ୬ ବଖରା ପୋଡ଼ି ପାଉଁଶ

**ରାଜନଗର, ୮।୫(ସମିସ):** ରାଜନଗର ବ୍ଲକ ହାତିନା ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଅଜୟ ସେଠୀ, ବିଜୟ ସେଠୀ, ଗୋପାଳ ସେଠୀଙ୍କ ୬ ବଖରା ଘର ସମେତ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି। ପରିବାର ଲୋକେ ଶୋଇଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏ ହି ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ ପରିବାର ଲୋକେ ପିନ୍ଧାଲୁଗା ବ୍ୟତୀତ ଅନ୍ୟ କିଛି ସାମଗ୍ରୀ ଉଦ୍ଧାର କରିପାରି ନ ଥିଲେ। ଖବର ପାଇ ରାଜନଗର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ଏହି ୩ ପରିବାରର ସର୍ବସ୍ୱ ପୋଡ଼ି ପାଉଁଶ ହୋଇଯାଇଥିଲା। ବିପନ୍ନ ପରିବାରକୁ ହାତିନା ସରପଞ୍ଚ ସମୀର କୁମାର ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ, ୱାର୍ଡସଭ୍ୟ ହୃଷିକେଶ ପ୍ରଧାନ, ଅରୁଣ କୁମାର ରାଉତ, ମନୋଜ ସାହୁ, ସତ୍ୟବାଦୀ ରାଉତ, ପ୍ରାଣକୃଷ୍ଣ ରାଉତ, ବିଚିତ୍ର ସାହୁ ପ୍ରମୁଖ ଭେଟି ସମବେଦନା ଜଣାଇବା ସହ ପଞ୍ଚାୟତ ପକ୍ଷରୁ ୭ ଦିନର ରନ୍ଧାଖାଦ୍ୟର ବ୍ୟବସ୍ଥା କରିବା ସହିତ ବିପନ୍ନ ପରିବାରକୁ ପିନ୍ଧିବା ପାଇଁ ଲୁଗା ଯୋଗାଇ ଦେଇଛନ୍ତି। ବିପନ୍ନ ପରିବାର ଏବେ ହାତିନା ପଞ୍ଚାୟତ କାର୍ଯ୍ୟାଳୟରେ ଆଶ୍ରୟ ନେଇଛନ୍ତି

# ପକ୍ଷୀଙ୍କ ପାଇଁ ଜଳ ସେବା



**କେନ୍ଦ୍ରାପଡ଼ା,୮।୫(ସମିସ):** ସାରା ରାଜ୍ୟ ଗ୍ରୀଷ୍ମ ତାତିରେ ଅସ୍ତବ୍ୟସ୍ତ ହେଉଛି।ଫଂଚାରିଆଡ଼େ ହାହାକାର। ସମସ୍ତଙ୍କୁ ପାଣିର ଆବଶ୍ୟକ। ସମସ୍ତେ ଶାନ୍ତିରେ ବଞ୍ଚିବାକୁ ଚାହୁଁଛନ୍ତି, ହେଲେ ପ୍ରକୃତିର ସନ୍ତୁଳନ ପାଇଁ କେହି କିଛି କରୁନାହାନ୍ତି। ଶ୍ରେଷ୍ଠ ପ୍ରାଣୀ ଭାବେ ମଣିଷ ପାଟି ଖୋଲୁଥିବାରୁ ପାଣିର ଆବଶ୍ୟକତା ନେଇ ଅତି ସହଜରେ କହିପାରୁଛି। ଯେଉଁମାନଙ୍କର କହିବାର ଶକ୍ତି ନାହିଁ ସେମାନଙ୍କର କ'ଣ ପାଣିର ଆବଶ୍ୟକ ନାହିଁ। ଗ୍ରୀଷ୍ମଋତୁରେ ଏହି କଥାକୁ ଶ୍ରେୟ କରି କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ସଂଗଠନ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟ ଆଜି ପକ୍ଷୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରିଛନ୍ତି। ଯାହା କେନ୍ଦ୍ରାପଡା ସହରର ଅନତୀ ଦୂର ଧଉଡ଼ିଆ ବନ୍ଧ ଓ ତା'ର ଆଖପାଖ ଅଞ୍ଚଳରେ ଥିବା ବୃକ୍ଷମାନଙ୍କରେ ମାଟି ପାତ୍ର ବାନ୍ଧି ତା' ମଧ୍ୟରେ ପାଣି ରଖିଥିଲେ। ଆଳି ଅଞ୍ଚଳର ଦିବ୍ୟାଙ୍ଗ ଗୋଲଖ ବିହାରୀ ମହାନ୍ତି ଏହି କାର୍ଯ୍ୟକ୍ରମରେ ଭାଗ ନେଇ ନିଜକୁ ଧନ୍ୟ ମନେ କରିଥିଲେ। ଏହି ଟ୍ରଷ୍ଟ ପାଟି ନ ଖୋଲୁଥିବା ଜୀବଙ୍କ ସେବା ପାଇଁ ତତ୍ପର ବୋଲି ମତ ରଖିଥିଲେ। ଆଜିର ଏହି ସେବା ଧର୍ମୀ କାର୍ଯକ୍ରମରେ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ହରିହର ନାୟକ, ଆଲୋକ କୁମାର ମଲ୍ଲିକ, ମନୋଜ କୁମାର ରାଉତ, ପ୍ରତାପ ବେହେରା ଓ ସହଦେବ ଭାଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଶଙ୍ଖେସରରେ ଚଇତି ଘୋଡ଼ାନାଚ ପର୍ବ



**ତିର୍ତ୍ତୋଲ, ୮।୫(ସମିସ):** ତିର୍ତ୍ତୋଲ ବ୍ଲକ ଅଧୀନ ଗୋପାଳପୁର ଶଙ୍ଖେସରଠାରେ ମା ବାସୁଳେଇ କୈବର୍ତ୍ତ ସଂଘର ବାର୍ଷିକ ଘୋଡାନାଚ ଚଇତି ପର୍ବ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ କୈବର୍ତ୍ତ ସଂଘର ସଂଯୋଜକ ରଞ୍ଜନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ସମାଜସେବୀ ଡ.ସୁନାକର ବେହେରା କୈବର୍ତ୍ତ ସମାଜ ପୁରାଣ ଶାସ୍ତ୍ର ଓ ଜଗନ୍ନାଥ ସଂସ୍କୃତି ପରମ୍ପରା ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ବୋଲି କହିବା ସହଏହି ଚଇତି ଘୋଡା ନାଚ ପରମ୍ପରା ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଠିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ ସେନାଧିକାରୀ ଅଭୟ ରାଉତ, ବିଶିଷ୍ଟ ଅତିଥି ସମାଜସେବୀ ପ୍ରଭାସ ବେହେରା, ସମାଜସେବୀ ସୁଲେଖ ବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାଲେପୁର ଅଞ୍ଚଳର ଖ୍ୟାତନାମା ତାରିଣୀ ଚଇତି ଘୋଡାନାଚ କଳାକାର ମାନଙ୍କଦ୍ୱାରା ଘୋଡାନାଚ ପରିବେଷଣ କରାଯାଇଥିଲା। ରାମାୟଣୀ ପଣ୍ଡିତ ଅଭୟ ଦାଶ(ବୁଲୁ ନନା) ଧନ୍ୟବାଦ ଦେଇଥିଲେ। କୈବର୍ତ୍ତ ସଂଘର ସଭ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବେପରୁଆ ରାଜପଥ କର୍ତ୍ତୃପକ୍ଷ

# ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ



**ଡେରାବିଶ, ୮।୫ (ସମିସ):**କଟକ-ଚାନ୍ଦବାଲି ରାଜପଥ ଏକ ବ୍ୟସ୍ତବହୁଳ ରାସ୍ତା। ଦିନ ରାତି ୨୪ ଘଣ୍ଟା ଏହି ରାସ୍ତାରେ ହଜାର ହଜାର ଯାତ୍ରୀବାହୀ ଓ ମାଲବାହୀ ଯାନ ଚଳପ୍ରଚଳ କରିଥାନ୍ତି। ହେଲେ ରାଜପଥ କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଯୋଗୁ ଏହି ରାସ୍ତା ଦେଇ ଯାତାୟତ କରୁଥିବା ପଥଚାରୀ ଓ ବାଇକ୍ ଆରୋହୀ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଶେଷ କରି କଟକ -ଚାନ୍ଦବାଲି ରାଜପଥର ଡେରାବିଶ ବ୍ଲକ ଅନାମଦାସ ଛକଠାରୁ ବାଲିଆ ବଜାର ପର୍ଯ୍ୟନ୍ତ ରାସ୍ତାର ଦୁଇ କଡ଼ରେ ବାଲିର ମୋଟା ଆସ୍ତରଣ ଜମା ହୋଇ ରହୁଛି। ଏହି ରାଜପଥର ଏହି ରାସ୍ତା ଦେଇ ଲୁଣାନଦୀ ଅନ୍ୟାନ୍ୟ ନଦୀଗୁଡ଼ିକରୁ ବାଲି ପରିବହନ ହେଉଥିବା ବେଳେ ଲୁହାପଥର, ଜିପସମ୍ ଗୁଣ୍ଡ ଇତ୍ୟାଦି ପରିବହନ ହୋଇଥାଏ। ନିୟମିତ ବ୍ୟବଧାନରେ ରାଜପଥ କର୍ତ୍ତୃପକ୍ଷ ରାସ୍ତାକୁ ସଫା କରୁନଥିବାରୁ ଏହାର ରାସ୍ତାର କଡ଼ରେ ଏକ ମୋଟା ଆସ୍ତରଣରେ ଜମି ରହୁଛି। ଏପରିକି କିଛି ସ୍ଥାନରେ ଏହା ଫୁଟପାଥ ପାଇଁ ରାସ୍ତାରେ ଦିଆଯାଇଥିବା ଗାରକୁ ମଧ୍ୟ ଟପିଗଲାଣି। ଫଳରେ ପଥଚାରୀ, ସାଇକଲ୍ ଆରୋହୀ କିମ୍ବା ବାଇକ୍ ଆରୋହୀ ଗଲାବେଳେ ବଡ଼ବଡ଼ ଗାଡ଼ିର ପବନରେ ଏହି ରାସ୍ତା ବାଲି ଗୁଡ଼ିକ ଉଡ଼ି ଲୋକଙ୍କ ଆଖି, ନାକ ଓ କାନରେ ପଶୁଛି। ଅନ୍ୟ ପକ୍ଷରେ ବାଇକ ଆରୋହୀ ଏହି ବାଲିର ମୋଟା ଆସ୍ତରଣରେ ଭାରସାମ୍ୟ ହରାଇ ମଧ୍ୟ ଦୁର୍ଘଟଣା ଗ୍ରସ୍ତ ହେଉଛନ୍ତି। ଏଥିସହିତ ଚାନ୍ଦୋଳ ବଜାର, ଚାନ୍ଦୋଳ କଲେଜ ଛକ, ଚଣ୍ଡିବଜାର ଓ ବାଲିଆ ବଜାର ମଧ୍ୟରେ କଂକ୍ରିଟ ହୋଇଥିବା ରାସ୍ତାର ଦୁଇ କଡ଼ରେ ଥିବା ପାଣି ନାଳକୁ ମଧ୍ୟ ଆଦୌ ସଫେଇ କରାଯାଉ ନାହିଁ। ଯାହା ଫଳରେ ଏହା ଧିରେ ଧିରେ ବାଲି ଓ ମାଟିରେ ପୋତି ହୋଇ ପଡ଼ିଲାଣି। ତୁରନ୍ତ ରାଜପଥ କର୍ତ୍ତୃପକ୍ଷ ଉପରୋକ୍ତ ସମସ୍ୟାମାନ ପ୍ରତିଧ୍ୟାନ ଦେଇ ନିୟମିତ ବ୍ୟବଧାନରେ ରାସ୍ତା ସଫେଇ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ସକାଳ THE SAKALA



www.sakalaepaper.com

ଜନ୍ମମାଟିରେ କିଛି ନ କରି ବାହାରେ କେନ୍ଦ୍ରମନ୍ତ୍ରୀଙ୍କ ବାହାସ୍ଫୋଟ

# ଧର୍ମେନ୍ଦ୍ର ଦିନରେ ଲୋକଙ୍କୁ ଦେଖାଉଛନ୍ତି ଲଣ୍ଠନ

ତାଳଚେରସଦର, ୮।୫(ସମିସ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମମାଟି ତାଳଚେର। ଏହିଠାରେ ରହିଛି କେନ୍ଦ୍ର ସରକାରଙ୍କ ଅନେକ ରାଷ୍ଟ୍ରାୟତ ଉଦ୍ୟୋଗ। ଏମସିଏଲ, ନାଲକୋ, ଏନଟିପିସି, ଏଫସିଆଇ ଭଳି କମ୍ପାନୀ ଥାଉ ଥାଉ ଏହିଠାରେ ବସବାସ କରୁଥିବା ଲୋକଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି। ଏପରିକି ସାଧାରଣ ମୌଳିକ ସେବାରୁ ବଞ୍ଚିତ ସ୍ଥାନୀୟ ଜନସାଧାରଣ। ସ୍ୱାଧୀନତାର ୭୬ ବର୍ଷ ପୂର୍ତ୍ତି ହେଲାପରେ ବି ତାଳଚେର ଜନସାଧାରଣଙ୍କ ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ, ସ୍ଥାନୀୟ କେନ୍ଦ୍ରମନ୍ତ୍ରୀଙ୍କ ଆନ୍ତରିକତା ଅଭାବ ତାଳଚେରବାସୀଙ୍କ ପାଇଁ ପ୍ରାଚୁର୍ଯ୍ୟ ଭିତରେ ଦାରିଦ୍ରତା ଆଣିଦେଇଛି। ବିକାଶ କ୍ଷେତ୍ରରେ ଅନେକ ସମ୍ଭାବନା ଥିଲେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟସେବା, ସୁରକ୍ଷା, ଗମନାଗମନ, ବେରୋଜଗାରୀ, ପ୍ରଦୂଷଣ କ୍ଷେତ୍ରରେ ତାହା ସମ୍ଭବ ହୋଇପାରିନାହିଁ । କେନ୍ଦ୍ର ସରକାର ତାଳଚେର ମଧ୍ୟରେ ଥିବା ଘରୋଇ ଓ ରାଷ୍ଟ୍ରାୟତ କମ୍ପାନୀ ଯଥା ୧୦ଟି କୋଇଲା ଖଣି ସହିତ ଏନଟିପିସି କଣିହାଁ, ଜେଆଟିପିଏଲ, ଟିଟିପିଏସ, ଏଫସିଆଇ ରେଙ୍ଗାଳି, ସମଲ ପ୍ରକଳ୍ପ ସାହାଯ୍ୟରେ ହଜାର



ହଜାର କୋଟି ଟଙ୍କା ରାଜସ୍ୱ ନେଉଛନ୍ତି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ କିମ୍ବା ତଥାକଥିତ ନେତାଙ୍କ ଆନ୍ତରିକତାର ଅଭାବ ଯୋଗୁଁ ସରକାରୀ ସୁବିଧା ସୁଯୋଗରୁ ସ୍ଥାନୀୟ ବାସିନ୍ଦାଙ୍କୁ ବଞ୍ଚିତ କରାଯାଉଛି। ଯାହାଫଳରେ ସବୁକ୍ଷେତ୍ରରେ ଲୋକ ନାହିଁ ନଥିବା ହଇରାଣରେ ପଡୁଛନ୍ତି। ଜାତୀୟ, ଅନ୍ତର୍ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ, ଖେଳ ପଡ଼ିଆ, ବିମାନବନ୍ଦର ନଥିବା ବେଳେ ଏଠାରେ ବିଭିନ୍ନ ସମସ୍ୟାକୁ ନେଇ ଦିନ କାଟୁଛନ୍ତି ତାଳଚେରବାସୀ। ସମସ୍ୟାଗୁଡିକ ଭିତରେ ଆରପିଡିଏସି କାର୍ଯ୍ୟାଳୟ ଖୋଲିବା, ମେଡିକାଲ କଲେଜକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ମା' ହିଙ୍ଗୁଳା ମନ୍ଦିର ଟ୍ରଷ୍ଟିବୋର୍ଡ ଓ ବିକାଶ ପାଇଁ ଅନୁଦାନ, ରାଣୀ ପାର୍କର ରକ୍ଷଣାବେକ୍ଷଣ ସହିତ ମିନି ନନ୍ଦନକାନନ, ବ୍ୟାପକ ପ୍ରଦୂଷଣ ଉପରେ ରୋକ ଲଗାଇବା, ଖଣି କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଥଇଥାନ ଓ ନିଯୁକ୍ତ ପ୍ରଦାନ କରିବା, ଥର୍ମାଲ ଓ ଏଫସିଆଇ ତୁରନ୍ତ କାର୍ଯ୍ୟକ୍ଷମ କରିବା, ବହ୍ଲରଠାରୁ କଣିହାଁ ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା ନିର୍ମାଣ, ହାଟତୋଟା ଟ୍ରେନଲାଇନ୍ ନିକଟରେ ଓଭରବ୍ରିଜ କିମ୍ବା ଅଣ୍ଡରବ୍ରିଜ ନିର୍ମାଣ, ଘଣ୍ଟପଡ଼ା ଠାରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ କରିବା ଆଦି ରହିଛି। ହିଙ୍ଗୁଳା ମାଟିର ସନ୍ତାନ ଦୀର୍ଘଦିନ ହେବ କେନ୍ଦ୍ରର ଶାସକ ଦଳରେ ଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସ୍ଥାନୀୟ ବାସିନ୍ଦାଙ୍କ ଦୁଃଖ ସରକାରଙ୍କ ପାଖରେ ନା ଉପସ୍ଥାପନା କରିପାରିଲେ ନା ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନ ଲାଗି ଚେଷ୍ଟା କଲେ। ଏବେ ଏହି ବିକାଶ ଅଞ୍ଚଳବାସୀଙ୍କ ପାଇଁ ସ୍ୱପ୍ନ ହୋଇ ରହିଛି। ବାହାରେ ବାହାସ୍ଫୋଟ ମାରୁଥିବା କେନ୍ଦ୍ରମନ୍ତ୍ରୀ ନିଜ ଅଞ୍ଚଳର ବିକାଶକୁ ଅଣଦେଖା କରି ନିର୍ବାଚନ ବେଳେ ଲୋକଙ୍କୁ ଲଣ୍ଠନ ଦେଖାଉଛନ୍ତି ବୋଲି ଆଲୋଚନା ହେଉଛି। ୨୦୨୪ ସାଧାରଣ ନିର୍ବାଚନରେ ଏହା କେବଳ ନେତାଙ୍କ ପାଇଁ ଚାଲେଞ୍ଜ ହେବନାହିଁ , ତାଳଚେର ଜନସାଧାରଣଙ୍କୁ ଦୃଢ଼ ନେତୃତ୍ୱ ପାଇଁ ବିକଳ୍ପ ଖୋଜିବାକୁ ବାଧ୍ୟ କରିବ। ତେବେ ଏଠାରେ ଅନେକ ସମ୍ଭାବନା ଥାଇ ମଧ୍ୟ କେନ୍ଦ୍ରମନ୍ତ୍ରୀ ନିଜର ପାରିବା ପଣିଆକୁ ପଦାରେ ପକାଇଛନ୍ତି। ଅନ୍ୟପକ୍ଷରେ ଏବେ ନିଜ ଘରକୁ ନ ସଜାଡ଼ି ପାରି ପଡ଼ିଶା ଘର ସଜାଡ଼ିବା ପାଇଁ ସୁଦୂର ସମ୍ବଲପୁରରେ ବିକାଶର ଆଲୁଅ ଦେଖାଇବା ଲାଗି ପ୍ରୟାସ କରୁଛନ୍ତି। ଏଭଳି ପ୍ରୟାସ ଲୋକଙ୍କୁ ଦିନରେ ଲଣ୍ଠନ ଦେଖାଇବା ଛଡ଼ା ଆଉ କିଛି ନୁହେଁ ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି।

# ବିଜେଡି ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନଙ୍କ ମାରାଥନ ପ୍ରଚାର



ଆଠମଲ୍ଲିକ, ୮।୫(ସମିସ): ନିର୍ବାଚନ ଯେତିକି ପାଖେଇ ଆସୁଛି ନେତାଙ୍କ ପ୍ରଚାର ସେତିକି ଜମିବାରେ ଲାଗିଛି। ବିଭିନ୍ନ ନେତାମାନେ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ଆଜି ଘରକୁ ଘର ବୁଲି ଭୋଟ ଭିକ୍ଷା କରିଛନ୍ତି ଆଠମଲ୍ଲିକ ବିଧାନସଭା ବିଜେଡି ବିଧାୟକ ପ୍ରାର୍ଥୀ ଇଂ ନଳିନୀକାନ୍ତ ପ୍ରଧାନ। ଆଜି ନିଜ ସମର୍ଥକମାନଙ୍କ ସହ ପ୍ରଥମେ ୨ ନମ୍ବର ୱାର୍ଡ ଏବଂ ୫ ନମ୍ବର, ୪ ନମ୍ବର, ୧୧ ୱାର୍ଡକୁ ମାରାଥନ ପ୍ରଚାରରେ ଯାଇ ସେ ଭୋଟ ଭିକ୍ଷା କରିଥିଲେ। ଯୋଡ଼ିଶଙ୍ଖରେ ଭୋଟଦେଇ ବିଜୟୀ କରିବାକୁ ସେ ନିବେଦନ କରିଥିଲେ। ନଳିନୀକାନ୍ତଙ୍କ ପ୍ରତି ବିପୁଳ ଜନସମର୍ଥନ ଆଜି ଦେଖିବାକୁ ମିଳିଥିଲା। ରୁଗୁଡ଼ି ସାହି ଛକ ନିକଟରେ ଏନଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁଙ୍କ ନେତୃତ୍ୱରେ ମହିଳାମାନେ ଦୀପ, କଳସ, ପୁଷ୍ପ ମାଳ ଦେଇ ଶ୍ରୀ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ପ୍ରଚାର କାର୍ଯ୍ୟକ୍ରମରେ ବିଜେଡି ପର୍ଯ୍ୟବେକ୍ଷକ ବାବୁ ଖାଁ, ବରିଷ୍ଠ ବିଜେଡି ନେତା ରମେଶ ଦାଶ, ସନ୍ତୋଷ ପ୍ରଧାନ, କବିନ୍ଦ୍ର ଦାଶ, ପ୍ରବୀଣ ଦେଓ, ଦିଲ୍ଲୀପ ସିଂ, ମନୋଜ କୁମାର କର, ଗୁଡୁ ଖାନ, ଆଇନଜୀବୀ ବିଜୟ ମହାକୁଡ଼, ଅବନୀ ଆଚାର୍ଯ୍ୟ, ଦିନେଶ ସିଂ, ଯୁବନେତା ଇବ୍ରାହିମ ଖାଁ, ଅବିନାଶ ଷଡ଼ଙ୍ଗୀ, ଅନିଲ ମହାଲିକଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

ସାଧାରଣ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

# ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ଭାବେ ନିର୍ବାଚନ ପରିଚାଳନା ଦିଗରେ ଗୁରୁତ୍ୱାରୋପ



ଢେଙ୍କାନାଳ, ୮।୫ (ସମିସ) : ଢେଙ୍କାନାଳ ଜିଲ୍ଲାରେ ଅନୁଷ୍ଠିତ ହେବାକୁଥିବା ସାଧାରଣ ନିର୍ବାଚନ ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ଓ ପଦକ୍ଷେପର ତଦାରଖ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ସମୀକ୍ଷା ବୈଠକ କରିଛନ୍ତି। ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଢେଙ୍କାନାଳ ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଅନୁ ଚୌଧୁରୀ ଓ ପହମ ସିଂ ଆଲମା ମିଳିତ ଭାବେ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ବିଶେଷ କରି ମତଦାନ ନିମନ୍ତେ ଭୋଟର୍ଙ୍କ ସୁବିଧା, ବୁଥ ଗୁଡ଼ିକର ସ୍ଥାନ ଓ ସ୍ଥିତି, ଇଭିଏମ ପ୍ରସ୍ତୁତି, ପୋଲିଂ ଅଧିକାରୀ, ସେକ୍ଟର ଅଧିକାରୀ, ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କ ପ୍ରଶିକ୍ଷଣ, ନିର୍ବାଚନ ଖର୍ଚ୍ଚ ପରିଚାଳନା, ସି ଭିଜିଲ ରିପୋର୍ଟ, ଏମ ସି ଏମ ସି ରିପୋର୍ଟ, ପୋଷ୍ଟାଲ ବାଲାଟ, ହୋମ ଭୋଟିଂ, ସମ୍ବେଦନଶୀଳ ବୁଥ, ପୁଲିସ ମୁତୟନ, ଆବଶ୍ୟକ ପୁଲିସ ଫୋର୍ସ, ଫ୍ଲାଇଙ୍ଗ ସ୍କ୍ୱାଡ୍, ଏସ ଏସ ଟି, ପୁଲିସ ଟିମ୍ ଓ ଅବକାରୀ ବିଭାଗ ଦ୍ୱାରା ବେଆଇନ ନିଶାଦ୍ରବ୍ୟ, ଟଙ୍କା ଜବତ ଉପରେ ସମୀକ୍ଷା କରିଥିଲେ। ଜିଲ୍ଲାରେ ଚଳିତ ମାସ ୨୫ ତାରିଖରେ ହେବାକୁ ଥିବା ଏକକାଳୀନ ଲୋକସଭା ଓ ବିଧାନସଭା ନିର୍ବାଚନ ପରିଚାଳନା ସମ୍ପୂର୍ଣ୍ଣ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ ସମାପନ ହେବ ବୋଲି ପର୍ଯ୍ୟବେକ୍ଷକ ଆଶାବ୍ୟକ୍ତ କରିଥିଲେ। ଏହି ବୈଠକରେ ପୁଲିସ ପର୍ଯ୍ୟବେକ୍ଷକ, ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ବନଖଣ୍ଡ ଅଧିକାରୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ), ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ, ବିଧାନସଭା ନିର୍ବାଚନୀ କ୍ଷେତ୍ରର ଆରଓ, ଏବଂ ଏଆରଓ, ନୋଡାଲ ଅଧିକାରୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

କେନ୍ଦ୍ର ଶ୍ରମମନ୍ତ୍ରୀଙ୍କୁ ୮ ଦଫା ଦାବିପତ୍ର ପ୍ରଦାନ

# ଭୋଟ ବର୍ଜନ କରିବେ ୩୨ ଲକ୍ଷରୁ ଊର୍ଦ୍ଧ୍ୱ ବିଡ଼ି ଶ୍ରମିକ ପରିବାର

ଢେଙ୍କାନାଳ, ୮।୫ (ସମିସ) : ରାଜ୍ୟରେ ନିର୍ମାଣ ଶ୍ରମିକଙ୍କ ପାଇଁ ସମସ୍ତ ସରକାରୀ ଯୋଜନା କାର୍ଯ୍ୟକାରୀ କରାଯାଇଥିବା ବେଳେ ରାଜ୍ୟରେ ବିଡି ଶ୍ରମିକ ଓ ତାଙ୍କ ପରିବାର ପାଇଁ କେନ୍ଦ୍ର ସରକାର ପକ୍ଷରୁ



କୌଣସି ସାହାଯ୍ୟ ଓ ସହାୟତା ମିଳୁ ନଥିବାରୁ ଢେଙ୍କାନାଳ ଜିଲ୍ଲା ସଂଗଠନ ପକ୍ଷରୁ ପ୍ରାୟ ୨ ହଜାର ମହିଳା ଓ ପୁରୁଷ ବିଡ଼ି ଶ୍ରମିକ ରାଜ୍ୟ ସମ୍ମିଳନୀରେ ଯୋଗଦେଇଥିଲେ। ରାଜ୍ୟ ବିଡ଼ି ଶ୍ରମିକଙ୍କ ସଂଖ୍ୟା ୮ ଲକ୍ଷରୁ ଊର୍ଦ୍ଧ୍ୱ ଥିଲା ବେଳେ ଏମାନଙ୍କ ପରିବାର ସଦସ୍ୟଙ୍କ ସଂଖ୍ୟା ମିଶି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ରହିଛନ୍ତି। ପ୍ରତ୍ୟେକ ବିଡ଼ି ଶ୍ରମିକ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ରହିଥିବାରୁ ଏଥି ନେଇ ଭୁବନେଶ୍ୱର ଚକେଇସିଆଣି ସ୍ଥିତ ୟୁନିୟନ କାର୍ଯ୍ୟାଳୟରେ ରାଜ୍ୟ ସଭାପତି ସନ୍ତୋଷ ସାହାଣୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ରାଜ୍ୟର ସମସ୍ତ ଜିଲ୍ଲାର ବିଡ଼ି ଶ୍ରମିକଙ୍କ କର୍ମକର୍ତ୍ତା ଓ ଶ୍ରମିକମାନେ ଉପସ୍ଥିତ ଥିଲେ। ସରକାରଙ୍କ ପକ୍ଷରୁ ମାଳମାଳ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏଥିରୁ ବିଡ଼ି ଶ୍ରମିକ ବଞ୍ଚିତ ରହିଥିବାରୁ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ୮ ଦଫା ସମ୍ମିଳିତ ଦାବି ଉତଥାପନ କରାଯାଇଥିଲା। ୧୯୭୬ ମସିହାରେ କଂଗ୍ରେସ ସରକାର ପ୍ରଚଳନ କରିଥିବା ବିଡ଼ି ଶ୍ରମିକ ମଙ୍ଗଳ ସଂସ୍ଥାକୁ କେନ୍ଦ୍ର ସରକାର ପୁନର୍ବାର ପ୍ରଚଳନ କରିବା, ଗୃହ ଯୋଜନାରେ ବିଡ଼ି ଶ୍ରମିକମାନେ ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ଅନଲାଇନ୍ ରେ ଆବେଦନ କରିଥିବା ବେଳେ ଏହାକୁ ଓଡ଼ିଶା ସରକାରଙ୍କୁ ହସ୍ତାନ୍ତର କରିବା, ଏହାକୁ କେନ୍ଦ୍ର ସରକାର ଫେରସ୍ତ କରିନେଇ କେନ୍ଦ୍ର ସରକାରଙ୍କ ଜରିଆରେ ଓଡ଼ିଶା କମିଶନର ଅଫିସ ମାଧ୍ୟମରେ କାର୍ଯ୍ୟକାରୀ କରିବା, ଶ୍ରମିକଙ୍କ ପରିବାରରେ ଶିକ୍ଷା, ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦେବାକୁ ବୈଠକରେ ଆଲୋଚନା କରାଯାଇଥିଲା। ସଂଘର ସଭାପତି ସମ୍ବଲପୁର ( ପଠାଣିମାଳ) ସନ୍ତୋଷ ମାହାନା, ଉପସଭାପତି ହିମାଂଶୁ ଭୂଷଣ ସାହୁ, ସାଧାରଣ ସମ୍ପାଦକ ବୈକୁଣ୍ଠ ନାଥ ବେହେରା, ହେମନ୍ତ କୁମାର ରଥ, ମୁନେଶୋଧ ପାଣିଗ୍ରାହୀ ( ଝାରସୁଗୁଡ଼ା ), ସଦୋ ଖାଁ ( ଗୁଳିଜରଡା, ଭଦ୍ରକ ) ଉପଦେଷ୍ଟା ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟର ସମସ୍ତ ଜିଲ୍ଲାର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ୮ ଦଫା ଦାବିକୁ କେନ୍ଦ୍ର ସରକାର ମାନି ନେବା ଲାଗି କେନ୍ଦ୍ର ଶ୍ରମମନ୍ତ୍ରୀଙ୍କୁ କୁହାଯାଇଛି। ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଶିମିଳିପଡ଼ା ଅଞ୍ଚଳରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର



ଅନୁଗୋଳ ୮।୫(ସମିସ): ଅନୁଗୋଳ ଟାଉନ୍ ଥାନା ଅନ୍ତର୍ଗତ ଶିମିଳିପଡ଼ା ଅଞ୍ଚଳରୁ ଦିନ ଦ୍ୱିପ୍ରହରରେ ଏକ ଅଜଣା ବ୍ୟକ୍ତିଙ୍କର ମୃତଦେହ ପୁଲିସ ଉଦ୍ଧାର କରିଛି। ସୂଚନା ଯେ, ଶିମିଳିପଡ଼ା କେନାଲ ପାଖ ଏଟିଏମ ବାହାରୁ ଅଜଣା ବ୍ୟକ୍ତି ଜଣେ ଶୋଇଥିବା ଅଞ୍ଚଳ ବାସୀ ଦେଖିବାକୁ ପାଇଥିଲେ। ବହୁତ ସମୟ ପର୍ଯ୍ୟନ୍ତ ବ୍ୟକ୍ତି ଜଣଙ୍କ ନ ଉଠିବାରୁ ସ୍ଥାନୀୟ ଲୋକଙ୍କର ସନ୍ଦେହ ହେଲା। ତା ପରେ ଲୋକେ ଟାଉନ୍ ଥାନାକୁ ଖବର ଦେଇଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଜଣା ବ୍ୟକ୍ତିକୁ ଆମ୍ବୁଲାନ୍ସ ସାହାଯ୍ୟରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଜଣା ବ୍ୟକ୍ତି ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା। ଅଜଣା ବ୍ୟକ୍ତିଙ୍କ ମୃତ ଶରୀରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି।

ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଟାଇଁସି ପଞ୍ଚାୟତ

# ୧୦ ସକ୍ରିୟ ବିଜେପି କର୍ମୀ ବିଜେଡିରେ ସାମିଲ

ଅନୁଗୋଳ ୮।୫(ସମିସ): ଅନୁଗୋଳ ବ୍ଲକ୍ ଅନ୍ତର୍ଗତ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଟାଇଁସି ପଞ୍ଚାୟତର ୧୦ ଜଣ ସକ୍ରିୟ ବିଜେପି କର୍ମୀ ବିଜୁ ଜନତା ଦଳରେ ସାମିଲ୍ ହୋଇଛନ୍ତି। ଏହି ୧୦ ଜଣ ଟାଇଁସି ଗ୍ରାମର ପୂର୍ବତନ ସଭାପତି ମଗ୍ଗୁଲୁ ସାହୁଙ୍କ ନେତୃତ୍ୱରେ ନଳିନୀ ବାବୁଙ୍କ ତୁରୁଡା ସ୍ଥିତ ବାସଭବନରେ ସାକ୍ଷାତ କରିଥିଲେ। ନବୀନ ବାବୁଙ୍କ ସ୍ୱଚ୍ଛ ଶାସନ, ପ୍ରଣବ ପ୍ରକାଶ ଦାସଙ୍କ ସାଂଗଠନିକ ଦକ୍ଷତା ଏବଂ



ନଳିନୀ ବାବୁଙ୍କ କାର୍ଯ୍ୟଧାରାରେ ସେମାନେ ଅନୁପ୍ରାଣୀତ ହୋଇଥିବା ପ୍ରକାଶ କରିଥିଲେ। ଚଳିତ ନିର୍ବାଚନରେ ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଏବଂ ବିଧାୟକ ପ୍ରାର୍ଥୀ ଇଂ ନଳିନୀକାନ୍ତ ପ୍ରଧାନଙ୍କୁ ବହୁ ଭୋଟରେ ବିଜୟୀ କରିବାକୁ ଦୃଢ଼ ସଂକଳ୍ପ ନେଇଥିଲେ। ନଳିନୀ ବାବୁ ବିଜେଡିରେ ସାମିଲ୍ ହୋଇଥିବା କର୍ମୀମାନଙ୍କୁ ଉତ୍ତରୀୟ ପରିଧାନ କରାଇ ଅଭିନନ୍ଦନ ଜଣାଇଥିଲେ। ଟାଇଁସି ଅଞ୍ଚଳରେ ରାସ୍ତା, ପୋଲ ଏବଂ ଅନ୍ୟାନ୍ୟ ଜନହିତକର କାର୍ଯ୍ୟ ନଳିନୀ ବାବୁ କରାଇଥିବାରୁ ସେମାନେ ସାଧୁବାଦ୍ ଜଣାଇଥିଲେ।

● ପାଣି ପାଇଁ ରାସ୍ତା ଅବରୋଧ

# ଗରା ବାଲ୍ଟି ଧରି ଆନ୍ଦୋଳନ କଲେ ଲୋକେ



ଅନୁଗୋଳ,୮।୪(ସମିସ) : ଅନୁଗୋଳ ଜିଲ୍ଲା ବଁଅରପାଳ ବ୍ଲକ ଅନ୍ତର୍ଗତ କାଣ୍ଡସର ଗ୍ରାମ ପଞ୍ଚାୟତର ୮ ନମ୍ବର ୱାର୍ଡ ତଥା ମହୁଲବୁରି ସାହିର ବାସିନ୍ଦା ଆଜି ଅପରାହ୍ନରେ ପାଣି ପାଇଁ ରାସ୍ତା ଉପରେ ଗରା ବାଲଟି ଧରି ବସିଛନ୍ତି। କାଣ୍ଡସର ପଞ୍ଚାୟତ ୮ ନମ୍ବର ୱାର୍ଡ ତଥା ମହୁଲବୁରି ସାହିରେ ପ୍ରାୟ ୧୦୦ ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଖରାଦିନ ହେଇଥିବାରୁ ପାଣିର ସମସ୍ୟା ଦେଖାଦେଇଛି। କାରଣ ପାଣି ଆସିବା ପାଇଁ ପାଖାପାଖି ଦୁଇ ବର୍ଷରୁ ଊର୍ଦ୍ଧ୍ୱ ଦିନ ହେଲା ପାଇପ୍ ପଡ଼ିଛି, କିନ୍ତୁ ପାଣିର ଦେଖାନାହିଁ। ପାଣି ଟୋପାଏ ପାଇଁ ପୋଖରୀ, କୂଅ ଏବଂ ନଳକୂପ ଉପରେ ନିର୍ଭର ହେଉଛନ୍ତି। ଯେହେତୁ ଖରାଦିନ ପୋଖରୀ ଏବଂ କୂଅର ଜଳସ୍ତର କମି ଯାଇଛି। ନଳକୂପରୁ ପାଣି କମ୍ ବାହାରୁଥିବା ବେଳେ ଅଧିକ ପାଣି ବ୍ୟବହାର କଲେ ଲୁହାଗୁଣ୍ଡ ମଧ୍ୟ ବାହାରୁଛି। ପାଣି ସମସ୍ୟା ଯଥାଶୀଘ୍ର ସମାଧାନ ନ କଲେ ଭୋଟ ଦେବୁନାହିଁ ବୋଲି କହିଛନ୍ତି ମହୁଲବୁରି ସାହିବାସିନ୍ଦା।

● ପେନ୍‌ଚାକ ସିଲାଟ ପ୍ରତିଯୋଗିତା

# ଢେଙ୍କାନାଳକୁ ୨ କାଂସ୍ୟ ପଦକ

ଢେଙ୍କାନାଳ, ୮।୫ (ସମିସ) : ରାଜ୍ୟ ସ୍ତରୀୟ ପେନଚାକ୍ ସିଲାଟ ପ୍ରତିଯୋଗିତା ଝାରସୁଗୁଡ଼ାର କକ୍ସ କଲୋନୀ ପରିସରରେ ଥିବା ଉତ୍କଳ ଜ୍ୟୋତି ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୧୫ ଟି ଜିଲ୍ଲାର ୧୮୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେହିଭଳି ଢେଙ୍କାନାଳ ଜିଲ୍ଲା ପେନଚାକ ସିଲାଟ ଆସୋସିଏସନରୁ ୪ ଜଣ ପ୍ରତିଯୋଗୀ ଗୁରୁ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାରେ ଯୋଗଦାନ କରି ୨ଜଣ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗୁରୁଦେବଜୀ ଗୁରୁକୁଳର ପ୍ରତାପ କୁମାର ନାଏକ ୪୫ରୁ ୫୦ କେଜି ବର୍ଗ ଏବଂ ଇନ୍ଦ୍ରଜିତ ସାହୁ ୮୫ରୁ ୯୦ କେଜି ବର୍ଗରେ



ଟେଣ୍ଡିଂ ଫାଇଟରେ ଜିଲ୍ଲା ପାଇଁ ୨ଟି ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ଜିଲ୍ଲା ସମ୍ପାଦକ ଇଂ ସୌମ୍ୟବ୍ରତ ସାହୁଙ୍କୁ ସିଲାଟ ଓଡ଼ିଶା ପକ୍ଷରୁ ରାଜ୍ୟ ସମ୍ପାଦକ ପ୍ରେମ ସିଂ ଥାପା, ସଭାପତି ଏବଂ ଅନ୍ୟାନ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠିତ ଏକ ଦିବସୀୟ ସିନିୟର୍ ରାଜ୍ୟ ପେନକାକ ସିଲଟ ଚାମ୍ପିଅନସିପ ପ୍ରତିଯୋଗିତାରେ ଅତିଥି ମାନେ ଯୋଗଦାନ କରି କୃତି ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିବା ସହ ସାର୍ଟିଫିକେଟ ଏବଂ ପଦକ ପ୍ରଦାନ କରିଥିଲେ। ଏହି ସଫଳତା ପାଇଁ ଗୁରୁଦେବଜୀ ଗୁରୁକୁଳ, ଢେଙ୍କାନାଳ ସିଲାଟ ଆସୋସିଏସନ ଓ ଜିଲ୍ଲାର ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଓଡ଼ିଶା ରାଜ୍ୟ ସମବାୟ ସମିତି ଜିଲ୍ଲା ଶାଖାର ବୈଠକ

ଢେଙ୍କାନାଳ, ୮।୫ (ସମିସ) : ଓଡ଼ିଶା ରାଜ୍ୟ ସମବାୟ ସମିତି ଲିମିଟେଡ ଢେଙ୍କାନାଳ ଜିଲ୍ଲା ଶାଖାର ଏକ ବୈଠକ ଗଦାଶିଳା ଠାରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଏରିଆ ମ୍ୟାନେଜର ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ରାଜ୍ୟ ଶ୍ରମିକ ସମବାୟ ସମିତି ଲିମିଟେଡର ସିଇଓ ଝସକେତନ୍ ସ୍ୱାଇଁ, ଏସିଇଓ ରଘୁନାଥ ପଲେଇ, ଓଡ଼ାପଡ଼ା ବ୍ଲକ ବ୍ରାଞ୍ଚ ମ୍ୟାନେଜର ମାନସ ରଞ୍ଜନ ଭୂତିଆ ଓ ଗନ୍ଦିଆ ବ୍ଲକ ବ୍ରାଞ୍ଚ ମ୍ୟାନେଜର ଅଶ୍ୱିନୀ କୁମାର ନାୟକ ଯୋଗ ଦେଇଥିଲେ। ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ସ୍ୱାବଲମ୍ବୀ କରାଇବା କ୍ଷେତ୍ରରେ ଏହି ସମବାୟ ସମିତି କାର୍ଯ୍ୟ କରୁଛି ବୋଲି କହିଥିଲେ। ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ପଞ୍ଚାୟତର ସଦସ୍ଯାନେ ଉପସ୍ଥିତ ଥିଲେ।

ଟାଟା ଷ୍ଟିଲ ଫାଉଣ୍ଡେସନର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା

# ପାର୍ଶ୍ୱବର୍ତ୍ତୀ ୨୯ଟି ଗ୍ରାମର ୪୧ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ

ନରେନ୍ଦ୍ରପୁର, ୮।୫ (ସମିସ) : ଟାଟା ଷ୍ଟିଲ ଫାଉଣ୍ଡେସନର ସର୍ବାଙ୍ଗୀନ ଗୋଷ୍ଠୀ ବିକାଶ ପ୍ରତି ପ୍ରତିବଦ୍ଧତା ରହିଥିବା ବେଳେ କାରଖାନାର ନିକଟବର୍ତ୍ତୀ ଗ୍ରାମଗୁଡିକରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରେ ପରିବର୍ତ୍ତନ ଆଣିପାରିଛି। ମଙ୍ଗଳପୁର, ଶିବପୁର, ଖଡ଼ଗପ୍ରସାଦ, ନୂଆଗାଁ, କୁସୁପଙ୍ଗା, ନୂଆହତା ଓ ପାଇକ ପୁରୁଣାକୋଟ ଆଦି ୭ଟି ଗ୍ରାମପଞ୍ଚାୟତର ୨୯ଟି ଗ୍ରାମକୁ ଏହି ୟୁନିଟ ସେବା ଯୋଗାଇ ଦେଇଆସୁଛି। ଏମପିଏଚୟୁଗୁଡିକ ମାଧ୍ୟମରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ପାଇଁ ଏକ ସାମଗ୍ରିକ ଆଭିମୁଖ୍ୟ ଲକ୍ଷ୍ୟ ନେଇ ପ୍ରତିଷେଧମୂଳକ ରୋଗ ନିରାକରଣ ଉପରେ ଧ୍ୟାନ କେନ୍ଦ୍ରିତ କରି ଦୀର୍ଘସ୍ଥାୟୀ ପ୍ରକ୍ରିୟାକୁ ଅବଲମ୍ବନ କରାଯାଉଛି। ଏହି କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ ରୋଗ ପ୍ରତିରୋଧ ଏବଂ ଜନକଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ସ୍କ୍ରିନିଂ, ସଚେତନତା ଏବଂ ଗୋଷ୍ଠୀ ନିୟୋଜନ ଆଦି ସେବା ପ୍ରଦାନ କରଯାଉଛି। ଏହି ୟୁନିଟଗୁଡ଼ିକ ମଧ୍ୟ ଘଟଣାସ୍ଥଳରେ ଚିକିତ୍ସା ସେବା ପ୍ରଦାନ କରିବା ସହ ଗ୍ରାମୀଣ ଅଞ୍ଚଳରେ ଠିକ୍ ସମୟରେ ସେବା ଉପଲବ୍ଧ କରାଇବା ସୁନିଶ୍ଚିତ କରୁଛି। ନିୟମିତ ଯାଞ୍ଚ, ସ୍କ୍ରିନିଂ ଏବଂ ମାଗଣା ଔଷଧ ମାଧ୍ୟମରେ ଗ୍ରାମାଞ୍ଚଳ ଗୁଡିକରେ ସୁଲଭ, ଉଚ୍ଚ ଗୁଣବତ୍ତା ବିଶିଷ୍ଟ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇବା ଏମପିଏଚୟୁର ଲକ୍ଷ୍ୟ। ଏଥିରେ ଏମବିବିଏସ୍ ସୀକୃତିପ୍ରାପ୍ତ ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ଟେକ୍ନିସିଆନ୍ ଓ ସଂଯୋଜକଙ୍କୁ ନେଇ ଏକ ଉତ୍ସର୍ଗୀକୃତ ଟିମ୍ କାମକରୁଛନ୍ତି। ସେମାନେ ପ୍ରତି ଗ୍ରାମକୁ ମାସିକ ୪ଥର ପରିଦର୍ଶନ କରିବା ସହିତ ଏକ ଶୃଙ୍ଖଳିତ କାର୍ଯ୍ୟସୂଚୀ ଅନୁସରଣ କରୁଛନ୍ତି। ଏହି



ପରିଦର୍ଶନଗୁଡିକ ମଧ୍ୟରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ ଅନ୍ତର୍ଭୁକ୍ତ ରହିଛି ଯେଉଁଥିରେ ସ୍ୱାସ୍ଥ୍ୟ ଯାଞ୍ଚ, ପରାମର୍ଶ ଏବଂ ମାଗଣା ମୌଳିକ ଚିକିତ୍ସା ଏବଂ ଔଷଧ ପ୍ରଦାନ ଭଳି କାର୍ଯ୍ୟ କରାଯାଉଛି। କୁସୁପଙ୍ଗା ଗ୍ରାମ ପଞ୍ଚାୟତର ଅସନବଣୀ ଗ୍ରାମର ଟୁଟୁ ସାହୁ କହିଛନ୍ତି ଯେ, "ଟିଏସ୍‌ଏଫ୍ ଦ୍ୱାରା ଯୋଗାଇ ଦିଆଯାଉଥିବା ଭ୍ରାମ୍ୟମାଣ ଚିକିତ୍ସା ସୁବିଧା ସାପ୍ତାହିକ ଭାବେ ଆମ ଗାଁକୁ ଆସିଥାଏ। ବିଭିନ୍ନ ରୋଗର ଗୁଣାତ୍ମକ ଚିକିତ୍ସା ସୁବିଧା, ଯାଞ୍ଚ, ରୋଗ ନିରୂପଣ ଏବଂ ଔଷଧ ଉପଲବ୍ଧ ହେଉଥିବାରୁ ଆମେ ଉପକୃତ ହେଇପାରୁଛୁ। ଯେହେତୁ ଆମ ଗାଁ ନିକଟରେ କୌଣସି ସ୍ୱାସ୍ଥ୍ୟ ସେବା ସୁବିଧା ନାହିଁ ତେଣୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରିକ ପଦକ୍ଷେପ ପାଇଁ ଗ୍ରାମବାସୀମାନେ ଉପକୃତ ହୋଇପାରିଛନ୍ତି।" ବିଶେଷ ଯତ୍ନ ଆବଶ୍ୟକ କରୁଥିବା ରୋଗୀମାନଙ୍କ ସମ୍ପୂର୍ଣ୍ଣ ଚିକିତ୍ସା ସୁନିଶ୍ଚିତ କରିବା ଲାଗି ଏକ ପ୍ରଭାବଶାଳୀ ରେଫରାଲ ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ସ୍କୁଲ ଓ ଗ୍ରାମରେ ସ୍ୱଚ୍ଛତା, ପରିମଳ, ପୋଷଣ ଏବଂ ରୋଗ ନିରାକରଣ ଉପରେ ସ୍ୱାସ୍ଥ୍ୟ ସଚେତନତା ଶିବିରମାନ ନିୟମିତ ଭାବେ ଆୟୋଜନ କରାଯାଉଛି।

ପାଇକ ପୁରୁଣାକୋଟ ଗ୍ରାମ ପଞ୍ଚାୟତର ନରହରିପୁର ଗ୍ରାମର ପ୍ରଶାନ୍ତ କୁମାର ମିଶ୍ର କହିଛନ୍ତି ଯେ "ଡାକ୍ତରୀ ଦଳର ସାପ୍ତାହିକ ଗସ୍ତ ପାଇଁ ମୁଁ ଟିଏସଏଫକୁ ଧନ୍ୟବାଦ ଜଣାଉଛି। ସେମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ ଆମକୁ ସ୍ୱାସ୍ଥ୍ୟର ଯାଞ୍ଚ ପାଇଁ ଦୂରକୁ ଯିବାକୁ ପଡୁନାହିଁ। ଭ୍ରାମ୍ୟମାଣ ଚିକିତ୍ସା ଗାଡି ଆମ ନିକଟକୁ ଆସୁଛି ଯାହା ବିଶେଷ କରି ବୟସ୍କ, ଅସୁସ୍ଥ ଏବଂ ଅସହାୟ ଗ୍ରାମବାସୀଙ୍କ ପାଇଁ ଏକ ବଡ଼ ସୁବିଧା ପାଲଟିଛି।" ଏହି ଏମପିଏଚୟୁ ୟୁନିଟ ଗୁଡିକ ଦ୍ୱାରା ଗତ ଆର୍ଥିକ ବର୍ଷରେ ୪୧ ହଜାରରୁ ଅଧିକ ଗ୍ରାମବାସୀ ନିୟମିତ ସ୍ୱାସ୍ଥ୍ୟ ସେବା ପାଇପାରିଛନ୍ତି, ଯାହାକି ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପ୍ରଭାବ ପକାଇପାରିଛି। ଏହି ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପ୍ରାଧାନ୍ୟ ଦେଇ ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ୨୦୧୯ ରେ ଦୁଇଟି ମୋବାଇଲ୍ ପବ୍ଲିକ୍ ହେଲଥ୍ ୟୁନିଟ୍ ସେବା ଆରମ୍ଭ କରାଯାଇଥିଲା। ଏହା ପରଠାରୁ ଉକ୍ତ ପଦକ୍ଷେପ ଦ୍ୱାରା ହଜାର ହଜାର ଲୋକ ଚିକିତ୍ସିତ ହୋଇପାରିଛନ୍ତି। ଏହି ପ୍ରୟାସ ଯୋଗୁ ସ୍ୱାସ୍ଥ୍ୟ ସଚେତନତା, ଉତ୍ତମ ସ୍ୱାସ୍ଥ୍ୟ ଅଭ୍ୟାସ ଅବଲମ୍ବନ ତଥା ଏକ ସ୍ୱାସ୍ଥ୍ୟବାନ ସମାଜ ଗଠନ କରିବାରେ ସହାୟକ ହୋଇପାରିଛି।

## କରୋନା ଟିକା ପ୍ରତ୍ୟାହାର କରିବ ଆଷ୍ଟ୍ରାଜେନେକା




# ଈଶ୍ୱରଙ୍କ ଭରସାରେ ବିଶ୍ୱବାସୀ

### ବ୍ରିଟେନରେ ଆଷ୍ଟ୍ରାଜେନେକା ଟିକା ନେଇଥିଲା ୮୧ ଜୀବନ

### ପାର୍ଶ୍ୱପ୍ରତିକ୍ରିୟାର ଶିକାର ୫ ଜଣରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା

### ଆଷ୍ଟ୍ରାଜେନେକା ଫର୍ମୁଲାରେ ଭାରତରେ ପ୍ରସ୍ତୁତ ହୋଇଥିଲା କୋଭିସିଲ୍ଡ



ବ୍ରିଟେନର ଫାର୍ମା କମ୍ପାନୀ ଆଷ୍ଟ୍ରାଜେନେକା ସାରା ବିଶ୍ୱକୁ ଧୋକା ଦେଇଛି। ଏବେ ବିଶ୍ୱବାସୀ ଈଶ୍ୱରଙ୍କ ଭରସାରେ ଅଛନ୍ତି। ଏହି କମ୍ପାନୀ ଲୋକଙ୍କୁ ଅନ୍ଧାରରେ ରଖି କରୋନା ଟିକା କାରବାର ଚଲାଇଥିଲା। ମାତ୍ର କୋର୍ଟରେ ମାମଲା ପହଞ୍ଚିବା ପରେ ଟିକାରେ ପାର୍ଶ୍ୱ ପ୍ରତିକ୍ରିୟା ରହିଛି ବୋଲି ସ୍ୱୀକାର କରିଛି। ଏବେ କମ୍ପାନୀ ସମଗ୍ର ବିଶ୍ୱରେ ଟିକାର କିଣାବିକା ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଟିକାର ଉତ୍ପାଦନ ଏବଂ ଯୋଗାଣ ମଧ୍ୟ କରାଯିବ ନାହିଁ। ବଜାରରେ ଉପଲବ୍ଧ ଥିବା ଟିକାକୁ ପ୍ରତ୍ୟାହାର କରାଯିବ ବୋଲି ମଧ୍ୟ କୁହାଯାଇଛି। ତେବେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ ପାର୍ଶ୍ୱ ପ୍ରତିକ୍ରିୟା ପାଇଁ ଏହି ନିଷ୍ପତ୍ତି ନିଆଯାଇନାହିଁ। ବ୍ୟାବସାୟିକ କାରଣରୁ ଏହି ଟିକାକୁ ବଜାରରୁ ହଟାଯାଉଛି। କିନ୍ତୁ ଏହି ନିଷ୍ପତ୍ତି ଉପରେ ବିଶ୍ୱବାସୀ ପ୍ରଶ୍ନ ଉଠାଇଛନ୍ତି। ଲୋକେ ସହଜରେ ଏହି କାରଣକୁ ବିଶ୍ୱାସ କରିପାରୁନାହାନ୍ତି। କାରଣ କିଛି ଦିନ ତଳେ ଏହି ଟିକାର ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ରହିଛି ବୋଲି କମ୍ପାନୀ ପକ୍ଷରୁ ବ୍ରିଟେନ କୋର୍ଟରେ ସ୍ୱୀକାର କରାଯାଇଥିଲା।



ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ ମାର୍ଚ୍ଚ ୫ରେ କମ୍ପାନୀ ଟିକା ପ୍ରତ୍ୟାହାର ପାଇଁ ଆବେଦନ କରିଥିଲା। ଏହା ମଙ୍ଗଳବାରଠାରୁ କାର୍ଯ୍ୟକାରୀ ହୋଇଛି। ବଜାରରେ ଏବେ ଅନେକ ଉନ୍ନତ ଟିକା ଉପଲବ୍ଧ ଅଛି। ଏହା ଭୂତାଣର ଅଲଗା ଅଲଗା ପ୍ରଜାତି ବିରୋଧରେ ଲଢି ପାରୁଛି। ଏଭଳି ସ୍ଥିତିରେ ଆଷ୍ଟ୍ରାଜେନେକାର ଉତ୍ପାଦନ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏବେ ୟୁରୋପୀୟ ସଂଘ (ଇୟୁ) ରେ ଏହି ଟିକା ବ୍ୟବହାର କରାଯାଉ ନାହିଁ। ୨୦୨୦ରେ ଆଷ୍ଟ୍ରାଜେନେକା ଅକ୍ସଫୋର୍ଡ ୟୁନିଭର୍ସିଟି ସହ ମିଶି କରୋନା ଟିକା ପ୍ରସ୍ତୁତ କରିଥିଲା। ଏହି ଫର୍ମୂଲା ଆଧାରରେ ଭାରତରେ ସିରମ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସଆଇଆଇ) କୋଭିସିଲ୍ଡ ନାମକ ଟିକା ପ୍ରସ୍ତୁତ କରିଥିଲା। ସେହିପରି ବ୍ରିଟେନ, ଅଷ୍ଟ୍ରେଲିଆ ଏବଂ ଇୟୁର ଅନ୍ୟ ରାଷ୍ଟ୍ରରେ ଏହାର ନାମ 'ଭାକ୍ସଜେଭରିଆ' ରଖା ଯାଇଥିଲା। ଭାରତରେ କୋଭିସିଲ୍ଡର ସର୍ବାଧିକ ଡୋଜ୍ (୧୭୫ କୋଟି) ଦିଆଯାଇଛି। ସେହିପରି କୋଭାକ୍ସିନର ୩୬ କୋଟି ଏବଂ କୋର୍ବେଭାକ୍ସର ୭.୩୮ କୋଟି ଡୋଜ୍ ଦିଆଯାଇଥିଲା।




### ଟିକା ଦ୍ୱାରା ହୃଦ୍‌ଘାତ ବିପଦ ବଢ଼ିପାରେ



ରିପୋର୍ଟ ଅନୁଯାୟୀ କମ୍ପାନୀ ଇୟୁ ସଦସ୍ୟ ରାଷ୍ଟ୍ରରୁ ଟିକା ପ୍ରତ୍ୟାହାର ଆରମ୍ଭ କରିଦେଲାଣି। ପରେ ବ୍ରିଟେନ ଏବଂ ଅନ୍ୟ ଦେଶରୁ ଟିକା ପ୍ରତ୍ୟାହାର ପ୍ରକ୍ରିୟା ଆରମ୍ଭ ହେବ। ବ୍ରିଟେନରେ ଏହି କମ୍ପାନୀ ବିରୋଧରେ ଗୁରୁତର ଅଭିଯୋଗ ଲାଗିଛି। ଏବେ ଏହି ମାମଲା ଭାରତର ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। କମ୍ପାନୀ ବିବାଦ ମଧ୍ୟରେ ଟିକା ପ୍ରତ୍ୟାହାରକୁ ସଂଯୋଗ କହୁଛି। ମାତ୍ର ଏହି ଟିକାରେ ହେଉଥିବା ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟାକୁ ନେଇ କମ୍ପାନୀ ଯାଞ୍ଚ ପରିସର ଭିତରେ ରହିଛି। କମ୍ପାନୀ ବିରୋଧରେ ବ୍ରିଟେନ କୋର୍ଟରେ ମାମଲା ଚାଲିଛି। ଏଥିରେ କୁହାଯାଇଛି ଯେ ଏହି କରୋନା ଟିକା ଦ୍ୱାରା ରକ୍ତ ଜମାଟ ବାନ୍ଧୁଛି ଏବଂ ରକ୍ତରେ ପ୍ଲେଟ୍‌ଲେଟ୍ ସଂଖ୍ୟା ହ୍ରାସ ପାଉଛି। ରିପୋର୍ଟ ଅନୁଯାୟୀ ବ୍ରିଟେନରେ ଏହି ଟିକା ନେବା ପରେ ୮୧ ଜଣଙ୍କ ମୃତ୍ୟୁ ହୋଇଛି। ହଜାର ହଜାର ଲୋକ ମଧ୍ୟ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟାର ସମ୍ମୁଖୀନ ହୋଇଛନ୍ତି। ଗତ ଫେବୃଆରୀରେ ଆଷ୍ଟ୍ରାଜେନେକା କୋର୍ଟରେ କାଗଜପତ୍ର ଜମା କରି ସ୍ୱୀକାର କରିଥିଲା ଯେ ଏହି ଟିକା ଟିଟିଏସ୍‌ର କାରଣ ପାଲଟି ପାରେ। ଏହାର କିଛି ଦିନ ପରେ କମ୍ପାନୀ ମାର୍ଚ୍ଚ ୫ରେ ଟିକା ପ୍ରତ୍ୟାହାର କରିବାକୁ ଆବେଦନ କରିଥିଲା। ଟିଟିଏସ ଅର୍ଥାତ୍ ଥ୍ରୋମ୍ବୋସାଇଟୋପେନିଆ ସିଣ୍ଡ୍ରୋମ ଥ୍ରୋମ୍ବୋସିସ ଭଳି ଗୁରୁତର ରୋଗ ପାଇଁ ଏହି ଟିକା ଦାୟୀ। ଏହା ଦ୍ୱାରା ହୃଦ୍‌ଘାତ ବିପଦ ବଢ଼ିଥାଏ।

ବ୍ରିଟେନ ହାଇକୋର୍ଟରେ ୫୦ରୁ ଅଧିକ ପୀଡ଼ିତ ଏବଂ ତାଙ୍କ ପରିବାର ସଦସ୍ୟ କମ୍ପାନୀ ବିରୋଧରେ ମାମଲା ରୁଜୁ କରିଛନ୍ତି। ଏମାନେ କମ୍ପାନୀଠାରୁ ହଜାରେ କୋଟି ଟଙ୍କା ଦାବି କରିଛନ୍ତି। ତେବେ ଆଷ୍ଟ୍ରାଜେନେକା ପକ୍ଷରୁ କୁହାଯାଇଛି ଯେ ଟିକା ପ୍ରତ୍ୟାହାରର ନିଷ୍ପତ୍ତି କୋର୍ଟ ମାମଲା ସହ ଜଡ଼ିତ ନୁହେଁ।

### ପ୍ରଥମେ ଆବେଦନ କରିଥିଲେ ଜେମି ସ୍କଟ

୨୦୨୧ରେ ଜେମି ସ୍କଟ ନାମକ ଜଣେ ବ୍ୟକ୍ତି ପ୍ରଥମେ ଏହି ଟିକା ବିରୋଧରେ ଆବେଦନ ଦାଏର କରିଥିଲେ। ଏହା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇ ଯାଇଥିଲା। ଶରୀରରେ ରକ୍ତ ଜମାଟ ବାନ୍ଧିବାରୁ ମସ୍ତିଷ୍କ ଉପରେ ଏହାର ପ୍ରଭାବ ପଡ଼ିଥିଲା। ଏହା ସହିତ ସ୍କଟଙ୍କ ମସ୍ତିଷ୍କ ଭିତରେ ରକ୍ତ ବାହାରି ଥିଲା। ଡାକ୍ତର ସ୍କଟଙ୍କୁ ବଞ୍ଚାଇପାରିବେ ନାହିଁ ବୋଲି ତାଙ୍କ ପତ୍ନୀଙ୍କୁ କହିଥିଲେ। ଗତ ବର୍ଷ ସ୍କଟଙ୍କ ବିରୋଧରେ କମ୍ପାନୀ ଅଭିଯୋଗ ଦାଏର କରିଥିଲା। ୨୦୨୩ ମେ'ରେ ସ୍କଟଙ୍କ ଅଭିଯୋଗର ଉତ୍ତର ଦେଇ ଟିକା ଦ୍ୱାରା ଟିଟିଏସ ହେଉନାହିଁ ବୋଲି ଆଷ୍ଟ୍ରାଜେନେକା ପକ୍ଷରୁ ଦାବି କରାଯାଇଥିଲା। ମାତ୍ର ଫେବୃଆରୀରେ ଏହି ଦାବିରୁ କମ୍ପାନୀ ଓହରି ଯାଇଥିଲା ଏବଂ ଟିଟିଏସ ହେଉଥିବା ସ୍ୱୀକାର କରିଥିଲା। ତେବେ ଟିକାରେ ଥିବା କେଉଁ ଉପାଦାନ ଦ୍ୱାରା ଏହା ହେଉଛି ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଏ ସମ୍ପର୍କିତ ସୂଚନା କମ୍ପାନୀ ପାଖରେ ନାହିଁ। ଏହା ସାମ୍ନାକୁ ଆସିବା ପରେ ସ୍କଟଙ୍କ ଓକିଲ ଦାବି କରିଥିଲେ ଯେ ଆଷ୍ଟ୍ରାଜେନେକା-ଅକ୍ସଫୋର୍ଡ ଟିକାରେ ଅନେକ ଦୁର୍ବଳତା ରହିଛି। ଏହାର ପ୍ରଭାବକୁ ନେଇ ଭୁଲ୍ ସୂଚନା ଦିଆଯାଇଛି।



### ୨୦୨୧ରେ ରୋଗ ଚିହ୍ନଟ କରିଥିଲେ ବୈଜ୍ଞାନିକ

ବୈଜ୍ଞାନିକମାନେ ସର୍ବପ୍ରଥମେ ୨୦୨୧ ମାର୍ଚ୍ଚରେ ଏକ ନୂଆ ରୋଗ ଭ୍ୟାକ୍ସିନ-ଇଣ୍ଡ୍ୟୁସଡ (ଟିକାରୁ ହେଉଥିବା) ଇମ୍ୟୁନ ଥ୍ରୋମ୍ବୋସିସ ଥ୍ରୋମ୍ବୋସାଇଟୋପେନିଆ ସିଣ୍ଡ୍ରୋମ (ଭିଆଇଟିଟି) ଚିହ୍ନଟ କରିଥିଲେ। ପୀଡ଼ିତଙ୍କ ଓକିଲ ଦାବି କରିଛନ୍ତି ଯେ ଭିଆଇଟିଟି ହେଉଛି ଟିଟିଏସର ଏକ ଉପ-ପ୍ରଜାତି। ତେବେ ଆଷ୍ଟ୍ରାଜେନେକା ଏହାକୁ ଖାରଜ କରିଦେଇଥିଲା।

### ବ୍ରିଟେନରେ ବ୍ୟବହାର ହେଉନାହିଁ ଆଷ୍ଟ୍ରାଜେନେକା

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ବ୍ରିଟେନରେ ଏବେ ଏହି ଟିକାର ବ୍ୟବହାର କରାଯାଉନାହିଁ। ଅଷ୍ଟ୍ରେଲିଆ ମଧ୍ୟ ଏହାକୁ ନିଷିଦ୍ଧ କରିଦେଇଛି। ରିପୋର୍ଟ ଅନୁଯାୟୀ ବଜାରକୁ ଆସିବାର କିଛି ମାସ ପରେ ବୈଜ୍ଞାନିକମାନେ ଏହି ଟିକାଠାରୁ ଥିବା ବିପଦ ଜାଣି ନେଇଥିଲେ। ତେଣୁ ୪୦ ବର୍ଷରୁ କମ୍ ବୟସର ଲୋକଙ୍କୁ ଅନ୍ୟ ଟିକାର ଦ୍ୱିତୀୟ ଡୋଜ୍ ଦେବାକୁ ପ୍ରସ୍ତାବ ଦେଇଥିଲେ। କାରଣ କରୋନା ଭୂତାଣୁଠାରୁ ଆଷ୍ଟ୍ରାଜେନେକା ଟିକାର ବିପଦ ଅଧିକ ଥିଲା। ମେଡିସିନ ହେଲ୍‌ଥକେୟାର ରେଗୁଲେଟରି (ଏମଏଚଆରଏ) ଅନୁଯାୟୀ ଏହି ଟିକା ନେଇ ରକ୍ତ ଜମାଟ ବାନ୍ଧିବା ଯୋଗୁଁ ୮୧ ଜଣଙ୍କ ମୃତ୍ୟୁ ହୋଇଥିଲା। ପାର୍ଶ୍ୱ ପ୍ରତିକ୍ରିୟାର ଶିକାର ହୋଇଥିବା ପ୍ରତି ୫ ଜଣରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ରିପୋର୍ଟ ଅନୁଯାୟୀ ଫ୍ରିଡମ୍ ଅଫ୍ ଇନଫରମେସନ ମାଧ୍ୟମରେ ହାସଲ କରାଯାଇଥିବା ତଥ୍ୟ ଅନୁସାରେ ବ୍ରିଟେନରେ ଫେବୃଆରୀରେ ୧୬୩ ଲୋକଙ୍କୁ ସରକାର ଆର୍ଥିକ କ୍ଷତିପୂରଣ ଦେଇଥିଲେ। ଏଥିରେ ଆଷ୍ଟ୍ରାଜେନେକା ଟିକା ନେଇଥିବା ୧୫୮ ଜଣ ସାମିଲ ଥିଲେ।

### ସୁପ୍ରିମକୋର୍ଟରେ ମାମଲା



ଆଷ୍ଟ୍ରାଜେନେକାର ପାର୍ଶ୍ୱ ପ୍ରତିକ୍ରିୟା ବିରୋଧରେ ଦାଖଲ ମାମଲାର ଶୁଣାଣି ପାଇଁ ସୁପ୍ରିମକୋର୍ଟ ସହମତି ପ୍ରକାଶ କରିଛନ୍ତି। ତେବେ ପ୍ରଧାନ ବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ ଏ ପର୍ଯ୍ୟନ୍ତ ଶୁଣାଣିର ତାରିଖ ଧାର୍ଯ୍ୟ କରିନାହାନ୍ତି। ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଏବଂ ଅନ୍ୟ ସମ୍ଭାବିତ ବିପଦର ଯାଞ୍ଚ ପାଇଁ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ବିଶେଷଜ୍ଞ କମିଟି ଗଠନ କରିବାକୁ ଆବେଦନକାରୀ ଦାବି କରିଛନ୍ତି। ଆବେଦନରେ କ୍ଷତିପୂରଣ ପାଇଁ ମଧ୍ୟ ଦାବି କରାଯାଇଛି।

---

### କ୍ରାୟୋଜେନିକ୍ ଇଞ୍ଜିନ ଦେବାକୁ ମନା କରିଥିଲା ବିଶ୍ୱ

# ସ୍ୱଦେଶୀ ଜ୍ଞାନକୌଶଳରେ ନିଜେ ବନାଇଲା ଭାରତ

### ସେମି-କ୍ରାୟୋଜେନିକ୍ ଇଞ୍ଜିନର ଆଉ ଏକ ପରୀକ୍ଷଣ ସଫଳ





ପ୍ରଯୁକ୍ତିବିଦ୍ୟା ଏବଂ ଜ୍ଞାନକୌଶଳ କ୍ଷେତ୍ରରେ ଭାରତ ଦିନକୁ ଦିନ ସ୍ୱାବଲମ୍ବୀ ହେବରେ ଲାଗିଛି। ଭାରତ ସ୍ୱଦେଶୀ ଜ୍ଞାନକୌଶଳର ଉପଯୋଗ କରି ଗୋଟିଏ ପରେ ଗୋଟିଏ ସଫଳତା ପାଇ ଚାଲିଛି। ଦିନେ ଯେଉଁ ଦେଶଗୁଡିକ ଭାରତକୁ ଜ୍ଞାନକୌଶଳ ଦେଉ ନ ଥିଲେ ଆଜି ସେହି ଦେଶ ଭାରତ ସହ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଧାଡ଼ି ଲଗାଇଛନ୍ତି। ମହାକାଶକୁ ଉପଗ୍ରହ ପଠାଇବା ହେଉ କି ଚନ୍ଦ୍ରର ଦକ୍ଷିଣ ମେରୁକୁ ଚନ୍ଦ୍ରଯାନ-୩ ପଠାଇବା ସବୁଠି ବିଶ୍ୱ ଭାରତର ସାମର୍ଥ୍ୟ ଦେଖିଛି। ତେବେ ଦିନେ ସ୍ଥିତ ଭିନ୍ନ ଥିଲା। ସେତେବେଳେ ବିଶ୍ୱର କୌଣସି ଦେଶ ଭାରତକୁ ଜ୍ଞାନକୌଶଳ ଦେବାକୁ ଚାହୁଁ ନ ଥିଲେ। କ୍ରାୟୋଜେନିକ ଇଞ୍ଜିନ ଟେକ୍ନୋଲୋଜି କ୍ଷେତ୍ରରେ ଏପରି ଘଟଣା ଘଟିଥିଲା। ସୋଭିଏତ ସଂଘର ସ୍ପେସ ଏଜେନ୍ସି ୧୯୯୧ରେ ଇସ୍ରୋକୁ କ୍ରାୟୋଜେନିକ ଇଞ୍ଜିନ ଜ୍ଞାନକୌଶଳ ଦେବାକୁ ରାଜି ହୋଇଥିଲା। ମାତ୍ର ଆମେରିକା, ଜାପାନ, ୟୁରୋପ ଏବଂ ଚୀନ୍ ଏହାକୁ ବିରୋଧ କରିଥିଲେ। ୧୯୯୩ରେ ବୋରିସ ୟେଲତସିନଙ୍କ ନୂଆ ସୋଭିଏତ ସରକାର ଆମେରିକା ଚାପ ଆଗରେ ନଇଁ ଯାଇଥିଲା। ତେଣୁ ଭାରତକୁ ଜ୍ଞାନକୌଶଳ ଦେବାକୁ ମନା କରିଦେଇଥିଲା। ଜ୍ଞାନକୌଶଳ ବଦଳରେ ଭାରତକୁ ୭ଟି କ୍ରାୟୋଜେନିକ ଇଞ୍ଜିନ ବିକ୍ରି କରିବେ ବୋଲି ବୋରିସ କହିଥିଲେ। ଜ୍ଞାନକୌଶଳ ହସ୍ତାନ୍ତର ନ ହେବାରୁ ଭାରତ ହାର୍ ମାନି ଯାଇ ନ ଥିଲା। ନିଜେ ଏହି ଜ୍ଞାନକୌଶଳ ବିକଶିତ କରିବ ବୋଲି ସ୍ଥିର କରିଥିଲା। ୨୦୦୩ରେ ଭାରତ କ୍ରାୟୋଜେନିକ ଇଞ୍ଜିନର ପ୍ରଥମ ସଫଳ ପରୀକ୍ଷଣ କରି ବିଶ୍ୱକୁ ଚମକାଇ ଦେଇଥିଲା। ମାତ୍ର ସଫଳତାର ସହ ଫ୍ଲାଇଟ ପଠାଇବା ପାଇଁ ଆଉ ୧୧ ବର୍ଷ ଲାଗି ଯାଇଥିଲା। ଏବେ ଭାରତ ପାଖରେ ୨ଟି କ୍ରାୟୋଜେନିକ ଇଞ୍ଜିନ ରହିଛି। ଜିଏସ୍‌ଏଲ୍‌ଭି ମାର୍କ-୨ ରକେଟର ଅପର ଷ୍ଟେଜ ପାଇଁ ସିଇ-୭.୫ ବ୍ୟବହାର କରାଯାଉଛି। ସେହିପରି ଏଲ୍‌ଭିଏମ-୩ ରକେଟରେ ସିଇ-୨୦ ଇଞ୍ଜିନ ବ୍ୟବହାର ହେଉଛି। ଏହି ଇଞ୍ଜିନରେ ଇନ୍ଧନ ଭାବେ ଲିକ୍ୱିଡ ଅକ୍ସିଜେନ ଏବଂ ହାଇଡ୍ରୋଜେନ ବ୍ୟବହାର କରାଯାଇଥାଏ। ଏବେ ଭାରତର ଏହାଠାରୁ ଉନ୍ନତ ସେମି-କ୍ରାୟୋଜେନିକ ଇଞ୍ଜିନର ବିକାଶ କରୁଛି। ଏଥିରେ ଲିକ୍ୱିଡ ହାଇଡ୍ରୋଜେନ ବଦଳରେ ରିଫାଇନ୍ଡ କିରୋସିନ ବ୍ୟବହାର କରାଯାଏ। ଅକ୍ସିଡାଇଜର ଭାବେ ଲିକ୍ୱିଡ ଅକ୍ସିଜେନ ବ୍ୟବହାର କରାଯାଇଥାଏ।

ସେମି କ୍ରାୟୋଜେନିକ ଇଞ୍ଜିନ ବିକାଶ ଦିଗରେ ଭାରତକୁ ଆଉ ଏକ ସଫଳତା ମିଳିଛି। ସେମି କ୍ରାୟୋଜେନିକ ଇଞ୍ଜିନ ଷ୍ଟାର୍ଟ କରିବା ପାଇଁ ବ୍ୟବହୃତ ପ୍ରିବର୍ଣ୍ଣରକୁ ଇଗ୍‌ନାଇଟ କରିବାକୁ ପଡ଼ିଥାଏ। ଇସ୍ରୋ ଏହାର ସଫଳ ପରୀକ୍ଷଣ କରିଛି। ଗତ ୨ ତାରିଖରେ ମହେନ୍ଦ୍ରଗିରିରେ ଏହି ପରୀକ୍ଷଣ କରାଯାଇଥିଲା। ଏହି ଇଞ୍ଜିନ ଏଲ୍‌ଭିଏମ୩ ରକେଟର ପେଲୋଡ କ୍ଷମତା ବଢ଼ାଇବାରେ ସହାୟକ ହେବ। ଭାରତ ଏଲ୍‌ଭିଏମ୩ ମାଧ୍ୟମରେ ଚନ୍ଦ୍ରଯାନ-୩ ଉତ୍କ୍ଷେପଣ କରିଥିଲା। ଚନ୍ଦ୍ରଯାନ-୪ ଅଭିଯାନରେ ମଧ୍ୟ ଏହି ରକେଟ ବ୍ୟବହାର କରାଯିବ। ସେମି କ୍ରାୟୋଜେନିକ ଇଞ୍ଜିନ ଲିକ୍ୱିଡ ଅକ୍ସିଜେନ (ଏଲଓକ୍ସ) ଏବଂ କିରୋସେନର ମିଶ୍ରଣରେ କାମ କରୁଛି। ଏହା ୨ ହଜାର କେଏନର ଥ୍ରଷ୍ଟ ଉତ୍ପନ୍ନ କରୁଛି। ବିକଶିତ ହେବା ପରେ ଏହି ଇଞ୍ଜିନ ଏଲଭିଏମ୩ ରକେଟର ଦ୍ୱିତୀୟ ପର୍ଯ୍ୟାୟରେ ଲାଗିଥିବା ବିକାଶ ଇଞ୍ଜିନର ସ୍ଥାନ ନେବ।



ଅନେକ ଉଦ୍ୟୋଗରେ କ୍ରାୟୋଜେନିକ ଇଞ୍ଜିନର ବ୍ୟବହାର କରାଯାଇଥାଏ। ୧୯୬୧ରୁ ମହାକାଶ ଉଦ୍ୟୋଗରେ ଏହାର ବ୍ୟବହାର ଆରମ୍ଭ ହୋଇଥିଲା। ସେତେବେଳେ ଆମେରିକା ଆଟଲାସ ରକେଟ୍‌ରେ ତରଳ ହାଇଡ୍ରୋଜେନ ଏବଂ ତରଳ ନାଇଟ୍ରୋଜେନ ବ୍ୟବହାର କରିଥିଲା। କ୍ରାୟୋଜେନିକ ଟେକ୍ନୋଲୋଜି ଗ୍ରୀକ୍ ଶବ୍ଦ 'କ୍ରାୟୋସ'ରୁ ଆସିଛି। ଏହାର ଅର୍ଥ ଥଣ୍ଡା। ଅତ୍ୟଧିକ ଥଣ୍ଡା ଅଞ୍ଚଳରେ ଏହାକୁ ବ୍ୟବହାର କରାଯାଇଥାଏ। ଅତ୍ୟଧିକ ଶୀତ ଯୋଗୁଁ ବସ୍ତୁଗଡିକରେ ରାସାୟନିକ ପ୍ରତିକ୍ରିୟା ହୋଇଥାଏ। ଥଣ୍ଡା ହେଲେ ପଦାର୍ଥ ଗ୍ୟାସରୁ ତରଳରେ ବଦଳି ଯାଇଥାଏ କିମ୍ବା କଠିନ ହୋଇ ଯାଇଥାଏ।

---

## ରେକର୍ଡ ଭାଙ୍ଗିଲା ଖରା

# ଇତିହାସର ସବୁଠୁ ଉତ୍ତପ୍ତ ମାସ 'ଏପ୍ରିଲ୍'

ବିଶ୍ୱରେ ଦିନକୁ ଦିନ କାର୍ବନ ନିର୍ଗମନ ବୃଦ୍ଧି ପାଇବାରେ ଲାଗିଛି। ଏଥିପାଇଁ ପୃଥିବୀର ତାପମାତ୍ରା ବଢ଼ି ଚାଲିଛି। ଜଳବାୟୁ ପରିବର୍ତ୍ତନ ଉପରେ ଏହାର ସିଧାସଳଖ ପ୍ରଭାବ ପଡିଛି। ବିଶ୍ୱ ତାପମାତ୍ରା ବୃଦ୍ଧି ଯୋଗୁଁ ବରଫ ତରଳିବାରେ ଲାଗିଛି। ସମୁଦ୍ରର ଜଳସ୍ତର ବୃଦ୍ଧି ପାଇ ଚାଲିଛି। ଜୈବ ବିବିଧତା କ୍ଷତି ହେବାରେ ଲାଗିଛି। ଋତୁ ଚକ୍ର ପରିବର୍ତ୍ତନ ହୋଇଚାଲିଛି। ଏଥିଯୋଗୁଁ ଅନେକ ପ୍ରାକୃତିକ ବିପର୍ଯ୍ୟୟ ହେଉଛି। ଫଳରେ ଅନେକ ସମସ୍ୟା ଦେଖା ଦେଉଛି। ଏହି କାରଣରୁ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଭୀଷଣ ଗରମ ହେଉଛି। କେଉଁଠି ବନ୍ୟା ତ ଆଉ କେଉଁଠି ମରୁଡ଼ି ସ୍ଥିତି ସୃଷ୍ଟି ହୋଇଛି। ଯେଉଁଠି ଦିନେ ସବୁଜ ବଳୟ ଥିଲା ଏବେ ସେଠି ଟାଙ୍ଗରା ଭୂଇଁ ଦେଖା ଯାଉଛି। ଏହା ମଧ୍ୟରେ ୟୁରୋପୀୟ ୟୁନିୟନ (ଇୟୁ) ର କ୍ଲାଇମେଟ ମନିଟରିଂ ସର୍ଭିସ ଏକ ରିପୋର୍ଟ ଜାରି କରିଛି। ଏଥିରେ ଚଳିତ ବର୍ଷର ଏପ୍ରିଲ ମାସ ଇତିହାସର ସବୁଠାରୁ ଉତ୍ତପ୍ତ ମାସ ଥିବା ରେକର୍ଡ କରାଯାଇଛି। ଉକ୍ତ ମାସର ହାରାହାରି ତାପମାତ୍ରା ୧୫.୦୩ ଡିଗ୍ରୀ ଥିବା ରେକର୍ଡ କରଯାଇଥିଲା। ୧୯୯୧ରୁ ୨୦୨୦ ତୁଳନାରେ ଗତ ଏପ୍ରିଲ ମାସ ୦.୬୭ ଡିଗ୍ରୀ ଅଧିକ ଉତ୍ତପ୍ତ ଥିଲା। ରିପୋର୍ଟ ଅନୁଯାୟୀ ୨୦୧୬ ଏପ୍ରିଲ ତୁଳନାରେ ଗତ ମାସର ତାପମାତ୍ରା ୦.୧୪ ଡିଗ୍ରୀ ଅଧିକ ଥିଲା। ଏହା ପୂର୍ବରୁ ୨୦୧୬ ଏପ୍ରିଲ ସବୁଠାରୁ ଉତ୍ତପ୍ତ ମାସ ଥିଲା। ମାତ୍ର ଚଳିତ ବର୍ଷ ଏହି ରେକର୍ଡ ଭାଙ୍ଗି ଯାଇଛି। ୧୮୫୦-୧୯୦୦ରେ ଶିଳ୍ପାୟନ ଆରମ୍ଭ ହୋଇଥିଲା। ସେ ସମୟରେ ପରିବେଶରେ ସେତେ ମାତ୍ରାରେ ସବୁଜ କୋଠରୀ ଗ୍ୟାସ ନ ଥିଲା। ୧୮୫୦-୧୯୦୦ର ହାରହାରି ତାପମାତ୍ରା ତୁଳନାରେ ୨୦୨୪ ଏପ୍ରିଲ ୧.୫୮ ଡିଗ୍ରୀ ସେଲ୍‌ସିୟସ ଅଧିକ ଉତ୍ତପ୍ତ ଥିଲା।

ଇୟୁ କ୍ଲାଇମେଟ ମନିଟରିଂ ସର୍ଭିସର ବୈଜ୍ଞାନିକଙ୍କ ଅନୁଯାୟୀ ଚଳିତ ବର୍ଷ ପ୍ରାରମ୍ଭରେ ଏଲ୍‌ନିନୋ ସର୍ବୋଚ୍ଚସ୍ତରରେ ପହଞ୍ଚି ଥିଲା। ଏବେ ପୂର୍ବ ଟ୍ରପିକାଲ ଯୋଗୁଁ ପ୍ରଶାନ୍ତ ମହାସାଗର ପୃଷ୍ଠର ତାପମାତ୍ରା ପ୍ରାୟ ଶୂନ ସମାନ ରହିଛି। ବୈଜ୍ଞାନିକମାନେ କହିଛନ୍ତି ଯେ ଏଲ୍‌ନିନୋ ଏକ ପ୍ରାକୃତିକ ଘଟଣା। ଏହା ଦ୍ୱାରା ତାପମାତ୍ରା ହ୍ରାସ ଏବଂ ବୃଦ୍ଧି ପାଇଥାଏ। ଏହି ପରିବେଶ ଯୋଗୁଁ ସବୁଜ କୋଠରୀ ଗ୍ୟାସ ବୃଦ୍ଧି ପାଉଛି। ଏଥିପାଇଁ ବିଶ୍ୱ ତାପମାତ୍ରାରେ ରେକର୍ଡ ବୃଦ୍ଧି ଦେଖିବାକୁ ମିଳୁଛି।





# ଏଲ୍‌ଫ ପରି ଦିଶିବା ପାଇଁ...

ଅନେକ ଲୋକ ଅଛନ୍ତି ଯେଉଁମାନେ ନିଜକୁ ଭିନ୍ନ ରୂପରେ ଦେଖିବା ପାଇଁ ଚାହାନ୍ତି । ଅଧିକ ସୁନ୍ଦର ଦେଖାଯିବା ପାଇଁ କେହିକେହି କସ୍ମେଟିକ୍ ସର୍ଜରୀର ସାହାଯ୍ୟ ନେଇଥାନ୍ତି । ଏହି କ୍ରମରେ ଚୀନ୍‌ର ଲୋକଙ୍କୁ ପୌରାଣିକ ଜୀବ 'ଏଲ୍‌ଫ' ହେବା ନିଶା ଘାରିଛି । ଏଥିପାଇଁ ସେମାନେ କାନକୁ ସର୍ଜରୀ ଦ୍ୱାରା ବାହାରକୁ ବାହାର କରୁଥିବାର ଦେଖାଯାଉଛି । ଆଉ କିଛି ଲୋକ ଏଥିପାଇଁ କାନ ପଛରେ ଇଞ୍ଜେକସନ୍ ନେଉଛନ୍ତି । ଏହା ଏବେ 'ଏଲ୍‌ଫ ଇୟର କସମେଟିକ୍ ସର୍ଜରୀ' ଭାବେ ପରିଚିତ । ଜର୍ମାନୀ ଲୋକକଥାଗୁଡ଼ିକରେ 'ଏଲ୍‌ଫ' ବିଷୟରେ ବର୍ଣ୍ଣନା ଅଛି । ଯେଉଁମାନେ ଦେଖିବାକୁ ବାମନ ଭଳି ହୋଇଥାନ୍ତି ଓ ସେମାନଙ୍କର କାନଗୁଡ଼ିକ ଅପେକ୍ଷାକୃତ ବଡ଼ ଓ ଗୋଜିଆ ହୋଇଥାଏ । ଚେନ୍ ଜିୟାନାନ୍ ନାମ୍ନୀ ଜଣେ ମହିଳା ଏଭଳି କାନ ସର୍ଜରୀ କରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ପରେ ୨୦୨୧ ମସିହାରେ 'ଏଲ୍‌ଫ ଇୟର କସ୍‌ମେଟିକ୍ ସର୍ଜରୀ' ବିଶ୍ୱବାସୀଙ୍କ ଧ୍ୟାନ ଆକର୍ଷଣ କରିଥିଲା । ଚେନ୍‌ଙ୍କ କହିବାନୁଯାୟୀ, ଏପରି କାନ ସର୍ଜରୀ କରିବା ଦ୍ୱାରା ସେ କମ୍ ବୟସର ଦେଖାଯିବା ସହ ତାଙ୍କ ମୁହଁ ପତଳା ଦିଶୁଛି । ଅବଶ୍ୟ ଚେନ୍ ଏଲ୍‌ଫ ଇୟର ସର୍ଜରୀ କରିଥିବା ପ୍ରଥମ ମହିଳା ନୁହଁନ୍ତି । ଚୀନ୍‌ରେ ଏପରି ବହୁ ଲୋକ ଅଛନ୍ତି, ଯେଉଁମାନେ ଏପରି କାନ ସର୍ଜରୀ କରିବା ପାଇଁ ବେଶ୍ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରୁଛନ୍ତି । ଏହି କାନ ସର୍ଜରୀ କରିବାର ପ୍ରକ୍ରିୟା ଏତେ ସହଜ ନୁହେଁ, ଏଥିପାଇଁ କାନ ପଛ ପାର୍ଶ୍ୱରେ ହ୍ୟାଲୁରୋନିକ ଏସିଡ୍ ଇଞ୍ଜେକ୍ସନ୍ ଦିଆଯାଇଥାଏ । ତେବେ ଏହା କୌଣସି ସ୍ଥାୟୀ ପ୍ରକ୍ରିୟା ନୁହେଁ , ଇଞ୍ଜେକ୍ସନର ପ୍ରଭାବ କମ୍ ହୋଇଯିବା ପରେ କାନ ପୁଣି ତାର ପୂର୍ବାବସ୍ଥାକୁ ଫେରିଆସେ । ତେଣୁ କାନକୁ ସ୍ଥାୟୀ ଭାବେ 'ଏଲ୍‌ଫ' କରିବାକୁ ହେଲେ କସ୍ମେଟିକ୍ ସର୍ଜରୀ କରିବାକୁ ପଡ଼ିଥାଏ । ଏଭଳି ସର୍ଜରୀ ଖୁବ୍ ମହଙ୍ଗା । ସେହିପରି କିଛି ଲୋକ ଏଲ୍‌ଫ ଭଳି କାନପାଇବା ପାଇଁ କାନର ପଛ ଭାଗରେ ଟେପ୍ ଲଗାଇଥାନ୍ତି । ଯାହା ଦ୍ୱାରା କାନ ବାହାରକୁ ବାହାରିଲା ଭଳି ଦୃଶ୍ୟମାନ ହୋଇଥାଏ । ଏହା ଦ୍ୱାରା କାନର ବହୁ କ୍ଷତି ହୋଇଥାଏ ।

# ଅଲଗା ହେଲେ ଆଦିତ୍ୟ-ଅନନ୍ୟା!

ବଲିଉଡ୍ ଅଭିନେତା ଆଦିତ୍ୟ ରାୟ କପୁର ଓ ଅନନ୍ୟା ପାଣ୍ଡେଙ୍କ ପ୍ରେମ ସମ୍ପର୍କ ବିଗତ ଦୁଇ ବର୍ଷ ହେଲାଣି ଚର୍ଚ୍ଚାରେ ରହିଥିଲା । ଅବଶ୍ୟ ଏନେଇ ଅନନ୍ୟା କି ଆଦିତ୍ୟ କେବେ ବି କିଛି କହିନାହାନ୍ତି । ଉଭୟଙ୍କୁ ବିଦେଶରେ ଓ ଅନେକ ବଲିଉଡ୍ ପାର୍ଟିରେ ଏକାଠି ଦେଖାଯାଇଥିଲା । ଇତିମଧ୍ୟରେ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଥିବା କଥା ସାମ୍ନାକୁ ଆସିଛି । ସାମାଜିକ ଗଣମାଧ୍ୟମରେ ଆଦିତ୍ୟ ଓ ଅନନ୍ୟାଙ୍କର ଜଣେ ସାଙ୍ଗ ଏସମ୍ପର୍କରେ ସୂଚନା ଦେଇଛନ୍ତି । ତେବେ ମାସେ ପୂର୍ବରୁ ଦୁଇଜଣ ଅଲଗା ହୋଇ ଯାଇଥିବା କଥା ସେ କହିଛନ୍ତି । ଗତ ମାସରେ ଅନନ୍ୟା ସାମାଜିକ ଗଣମାଧ୍ୟମରେ କରିଥିବା ଏକ ପୋଷ୍ଟରୁ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଥିବା ଚର୍ଚ୍ଚା ହେଉଥିଲା । ଏବେ ଏହି କଥା ଉପରେ ଉଭୟଙ୍କ ସାଙ୍ଗ ଜଣକ ମୋହର ଲଗାଇଛନ୍ତି । ପ୍ରଥମ ଥର ପାଇଁ କରନ୍ ଜୋହର୍‌ଙ୍କ 'କଫି ୱିଥ୍ କରନ୍ ' ଶୋ'ର ସିଜିନ୍-୭ରେ ଆଦିତ୍ୟ ଓ ଅନନ୍ୟାଙ୍କ ଡେଟିଂ ଖବର ଚର୍ଚ୍ଚାକୁ ଆସିଥିଲା । ଶୋ'ରେ କରନ୍ ସେମାନଙ୍କ ସମ୍ପର୍କକୁ ନେଇ ଇସାରା ଦେଇଥିଲେ ।



## ଆଜିର ଇତିହାସ

- ୧୫୪୦- ମହାରାଣା ପ୍ରତାପଙ୍କ ଜନ୍ମ ।
- ୧୮୧୨- ଆମେରିକା ଓ ବ୍ରିଟେନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା ।
- ୧୮୬୬- ସ୍ୱାଧୀନତା ସଂଗ୍ରାମୀ ଗୋପାଳ କୃଷ୍ଣ ଗୋଖଲେଙ୍କ ଜନ୍ମ ।
- ୧୯୪୭- ବିଶ୍ୱ ବ୍ୟାଙ୍କ ପ୍ରଥମ ଋଣ ଫ୍ରାନ୍ସକୁ ଦେଲା ।
- ୧୯୫୫-ପଶ୍ଚିମ ଜର୍ମାନୀ ନାଟୋର ଅଂଶ ହେଲା ।
- ୨୦୧୨-ଆମେରିକା ରାଷ୍ଟ୍ରପତି ବାରାକ୍ ଓବାମା ସମଲିଙ୍ଗୀ ବିବାହକୁ ସମର୍ଥନ ଦେଲେ ।

# ବହୁରୂପୀ ପ୍ରକୃତି ସହ ମିଶିଯାନ୍ତି



ଚୀନର କଳାକାର ୱାଙ୍ଗ୍ ଲିଆଙ୍ଗ୍ 'ଅଦୃଶ୍ୟ ମଣିଷ' ଭାବେ ପରିଚିତ । ୩୫ ବର୍ଷୀୟ ୱାଙ୍ଗ୍ ସାନ୍‌ଡଙ୍ଗ ଅଞ୍ଚଳରେ ରୁହନ୍ତି । ସେ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ନିଜ ଶରୀରରେ ରଙ୍ଗ ବୋଳି ହୁଅନ୍ତି । ସାମାଜିକ ଗଣମାଧ୍ୟମରେ ତାଙ୍କର ଲୋକପ୍ରିୟତା ଖୁବ୍ ବେଶି । ବହୁରୂପୀ ଏଣ୍ଡୁଅ ଯେଭଳି ତା' ରଙ୍ଗ ବଦଳାଏ, ଠିକ୍ ସେହିପରି ୱାଙ୍ଗ୍ ମଧ୍ୟ ସ୍ଥାନ ଓ ପରିବେଶ ଅନୁସାରେ ନିଜର ରଙ୍ଗ ବଦଳାଇଥାନ୍ତି । ଏହାର ଅର୍ଥ ନୁହେଁ, ସେ ତାଙ୍କ ସ୍ୱଭାବରେ ପରିବର୍ତ୍ତନ ଆଣନ୍ତି, ବରଂ ପ୍ରକୃତି ରଙ୍ଗରେ ନିଜ ଶରୀରରେ ସୁନ୍ଦର କଳାକୃତି କରିଥାନ୍ତି । ତାଙ୍କର ଏହି ବିଶେଷତା ଯୋଗୁଁ ୱାଙ୍ଗ୍ 'ବହୁରୂପୀ ମଣିଷ' ଭାବେ ପରିଚିତ । ୱାଙ୍ଗ୍ ନଦୀ, ପାହାଡ଼, ଗଛ, ଫୁଲର ଦୃଶ୍ୟପଟକୁ ଧ୍ୟାନରେ ରଖି ତଦନୁଯାୟୀ ନିଜକୁ ସେମିତି ରଙ୍ଗରେ ସଜାନ୍ତି । ଫଳସ୍ୱରୂପ ସେ ଫୁଲ, ନଦୀ, ଗଛ ଆଦି ସହ ଅବିକଳ ମିଶିଯାଆନ୍ତି । ତେବେ ସେ ନିଜକୁ ରଙ୍ଗ କରି ସାରିବା ପରେ ଏଭଳି ଭାବେ ସେହି ସବୁ ସ୍ଥାନରେ ଛିଡ଼ା ହୁଅନ୍ତି ଯେ, କେହି ଜାଣିପାରନ୍ତି ନାହିଁ କି ସେଠାରେ କୌଣସି ବ୍ୟକ୍ତି ଅଛନ୍ତି । ଅବଶ୍ୟ ତାଙ୍କର ଏହି ବଡି ପେଣ୍ଟିଂ ପଛରେ ଏକ ଉଦ୍ଦେଶ୍ୟ ରହିଛି । ପ୍ରକୃତି ସହ ଲୋକଙ୍କୁ ଓତପ୍ରୋତ ଭାବେ ଯୋଡ଼ି ରଖିବା ହେଉଛି ତାଙ୍କ କଳାକୃତିର ମୁଖ୍ୟ ଉଦ୍ଦେଶ୍ୟ । ସେ ବିଶ୍ୱାସ ରଖିଛନ୍ତି ଯେ, ତାଙ୍କର ଏହି କାର୍ଯ୍ୟ ପରିବେଶ ସଂରକ୍ଷଣ ଦିଗରେ ସାହାଯ୍ୟ କରିବ । ୱାଙ୍ଗ ୧୪ ବର୍ଷ ବୟସରେ ପେଣ୍ଟିଂ ଶିକ୍ଷା ଆରମ୍ଭ କରିଥିବା ବେଳେ କରୋନା ସମୟରେ କିଛି ନୂଆ କରିବା କଥା ଚିନ୍ତା କଲେ । ଆଜିକାଲି ପରିବେଶ ପ୍ରଦୂଷଣ ଏକ ଉତ୍କଟ ସମସ୍ୟା ହୋଇଥିବା ବେଳେ ୱାଙ୍ଗ୍ ବଡି ପେଣ୍ଟିଂ ମାଧ୍ୟମରେ ପ୍ରକୃତି ଓ ମଣିଷ ମଧ୍ୟରେ ଥିବା ସମ୍ପର୍କକୁ ଦର୍ଶାଇବାକୁ ଚେଷ୍ଟା କରୁଛନ୍ତି । ୨୦୨୦ରୁ ୱାଙ୍ଗ୍ ଓ ତାଙ୍କ ସହଯୋଗୀ ଏଭଳି ହଜାରେ କଳାକୃତି ବିଭିନ୍ନ ସ୍ଥାନରେ ସଫଳତାପୂର୍ବକ ପ୍ରଦର୍ଶିତ କରି ଆସୁଛନ୍ତି । ମୁଖ୍ୟତଃ ୱାଙ୍ଗ୍‌ଙ୍କୁ ବିଭିନ୍ନ ଦର୍ଶନୀୟ ସ୍ଥାନ ଏବଂ ସହରାଞ୍ଚଳର ପ୍ରସିଦ୍ଧ କୋଠା ପାଖରେ ଦେଖିବାକୁ ମିଳେ । ତେବେ ବଡି ପେଣ୍ଟିଂ ପୂରା କରିବା ପାଇଁ ତାଙ୍କୁ ଦୁଇରୁ ତିନି ଘଣ୍ଟା ଲାଗେ । ସେ ଏ ଲାଗି ଆର୍କିଲିକ୍ ପେଣ୍ଟ୍ ଏବଂ ଅଏଲ ବ୍ରଶ୍ ବ୍ୟବହାର କରନ୍ତି । ଅନ୍ୟପଟେ ସେ ଏହି ନିଆରା କାମ କେବଳ ଖରାଦିନେ ହିଁ କରନ୍ତି । ଏ ଲାଗି ବ୍ୟାକଗ୍ରାଉଣ୍ଡ ଏବଂ ରଙ୍ଗ ଚୟନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିବା ସେ କହିଛନ୍ତି ।

# ଖାଉଖାଉ କାନ୍ଦମାଡ଼େ

ସାଧାରଣତଃ ଖାଦ୍ୟ ଅଧିକ ରାଗ ଥିଲେ, ଅନେକଙ୍କ ଆଖିରୁ ପାଣି ଓ ପାଟିରୁ ଲାଳ ବହେ । ଏହି ଘଟଣା ସହ ପ୍ରାୟ ସମସ୍ତେ ପରିଚିତ । ତେବେ କେହି କେବେ ଜାଣିଶୁଣି କାନ୍ଦିକାନ୍ଦି ଖାଉ ନ ଥିବେ । କିନ୍ତୁ ଏଭଳି ଏକ ବିଲକ୍ଷଣ ଚୀନ୍‌ର ଜଣେ ବ୍ୟକ୍ତିଙ୍କଠାରେ ଦେଖିବାକୁ ମିଳେ । ଝାଙ୍ଗ୍ ନାମକ ଏହି ବ୍ୟକ୍ତି ଜଣକ ଖାଇବା ସମୟରେ ହିଁ କାନ୍ଦିଥାନ୍ତି । ତାଙ୍କ କାନ୍ଦିବାର ଅର୍ଥ ନୁହେଁ ଯେ, ଖାଦ୍ୟ ତାଙ୍କୁ ଖାଇବାକୁ ଭଲ ଲାଗେ ନାହିଁ । ବରଂ ସେ ଏକ ବିରଳ ରୋଗରେ ପୀଡ଼ିତ । ଯେଉଁଥିପାଇଁ ଖାଇବା ବେଳେ ସେ ସ୍ୱତଃପ୍ରବୃତ୍ତ ଭାବେ କାନ୍ଦିବା ଆରମ୍ଭ କରିଥାନ୍ତି । ଏହି କାରଣରୁ ସେ ହୋଟେଲରେ ବସି ଖାଇବାକୁ ଚାହିଁଲେ ବି ଖାଇପାରନ୍ତି ନାହିଁ । ଏନେଇ ସେ ଲଜ୍ଜା ଅନୁଭବ କରନ୍ତି । ଡାକ୍ତରୀ ଭାଷାରେ ସେ କ୍ରୋକୋଡାଇଲ ସିଣ୍ଡ୍ରୋମରେ ପୀଡ଼ିତ । ଏହି ସିଣ୍ଡ୍ରୋମ ଫେସିଆଲ ପାରାଲିସିସ୍ ସମସ୍ୟା ସହ ଜଡ଼ିତ । ଫେସିଆଲ ପାରାଲିସିସ୍‌ରୁ ସେ ଭଲ ହେବା ପରେ ତାଙ୍କର ଲାକ୍ରିମାଲ ଗ୍ରନ୍ଥି ଉପରେ ଖରାପ ପ୍ରଭାବ ପଡ଼ିଥିଲା । ଏହା ଦ୍ୱାରା ତାଙ୍କ ଶିରାପ୍ରଶିରାର ଗତି ସବୁ ବଦଳି ଗଲା । ଯଦ୍ୱାରା ଖାଦ୍ୟରୁ ସୁଗନ୍ଧ ଆସିଲେ କିମ୍ବା ସୁଆଦିଆ ଲାଗିଲେ ତାଙ୍କ ପାଟିରେ ଲାଳ ଆସିବା ପରିବର୍ତ୍ତେ ଆଖିରୁ ଲୁହ ଝରିଥାଏ । ସେଥିପାଇଁ ଖାଦ୍ୟ ଖାଇବା ସମୟରେ ସେ ନ ଚାହିଁଲେ ବି ତାଙ୍କ ଆଖିରୁ ଲୁହ ଆପେ ଆପେ ବୋହୁଛି ।



# ଜୀବସତ୍ତାରେ ମୃତ୍ୟୁ ଉତ୍ସବ



ବିଶ୍ୱରେ ଏପରି କିଛି ଦେଶ ଅଛି, ଯାହାର ପରମ୍ପରା ବେଶ୍ ଅଜବ ଲାଗିଥାଏ । ଅବଶ୍ୟ ସେଠାକାର ଲୋକଙ୍କ ପାଇଁ ଏହା ବେଶ୍ ଖାସ୍ ହୋଇଥାଏ । ସେମିତି ଏକ ଦେଶ ହେଲା ଜାପାନ, ଯେଉଁଠି 'ଡେଥ୍ ଫେଷ୍ଟିଭାଲ' ବା 'ମୃତ୍ୟୁ ଉତ୍ସବ' ପାଳନ କରାଯାଏ । ଏହି ଉତ୍ସବକୁ ଲୋକେ ମୃତ୍ୟୁର ଅନୁଭୂତି ନେବାକୁ ଆସିଥାନ୍ତି । ତେବେ ଟୋକିଓ ସହରରେ ଏହି ପର୍ବ ଚଳିତବର୍ଷ ଏପ୍ରିଲ ୧୩ ତାରିଖରୁ ୬ ଦିନ ଧରି ପାଳନ କରାଯାଇଥିଲା । ଏହି ଉତ୍ସବ ଚୀନ୍ ଓ ଦକ୍ଷିଣ କୋରିଆରେ ମଧ୍ୟ ପାଳନ କରାଯାଇଥାଏ । ଉତ୍ସବରେ ଯୋଗ ଦେଉଥିବା ଲୋକେ ଭର୍ଚୁଆଲ ରିଆଲିଟି ଟେକ୍‌ନିକ୍ ସାହାଯ୍ୟରେ ସେମାନଙ୍କର ଅନ୍ତିମ ସଂସ୍କାର ହେଲେ ଶୋକସଭା କିପରି ହେବ ତାହା ମୃତ୍ୟୁ ପୂର୍ବରୁ ଅନୁଭବ କରିଥାନ୍ତି । ଏଥି ସହିତ ସେମାନଙ୍କୁ କଫିନ୍ ମଧ୍ୟରେ ୩ ମିନିଟ୍ ଶୋଇବା ପାଇଁ ଅନୁମତି ଦିଆଯାଏ । ଏହାପରେ ସେମାନଙ୍କୁ କଫିନ୍ ମଧ୍ୟରୁ ବାହାରକୁ କଢ଼ାଯାଇ ଦୁନିଆଙ୍କୁ ଦ୍ୱିତୀୟ ଥର ସ୍ୱାଗତ ବୋଲି କୁହାଯାଏ । ଉଲ୍ଲେଖନୀୟ କଥାଟି ହେଲା, ଜଣକର ମୃତ୍ୟୁ ସମୟରେ ଜାପାନରେ ଯେଉଁ ଖାଦ୍ୟ ପ୍ରସ୍ତୁତ କରାଯାଏ, ସେହି ଖାଦ୍ୟ ମୃତ୍ୟୁ ଉତ୍ସବରେ ସାମିଲ ଲୋକଙ୍କୁ ପରଷା ଯାଇଥାଏ । ଜାପାନରେ ମୃତ୍ୟୁ ହାର ଅଧିକ । କାରଣ ଏଠାରେ ବୟସ୍କ ଲୋକଙ୍କ ସଂଖ୍ୟା ଅଧିକ । ତେଣୁ ମୃତ୍ୟୁକୁ ସହଜରେ ଗ୍ରହଣ କରିବା ପାଇଁ ଏଭଳି ଉତ୍ସବର ଆୟୋଜନ କରାଯାଏ । ଏହା ମାଧ୍ୟମରେ ଜୀବନ କେତେ ମୂଲ୍ୟବାନ ଓ ସ୍ୱତନ୍ତ୍ର ତାହା ଲୋକଙ୍କୁ ବୁଝାଯାଇଥାଏ ।

# ଅକ୍ଷୟ ତୃତୀୟାରେ ପାଳନ କରନ୍ତୁ ଏହି ବାସ୍ତୁ ନିୟମ



ଅକ୍ଷୟ ତୃତୀୟା, ହିନ୍ଦୁ ଧର୍ମର ଅନ୍ୟତମ ପବିତ୍ର ପର୍ବ । ଚଳିତ ବର୍ଷ ଅକ୍ଷୟ ତୃତୀୟା ମେ' ୧୦ ତାରିଖ ଶୁକ୍ରବାରରେ ପଡ଼ୁଛି । ଅକ୍ଷୟ ତୃତୀୟାକୁ ମା' ଲକ୍ଷ୍ମୀଙ୍କ ଦିନ ବୋଲି ବିବେଚନା କରାଯାଏ । ସେଥିପାଇଁ ଏହି ଦିନକୁ ବହୁତ ଶୁଭ ବୋଲି କୁହାଯାଏ । ଖାସ୍ ସେଥିପାଇଁ ଏହି ଦିନ ବିବାହ, ନିର୍ବନ୍ଧ, ଗୃହ ପ୍ରବେଶ ସମେତ ସମସ୍ତ ପ୍ରକାର ଶୁଭ କାର୍ଯ୍ୟ କରାଯାଇଥାଏ । ଅକ୍ଷୟ ତୃତୀୟାରେ ସୁନା ଓ ରୁପା କିଣିବା ଦ୍ୱାରା ଘରକୁ ସୁଖ ସମୃଦ୍ଧି ଆସିଥାଏ ବୋଲି କୁହାଯାଏ । ଏହି ଦିନ ନୂଆ କାର୍ଯ୍ୟର ଆରମ୍ଭ କରିବାରେ ମଧ୍ୟ ଜୀବନରେ ସଫଳତା ମିଳିଥାଏ । ତେବେ ଅକ୍ଷୟ ତୃତୀୟା ଦିନ କିଛି ବାସ୍ତୁ ନିୟମ ପାଳନ କରିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି । ଆସନ୍ତୁ ଜାଣିବା ସେହି ନିୟମଗୁଡ଼ିକ ସଂପର୍କରେ...

- ଅକ୍ଷୟ ତୃତୀୟା ଦିନ ଘର କିମ୍ବା ବ୍ୟବସାୟିକ ସ୍ଥଳର ଉତ୍ତର କିମ୍ବା ପୂର୍ବ ଦିଗରେ ଧନ ରଖନ୍ତୁ । ଏହାଦ୍ୱାରା ଧନ ସମ୍ପତ୍ତି ବୃଦ୍ଧି ପାଇବା ସହ ଆର୍ଥିକ ସଙ୍କଟ ଦେଖାଯାଏ ନାହିଁ ।
- ଏହି ଦିନ ଘର କିମ୍ବା ବ୍ୟବସାୟିକ ସ୍ଥଳରେ ବୁଢ଼ିଆଣୀ ବସା ଥିଲେ ବାହାର କରିଦିଅନ୍ତୁ । ଏହା ଧନ ଆଗମନରେ ବାଧା ସୃଷ୍ଟି କରିଥାଏ ବୋଲି କୁହାଯାଏ ।
- ଅକ୍ଷୟ ତୃତୀୟା ଦିନ ଘରର ଉତ୍ତର ଦିଗରେ ଦର୍ପଣ ଲଗାଇବା ଦ୍ୱାରା ଘରକୁ ସକାରାତ୍ମକ ଶକ୍ତିର ଆଗମନ ହୋଇଥାଏ । ଘରେ ଧନ ଓ ଆୟ ବୃଦ୍ଧି ପାଇଥାଏ ।
- ଅକ୍ଷୟ ତୃତୀୟା ଦିନ ଯେଉଁଭଳି ଚାକିରି କିମ୍ବା ବ୍ୟବସାୟ କରୁଛନ୍ତି ସେମିତି ଫଟୋ ଘରେ ଲଗାଇବା ଦ୍ୱାରା ଅର୍ଥ ଆଗମନ ମାର୍ଗ ପ୍ରଶସ୍ତ ହୋଇଥାଏ ।
- ଏହି ଦିନ ଘରକୁ ଶ୍ରୀଯନ୍ତ୍ର ଆଣି ପୂଜା କରିବା ଦ୍ୱାରା ଘର ଧନଧାନ୍ୟରେ ପୂରି ଉଠେ ।
- ଅକ୍ଷୟ ତୃତୀୟା ଦିନ ସନ୍ଧ୍ୟାରେ ଘରର ମୁଖ୍ୟ ଦ୍ୱାରର ଉଭୟ ପାର୍ଶ୍ୱରେ ଏବଂ ଦକ୍ଷିଣ ଦିଗରେ ଦୀପ ରଖନ୍ତୁ । ଏଭଳି କରିବା ଦ୍ୱାରା ଦେବୀ ଲକ୍ଷ୍ମୀଙ୍କ ଆଗମନ ହୋଇଥାଏ ଏବଂ ପିତୃପୁରୁଷଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ ।

## ଆଜିର ରାଶିଫଳ

**ମେଷ:** ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ଧୈର୍ଯ୍ୟର ସହ କାମ କରନ୍ତୁ । ଅଚାନକ ଖୁସି ଖବର ପାଇବେ । ମାନସମ୍ମାନ ବୃଦ୍ଧି ପାଇବ ।

**ବୃଷ:** ଅଟକି ଥିବା କାମ ପୂରା ହେବ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ବିଦେଶ ଯାତ୍ରା କରିପାରନ୍ତି । ବିଦ୍ୟାର୍ଥୀ ଖେଳ ମନସ୍କ ହେବେ । ବ୍ୟୟ ଅଧିକ ହୋଇପାରେ ।

**ମିଥୁନ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ । ଆଜି ଧନପ୍ରାପ୍ତି ଯୋଗ ରହିଛି । ଅଫିସ୍‌ରେ ମାନସମ୍ମାନ ବୃଦ୍ଧି ପାଇବ । ସାମାଜିକ କାର୍ଯ୍ୟ କରିବାରେ ରୁଚି ବଢ଼ିବ । ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦିଅନ୍ତୁ ।

**କର୍କଟ:** ବ୍ୟବସାୟରେ ଲାଭବାନ ହେବେ । ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ । ବନ୍ଧୁଙ୍କ ସହିତ ମଧୁର ବ୍ୟବହାର କରିବେ । ଦୂରସ୍ଥାନ ଯାତ୍ରା କରିପାରନ୍ତି ।

**ସିଂହ:** କାମଚାପ ଅଧିକ ରହିବ । ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦିଅନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଗୁରୁଜନଙ୍କ କଥା ମାନି ଚଳନ୍ତୁ ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ । ପିଲାମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ମହିଳାମାନେ ଥକ୍କାପଣ ଅନୁଭବ କରିବେ ।

**ତୁଳା:** ପରିବାରରେ ହସ ଖୁସି ଲାଗି ରହିବ । କାର୍ଯ୍ୟକ୍ଷେତ୍ରରେ ଚାପ ଯୋଗୁଁ ଅସ୍ଥିରତା ଅନୁଭବ କରିପାରନ୍ତି । ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ । ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ । ପୁରୁଣା ବନ୍ଧୁ ଯୋଗ ଅଛି ।

**ବିଛା:** ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ । ଅଯଥା ଖର୍ଚ୍ଚ ବଢ଼ିବ । ପ୍ରେମ ବ୍ୟାପାରରେ ଶୁଭ ଖବର ପାଇବେ । ଦାନ ଧର୍ମରେ ଦିନ ବିତିବ । ଅନାଚନ ଦୂର ସ୍ଥାନ ଯାତ୍ରା କରିପାରନ୍ତି ।

**ଧନୁ:** ବ୍ୟକ୍ତିଗତ ମାମଲାକୁ ନେଇ ଚିନ୍ତା ବଢ଼ିବ । ଅଫିସ୍ ଓ ଘର କାମରେ ବ୍ୟସ୍ତ ରହିବେ । ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ । ଶତ୍ରୁଠାରୁ ଦୂରେଇ ରୁହନ୍ତୁ । ଅତିଥି ସତ୍କାର କରିବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ । ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ । ମନକୁ ଆୟତ୍ତରେ ରଖିବା ଭଲ । ଆଇଟି କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁ ଭଲ । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ ।

**ମୀନ:** ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ଆଶା କରିଥିବା ଦିଗରୁ ଧନ ପ୍ରାପ୍ତି ହେବ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପୁରୁଣା ସମସ୍ୟା ଦେଖାଦେଇପାରେ । ପ୍ରେମ ବ୍ୟାପାରରେ ଦିନଟି ଭଲରେ ବିତିବ ।

**ଟି-୨୦ ବିଶ୍ୱକପ୍**

# ଆୟର୍ଲାଣ୍ଡ ଦଳରେ ରଗ୍‌ବୀ ତାରକା ଆଦାୟର



**ଡବ୍‌ଲିନ, ୮।୫ (ଏଜେନ୍ସି):** ଜୁନ ପ୍ରାରମ୍ଭରୁ ଆରମ୍ଭ ହେବାକୁ ଥିବା ଆଇସିସି ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଲାଗି ଆୟର୍ଲାଣ୍ଡ ଦଳ ଘୋଷିତ ହୋଇଛି। ଅଭିଜ୍ଞ ବ୍ୟାଟର୍ ପଲ୍ ଷ୍ଟିର୍ଲିଂଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ତେବେ ସବୁଠୁ ରୋଚକ କଥା ହେଉଛି ଘୋଷିତ ଦଳରେ ପ୍ରାକ୍ତନ ପ୍ରଫେସନାଲ ରଗ୍‌ବୀ ଖେଳାଳି ରସ୍ ଆଦାୟରଙ୍କୁ ସ୍ଥାନ ମିଳିଛି। ସେ ହେଉଛନ୍ତି ଆୟର୍ଲାଣ୍ଡ ଦଳର ଦ୍ରୁତ ବୋଲର ମାର୍କ ଆଦାୟରଙ୍କ ଭାଇ। ରସ୍ ରଗ୍‌ବୀ ବ୍ୟତୀତ କ୍ରିକେଟ୍‌ରେ ବେଶ୍ ରୁଚି ରଖନ୍ତି। ଆୟର୍ଲାଣ୍ଡ ଘରୋଇ କ୍ରିକେଟ୍‌ରେ ସେ ନର୍ଦନ ନାଇଟ୍ସ ପକ୍ଷରୁ ଜଣେ ବିସ୍ଫୋରକ ଓପନିଂ ବ୍ୟାଟର୍ ଭାବେ ଖେଳୁଛନ୍ତି। ଅବଶ୍ୟ ରସ୍ ପୂର୍ବରୁ ୨୦୨୩ ଜାନୁଆରୀରୁ ଆୟର୍ଲାଣ୍ଡ ପକ୍ଷରୁ ଟି-୨୦ କ୍ରିକେଟ୍‌ରେ ପାଦ ଥାପିସାରିଛନ୍ତି। ସେ ୭ଟି ଟି-୨୦ ମ୍ୟାଚ୍ ଖେଳି ୧୪୩ ରନ କରିଛନ୍ତି। କିନ୍ତୁ ଗତ ଜୁଲାଇରୁ ସେ ଦଳରୁ ବାଦ୍ ପଡ଼ିଥିଲେ। ଏବେ ତାଙ୍କୁ ପୁଣିଥରେ ଦଳରେ ସାମିଲ କରାଯାଇଛି। ଟି-୨୦ ବିଶ୍ୱକପ୍‌ରେ ଆୟର୍ଲାଣ୍ଡ ଗ୍ରୁପ୍-ଏ'ରେ ଭାରତ, ପାକିସ୍ତାନ, ଆମେରିକା ଓ କାନାଡା ସହ ସ୍ଥାନ ପାଇଛି। ଜୁନ ୫ରେ ଭାରତ ବିପକ୍ଷରେ ଖେଳି ଦଳ ଅଭିଯାନ ଆରମ୍ଭ କରିବ।

**ଆୟର୍ଲାଣ୍ଡ ଦଳ:** ପଲ୍ ଷ୍ଟିର୍ଲିଂ (ଅଧିନାୟକ), ଆଣ୍ଡ୍ରିଉ ବଲ୍‌ବିର୍ନି, ରସ୍ ଆଦାୟର, ଲୋରକାନ ଟକର୍, ହ୍ୟାରୀ ଟେକ୍ଟର, କର୍ଟିସ କାମ୍ଫର, ନେଲ ରକ୍, ଜର୍ଜ ଡର୍କେଲ, ଗାରେଥ ଡେଲନୀ, ମାର୍କ ଆଦାୟର, ଜୋଶ୍ ଲିଟି, ବାରୀ ମ୍ୟାକ୍‌କାର୍ଥୀ, ଗ୍ରାହମ ହୁମେ, କ୍ରେଗ୍ ୟଙ୍ଗ୍, ବେନ୍ ହ୍ୱାଇଟ୍।

# ବେରିଂଟନ ସ୍କଟ୍‌ଲାଣ୍ଡ ଅଧିନାୟକ



**ଏଡିନବର୍ଗ, ୮।୫(ଏଜେନ୍ସି):** ଟି-୨୦ ବିଶ୍ୱକପ୍ ଲାଗି ରିଚି ବେରିଂଟନଙ୍କୁ ସ୍କଟଲାଣ୍ଡର ନେତୃତ୍ୱ ପ୍ରଦାନ କରାଯାଇଛି। ସ୍କଟଲାଣ୍ଡ ଗ୍ରୁପ୍-ବି'ରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଓମାନ ଓ ନାମିବ୍ୟା ସହ ସ୍ଥାନ ପାଇଛି। ଜୁନ୍ ୪ରେ ଏହି ଦଳ ଡିଫେଣ୍ଡିଂ ଚାମ୍ପିଅନ ଇଂଲର୍ଡ ସହ ତାହାର ପ୍ରଥମ ମ୍ୟାଚ୍ ଖେଳିବ। ଚଳିତ ବିଶ୍ୱକପ୍‌କୁ ମିଶାଇ ସ୍କଟଲାଣ୍ଡ ଷଷ୍ଠଥର ଏହି ମେଗା ଇଭେଣ୍ଟରେ ଭାଗନେବ। ଏହି ୬ଟି ବିଶ୍ୱକପ୍‌ରେ ସ୍କଟଲାଣ୍ଡ ୧୮ଟି ମ୍ୟାଚ୍ ଖେଳି ୫ଟିରେ ବିଜୟୀ ହୋଇଛି।

**ଘୋଷିତ ଦଳ:** ରିଚି ବେରିଂଟନ (ଅଧିନାୟକ), ମାଥ୍ୟୁ କ୍ରସ୍, ବ୍ରାଡ୍‌ଲୀ କୁରୀ, କ୍ରିସ୍ ଗ୍ରିଭ୍‌ସ, ଓଲି ହାରିସ୍, ଜ୍ୟାକ୍ ଜାର୍ଭିସ, ମିକାଏଲ ଲିସ୍କ, ବ୍ରାଣ୍ଡନ ମ୍ୟାକ୍‌ମୁଲେନ, ଜର୍ଜ ମୁନ୍‌ସୀ, ସାଫାୟାନ ସରିଫ, କ୍ରିସ୍ ସୋଲ, ଚାର୍ଲି ଟିୟର. ମାର୍କ ୱାଟ, ବ୍ରାଡ ହ୍ୱିଲ।

# ପିଏନ୍‌ଜିର ନେତୃତ୍ୱ ନେବେ ଭାଲା



**ପୋର୍ଟ ମୋରେସବେ, ୮।୫ (ଏଜେନ୍ସି):** ଟି-୨୦ ବିଶ୍ୱକପ୍ ଲାଗି ବୁଧବାର ପପୁଆ ନ୍ୟୁ ଗିନିଆ (ପିଏନ୍‌ଜି) ଦଳ ଘୋଷଣା ହୋଇଛି। ଅଭିଜ୍ଞ ଅଲ୍‌ରାଉଣ୍ଡର ଆସାଦ ଭାଲାଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଭାଲା ୨ୟଥର ଲାଗି ଟି-୨୦ ବିଶ୍ୱକପ୍‌ରେ ପିଏନ୍‌ଜି ଦଳର ଅଧିନାୟକ ଦାୟିତ୍ୱ ସମ୍ଭାଳିବେ। ଏଥିପୂର୍ବରୁ ୨୦୨୧ରେ ଅନୁଷ୍ଠିତ ବିଶ୍ୱକପ୍‌ରେ ମଧ୍ୟ ତାଙ୍କ ନେତୃତ୍ୱରେ ପିଏନ୍‌ଜି ଖେଳିଥିଲା। ଘୋଷିତ ୧୫ ଜଣିଆ ଦଳ ମଧ୍ୟରୁ ୧୦ଜଣ ୨୦୨୧ ବିଶ୍ୱକପ୍‌ରେ ଖେଳିଥିଲେ। ଗତବର୍ଷ ଇଷ୍ଟ ଏସିଆ-ପାସିଫିକ୍ ଯୋଗ୍ୟତା ପର୍ଯ୍ୟାୟରେ ଶୀର୍ଷ ସ୍ଥାନ ହାସଲ କରି ପିଏନ୍‌ଜି ଦଳ ଟି-୨୦ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଥିଲା।

**ପପୁଆ ନ୍ୟୁ ଗିନିଆ ଦଳ:** ଆସାଦ ଭାଲା (ଅଧିନାୟକ), ଚାର୍ଲସ ଅମିନି (ଉପ-ଅଧିନାୟକ), ଆଲେଇ ନାଓ, ଚାଡ୍ ସୋପର୍, ହିଲା ଭାରେ, ହିରି ହିରି, ଜାକ୍ ଗାର୍ଡନର, ଜନ୍ କାରିକୋ, କାବୁଆ ମୋରିଆ, କିପଲିଙ୍ଗ୍ ଡୋରିଗା, ଲେଗା ସିଆକା, ନୋର୍‌ମାନ ଭାନୁଆ, ସୀମା କାମିଆ, ସେସେ ବାଉ, ଟୋନି ଉରା।

**ମେ ୧୨ରୁ କଳିଙ୍ଗରେ ଫେଡେରେସନ କପ୍ ଆଥଲେଟିକ୍ସ**

# ଭାଗନେବେ କିଶୋର ଜେନା ଓ ନୀରଜ ଚୋପ୍ରା

**ଭୁବନେଶ୍ୱର, ୮।୫(ସମିସ)**





ସର୍ବଭାରତୀୟ ଆଥଲେଟିକ ମହାସଂଘ ଆନୁକୂଲ୍ୟରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ମେ ୧୨ରୁ ୧୫ ତାରିଖଯାଏ ଫେଡେରେସନ କପ୍ ଆଥଲେଟିକ୍ସ ଚାମ୍ପିଅନସିପ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାର ପୁରୁଷ ଜାଭେଲିନ୍ ଥ୍ରୋ'ରେ ଅଲିମ୍ପିକ୍ ଚାମ୍ପିଅନ ନୀରଜ ଚୋପ୍ରା ଓ ଓଡ଼ିଶାର ସୁପରଷ୍ଟାର କିଶୋର ଜେନା ଅଂଶଗ୍ରହଣ କରିବେ। ଏହା ଯଦି ସମ୍ଭବ ହୁଏ ତେବେ ୨୦୨୧ ଫେଡେରେସନ କପ୍ ପରେ ନୀରଜ ଚୋପ୍ରା ପ୍ରଥମଥର ଘରୋଇ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ଭୁବନେଶ୍ୱରରେ ଏହି ପ୍ରତିଯୋଗିତା ମେ ୧୨ରେ ଆରମ୍ଭ ହେଉଥିଲେ ମଧ୍ୟ ମେ ୧୪ରେ ଜାଭେଲିନ୍ ଇଭେଣ୍ଟ ଖେଳାଯିବ। ଏହାର ପରଦିନ ଅର୍ଥାତ୍ ମେ ୧୫ରେ ଫାଇନାଲ ମୁକାବିଲା ହେବ। ଏଥିରେ ନୀରଜ ଓ କିଶୋରଙ୍କ ବ୍ୟତୀତ ଦେଶର ଅନ୍ୟ ଶ୍ରେଷ୍ଠ ଜାଭେଲିନ୍ ଫିଙ୍ଗାଳି ଡିପି ମନୁ ଓ ଶିବପାଲ ସିଂ ମଧ୍ୟ ଭାଗନେବେ। ଏହି ପ୍ରତିଯୋଗିତା ପୂର୍ବରୁ ଦୋହାରେ ମେ ୧୦ ତାରିଖରେ ଡାଇମଣ୍ଡ ଲିଗ୍ ଅନୁଷ୍ଠିତ ହେବ। ଏଥିରେ ମଧ୍ୟ ନୀରଜ ଓ କିଶୋର ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି। ଉଭୟ ଜାଭେଲିନ୍ ଫିଙ୍ଗାଳି ଚଳିତବର୍ଷ ହେବାକୁ ଥିବା ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।

ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ଓ ବିଶ୍ୱ ଆଥଲେଟିକ୍ସ ଚାମ୍ପିଅସିପ୍‌ରେ ରୌପ୍ୟ ପଦକ ଜିତିବାରେ ନୀରଜ ଭାରତର ସୁପରଷ୍ଟାର ହୋଇଛନ୍ତି। ଉଭୟ ପ୍ରତିଯୋଗୀ ଗତବର୍ଷ ଏସିଆନ ଗେମ୍ସରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଭୁବନେଶ୍ୱରରେ ଫେଡେରେସନ କପ୍ ଶେଷ ହେବା ପରେ ଫିନ୍‌ଲାଣ୍ଡରେ ଖେଳାଯିବାକୁ ଥିବା ପାଭୋ ନୁର୍ମି ଗେମ୍ସରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ତୁର୍କିରେ ଜୁନ ୧୮ରୁ ଆରମ୍ଭ ହେବ। ଏହା ପରେ ସେ ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ପ୍ରସ୍ତୁତି କରିବେ। ପ୍ୟାରିସ୍‌ରେ ନୀରଜ ତାଙ୍କ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବଜାୟ ରଖିବାକୁ ଉଦ୍ୟମ କରିବେ ବୋଲି ଆଶା କରାଯାଉଛି।

**ସେକ୍ରେଟାରିଏଟ ପ୍ରିମିୟର ଲିଗ୍**

# ଗ୍ଲାଡିଏଟର୍ସଙ୍କୁ ହରାଇଲା ଜାଗୁଆର୍ସ



**ଭୁବନେଶ୍ୱର, ୮।୫ (ସମିସ):** ଗ୍ଲାଡିଏଟର୍ସଙ୍କୁ ହରାଇ ଜାଗୁଆର୍ସ ୨୦୨୪ ସେକ୍ରେଟାରିଏଟ କପ୍ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଘାଟନୀ ମୁକାବିଲାରେ ବିଜୟୀ ହୋଇଛି। ଏହି ପ୍ରତିଯୋଗିତା ୧୦ ଓଭର ବିଶିଷ୍ଟ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ଗ୍ଲାଡିଏଟର୍ସ ୮୮ ରନ୍ କରିଥିଲାବେଳେ ଶେଷ ବଲରେ ଜାଗୁଆର୍ସ ବିଜୟୀ ହୋଇଥିଲା। ଦ୍ୱିତୀୟ ମୁକାବିଲାରେ ସ୍ମାଶର୍ସ ୧୦ ୱିକେଟରେ ଟାଇଟାନ୍ସଙ୍କୁ ପରାସ୍ତ କରିଥିଲା। ଲୁଲୁ ମହାପାତ୍ର ଓ ଅଇନୁଲ ହକ୍ ଖେଳ ପରିଚାଳନା କରିଥିଲେ।

ପୂର୍ବରୁ ଏହି ପ୍ରତିଯୋଗିତାକୁ ପୂର୍ବତନ ରଣଜୀ ଖେଳାଳି ସତ୍ୟରଞ୍ଜନ ଶତପଥି ଅତିଥିଭାବେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖଣିବିଭାଗରେ ଆଇଏଫ୍ଏସ୍ ବିପିନ ମହାନ୍ତି ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ଆୟୋଜକ ସେକ୍ରେଟାରିଏଟ କ୍ରିକେଟ ଆସୋସିଏସନର କାର୍ଯ୍ୟକାରୀ ସଭାପତି ଶଶାଙ୍କ ଶେଖର ମହାପାତ୍ର, ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ନୃସିଂହ ପୃଷ୍ଟି, କୋଷାଧ୍ୟକ୍ଷ ଗିରିଶ ଦିଗଲ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରିଲୋଚନ ବାରିକ, ରାମାରାଓ, ବିପିନ ବିହାରୀ ରାଉତ, ବିଏନ୍‌କେ ଦାସ, ମାରୁତି ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ଖେଳ ଓ ସଭା ପରିଚାଳନାରେ ସହାୟତା କରିଥିଲେ।

**ଅରବିନ୍ଦ ସ୍ମାରକୀ କ୍ରିକେଟ**

# ପାରାମାଉଣ୍ଟ-ବି'ର ବଡ଼ ବିଜୟ



**ଭୁବନେଶ୍ୱର, ୮।୫(ସମିସ):** ଏଠାରେ ଚାଲିଥିବା ଅରବିନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ପାରାମାଉଣ୍ଟ-ବି' ୧୧୭ ରନ୍‌ରେ ଜାଗୃତି ସ୍ପୋର୍ଟିଂକୁ ପରାସ୍ତ କରି ବୃହତ୍ ବିଜୟ ହାସଲ କରିଛି। ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ନିଜସ୍ୱ ଖେଳପଡ଼ିଆରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ-ବି' ନିର୍ଦ୍ଧାରିତ ୩୦ ଓଭରରେ ୫ ୱିକେଟ ହରାଇ ୨୩୦ ରନ୍ କରିଥିଲା। ଦଳ ପକ୍ଷରୁ ପରିକ୍ଷୀତ ପ୍ରଧାନ ସର୍ବାଧିକ ୯୩, ସମରଜିତ ସାହୁ ୪୦ ଓ ଶିଳାଦିତ୍ୟ ମହାନ୍ତି ୩୯ ରନ୍ କରିଥିଲେ। ଜବାବରେ ଶ୍ରେୟାଂଶ ବିଧାରଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ଜାଗୃତି ସ୍ପୋର୍ଟିଂ ୨୫.୨ ଓଭରରେ ୧୧୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଶ୍ରେୟାଂଶ ୪.୨ ଓଭର ବୋଲିଂ କରି ୧୬ ରନ୍‌ରେ ୫ଟି ୱିକେଟ ନେଇ ସର୍ବାଧିକ କ୍ଷତି ଘଟାଇଥିଲେ। ଜାଗୃତିର ପ୍ରତୀକ ବେହେରା ୩୮ ଓ ଏ. ପ୍ରଧାନ ୨୮ ରନ୍ କରିଥିଲେ। ପରିକ୍ଷୀତଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

**୭ମ ରାଜ୍ୟ ବରିଷ୍ଠ ପେଞ୍ଚକ ସିଲାଟ୍ ଚାମ୍ପିଅନସିପ୍**

# ଝାରସୁଗୁଡ଼ା ଚାମ୍ପିଅନ; ସମ୍ବଲପୁର ରନର୍ସଅପ୍

**ଭୁବନେଶ୍ୱର, ୮।୫ (ସମିସ):** ରାଜ୍ୟ ବରିଷ୍ଠ ପେଞ୍ଚକ ସିଲାଟ୍ ଚାମ୍ପିଅନସିପ୍‌ର ୭ମ ସଂସ୍କରଣ ଝାରସୁଗୁଡ଼ାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି ମୁଖ୍ୟଅତିଥି ଏବଂ ରାଜ୍ୟ ପେଞ୍ଚକ ସିଲାଟ୍ ସଂଘର ସଭାପତି ତାପସ କୁମାର ରାୟ ଚୌଧୁରୀ, ଝାରସୁଗୁଡ଼ା କ୍ରିକେଟ୍ ସଂଘର ସମ୍ପାଦକ ମେହତାବ ଖାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟିତ କରିଥିଲେ। ଏଥିରେ ରାଜ୍ୟର ୧୫ ଜିଲ୍ଲାର ୧୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ଯେଉଁଥିରେ ଝାରସୁଗୁଡ଼ା ଚାମ୍ପିଅନ ହୋଇଛି। ସେହିଭଳି ଆୟୋଜକ ଝାରସୁଗୁଡ଼ା ପ୍ରଥମ ରନର୍ସଅପ୍ ଓ ଖୋର୍ଦ୍ଧା ୨ୟ ରନର୍ସଅପ୍ ହୋଇଛି। ଏହି ପ୍ରତିଯୋଗିତାରୁ ୬୪ଜଣ ପ୍ରତିଭାବାନ ପ୍ରତିଯୋଗୀଙ୍କୁ ଆଗାମୀ ଜାତୀୟ ଚାମ୍ପିଅନସିପ୍ ପାଇଁ ମନୋନୀତ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା କ୍ରିକେଟ୍ ସଂଘର ସଭାପତି ପ୍ରଜ୍ଜଳ ପଟେଲ ମୁଖ୍ୟ ଅତିଥି, ମେହବୁବ ମହତାବ, ମନୋରଞ୍ଜନ ଭଞ୍ଜ, ରାଜ୍ୟ ପେଞ୍ଚକ ସିଲାଟ ସଂଘର ସମ୍ପାଦକ ପ୍ରେମ ସିଂହ ଥାପ୍ପା ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି କୃତି ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



**ଟି-୨୦ ବିଶ୍ୱକପ୍**

# ୫ ବିଦେଶୀ ଦଳରେ ୨୨ ଭାରତୀୟ ବଂଶୋଦ୍ଭବ



**ଆମେରିକା ଦଳରେ ସର୍ବାଧିକ ୮ ଜଣ**



ମୋନାଙ୍କ ପଟେଲ



କେଶବ ମହାରାଜ



ରଚିନ ରବିନ୍ଦ୍ର

**ନୂଆଦିଲ୍ଲୀ,୮।୫(ଏଜେନ୍ସି)**

ଆସନ୍ତା ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆୟୋଜନ ହେବ। ଟୁର୍ଣ୍ଣାମେଣ୍ଟ ପାଇଁ ଏପର୍ଯ୍ୟନ୍ତ ୧୧ଟି ଦେଶର ବୋର୍ଡ ସେମାନଙ୍କ ଦଳ ଘୋଷଣା କରିସାରିଛନ୍ତି। ଭାରତୀୟ ଦଳକୁ ବାଦ ଦେଲେ ବାକି ୧୦ଟି ଦଳ ମଧ୍ୟରୁ ୫ଟି ଦଳରେ ମୋଟ୍ ୨୨ ଜଣ ଭାରତୀୟ ବଂଶୋଦ୍ଭବ ଖେଳାଳି ସ୍ଥାନ ପାଇଛନ୍ତି।

ଆୟୋଜକ ଆମେରିକା ଦଳରେ ସର୍ବାଧିକ ୮ ଜଣ ବଂଶୋଦ୍ଭବ ଖେଳାଳି ସ୍ଥାନ ପାଇଛନ୍ତି। ଆମେରିକା ଦଳର ଅଧିନାୟକ ମୋନାଙ୍କ ଦୀଲିପଭାଇ ପଟେଲ ମଧ୍ୟ ଭାରତୀୟ। ସେ ଗୁଜରାଟ ପାଇଁ ୧୬ ଓ ୧୮ ବର୍ଷରୁ କମ୍ କ୍ରିକେଟ ଖେଳିଛନ୍ତି। ସେହିପରି କାନାଡ଼ା ଦଳରେ ୭ ଓ ଓମାନ ଦଳରେ ୪ ଭାରତୀୟ ସାମିଲ ରହିଛନ୍ତି। ଅନ୍ୟପଟେ ଦକ୍ଷିଣ ଆଫ୍ରିକା ଦଳ ତରଫରୁ ଜଣେ ଓ ନ୍ୟୁଜିଲାଣ୍ଡ ପାଇଁ ଦୁଇଜଣ ଭାରତୀୟ ଖେଳାଳି ପ୍ରତିନିଧିତ୍ୱ କରିବେ। ଆମେରିକା ଦଳରେ ସାମିଲ ଥିବା ମୋନାଙ୍କ, ମିଲିନ୍ଦ କୁମାର, ସୌରଭ ନେତ୍ରାଭଲକର ଓ କାନାଡା ଦଳରେ ସାମିଲ ପରଗତ ସିଂ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ କ୍ରିକେଟ ଖେଳିଛନ୍ତି। ଆମେରିକାର ମିଲିନ୍ଦ ଓ ସୌରଭ ଭାରତର ସର୍ବଶ୍ରେଷ୍ଠ ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ଖେଳିଛନ୍ତି। ସେହିପରି ପରଗତ ସିଂ ପଞ୍ଜାବ ତରଫରୁ ରଣଜୀ ଟ୍ରଫି ଖେଳିଛନ୍ତି। ପାକିସ୍ତାନ ଏପର୍ଯ୍ୟନ୍ତ ତା'ର ଦଳ ଘୋଷଣା କରିନାହିଁ ଓ ମେ ୨୩ କିମ୍ବା ୨୪ରେ ଘୋଷଣା କରିବ ବୋଲି ଆଶା କରାଯାଉଛି।

## ମୋନାଙ୍କ ପଟେଲ ଅମେରିକା ଅଧିନାୟକ

ଆମେରିକା ଦଳରେ ୮ ଜଣ ଭାରତୀୟ ବଂଶୋଦ୍ଭବ ଖେଳାଳି ସାମିଲ ହୋଇଛନ୍ତି। ଏମାନେ ହେଲେ ମୋନାଙ୍କ ପଟେଲ (ଅଧିନାୟକ/ ୱିକେଟରକ୍ଷକ ବ୍ୟାଟର), ହରମିତ ସିଂ, ଜେସି ସିଂ, ମିଲିନ୍ଦ କୁମାର, ସୌରଭ ନେତ୍ରାଭଲକର, ନିସର୍ଗ ପଟେଲ, ନୀତୀଶ କୁମାର, ନୋସତୁସ୍ ପ୍ରଦୀପ୍ କେନଜିଗେ। ୩୨ ବର୍ଷୀୟ ମଧ୍ୟମଗତି ଦ୍ରୁତ ବୋଲର ସୌରଭ ୨୦୧୦ରେ ଭାରତ ପାଇଁ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଖେଳିଛନ୍ତି। ସେ ଲୋକେଶ ରାହୁଲଙ୍କ ସହିତ ଏହି ମେଗା ଇଭେଣ୍ଟ ଖେଳିଥିଲେ।

## ଆମେରିକା ଖେଳାଳିଙ୍କୁ ୭୫ ଲକ୍ଷ ଟଙ୍କା ପାଉଣା

ଆମେରିକାରେ କ୍ରିକେଟରମାନଙ୍କୁ ୩ ମାସରୁ ଆରମ୍ଭ କରି ଏକ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ରୀୟ ଚୁକ୍ତିରେ ସାମିଲ କରାଯାଇଥାଏ। ଏହି ଖେଳାଳିମାନଙ୍କୁ ବର୍ଷକୁ ୧୨ ଲକ୍ଷରୁ ୭୫ ଲକ୍ଷ ଟଙ୍କା ପାଉଣା ପ୍ରଦାନ କରାଯାଇଥାଏ।

**କାନାଡ଼ା:** ଏହି ଦଳରେ ୭ଜଣ ଭାରତୀୟ ବଂଶୋଦ୍ଭବ ସ୍ଥାନ ପାଇଛନ୍ତି। ଏମାନେ ହେଲେ ଦୀଲପ୍ରୀତ୍ ବାଜୱା, ହର୍ଷ ଠାକରେ, କନୱରପାଲ ତାଥଗୁର, ନବନତୀ ଧଲିୱାଲ, ପରଗତ ସିଂ, ରବିନ୍ଦରପାଲ ସିଂ ଓ ଶ୍ରେୟାସ ମୋଭା।

**ଓମାନ ଦଳ:** ଏହି ଦଳରେ ୪ ଜଣ ଭାରତୀୟ ବଂଶୋଦ୍ଭବ ସାମିଲ ହୋଇଛନ୍ତି। ସେମାନେ ହେଲେ କାଶ୍ୟପ ପ୍ରଜାପତି, ପ୍ରତୀକ ଉଠାବଲେ, ଆୟାନ ଖାନ୍ ଓ ଶୋଏବ ଖାନ୍। ୩୧ ବର୍ଷୀୟ ଆୟାନ ଖାନ୍ ମଧ୍ୟପ୍ରଦେଶ ତରଫରୁ ସୟଦ ମୁସ୍ତାକ ଅଲି ଟ୍ରଫି ଖେଳିଛନ୍ତି।

**ଦକ୍ଷିଣ ଆଫ୍ରିକା:** ଏହି ଦଳରେ ଏକମାତ୍ର ଖେଳାଳି ଭାବେ ସ୍ପିନ୍ ଅଲରରାଉଣ୍ଡର କେଶବ ମହାରାଜ ସାମିଲ ହୋଇଛନ୍ତି।

**ନ୍ୟୁଜିଲାଣ୍ଡ:** ନ୍ୟୁଜିଲାଣ୍ଡ ଦଳରେ ଦୁଇଜଣ ଭାରତୀୟ ବଂଶୋଦ୍ଭବ ଖେଳାଳି ସାମିଲ ହୋଇଛନ୍ତି ଓ ସେମାନେ ହେଲେ ସ୍ପିନ୍ ଅଲରାଉଣ୍ଡର ରଚିନ ରବିନ୍ଦ୍ର ଓ ସ୍ପିନର ଇଶ୍ ସୋଧୀ।

# ଗୌରୀ ମହାନ୍ତି ଜାତୀୟ କରାଟେ ସଂଘ କାର୍ଯ୍ୟକାରୀ ସଦସ୍ୟ



**ଭୁବନେଶ୍ୱର, ୮।୫(ସମିସ):** ଓଡ଼ିଶା କରାଟେ ଡୋ ସଂଘର ସମ୍ପାଦକ ଗୌରୀ ମହାନ୍ତି ଜାତୀୟ କରାଟେ ମହାସଂଘର କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଡେରାଡୁନଠାରେ ଜାତୀୟ କରାଟେ ମହାସଂଘର ବାର୍ଷିକ ବୈଠକ ଓ ନିର୍ବାଚନରେ ଏହା ସ୍ଥିର ହୋଇଛି। ଏଥିରେ ଦେଶର ୩୪ଟି ସଂଘର ପ୍ରତିନିଧି ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ହାନ୍‌ଶୀ ଭରତ ଶର୍ମା ସଭାପତି ଓ ସିହାନ ସଞ୍ଜୀବ ଡାଙ୍ଗରା ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚିତ ସଦସ୍ୟମାନେ ଆସନ୍ତା ୪ ବର୍ଷ ଲାଗି କାର୍ଯ୍ୟଭାର ସମ୍ଭାଳିବେ। କାର୍ଯ୍ୟକାରୀ ସଦସ୍ୟଭାବେ ନିର୍ବାଚିତ ହୋଇଥିବାରୁ ଗୌରୀ ମହାନ୍ତିଙ୍କୁ ଓଡ଼ିଶା କରାଟେ ଡୋ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ନର୍ଥାମ୍ପଟନସାୟର ପକ୍ଷରୁ ଖେଳିବେ ସିଦ୍ଧାର୍ଥ କୌଲ



**ନୂଆଦିଲ୍ଲୀ, ୮।୫(ଏଜେନ୍ସି):** ପଞ୍ଜାବ ଫାଷ୍ଟ ବୋଲର ସିଦ୍ଧାର୍ଥ କୌଲ ଇଂଲିଶ କାଉଣ୍ଟି କ୍ରିକେଟ ଖେଳିବାକୁ ମନୋନୀତ ହୋଇଛନ୍ତି। ସେ ଚଳିତ ସିଜନରେ କାଉଣ୍ଟି ଟିମ୍ ନର୍ଥାମ୍ପଟନସାୟର ପକ୍ଷରୁ ୩ଟି ମ୍ୟାଚ୍ ଖେଳିବେ। ଏହା ମଧ୍ୟରେ ମେ ୧୦ରୁ ଆରମ୍ଭ ହେବାକୁ ଯାଉଥିବା ଗ୍ଲୁସେଷ୍ଟରସାୟର ବିପକ୍ଷ ମ୍ୟାଚ୍‌ରେ ଖେଳିବେ ବୋଲି ଏହି ରାଜିନାମାରେ କୁହାଯାଇଛି। ଅଷ୍ଟ୍ରେଲିଆର ଫାଷ୍ଟ ବୋଲର କ୍ରିସ ଟ୍ରେମେନ୍‌ଙ୍କ ସ୍ଥାନରେ କୌଲ ଖେଳିବେ। ଏହି ୩୩ ବର୍ଷୀୟ ଫାଷ୍ଟ ବୋଲର ପ୍ରଥମଶ୍ରେଣୀ କ୍ରିକେଟରେ ୨୮୪ଟି ୱିକେଟ ଅକ୍ତିଆର କରିଛନ୍ତି। 'ଏହି ପ୍ରତିଯୋଗିତାରେ ମୁଁ ମୋ ଅଭିଜ୍ଞତାକୁ ଲଗାଇ କିପରି ଉନ୍ନତି କରିହେବ ତାହା ଉପରେ ଗୁରୁତ୍ୱ ଦେବି। ଏଥିରେ ଖେଳିବା ମୋ ଲାଗି ଲାଭଜନକ ହେବ' ବୋଲି କୌଲ କହିଛନ୍ତି।

### ଟ୍ରାଭିସ ଓ ଅଭିଷେକଙ୍କ ବିଧ୍ୱଂସୀ ବ୍ୟାଟିଂ; ୯.୪ ଓଭରରେ ହାରିଲା ଲକ୍ଷ୍ନୌ

# ବିଜୟ ସହ ହାଇଦ୍ରାବାଦ ପ୍ଲେ ଅଫ୍ ନିକଟତର

ହାଇଦରାବାଦ୍, ୮।୫(ଏଜେନ୍ସି)

ଟ୍ରାଭିସ୍ ହେଡ୍ ଓ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଏମାନଙ୍କ ପ୍ରଥମ ୱିକେଟ ଯୋଡ଼ିରୁ ରେକର୍ଡ ଭାଗୀଦାରି ବଳରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୧୦ ୱିକେଟରେ ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ପରାସ୍ତ କରିଛି। ଏହା ଫଳରେ ଦ୍ୱାଦଶ ମ୍ୟାଚ୍‌ରୁ ହାଇଦ୍ରାବାଦ୍ ୭ମ ବିଜୟ ସହ ୧୪ ପଏଣ୍ଟ ପାଇ ପଏଣ୍ଟ ସାରଣୀରେ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ହାଇଦରାବାଦ୍‌ରେ ବୁଧବାର ଅନୁଷ୍ଠିତ ଆଇପିଏଲ୍‌ର ୫୭ତମ ଲିଗ୍ ମ୍ୟାଚ ଜିତିବା ଫଳରେ ହାଇଦ୍ରାବାଦ୍‌ର ପ୍ଲେ ଅଫ୍ ପ୍ରବେଶର ନିକଟତର ହୋଇଛି। ଦ୍ୱାଦଶ ମ୍ୟାଚ୍‌ରୁ ୭ଷ୍ଠ ପରାଜୟ ସହ ଲକ୍ଷ୍ନୌ ପଏଣ୍ଟ ସାରଣୀରେ ଷଷ୍ଠ ସ୍ଥାନରେ ରହିଛି।

ଏହି ମ୍ୟାଚ୍‌ରେ ଯୁବ ଖେଳାଳି ଆୟୁଷ ବଦୋନୀ ୩୦ ବଲ୍‌ରେ ୫୫ ଓ ନିକୋଲସ ପୂରନ ୨୬ ବଲ୍‌ରେ ୪୮ ରନ୍ କରି ଅପରାଜିତ ରହିବା ଫଳରେ ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ୪ ୱିକେଟରେ ୧୬୫ ରନ୍ କରିଥିଲା। ଜବାବରେ ହେଡ୍ ଓ ଅଭିଷେକ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ହାଇଦ୍ରାବାଦ୍ ମାତ୍ର ୯.୪ ଓଭରରେ କୌଣସି ୱିକେଟ ନ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ମାତ୍ର ୧୬ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ହେଡ ୩୦ ବଲ୍‌ରୁ ୮ ଚୌକା ଓ ୮ ଛକା ସହାୟତାରେ ୮୯ ଓ ୧୯ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିବା ଅଭିଷେକ ୨୮ ବଲ୍‌ରୁ ୮ ଚୌକା ଓ ୬ ଛକା ସହାୟତାରେ ୭୫ ରନ୍ କରି ଅପରାଜିତ ରହିଥିଲେ। ଏହି ମ୍ୟାଚ୍‌ରେ ଅଭିଷେକଙ୍କ ଷ୍ଟ୍ରାଇକ ରେଟ୍ ଥିଲା ୨୬୭.୮୬ ଓ ହେଡ୍ ୨୯୬.୬୭ରେ ରନ୍ ସଂଗ୍ରହ କରିଥିଲେ। ଏହା ଫଳରେ ମାତ୍ର ୪୫ ମିନିଟ୍‌ରେ ଉଭୟ ଖେଳାଳି ପ୍ରତିପକ୍ଷ ଲକ୍ଷ୍ନୌ ବୋଲିଂକୁ ଧ୍ୱଂସ କରିଦେଇଥିଲେ। ଏହି ପାଳିରେ ୩୦ଟି ବାଉଣ୍ଡାରୀ ମରାଯାଇଥିଲା ଓ ଏଥିରୁ ୧୪୮ ରନ୍ ସଂଗୃହୀତ ହୋଇଥିଲା। ମୋଟ ୧୬ ଚୌକା ଓ ୧୪ ଛକା ଏଥିରେ ସାମିଲ ଥିଲା। ଏହି ବିଧ୍ୱଂସୀ ବ୍ୟାଟିଂ ବଳରେ ହାଇଦ୍ରାବାଦ୍ ୩.୧ ଓଭର ବା ୧୯ଟି ବଲ୍‌ରେ ୫୦, ୫.୪ ଓଭର ବା ୩୪ଟି ବଲ୍‌ରେ ୧୦୦ ଓ ୮.୨ ଓଭର ବା ୫୦ ବଲ୍‌ରେ ୧୫୦ ରନ୍ ପୂରଣ କରିଥିଲେ। ଏମାନଙ୍କୁ ମ୍ୟାଚ୍ ଜିତିବା ଲାଗି ୯.୪ ଓଭର ବା ୫୮ ବଲ୍‌ରେ ୧୬୭ ରନ୍ କରି ରେକର୍ଡ ବିଜୟ ହାସଲ କରିଥିଲେ।



ଟ୍ରାଭିସ୍ ହେଡ୍: ୩୦ ବଲ୍‌ରେ ୮୯* ରନ୍, ୮ ଚୌକା, ୮ ଛକା
ଅଭିଷେକ ଶର୍ମା : ୨୮ ବଲ୍‌ରେ ୭୫* ରନ୍, ୮ ଚୌକା, ୬ ଛକା
ସନ୍‌ରାଇଜର୍ସ ହାଇଦ୍ରାବାଦ: ୯.୪ ଓଭରରେ ୧୬୭/୦

## ସମ୍ମାନ ରଖିଲେ ବଦୋନୀ, ପୂରନ

ଏହି ମ୍ୟାଚ୍‌ରେ ଟସ୍ ଜିତି ଲକ୍ଷ୍ନୌ ସୁପର ଜାଏଣ୍ଟସ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ ୨୧ ରନ୍ ମଧ୍ୟରେ ଦୁଇ ତାରକା ଖେଳାଳି କ୍ୱିଣ୍ଟନ ଡି କକ୍ (୨) ଓ ମାର୍କସ ଷ୍ଟୋଇନିସ (୩)ଙ୍କୁ ହରାଇଥିଲା। ଓପନର ଲୋକେଶ ରାହୁଲ (୨୯) ମଧ୍ୟ ରନ୍ ଲାଗି ସଂଘର୍ଷ କରିଥିଲେ। ସେ ତୃତୀୟ ଖେଳାଳି ଭାବେ ଆଉଟ ହେଲା ବେଳକୁ ଲକ୍ଷ୍ନୌ ୧୦ ଓଭରରେ କରିଥିଲା ୫୭ ରନ୍। ପ୍ୟାଟ କମିନ୍ସଙ୍କ ବଲ୍‌ରେ ଗୋଟିଏ ଛକା ଓ ଆଉ ଏକ ଚୌକାକୁ ଛାଡ଼ିଦେଲେ ରାହୁଲଙ୍କ ସଟ୍ ୩୦ ଗଜରୁ ଟପି ନ ଥିଲା। କ୍ରୁନାଲ ପାଣ୍ଡ୍ୟା ଦ୍ରୁତ ରନ୍ କରିବାକୁ ଯାଇ ନିଜ ୱିକେଟକୁ ଫିଙ୍ଗି ରନ୍‌ଆଉଟ ହୋଇଯାଇଥିଲେ। ସେ ୨୧ ବଲ୍‌ରୁ ୨୪ ରନ୍ କରିଥିଲେ। ଏହି ସମୟରେ ନିକୋଲସ ପୂରନ ଓ ଆୟୁଷ ବଦୋନୀ ସହଜରେ ବ୍ୟାଟିଂ କରିଥିଲେ। ଫଳରେ ଏମାନଙ୍କ ଅବିଭକ୍ତ ଭାଗୀଦାରିରୁ ୫୨ ବଲ୍‌ରେ ମିଳିଥିଲା ୯୯ ରନ୍। ସେହିପରି ଲକ୍ଷ୍ନୌ ମଧ୍ୟ ଶେଷ ୧୦ ଓଭରରେ ୧ ୱିକେଟ ହରାଇ ସଂଗ୍ରହ କରିଥିଲା ୧୦୮ ରନ୍। ଯାହା ଫଳରେ ଦଳ ୧୬୫ ରନ୍ କରିଥିଲା। ଦିଲ୍ଲୀ ଖେଳାଳି ବଦୋନୀ ୩୦ ବଲ୍ ଖେଳି ୯ ଚୌକା ସହ ୫୫ ଓ ୱେଷ୍ଟଇଣ୍ଡିଜ୍‌ର ପୂରନ ୨୬ ବଲ୍‌ରୁ ୬ ଚୌକା ଓ ଗୋଟିଏ ଛକା ସହ ୪୮ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ।

ଅନ୍ୟପକ୍ଷରେ ହାଇଦ୍ରାବାଦ୍ ପକ୍ଷରୁ ବରିଷ୍ଠ ପେସ୍ ବୋଲର ଭୁବନେଶ୍ୱର କୁମାର ପ୍ରଥମ ୩ ଓଭରରେ ମାତ୍ର ୭ ରନ୍ ଦେଇ ୨ ୱିକେଟ ପାଇଥିଲେ। ସେ ତାଙ୍କ ଶେଷ ଓଭରରେ ମାତ୍ର ୫ ରନ୍ ଦେଇଥିଲେ। କିନ୍ତୁ ଦଳର ପ୍ରତିଷ୍ଠିତ ବୋଲର ଅଧିନାୟକ ପ୍ୟାଟ କମିନ୍ସ ୪ ଓଭରରେ ୪୭ ଓ ଟି ନଟରାଜନ ୪ ଓଭରରେ ୫୦ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ।

### ଆଇପିଏଲ୍-୧୭
### ଆଜିର ମ୍ୟାଚ୍

**ପଞ୍ଜାବ- ବେଙ୍ଗାଲୁରୁ**

**ସ୍ଥାନ**- ଧର୍ମଶାଳା, **ସମୟ**- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

## ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| କୋଲକାତା | ୧୧ | ୮ | ୩ | ୧୬ | +୧.୪୫୩ |
| ରାଜସ୍ଥାନ | ୧୧ | ୮ | ୩ | ୧୬ | +୦.୪୭୬ |
| ହାଇଦ୍ରାବାଦ | ୧୨ | ୭ | ୫ | ୧୪ | +୦.୪୦୬ |
| ଚେନ୍ନାଇ | ୧୧ | ୬ | ୫ | ୧୨ | +୦.୭୦୦ |
| ଦିଲ୍ଲୀ | ୧୨ | ୬ | ୬ | ୧୨ | -୦.୩୧୬ |
| ଲକ୍ଷ୍ନୌ | ୧୨ | ୬ | ୬ | ୧୨ | -୦.୭୬୯ |
| ବେଙ୍ଗାଲୁରୁ | ୧୧ | ୪ | ୭ | ୮ | -୦.୦୪୯ |
| ପଞ୍ଜାବ | ୧୧ | ୪ | ୭ | ୮ | -୦.୧୮୭ |
| ମୁମ୍ବାଇ | ୧୨ | ୪ | ୮ | ୮ | -୦.୨୧୨ |
| ଗୁଜରାଟ | ୧୧ | ୪ | ୭ | ୮ | -୧.୩୨୦ |

### ଆଇସିସି ଟି-୨୦ ର୍ୟାଙ୍କିଂ
## ଶୀର୍ଷରେ ସୂର୍ଯ୍ୟକୁମାର ସ୍ଥିର

**ଦୁବାଇ, ୮।୫ (ଏଜେନ୍ସି):** ଭାରତୀୟ ଦଳର ତାରକା ବ୍ୟାଟର୍ ସୂର୍ଯ୍ୟକୁମାର ଯାଦବ ଆଇସିସି ଟି-୨୦ ର୍ୟାଙ୍କିଂରେ ତାଙ୍କ ଶୀର୍ଷ ମାନ୍ୟତା ବଜାୟ ରଖିଛନ୍ତି। ବୁଧବାର ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ସଦ୍ୟପ୍ରକାଶିତ ଟି-୨୦ ମାନ୍ୟତାରେ ସୂର୍ଯ୍ୟକୁମାର ୮୬୧ ପଏଣ୍ଟ ସହ ଏକ ନମ୍ବର ସ୍ଥାନରେ ସ୍ଥିର ରହିଛନ୍ତି। ତାଙ୍କ ପଛକୁ ଇଂଲଣ୍ଡର ଫିଲ୍ ସଲ୍ଟ ୮୦୨ ପଏଣ୍ଟ ସହ ୨ୟ ସ୍ଥାନରେ ରହିଛନ୍ତି। ପାକିସ୍ତାନର ମହମ୍ମଦ ରିଜୱାନ, ବାବର ଆଜାମ, ଦକ୍ଷିଣ ଆଫ୍ରିକାର ଆଇଡେନ ମାର୍କରାମ ଓ ଭାରତର ଯଶସ୍ୱୀ ଜୟସ୍ୱାଲ ପରବର୍ତ୍ତୀ ୪ଟି ସ୍ଥାନରେ ରହିଛନ୍ତି। ବ୍ୟାଟିଂ ତାଲିକାର ଟପ୍-୨୦ରେ ୩ୟ ଭାରତୀୟ ଭାବେ ଋତୁରାଜ ଗାଏକ୍ୱାଡ୍ ୧୧ତମ ସ୍ଥାନ ଲାଭ କରିଛନ୍ତି। ଅପରପକ୍ଷରେ ଟି-୨୦ ବୋଲିଂ ତାଲିକାରେ ବାଂଲାଦେଶର ତାସକିନ ଅହମ୍ମଦ ୬ଟି ପାହାଚ ଉପରକୁ ଉଠି ୨୬ତମ ସ୍ଥାନରେ ରହିଛନ୍ତି। ଚଳିତ ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜରେ ପ୍ରଭାବୀ ବୋଲିଂ ଯୋଗୁ ତାଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ବୋଲିଂ ତାଲିକାରେ ଆଦିଲ ରଶିଦ, ୱାନିନ୍ଦୁ ହାସରଙ୍ଗା, ଅକିଲା ହୋସେନ, ଅକ୍ଷର ପଟେଲ, ମହୀଶ ଥିକସାନା ଓ ରବି ବିଷ୍ଣୋଇ ଯଥାକ୍ରମେ ପ୍ରଥମ ୬ଟି ସ୍ଥାନରେ ରହିଛନ୍ତି।



ହାଇଦ୍ରାବାଦ ପକ୍ଷରୁ କଞ୍ଜୁସ ବୋଲିଂ କରିଥିବା ଭୁବନେଶ୍ୱର କୁମାର (୪-୦-୧୨-୩)

## ଆଇପିଏଲ୍-୧୭ରେ ଟପିଲା ହଜାରେ ଛକା

ହାଇଦରାବାଦ୍, ୮।୫ (ଏଜେନ୍ସି): ଆଇପିଏଲ୍‌ର ଚଳିତ ସପ୍ତଦଶ ସଂସ୍କରଣରେ ଛକା ସଂଖ୍ୟା ଏକ ହଜାର ଟପିଛି। ବୁଧବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଘରୋଇ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଏହି ମାଇଲଖୁଣ୍ଟ ଛୁଇଁଛି। ମ୍ୟାଚର ଲକ୍ଷ୍ନୌ ପାଳିର ୮ମ ଓଭରରେ ହାଇଦ୍ରାବାଦ୍‌ର ଜୟଦେବ ଉନାଦକତ୍‌ଙ୍କ ବଲକୁ କ୍ରୁନାଲ ପାଣ୍ଡ୍ୟା ଏକ ଛକା ମାରିଥିଲେ। ଯାହାକି ଚଳିତ ଆଇପିଏଲ୍‌ର ୧୦୦୦ତମ ଛକା ଥିଲା। ଆଇପିଏଲ୍ ଇତିହାସରେ ୩ୟଥର ଲାଗି ଗୋଟିଏ ସଂସ୍କରଣରେ ମୋଟ୍ ଛକା ସଂଖ୍ୟା ଏକ ହଜାର ଟପିଛି। ଏଥିପୂର୍ବରୁ ୨୦୨୨ ଓ ୨୦୨୩ ସଂସ୍କରଣରେ ଏକ ହଜାରରୁ ଊର୍ଦ୍ଧ୍ୱ ଛକା ହୋଇଥିଲା।

ସେହିଭଳି ଗୋଟିଏ ସିଜନରେ କମ୍ ବଲରେ ୧୦୦୦ ଛକା ହେବାରେ ଏହା ରେକର୍ଡ ହୋଇଛି। ଚଳିତ ଆଇପିଏଲ୍‌ରେ ୧୦୦୦ ଛକା ହେବା ଲାଗି ୧୩,୦୭୯ ବଲ୍‌ର ଆବଶ୍ୟକ ହୋଇଥିଲା। ୨୦୨୩ ସଂସ୍କରଣରେ ଏକ ହଜାର ଛକା ହେବା ଲାଗି ୧୫,୩୯୦ ଓ ୨୦୨୨ରେ ୧୬,୨୬୯ ବଲର ଆବଶ୍ୟକ ହୋଇଥିଲା।

## ୧୨ ରନରେ ଅଲ୍‌ଆଉଟ୍ ହେଲା ମଙ୍ଗୋଲିଆ

**ଟୋକିଓ, ୮।୫ (ଏଜେନ୍ସି):** ସାତ ମାସ ତଳେ ଏସିଆ କପ୍ ଖେଳି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିବା ମଙ୍ଗୋଲିଆ ଟି-୨୦ରେ ଏକ ଅଲୋଡ଼ା ରେକର୍ଡ ତାଲିକାରେ ସାମିଲ ହୋଇଛି। ଜାପାନ ବିପକ୍ଷ ଟି-୨୦ ମ୍ୟାଚରେ ମଙ୍ଗୋଲିଆ ଦଳ ମାତ୍ର ୧୨ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ଫଳରେ ଅନ୍ତର୍ଜାତୀୟ ଟି-୨୦ ଇତିହାସରେ ଦ୍ୱିତୀୟ ସର୍ବନିମ୍ନ ଦଳଗତ ସ୍କୋର ହେବାର ରେକର୍ଡ ହୋଇଛି। ଗ୍ରେଟ୍ ବ୍ରିଟେନର 'ଆଇଜଲ୍ ଅଫ୍ ମ୍ୟାନ' ଦେଶ ୨୦୨୩ ଫେବୃଆରୀ ୨୬ରେ ସ୍ପେନ ବିପକ୍ଷ ଟି-୨୦ ମ୍ୟାଚରେ ମାତ୍ର ୧୦ ରନରେ ଅଲ୍‌ଆଉଟ୍ ହୋଇ ସର୍ବନିମ୍ନ ଦଳଗତ ସ୍କୋରର ଅଲୋଡ଼ା କୀର୍ତ୍ତିମାନ କରିଥିଲା।



ଟି-୨୦ ସିରିଜ ଖେଳିବାକୁ ଜାପାନ ଗସ୍ତରେ ଯାଇଥିବା ମଙ୍ଗୋଲିଆ ୨ୟ ଟି-୨୦ ମ୍ୟାଚରେ ଏହି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଜାପାନ ୭ ୱିକେଟ୍‌ରେ ୨୧୭ ରନ କରିଥିଲା। ଜବାବରେ ମଙ୍ଗୋଲିଆ ୮.୨ ଓଭରରେ ମାତ୍ର ୧୨ ରନରେ ସମସ୍ତ ୱିକେଟ୍ ହରାଇ ୨୦୫ ରନରେ ଲଜ୍ଜାଜନକ ପରାଜୟବରଣ କରିଥିଲା। ମଙ୍ଗୋଲିଆ ପାଳିରେ କୌଣସି ବ୍ୟାଟର୍ ଦୁଇଅଙ୍କବିଶିଷ୍ଟ ସ୍କୋର କରିପାରି ନ ଥିଲେ। ଏପରିକି ଦଳର ୭ଜଣ ବ୍ୟାଟର୍ ଖାତା ଖୋଲିବାରେ ସମର୍ଥ ହୋଇ ନଥିଲେ। ଦଳ ପକ୍ଷରୁ ତୁର୍ ସୁମ୍ୟା ସର୍ବାଧିକ ୪ ରନ କରିଥିଲେ। ବିଜୟୀ ଜାପାନର ୧୭ ବର୍ଷୀୟ ବାମହାତୀ ସ୍ପିନର କାଜୁମା କାଟୋ-ଷ୍ଟାଫୋର୍ଡ ୭ ରନରେ ୫ଟି ୱିକେଟ୍ ନେଇଥିଲେ। ଏଥିପୂର୍ବରୁ ପ୍ରଥମ ଟି-୨୦ରେ ଜାପାନର ୧୯୯ ରନ ଜବାବରେ ମଙ୍ଗୋଲିଆ ୩୩ ରନରେ ସୀମିତ ରହିଥିଲା।

### ଜେ୩୦ ଆଇଟିଏଫ୍ ବିଶ୍ୱ ଟେନିସ ଟୁର୍
## ସେମିରେ ଦେବାଶିଷ

ଭୁବନେଶ୍ୱର, ୮।୫ (ସମିସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଜେ୩୦ ଭୁବନେଶ୍ୱର ଆଇଟିଏଫ୍ ବିଶ୍ୱ ଟେନିସ ଟୁର୍ କନିଷ୍ଠ ପ୍ରତିଯୋଗିତାରେ ଓଡ଼ିଶାର ଦେବାଶିଷ ସାହୁ ଚମତ୍କାର ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୁଧବାର ଖେଳାଯାଇଥିବା ବାଳକ ଏକକ କ୍ୱାର୍ଟର ଫାଇନାଲରେ ଦେବାଶିଷଙ୍କ ମୁକାବିଲା ସାଥୀ ଭାରତୀୟ ଖେଳାଳି ତନୁଷ ଗିଦ୍ୟାଲଙ୍କ ସହ ହୋଇଥିଲା। ଏଥିରେ ଦେବାଶିଷ ପ୍ରଥମ ସେଟ୍‌ରେ ପଛୁଆ ରହିଥିଲେ ମଧ୍ୟ ସଫଳତାର ସହ ପ୍ରତ୍ୟାବର୍ତ୍ତନ କରି ୭-୫ରେ ବିଜୟୀ ହୋଇଥିଲେ। ଏହାପରେ ଦ୍ୱିତୀୟ ସେଟ୍‌କୁ ୬-୧ରେ ସହଜରେ ଜିତି ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲେ। ବାଳକ ଏକକର ଅନ୍ୟ କ୍ୱାର୍ଟର ଫାଇନାଲରେ ଭାରତର ଆର୍ଶଭ୍ୟ ମେହର ୭-୬ (୫), ୭-୬ (୬) ସେଟରେ ପାର୍ଥ ଦେଓରୁଖକରଙ୍କୁ, ପ୍ରନୀଲ ଶର୍ମା ୭-୬ (୩), ୬-୧ ସେଟରେ ଆଦିତ୍ୟ ମୋରଙ୍କୁ ଏବଂ ଶଙ୍କର ହେଇସନମ ୬-୧, ୬-୨ ସିଧାସଳଖ ସେଟରେ ଫତେଶ ସିଂଙ୍କୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛନ୍ତି।

ଅପରପକ୍ଷରେ ବାଳିକା ଏକକ କ୍ୱାର୍ଟର ଫାଇନାଲରେ ଦୁଇ ଓଡ଼ିଆ ଖେଳାଳି ଆହାନ ଓ ସୋହିନୀ ମହାନ୍ତିଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଆହାନ ୪-୬, ୪-୬ ସେଟ୍‌ରେ ଅନ୍ୟତମ ଭାରତୀୟ ଖେଳାଳି ଲକ୍ଷ୍ମୀଶ୍ରୀ ଦଣ୍ଡୁଙ୍କ ନିକଟରୁ ଓ ସୋହିନୀ ୨-୬, ୨-୬ ସିଧାସଳଖ ସେଟ୍‌ରେ ସୌମ୍ୟା ରୋନ୍ଦେଙ୍କ ନିକଟରୁ ହାରି ସେମିଫାଇନାଲ ଖେଳିବାରୁ ବଞ୍ଚିତ ହୋଇଛନ୍ତି।

## ପରିବାର ଓ ସନରାଇଜର୍ସ ସହ ଜନ୍ମଦିନ ପାଳିଲେ କମିନ୍ସ

**ହାଇଦରାବାଦ୍, ୮।୫ (ଏଜେନ୍ସି):** ବିଶ୍ୱକପ୍ ବିଜୟୀ ଅଷ୍ଟ୍ରେଲିଆ ଦଳର ଅଧିନାୟକ ପ୍ୟାଟ୍ କମିନ୍ସ ବୁଧବାର ୩୧ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ସେ ତାଙ୍କ ଆଇପିଏଲ୍ ଟିମ୍ ସନରାଇଜର୍ସ ହାଇଦ୍ରାବାଦ୍‌ର ଖେଳାଳି ଓ ପରିବାର ଲୋକଙ୍କ ଗହଣରେ କେକ୍ କାଟି ଜନ୍ମଦିନ ପାଳିଛନ୍ତି। ହାଇଦ୍ରାବାଦ୍‌ର ନେତୃତ୍ୱ ନେଉଥିବା କମିନ୍ସଙ୍କୁ ଦଳର ସାଥୀ ଖେଳାଳିମାନେ ମୁହଁରେ କେକ୍ ବୋଳି ଖୁଆଇ ଦେଇଥିଲେ। ସନରାଇଜର୍ସ ଫ୍ରାଞ୍ଚାଇଜ ପକ୍ଷରୁ ସାମାଜିକ ଗଣମାଧ୍ୟମ 'ଏକ୍ସ' (ଟୁଇଟର୍)ରେ ଶେୟାର କରାଯାଇଥିବା ଭିଡିଓରେ ଏହା ଦେଖିବାକୁ ମିଳିଛି। ଏହି ଅବସରରେ କମିନ୍ସଙ୍କ ବାପା ସେଠାରେ ଉପସ୍ଥିତ ରହିଥିଲେ। ତାଙ୍କ ନେତୃତ୍ୱରେ ସନରାଇଜର୍ସ ଦଳ ଚଳିତ ଆଇପିଏଲ୍‌ରେ ଦମ୍‌ଦାର ପ୍ରଦର୍ଶନ କରି ୧୨ ମ୍ୟାଚରୁ ୭ ବିଜୟ ସହ ୧୪ ପଏଣ୍ଟ ପାଇ ଟେବଲ୍ ତାଲିକାର ୩ୟ ସ୍ଥାନରେ ରହିଛି।

ଉଲ୍ଲେଖଯୋଗ୍ୟ, କମିନ୍ସଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଗତ ବର୍ଷ ଏକଦିବସୀୟ ବିଶ୍ୱକପ୍ ଫାଇନାଲରେ ଭାରତକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ସେହିଭଳି ଗତବର୍ଷ ମଧ୍ୟ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍‌ରେ ଟାଇଟଲ୍ ହାସଲ କରିଥିଲା।

## ଭାରତୀୟ ବାସ୍କେଟବଲ୍ ଦଳର ପ୍ରଶିକ୍ଷକ ପଦକୁ ଫେରିଲେ ଫ୍ଲେମିଂ

ନୂଆଦିଲ୍ଲୀ, ୮।୫ (ଏଜେନ୍ସି)



ଆମେରିକାର ସ୍କଟ୍ ଫ୍ଲେମିଂ ଭାରତୀୟ ପୁରୁଷ ବାସ୍କେଟବଲ୍ ଦଳର ନୂଆ ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ସେ ସର୍ବିଆର ଭେସେଲିନ୍ ମାଟିକ୍‌ଙ୍କ ସ୍ଥାନରେ ଏହି ଦାୟିତ୍ୱ ସମ୍ଭାଳିବେ। ଭାରତୀୟ ବାସ୍କେଟବଲ୍ ମହାସଂଘ (ବିଏଫ୍‌ଆଇ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ୬୬ ବର୍ଷୀୟ ଫ୍ଲେମିଂ ଦ୍ୱିତୀୟଥର ଲାଗି ଭାରତୀୟ ବାସ୍କେଟବଲ୍ ଦଳର ଗୁରୁ ଦାୟିତ୍ୱ ସମ୍ଭାଳିବେ। ଏଥିପୂର୍ବରୁ ସେ ୨୦୧୨ରୁ ୨୦୧୫ ପର୍ଯ୍ୟନ୍ତ ଏହି ସମ୍ମାନଜନକ ପଦରେ ରହିଥିଲେ। ତାଙ୍କ ପ୍ରଶିକ୍ଷଣ କାଳରେ ଭାରତ ୨୦୧୪ ଫିବା ଏସିଆ କପ୍‌ରେ ଚାଇନା ବିପକ୍ଷରେ ବଡ଼ ବିଜୟ ହାସଲ କରିଥିଲା। ଚାଇନା ସେ ସମୟରେ ଏସିଆ ମହାଦେଶର ଏକ ନମ୍ବର ବାସ୍କେଟବଲ୍ ଦଳ ରହିଥିଲା। ସେହିଭଳି ଭାରତ ସାଉଥ୍ ଏସିଆନ୍ ବାସ୍କେଟବଲ୍ ଚାମ୍ପିଅନସିପ୍‌ରେ ଦୁଇଥର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ବାସ୍କେଟବଲରେ ପ୍ରଶିକ୍ଷଣ କ୍ଷେତ୍ରରେ ଫ୍ଲେମିଂଙ୍କ ୩୮ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି।

## 'କୋଲକାତାର ନେତୃତ୍ୱ ନିଅନ୍ତୁ ରୋହିତ'

ମୁମ୍ବାଇ, ୮।୫(ଏଜେନ୍ସି)

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆସନ୍ତା ସିଜନରେ ରୋହିତ ଶର୍ମା ଆଉ ମୁମ୍ବାଇ ଇଣ୍ଡିଆନ୍ସ ଦଳରୁ ଖେଳିବେ ନାହିଁ। ଚଳିତ ସିଜନରେ ତାଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯିବା ପରେ ଏହି ଆଶଙ୍କା ସୃଷ୍ଟି ହୋଇଛି। ମୋର ବିଶ୍ୱାସ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ରୋହିତ ଚଳିତ ବର୍ଷ ଶେଷ ସିଜନ ଖେଳୁଛନ୍ତି ବୋଲି ପାକିସ୍ତାନ ଦଳର ପୂର୍ବତନ ଅଧିନାୟକ ତଥା ଭାଷ୍ୟକାର ୱାସିମ ଆକ୍ରମ କହିଛନ୍ତି। ରୋହିତ ଶର୍ମାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ୫ଥର ଆଇପିଏଲ୍ ଟ୍ରଫି ହାସଲ କରିଛି। ଏହା ସତ୍ତ୍ୱେ ତାଙ୍କୁ



ଦଳର ନେତୃତ୍ୱରୁ ହଟାଇ ଦିଆଯାଇଛି। ସେ ଯଦି ମୁମ୍ବାଇ ପକ୍ଷରୁ ଆସନ୍ତା ସିଜନ ନ ଖେଳନ୍ତି ତେବେ ମୋର ଇଚ୍ଛା ରୋହିତ କୋଲକାତା ନାଇଟ୍ ରାଇଡର୍ସର ନେତୃତ୍ୱ ନିଅନ୍ତୁ। ଗୌତମ ଗମ୍ଭୀରଙ୍କ ତତ୍ତ୍ୱାବଧାନରେ ସେ ନିଜ ନେତୃତ୍ୱ ଓ ଖେଳର ପାରଦର୍ଶିତା ପ୍ରଦର୍ଶନ କରିପାରିବେ। କୋଲକାତାର ବ୍ୟାଟିଂ ବେଶ ଦୃଢ଼। ରୋହିତ ଏଥିରେ ସାମିଲ ହେଲେ ଚମତ୍କାର ଖେଳ ପ୍ରଦର୍ଶନ କରିପାରିବେ। ଇଡେନ ଗାର୍ଡେନ ମଧ୍ୟ ରୋହିତଙ୍କ ବ୍ୟାଟିଂକୁ ସୁହାଇବ। ଏଠାରେ ସେ ଅନେକ ରେକର୍ଡର ଅଧିକାରୀ ମଧ୍ୟ ହୋଇଛନ୍ତି।

ନେତୃତ୍ୱ ପଦରୁ ବିଦା ହେବା ପରେ ଏଥର ତାଙ୍କ ବ୍ୟାଟିଂକୁ ନେଇ ଢ଼େର ଆଲୋଚନା ହେଉଛି। ଚଳିତ ସିଜନରେ ସେ ରାଜସ୍ଥାନ ବିପକ୍ଷରେ ୬, ଦିଲ୍ଲୀ ବିପକ୍ଷରେ ୮, ଲକ୍ଷ୍ନୌ ବିପକ୍ଷରେ ୪, କୋଲକାତା ବିପକ୍ଷରେ ୧୧ ଓ ହାଇଦ୍ରାବାଦ୍ ବିପକ୍ଷରେ ୪ ରନ୍ କରିବା ଘଟଣା ତାଙ୍କୁ ଅଡୁଆରେ ପକାଇଛି। ଏଥିରୁ ସେ ଚାପରେ ରହିଥିବା ଆଶଙ୍କା କରାଯାଉଛି। ଏବେ ତାଙ୍କୁ ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ ଦଳର ନେତୃତ୍ୱ ଦିଆଯାଇଛି। ହାର୍ଦ୍ଦିକ ମଧ୍ୟ ଏହି ଦଳର ଉପଅଧିନାୟକ ରହିଛନ୍ତି। ଏଭଳି ସ୍ଥିତିରେ ସେ କିପରି ଭାରତୀୟ ଦଳକୁ ଏକତ୍ର କରିବେ ତାହାକୁ ନେଇ ସନ୍ଦେହ ରହିବା ସ୍ୱାଭାବିକ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA